

# ଅବ୍ୟକ୍ତ ଗୋଧୂଳି

# ଅବ୍ୟକ୍ତ ଗୋଧୂଳି

ରତ୍ନାକର ଚଇନି

ଜେ: ମହାପାତ୍ର ଏଣ୍ଡ କୋଃ
ନିମଚଉଡ଼ି, କଟକ-୨

ଲେଖିଛନ୍ତି
ରତ୍ନାକର ଚଇନି
ଅରେଇ, ସମିତଙ୍ଗା, କଟକ
ପ୍ରକାଶ କରିଛନ୍ତି :
ଜେ. ମହାପାତ୍ର ଏଣ୍ଡ କୋଃ
ନିମଚଉଡ଼ି, କଟକ-୨
ଛାପିଛନ୍ତି :
ପ୍ରକାଶନ୍ତ୍ର ପ୍ରେସ
କଟକ-୨
ପ୍ରକାଶ ହୋଇଛି :
୧୯୭୨ ମସିହା, ରଥଯାତ୍ରା
ଛବି କରିଛନ୍ତି :
ଶିବ ପାଣିଗ୍ରାହୀ
ମୂଲ୍ୟ ହେଉଛି :
ତିନିଟଙ୍କା ପଚାଶ ପଇସା

ABYAKTA GODHULI
(Oriya Novel)
Writer :
Ratnakar Chaini
Arei, Samitanga, Cuttack.
Publisher :
J. Mohapatra & Co.
Nimchauri, Cuttack-2
Price :
Rupees three and fifty paise

ସାହିତ୍ୟିକ କଳାକାର

ଶ୍ରୀନିବାସ ଉଦ୍‌ଗାତାଙ୍କୁ...

# ପଛକଥା

ଏ ବହିର ପଛକଥା ବିଷୟରେ ଦି'ପଦ କହୁଛି । ପ୍ରାୟ ପାଞ୍ଚବର୍ଷ ତଳର ସ୍ୱପ୍ନ ଇଏ । ପ୍ରକାଶ କରିବାର ନିଶା ମୋର ଥିଲା ଖୁବ୍ କମ୍; କିନ୍ତୁ ବନ୍ଧୁମହଲର ପ୍ରେରଣା ଏହାକୁ ଆଲୋକକୁ ଆଣିଲା । ଗୁଡ଼ାଏ ଲେଖିକରି ଚିରିଚି, ଜାଳିଚି । ମାତ୍ର ଯାହାକୁ ଚିରି ନ ଥିଲି । ତେଣୁ ଅନୁରୋଧକୁ ଭାଙ୍ଗି ପାରିଲି ନି ।

ନିଜର ଦିନେ ଇଚ୍ଛା ଥିଲା କଳାକାର ହୁଅନ୍ତି କି ? ହୋଇ ପାରିଲିନି । ଅବଶୋଷ ରହିଗଲା । ତା'ର ପ୍ରତିଫଳନ ଏଥିରେ ହୋଇଛି । ପାଣ୍ଡୁଲିପିକୁ ଏଇ ରୂପ ଦେବାରେ ପ୍ରଜାତନ୍ତ୍ର ପ୍ରେସ ମ୍ୟାନେଜର କୃଷ୍ଣଚନ୍ଦ୍ର ନାୟକଙ୍କ ଭୂମିକା ବେଶୀ ସ୍ମରଣୀୟ । ତାଙ୍କ ଚେଷ୍ଟା ଭୁଲି ହେବନି । ତା'ଛଡ଼ା ପ୍ରଜାତନ୍ତ୍ର ପ୍ରେସର କର୍ମଚାରୀମାନଙ୍କୁ ସାଧୁବାଦ ନ ଜଣାଇଲେ ଭୁଲ୍ ହେବ । କାରଣ ସେମାନଙ୍କଠି ଏ ବହି କାମ କରିବାର ଆନ୍ତରିକତା ମୁଁ ଦେଖିଚି ।

ଆଗେ ଏ ବହିଟିର ନାଁ ଗୋଧୂଳିର ରଙ୍ଗ ରଖିଥିଲି । କେମିତିକଥା ଗୋଟାଏ ଅଜବ୍ ମୁହୂର୍ତ୍ତରେ ଦେଖା ହେଲା କାଳିପ୍ରସନ୍ନ ଦାସଙ୍କ ସହିତ । ସେ ନାଁଟିକୁ ପରିବର୍ତ୍ତନ କରିବାକୁ ମତ ଦେଲେ । ତାଙ୍କ ମତ ଗ୍ରହଣ କରିଥିବାରୁ ତାଙ୍କୁ ଏଇ ସମୟରେ ଧନ୍ୟବାଦ ଜଣାଉଚି ।

ବ୍ୟକ୍ତିଗତଭାବେ ମୋର ଆଉ କିଛି କହିବାର ନାହିଁ ।

—ରତ୍ନାକର

ରଥଯାତ୍ରା, ୧୯୭୨

## ଲେଖକଙ୍କର ଅନ୍ୟାନ୍ୟ ବହି :

### ଗଳ୍ପ ଉପନ୍ୟାସ

ରାତିର ରଜନୀଗନ୍ଧା
ଫୁଲର ଫଗୁଣ
ବିଷ ବଳୟ
ଲୁହ ଲହରୀର ଉଛୁଳେ
ମୁଠାଏ ଶୂନ୍ୟତା
ଗପ

### ନାଟକ

ଶେଷଅଶ୍ରୁ
ଅସ୍ତରାଗର ଚନ୍ଦ୍ର
ମଞ୍ଚ ନାୟିକା
ରାଜହଂସ
ଅପଦେବତା
ପୁନଶ୍ଚ ପୃଥିବୀ
ରଙ୍ଗତରଙ୍ଗ

### ଆଲୋଚନା

କବି ଗୋପାଳକୃଷ୍ଣ
ଓଡ଼ିଶାର ନାଟ୍ୟ-ପରମ୍ପରା

### ସଂକଳନ

ଆଜିର ଗଳ୍ପ,
କାବ୍ୟ-କବିତା

ନାଟକ ।

ନାଟ୍ୟକାର ।

ନାଟ୍ୟଶିଳ୍ପୀ ।

...ଏ ସବୁ ଏକା କଥା ।

ପରିଚୟ ଏମାନଙ୍କର ପୃଥକ୍; ଧର୍ମ କିନ୍ତୁ ଏକ । କର୍ମ ଅଲଗା ହୋଇପାରେ । କର୍ମରୁ ସାଧାରଣତଃ ପରିଚୟ ବାଛେ ଏଇ ମଣିଷ ସମାଜ ।

ହସ ଲାଗିଲା ଅରୁଣଙ୍କୁ । ମନେମନେ ପୁଣି ଥରେ ସେ ଖାଦିଚନ୍ଦ୍ର ହସିଉଠିଲା । କେଡ଼େ ଶ୍ରେଷ୍ଠ ପିଲାଟିଏ ! ଅଥଚ ନଗ୍ନ ସତ କଥାଟିଏ କହିଦେଲା । ସାଧାରଣ ଆଖିରେ ଏମାନଙ୍କ ଧର୍ମକର୍ମ ସବୁ ଅଲଗା । ସ୍ୱପ୍ନା କିନ୍ତୁ ଅଲଗା ଦେଖିନି । ସେ ଏ ସବୁକୁ ଦେଖିଛି ଏକା ଦୃଷ୍ଟିରେ ।

ପଛରେ ଆରକ୍ତ ଗୋଧୂଳିର ରଙ୍ଗ ।

ଆଗରେ ସ୍ୱପ୍ନା ।

ବାର ତେର ବର୍ଷର କିଶୋରୀ ଏଇ ସ୍ୱପ୍ନା । ତନୁରେ ପ୍ରଥମ ବସନ୍ତର ଦରଫୁଟା ରୂପ କଳି । ବେଶ୍ ସୁନ୍ଦରୀ । ସେଲୁଆର ପଞ୍ଜାବୀ ପିନ୍ଧି ସନ୍ଧ୍ୟାକୁ ପହିଲି ସ୍ୱାଗତ ଜଣାଏ ଥିଏଟର ପେଣ୍ଡାଲରେ । ତାରୁଣ୍ୟର ମୁଠା ମୁଠା ହସ-ଫୁଲ୍‌କୁ ବାଣ୍ଟି ପ୍ରଜାପତିଟି ଭଳି ଘୂରିଯାଏ ଏପଟୁ ସେପଟକୁ ଦୁଇ ଶହଥର । ସ୍ୱତ ବଢ଼େ । ଦିନର ଭଦ୍ର ପରିଚ୍ଛଦ ଖଣ୍ଡିମାନ ଉତ୍ତାରି ସେ ରାତ୍ରିର ନାୟିକା ସାଜେ ।

ଅଇନା ସାମନାରେ ବସି ପେଣ୍ଟିଂ ହୁଏ । ମୁଣ୍ଡର ଫୁରୁଫୁରିଆ ଅସଂଯତ କେଶରାଶିକୁ ରିବନ୍‌ରେ ବାନ୍ଧିପକାଏ । ମୁହଁର ରଙ୍ଗ ହସମୁଣ୍ଡିକୁ ଆଉ ଥରେ ଦର୍ପଣରେ ପରଖି ନିଏ । ଆଖିର ସୁହାଣୀ

## || ୨ ||

ଜନର ରୁଚି ମୁତାବକ । ତା'ପରେ ରଙ୍ଗ ବୋଳେ ତା'ର ମସୃଣ ଶୁଭ୍ର ମୁହଁଟିରେ ।

ମୁହଁ ବୋଲି ତାକୁ କହିହେବ ନି । ସିଏ ବି ଏକପ୍ରକାର ଅଇନା । ନୂଆ ବହିରେ ନୂଆ ରୂପ ନିଏ । ନିର୍ଦେଶକଙ୍କ ନିର୍ଦେଶାନୁସାରେ ବେଶ ବଦଳାଇବାକୁ ପଡ଼େ । ନାଟ୍ୟକାରଙ୍କ ମାନସୀ ନାୟିକାରୂପେ ରୂପ ନେବାକୁ ହୁଏ । ନ ହେଲେ ନାଟକ ଜୀବନ୍ତ ହୋଇପାରିବ ନି । ନାଟକ ଉପଭୋଗ୍ୟ ହେବ ନି । ଦର୍ଶକ କହିବେ, ଭୁଲ୍‌ରେ ମଞ୍ଚକୁ କିଏ ପଶି ଆସିଲା କି ? ମୁହଁଟା ତେଣୁ ଅଇନାଭଳି ଭିନ୍ନ ଭିନ୍ନ ସମୟରେ ଭିନ୍ନ ରୂପ ଧରେ ।

ରଙ୍ଗ ମାଖୁଛି ସ୍ୱପ୍ନା । ଗୋଲାପୀ 'ପେଣ୍ଟ୍' ସାଙ୍ଗରେ ମିଶାଉଛି ଧଳା ପାଉଡ଼ରକୁ । ନ ହେଲେ ତା'ର ଶଙ୍ଖଧବଳ ତନୁ ସାଙ୍ଗକୁ ରଙ୍ଗବୋଳା ମୁହଁଟା ବିଦାକାର ଦେଖାଯିବ । ଆଖି ଭ୍ରୂର ଘନକାଳିମା ଫିକା ଦିଶିବ; ହସବୁଡ଼ା ଦାମିକା ବୋଲି ଜାଣି ହେବନି । ସେ ପାଉଡର ନ ମାଖିଲେ ଚଳନ୍ତା । ତା'ର ରୂପ ଓ ବୟସ ନାଟକର ଚରିତ୍ର ସହିତ ଏକବାରେ ଖାପ୍ ଖାଇଯାଉଛି । ତଥାପି ତାକୁ ରଙ୍ଗ ମାଖିବାକୁ ପଡ଼ିବ । ଆଜିର ଦର୍ଶକ ରଙ୍ଗ-ମଖା ମୁହଁର ଦାମ୍ ବେଶୀ ବୋଲି ଭାବନ୍ତି ।

ନାଟ୍ୟକାର ଅରୁଣ ମହାନ୍ତି ।

ସାମାଜିକ ସମସ୍ୟା-ବିଜଡ଼ିତ ନାଟକର ସ୍ରଷ୍ଟା ।

ତନ୍ମୟ ହୋଇ ଚାହିଁଛନ୍ତି ସେ ସ୍ୱପ୍ନା ଆଡ଼େ । ସ୍ୱପ୍ନା ଆଉ କେତେ ମିନିଟ୍ ପରେ ମଞ୍ଚକୁ ଯିବ ଅଭିନୟ କରି । ଏବେ ମଧ୍ୟ ତା'ର ପେଣ୍ଟିଂ ସରିନି; ବେଶ ହେଉଛି । ଓଠରେ ଲିପ୍‌ଷ୍ଟିକ୍‌ର ଲାଲିମାକୁ ଉତାରୁଛି । ଓଠ ଦୁଇଟିକୁ ବାରମ୍ବାର ସଂଯୁକ୍ତ କରି ରଙ୍ଗ ମିଶାଉଛି । ନାୟିକା ସେ ତାଙ୍କର ବହିର ।

ନାଟକ ଅଭିନୀତ ହେଉଥିବାର ସପ୍ତାହେ ହେଲାଣି । ହୁଏତ ହସ୍ରାଧିକ ଦର୍ଶକ ନାଟକଟିକୁ ଉପଭୋଗ କରିସାରିଲେଣି । ପତ୍ରପତ୍ରିକାମାନେ ଅନୁକୂଳ ମତ ଦେଇ ଦେଲେଣି । ପ୍ରଶଂସା ସବୁଠି । ପ୍ରଶଂସା ସେଇ [illegible] । କୁମାରୀ ସ୍ୱପ୍ନାର ଅଭିନୟ ଜୀବନ୍ତ । ଭବିଷ୍ୟତ ଉଜ୍ଜ୍ୱଳ ।

ଆତୁର...ଆତୁର କେତେ କ'ଣ ! ନାଟ୍ୟକାରର ଭଲ ମନ୍ଦ ପ୍ରଶଂସା ତ ସ୍ୱାଭାବିକ !

ଏଇ ସ୍ୱାନା, ଆଉ ଅଳ୍ପ କେଇ ମିନିଟ୍ ପରେ ମଞ୍ଚକୁ ଯିବ । ଏଇସ୍ୱାକୁ ଲକ୍ଷ୍ୟ କରି ସେ କ'ଣ ନାଟକ ଲେଖିଛନ୍ତି ? ନାଁ ତ ! ଏ ନାଟକ ମଞ୍ଚକୁ ଦେବା ପୂର୍ବରୁ ସ୍ୱାନା ସହିତ ତ ତାଙ୍କର ପରିଚୟ ହୋଇ ନ ଥିଲା । ଅନ୍ୟ କୋଉଠି ତ ଦେଖି ନ ଥିଲେ ତାକୁ । ବିଶେଷତଃ ଏ ମଞ୍ଚର ଦର୍ଶକ ହେଇ ଆସିବା ସୌଭାଗ୍ୟ ତାଙ୍କର ଜୁଟି ନ ଥିଲା । ତଥାପି ସେ ଲେଖିଥିଲେ ସ୍ୱାନାକୁ ରୂପ ଦେଇ ।

ନିର୍ଦ୍ଦେଶକ ଅକ୍ଷୟବାବୁଙ୍କର ମଧ୍ୟ ସେଇ ମତ । ସେ ଦିନେ ହସି ହସି କହିଥିଲେ, ଅରୁଣବାବୁ ! ବାସ୍ତବିକ ଆପଣ ସ୍ୱାନାକୁ ଆପଣଙ୍କ ବହିରେ କାର୍ବନ୍ କପି କରି ଦେଇଛନ୍ତି । ଅନ୍ୟାନ୍ୟ ଚରିତ୍ରଠାରୁ ସେ ଚରିତ୍ରଟି ସୁନ୍ଦର ଭାବେ ଚିତ୍ରିତ ହୋଇଛି । ଦେଖିବେ, ଷ୍ଟେଜ୍ ହେଉ, ପ୍ରଶଂସା ସେ ମାରିନେବ । ରୋଲ୍‌ଟା ତାକୁ ଠିକ୍ ମ୍ୟାଚ୍ କରିଚି ।

ସ୍ୱାନା... ।

ସେଇ ଦ୍ୱାଦଶବର୍ଷିଆ କିଶୋରୀ । ଭାରି ହସକୁଳୀ । ଭାରି ଫୁର୍ତ୍ତି । ଅଳସତା ତା'ର ପାଖ ମାଡ଼େନା । ସ୍ପଷ୍ଟବାଦିନୀ । ତା'ର ମନର କଥା ସେ କେବେ ଲୁଚାଏନା । କହିଦିଏ ସ୍ପଷ୍ଟଭାବେ ।

ରବିବାରର ଅଳସ ଅପରାହ୍ଣଟାକୁ ଟିକିଏ ମସଗୁଲ କରିବାକୁ ଅରୁଣବାବୁ ଆସିଥିଲେ ଥିଏଟର ପେଣ୍ଡାଲ ଆଡ଼େ । ପରିଚିତ ଅଭିନେତା ଅଭିନେତ୍ରୀମାନଙ୍କୁ ବଧେଇ ଜଣେଇବା ବି ଥିଲା ଅନ୍ୟତମ ଉଦ୍ଦେଶ୍ୟ । ବିଶେଷ କରି ସ୍ୱାନାକୁ ।

ସ୍ୱାନା ଦେଖାହେଲା ସନ୍ଧ୍ୟାର ସେଇ ପଣତକୁଆଁ କାଳିମାରେ । ଖୁବ୍ ଭଦ୍ରତା ରଖି ପ୍ରଣାମ କଲା । ହସି ହସି ପଚାରିଲା, ଆପଣ ପୁଣି କ'ଣ ନାଟକ ଦେବେ କି ? ମୋର କିନ୍ତୁ ଆପଣଙ୍କୁ ଏକରକମ ଭୟ ହେଲାଣି ।

ଅରୁଣ ବାବୁ ପଚାରିଲେ ଭୟ କାହିଁକି ?

ସ୍ୱାନା ବାସ୍ତବରେ ଭୟ କରି ନ ଥିଲା । ଭୟ କରିବାର ଉପକ୍ରମ ବି କରି ନ ଥିଲା । ହସୁଥିଲା । ଅଥଚ କହିଦେଲା, ଭୟ ହେଲାଣି ଆପଣଙ୍କୁ ।

ଆଶ୍ଚର୍ଯ୍ୟ !

ନିହାତି ଆଶ୍ଚର୍ଯ୍ୟାନ୍ୱିତ ହେଲେ ଅରୁଣବାବୁ । ସ୍ୱାନା ହସୁଚି, ଅଥଚ ଡରୁଚି ବୋଲି କହିଲା କାହିଁକି ? ଉତ୍ତର ସେ ଅପେକ୍ଷା କରିଥିଲେ ଉତ୍କଣ୍ଠିତ ହୋଇ । ସ୍ୱାନା କହିବ ନିଶ୍ଚୟ, କାହିଁକି ସେ ଡରୁଚି ।

ଠିକ୍ ଆପଣଙ୍କୁ ନୁହେଁ, ଆପଣଙ୍କର ଏଇ ଚରିତ୍ରକୁ ।

ଅରୁଣ ବାବୁ କହିଲେ, କାହିଁକି ଭୟ କରୁଚ ? ତମେ ତ ବରଂ ସେଇ ଭୂମିକାରେ ଅନେକ ସୁନାମ ଅର୍ଜନ କଲଣି ।

ସ୍ୱାନା କିନ୍ତୁ ସେଇ ଅଭିନେତ୍ରୀ ଭଙ୍ଗୀରେ ହାତରେ ମୁଦ୍ରା ଅଙ୍କନ କରି କହିଲା, ନାରେ ବାବା ! ଏ ଯୋଉ ପାର୍ଟ ! ମାଆ ତ ମୋ ଉପରେ ବିରକ୍ତ ହେଉଚି । କହୁଚି, ତୁ ସେ କାମ ଛାଡ଼ିଦେ । ନିର୍ଦ୍ଦେଶକଙ୍କୁ କହି ଆଉ ଗୋଟାଏ ଛୋଟ ରୋଲ୍ ନେ । ପିଲାଳିଆ; ଏତେ ବଡ଼ ରୋଲ୍ କାହିଁକି ନେଲୁ ।

ତୁମର ମତ କ'ଣ ?

ଗମ୍ଭୀର କଣ୍ଠରେ ପ୍ରଶ୍ନ କଲେ ଅରୁଣବାବୁ ।

ମୋର ମତ କ'ଣ କେହି ନେଉଚନ୍ତି । ସତରେ, ଆପଣ କିଛି ଖରା ଭାବିବେନି ମୋ କଥାକୁ । ମୁଁ ଅଛାରେ କହିଲି ଭୟ ଲାଗୁଚି ବୋଲି ନା ପ୍ରକୃତରେ ମୋତେ ଖୁବ୍ ଭଲ ଲାଗୁଚି ଏ ରୋଲଟା । ଆଜିଯାଏ ମୁଁ ଏ ଭ ରୋଲ କେବେ କରିବାର ସୁଯୋଗ ପାଇ ନ ଥିଲି । ମୋ ଚରିତ୍ର ସହି ଆପଣଙ୍କ କଳ୍ପନାର ଚରିତ୍ର, ଏକବାରେ ମିଶି ଯାଉଚି ।

ସ୍ୱାନା ସେମିତି କହି ଚାଲିଥିଲା । ସତେ ଯେମିତି କଳନାଦିନୀ ଝ ଝରଣାଟିଏ ବାଧାବନ୍ଧନ ନ ମାନି ବହିଚାଲିଛି ହସି ହସି, ନାଚି ନାଚି ।

ପ୍ରକୃତରେ ମାଆ ମନାକରିବାର କାରଣ କ'ଣ ଜାଣନ୍ତି ? ତା'ର ମ ଗୋଟିଏ ପତିତା ନାରୀର କନ୍ୟା ଭୂମିକାରେ ମତେ ଦେଖିବନି । ଆ ଶୁଣି ହସିବେ ଯେ, ମାଆ କହୁଚି—ଏ ବୟସଟାରେ କୁଆଁରୀ ତା' କ

ଅନେକେ ଲେଖା ହେଉଚ । 'କୁଆ ଉଡ଼ିବାକୁ ତାଳ ପଡ଼ିବା ନ୍ୟାୟ' ଏ ତା'ର ।

ଏଥର ଅରୁଣବାବୁ କହିଲେ, ତମ ମାଆକୁ ଉଦ୍ଦେଶ୍ୟ କରି ଲେଖିଚ ? ନା-ନା, ମିଛକଥା । ସେ ଭୁଲ୍ ବୁଝିଛନ୍ତି । ତମେ ଜାଣିନା ସ୍ୱନା, ତମେ ତ ପିଲାଲୋକ । ଲେଖକ ଏମିତି ଗୁଡ଼ିଏ ଚରିତ୍ରଙ୍କୁ ରୂପ ଦିଏ ଯାହା ଅନେକ ଲୋକଙ୍କ ଜୀବନ ସହିତ ଖାପ ଖାଉଥିଲା ଭଳି ବୋଧହୁଏ । ନାଟ୍ୟକାର ତ ଆଉ ଚରିତ୍ର ସବୁ ସ୍ୱର୍ଗରୁ କି ପାତାଳରୁ ତୋଳି ଆଣିବନି । ଯାହା ନେବ ସବୁ ଏଇ ଧୂଳି-ଧୂସରିତ ଧରଣୀରୁ । ତମେ ମାଆଙ୍କୁ ବୁଝେଇ ଦେବ । ସେ ବୋଧହୁଏ ବୁଝିନାହାନ୍ତି କଥାଟାକୁ ।

ମାଆ ତ ଆଜି ଆଉଥରେ ଦେଖିବାକୁ ଆସିବ ।

ସେ ଯାହା ହଉ, ତମେ ମାଆଙ୍କୁ ବୁଝାଇବାକୁ ଚେଷ୍ଟା କରିବ । ନାଟକ, ନାଟ୍ୟକାର ଆଉ ନାଟ୍ୟ ଶିଳ୍ପୀଙ୍କର ପରିଚୟ ପୃଥକ୍ । ନାଟକ ହେଉଛି ସମାଜର, ନାଟ୍ୟକାରର ଚିନ୍ତା ହେଉଛି କଳ୍ପନାର, ନାଟ୍ୟଶିଳ୍ପୀ ହେଉଚି ବାସ୍ତବ ମଞ୍ଚର କଳାକାର ।

ସ୍ୱନା ତାରୁଣ୍ୟର ହସ ଖେଳାଇ କହିଲା, ଏତେ କଥା ମୁଁ ବୁଝେନା । ମୁଁ ଜାଣେ ନାଟକ, ନାଟ୍ୟକାର ଓ ନାଟ୍ୟଶିଳ୍ପୀ ସମଧର୍ମୀ । ପରିଚୟ ଏମାନଙ୍କର ପୃଥକ୍ । ଧର୍ମ କିନ୍ତୁ ଏକ; କର୍ମ ଅଲଗା ହୋଇପାରେ । କର୍ମରୁ ସାଧାରଣତଃ ପରିଚୟ ବାଛନ୍ତି ଏଇ ମଣିଷ ସମାଜ । ଆପଣ ମନକୁ ଅଲଗା କରି ପାରିବେନି ।

ଟିକିଏ ରହିଯାଇ ସ୍ୱନା ପୁଣି କହିଲା, ଆଚ୍ଛା ମୁଁ ଆସୁଛି । ଆପଣ ଷ୍ଟେଜ ଭିତରକୁ ଆସନ୍ତୁ ନା ।

ପ୍ରଥମେ ଆଶ୍ଚର୍ଯ୍ୟ ଲାଗିଲା ସ୍ୱନାର ଏଇ ସମାଧାନ ଉକ୍ତିରେ । ପରେ ନ୍ତୁ ହସ ଲାଗିଲା । ଭାବ-ଚନ୍ଦ୍ର ପୁଣିଥରେ ହସି ଉଠିଥିଲେ ଅରୁଣବାବୁ । ଅଭ୍ୟର୍ଥନା ଜଣାଇ ଆଗରେ ଚାଲିଛି ସ୍ୱନା । ଛନ୍ଦ ଚପଳା ହରିଣୀଟି ଭଳି ସେ ଚାଲିଛି ଆଗେ ଆଗେ । ସମ୍ଭବତଃ ପେଣ୍ଡି ହେବାର ଜନକ ସବୁ ସେ ଶିଖାଳୁଚ ।

॥ ୭ ॥

ମନ୍ତ୍ର ମୁଗ୍ଧ ଭଳି ମଞ୍ଚ ଅନ୍ତରାଳରେ ବସିଥିଲେ ଅରୁଣବାବୁ । ସେ ନିଜେ ମନେ କରୁଥିଲେ ଯେମିତି ସେ ଏଇ ନାଟକର ଲେଖକ ନୁହଁନ୍ତି; ସାମାନ୍ୟ ଜଣେ ଦର୍ଶକ ମାତ୍ର । ସେ ଏଇ ଅଭିନେତା ଅଭିନେତ୍ରୀଙ୍କ ମଞ୍ଚ ଭୂମିକାର ସ୍ରଷ୍ଟା ନୁହନ୍ତି; ସେ ମଧ୍ୟ ଏମାନଙ୍କର କାହାରି ପରିଚିତ ନୁହନ୍ତି । ସେ ସ୍ୱପ୍ନାର ଅତିଥି । ସେ ଅତିଥି-ଦର୍ଶକ ଏଇ ରଙ୍ଗାଳୟର ।

ଜଣ ଜଣ କରି ଅଭିନେତା ଅଭିନେତ୍ରୀଗଣ ନାଟ୍ୟକାରଙ୍କୁ ସମ୍ମାନ ଜଣାଉଥିଲେ । ନାଟ୍ୟକାର ଅରୁଣ ମହାନ୍ତି ରଙ୍ଗାଳୟର ଆଜି ଦର୍ଶକ; ନାଟକର ଦର୍ଶକ ନୁହନ୍ତି । ନିଜେ ନିଜେ ସେ ଅନୁଭବ କରୁଥିଲେ, ସେ ଭୁଲ୍‌ରେ ଏଠିକି ପଶି ଆସିଛନ୍ତି । ଇଏ ଏକ ଅପରିଚିତ ଜାଗା । ସେ କାହାରି ଚିହ୍ନା ନୁହନ୍ତି । କେବଳ ଚିହ୍ନେ ଏଇ ସ୍ୱପ୍ନା । ସ୍ୱପ୍ନା ତାଙ୍କରି ଆଗରେ ଅଇନା ସାମନାରେ ଥାଇ ବେଶ ହେଉଛି । କଥା ପଦେ କହିବାକୁ ଅବସର ପାଉନି । କ୍ଷଣକ୍ଷଣକେ ତା'ର ନୀରବତା ଆଘାତ ଦେଉଛି ଅରୁଣବାବୁଙ୍କ ମନରେ । ତାଙ୍କର ଏକାନ୍ତ ଇଚ୍ଛା ସ୍ୱପ୍ନା କିଛି କହୁ । ଅନ୍ତତଃ କଥାର ଖିଅ ଯୋଡ଼ୁ ।

ମଣିଷର ଇଏ ବି ଗୋଟାଏ ଅଦ୍ଭୁତ ଅନୁଭୂତି । ପରିଚିତ ବନ୍ଧୁ ସାଙ୍ଗରେ କେଉଁ ନୂଆ ଜାଗାଟିକୁ ଯିବ । ବନ୍ଧୁ ମହାଶୟ ତାଙ୍କ କାମରେ ବ୍ୟସ୍ତ ରହିବେ । ଭୁଲିଯିବେ ପୁରାପୁରି ତମ କଥା । କାହା ସହିତ କିଛି କଥା ନ ହୋଇପାରି ତମେ ଛଟପଟ । ବାସ୍ତବିକ ସେ ପରିସ୍ଥିତି ତୀବ୍ର ଯନ୍ତ୍ରଣା-ଦାୟକ । ଜୀବନର ଦୀର୍ଘ ଯାତ୍ରାପଥରେ ଅରୁଣବାବୁ କେତେଥର ଏଇ ଅନୁଭୂତି ସଂଗ୍ରହ କରିଛନ୍ତି । ଅଙ୍ଗେ ବି ନିଭେଇଛନ୍ତି । ଆଜି ଏଇଟା ନୂଆ ନୁହେଁ ।

ଅନ୍ୟମନସ୍କ ଭାବେ ନିଜର ଶ୍ମଶ୍ରୁଳ ମୁହଁରେ ହାତ ବୁଲାଇ ଆଣିଲେ ଅରୁଣ ବାବୁ । ବଢିଗିଛି ବସନ୍ତର ଅରଣ୍ୟାନୀ ଶୋଭା ଜମେଇଛି ଏଇଠି । ଏସବୁ ଅନୁଭୂତିର ମାଳା । ଅନୁଭୂତିର ସୂତା ଖିଅ । ନିରୋଳା ଜୀବନରେ ଅନୁଭୂତି ହିଁ ସମ୍ବଳ । ସେଇ ରାମ ନାମ ।

ଇଏ ବି ରଙ୍ଗମଞ୍ଚର ଅନୁଭୂତି । ଅନୁଭୂତି ଏଇ କେଇଟା ଦିନର ସ୍ୱପ୍ନା ତାଙ୍କ ଆଗରେ ଯେମିତି ଗୋଟିଏ ସୁପରିକଳ୍ପିତ କବିତା ଗୁଚ୍ଛ

॥ ୨ ॥

ସ୍ୱନା ବିଷୟରେ ସେ ବାସ୍ତବରେ କିଛି ଲେଖି ନାହାନ୍ତି । ଲେଖିବେ । ହଁ, ନିଶ୍ଚୟ ଲେଖିବେ । ସେ ସୁଦିନ ଦିନ ଆସୁ ।

ସ୍ୱନା, ତୋର ପେଣ୍ଟିଂ ସରିଗଲା ବୋଧେ ?

ହଁ ।

ଭାବନା ଭାଙ୍ଗିଗଲା ଅରୁଣ ବାବୁଙ୍କର । ସେ ଚମକି ପଡ଼ି ଚାହିଁଲେ ପ୍ରଶ୍ନକର୍ତ୍ତାଙ୍କ ଆଡ଼େ । ସ୍ୱନାକୁ ପ୍ରଶ୍ନ ପଚାରୁଥିଲେ ନିର୍ଦ୍ଦେଶକ ଅକ୍ଷୟବାବୁ । ହଠାତ୍ ଅକ୍ଷୟବାବୁ ତାଙ୍କୁ ଦେଖି କହି ଉଠିଲେ, ଆରେ ଆପଣ ! ନମସ୍କାର ।

ନମସ୍କାର ।

କେତେବେଳୁ ଆସିଲେଣି ?

ଅରୁଣବାବୁ କିଛି କହିବା ପୂର୍ବରୁ ସ୍ୱନା କହି ଉଠିଲା, ଅନେକ ବେଳୁ ଆସିଲେଣି । ମୁଁ ଜାଣୁ ଏଇଠି ବସେଇ ରଖିଚି, ଗ୍ରୁଡ଼ିଜ । ମୁଁ କେତେ ଗପ ଯୋଡ଼ି ଦେଇଚି । ପିଲାଙ୍କ ଭଳି ସେ ମୋଠୁଁ ସେସବୁ ଶୁଣୁଥାନ୍ତି । ଭାରି ଗପୁଡ଼ି... ।

ହସ ମାଡ଼ିଲା ଆହୁରି ଅରେ ସ୍ୱନାର ସ୍ପଷ୍ଟ କଥାମାନ ଶୁଣି । ବାସ୍ତବିକ ସେ ସତ କହୁଚି । ଅରୁଣ ବାବୁ ଅନୁଭବ କଲେ, ସ୍ୱନା ସକାଶେ ତ ସେ ଏଇଠି ବସିଛନ୍ତି । ନଚେତ୍ ଏ ପର୍ଯ୍ୟନ୍ତ ସେ ଏଠି ଥାଆନ୍ତେ କାହିଁକି ? ସ୍ୱନା ତାଙ୍କୁ ଗ୍ରୁଡ଼ିଜ । ତାଙ୍କର ମନେ ହେଲା ସ୍ୱନା ଯେମିତି ତାଙ୍କରି ଅବାଧ ଅଲିଅଳୀ କନ୍ୟା । କିଛି ଲୁହାଇ ଦେବନି । ସବୁ କଥା ସେ କହିବ । ତା'ର ଜିତାପଟ ହାସଲ କରିବ ।

ଅରୁଣ ବାବୁଙ୍କ ମନରେ ଗୋଟାଏ କେମିତି ଅଜଣା ମମତ୍ୱବୋଧ ଜାଗି ଉଠିଲା । ଆତ୍ମୀୟତାର ନିବିଡ଼ ବନ୍ଧନ ତା'ର ନାଗଫାଶ ମେଲି ଦେଲା ହଠାତ୍ କରି । ତାଙ୍କର ପୁରୁଷାକାର ମୁକ୍ତ ପିଂଜରରୁ ଛୁଟିଗଲା ସ୍ନେହର ଫଲ୍‌ଗୁ ଝୁରି ଝୁରି । ଏଇ ସ୍ୱନା···ତାଙ୍କର ମାନସସମ୍ଭୂତା କନ୍ୟା ! ସ୍ୱନା ତାଙ୍କ ସ୍ନେହର ଆଧାର ।

ନାରୀର ମାତୃତ୍ୱ ଭଳି ପୁରୁଷର ପିତୃତ୍ୱ ଚିର ଫଳାବତ । ସନ୍ତାନହୀନା ନାରୀ ଅନ୍ୟର ସନ୍ତାନ ଦେଖିଲେ ତା'ର ମାତୃତ୍ୱ କାନ୍ଦି ଉଠେ । ବାଳପି

ଉଠେ ତା'ର ସୁପ୍ତ ଚେତନଶକ୍ତି । 'ମାଆ' । ଆଃ, କି ଅପୂର୍ବ ଆବାହନୀ ! କି ସ୍ୱର୍ଗୀୟ ପରିତୃପ୍ତି ଅଛି ସେ ଡାକରେ । ଶୟନେ, ସ୍ୱପନେ ତା'ର ମନରେ, କଣ୍ଠରେ ପ୍ରତିଧ୍ୱନିତ ହୁଏ ସେଇ ସ୍ୱର ।

ଏପରିକି ଅନ୍ତଃସତ୍ତ୍ୱାର ମାନସିକ ଆର୍ତ୍ତନାଦ ବେଶ୍ ସୁନ୍ଦର ! ଦୀର୍ଘ ଦିନପରେ ମାତୃତ୍ୱ ଲଭି ଶାପମୁକ୍ତ ଭଳି ଲାଗେ । ଯେତେବେଳେ ଗୋଟିଏ କଅଁଳ ଶିଶୁ ତା'ରି ଅସ୍ତିତ୍ୱର ଅନ୍ତରାଳରେ ଆସନ ପାଡି ବସିଥାଏ, ସେତିକିବେଳେ ଯଦି କେଉଁ ଶିଶୁ କଣ୍ଠରୁ 'ମାଆ' ଡାକ ତା' କାନରେ ବାଜେ, ସେ ଚମକି ପଡ଼ି ପ୍ରଥମେ ତା' ସ୍ଫୀତ ପେଟକୁ ଚାହେଁ । ଶେଷରେ ଚାହେଁ ତା'ରି ସେଇ ବର୍ଦ୍ଧିଷ୍ଣୁ ଗର୍ଭଟି ଆଡ଼େ । ହସି ଉଠେ ଗୁଏଁ ଗୁଏଁ । ଗୁଡରେ ମେଞ୍ଚେ ଚେପ ପକାଏ । ହସେ ପୁଣି ଥରେ ।

ଭାବୁଥିଲେ ଅରୁଣ ବାବୁ··· ।

ସନ୍ତାନସ୍ନେହ ପୁରୁଷର ତନ୍ଦ୍ରିଲ ପୁରୁଷତ୍ୱ ସେଇଭଳି । ନାରୀର ନାରୀତ୍ୱ ଭଳି ପୁରୁଷତ୍ୱ ମଧ୍ୟ କମ୍ ହିଂସ୍ର ନୁହେଁ । ସେ ବି ଚାହେଁ ସନ୍ତାନ କଣ୍ଠରୁ ସେଇ କୋମଳ ମଧୁର ପଦଏ ଡାକ, ଯାହାକୁ ସୃଷ୍ଟିର ଆଦିମ ପୁରୁଷ ବି ଶୁଣିବାକୁ ଅପେକ୍ଷା କରିଥିଲା ।

ଜାଗି ଉଠିଲା ଅରୁଣବାବୁଙ୍କ ପୁରୁଷତ୍ୱ । ରୀନା ଯଦି ତାଙ୍କର କନ୍ୟା ହୋଇଥାନ୍ତା···ଅଲିଅଲି···ହେଉପଛେ ଅବାଧ, ଏଇ କଥା ଶୁଣି ଦୁଇ ହାତରେ ତାକୁ ଗୁଡରେ ଭିଡ଼ି ଧରି କହୁଥାନ୍ତେ, ତୋର ପାଖରେ ବସିଲେ ସବୁ ଭୁଲି ହୋଇଯାଏରେ ପାଗଲୀ ! ଆହୁ ଯୁଗ ଯୁଗ ପାଇଁ ସେଇଠି ବସି କହନ୍ତେ, ଗୀ ନାଚ୍, ଖେଳ, ହସ, କାନ୍ଦ; କିନ୍ତୁ ସବୁ ମୋରି ଆଗରେ କର । ମୁଁ ଖାଲି ବସି ଦେଖିବି । ବାପ୍ ! ମୁଁ ତୋର ଏକମାତ୍ର ଦର୍ଶକ ।

ନିଜ ମନ ନିଜକୁ ପ୍ରବୋଧନା ଦେଲା । ବାହିଁକି ସେ ସ୍ୱପ୍ନ ମହଲ ତୋଳୁଛନ୍ତି । କୁଆଁରୀ ରାଜକୁମାରୀର ଛନ୍ଦାୟିତ ମଧୁର କଣ୍ଠ ସ୍ୱର ସେଠୁ ଶୁଭିବ କେଉଁଠୁ ? ଶୁଷ୍କ ଅନ୍ତଃସଲିଳା ନଈର କୂଳ ଲଙ୍ଘନାସ୍ତ ଅଦମ୍ୟ ପିପାସା ଅଳୀକ ବ୍ୟତୀତ ଆଉ କ'ଣ ହୋଇପାରେ ? ଅରୁଣ ବାବୁଙ୍କ ପ୍ରାଣ ସ୍ଥବିର ନ ହେଲେ ବି, ପିତୃତ୍ୱ ସୁପ୍ତ, ଜଡ଼ ।

ଆପଣ ଆଜ ବହୁତ ଅଳଭଳ ମନେ ହେଉଛନ୍ତି !

ଅକ୍ଷୟବାବୁଙ୍କର ପ୍ରଶ୍ନରେ ଅବଚେତନରୁ ଯେବ ଫେର ପାଇଲେ ସେ। ମୁହଁରେ ହସ ଫୁଟାଇ ସେ କହିବାକୁ ଚାହିଁଲେ, ନା ସେ ବହୁତ ନୁହଁନ୍ତି। ସାମାନ୍ୟ ମାନସିକ ଦୁଶ୍ଚିନ୍ତା ମାତ୍ର। ସେ କିଛି ନୁହେଁ।

ସ୍ୱୀନା ହଠାତ୍ ପଶି ଆସିଲା ରଙ୍ଗାଳୟ ଭିତରକୁ। ଏତେ ବେଳଯାଏ କେଉଁଠି ଥିଲା ଅରୁଣବାବୁ ଜାଣନ୍ତିନି। ଉତ୍ସାହ ପରଶି କହିଲା, ଅରୁଣ ବାବୁ ! ମୋ ମାଆ ଆସିଛି। ଚିହ୍ନିଛନ୍ତି ନା ମୋ ମାଆକୁ ?

ନା—

ଚିହ୍ନି ନାହାନ୍ତି ? ମାଧୁରୀ ଦାସକୁ ଜାଣନ୍ତି କି ? ମତେ ଆଶ୍ଚର୍ଯ୍ୟ ଲାଗୁଚି, ଆପଣ ନାଟ୍ୟ-ଜଗତକୁ ଆସିଲେ କେମିତି ! ଆଗରୁ କ'ଣ କେବେ ଅଭିନୟ ଦେଖି ନ ଥିଲେ, କି ଲେଖୁ ନ ଥିଲେ ?

ଅରୁଣବାବୁ ସ୍ପଷ୍ଟ ଭାବରେ କହିଲେ, ନା: ଦେଖୁ ନ ଥିଲି, କି ଲେଖୁ ନ ଥିଲି।

ସେ ପରା ଖ୍ୟାତନାମା ଅଭିନେତ୍ରୀ। ଭଲ ନାଚ ଜାଣେ। ଆଗେ ସ୍ୱାଧୀନଭାବେ ଏଇ ଥିଏଟର ପେଣ୍ଡାଲକୁ ଆସୁଥିଲା। ପ୍ରତିଦିନ ସନ୍ଧ୍ୟାରେ ମୁହଁରେ ପାଉଡର ମାଖୁଥିଲା। ମୋଟା ଭଲ ରୋଲ୍ ମଧ୍ୟ କରୁଥିଲା। ଖୁବ୍ ଭଲ ପାର୍ଟ କରେ। ସମସ୍ତେ ତାକୁ ପ୍ରଶଂସା କରନ୍ତି; କିନ୍ତୁ ଦିନେ ମ୍ୟାନେଜରଙ୍କ ସାଙ୍ଗରେ କଳି ଲାଗିଲା। କଳି କାହିଁକି ହେଲା ମୁଁ ଜାଣେନା। ସେଇଦିନରୁ ମାଆ ଏଇ ରଙ୍ଗାଳୟର ଅଭିନୟ ମଞ୍ଚକୁ କେବେ ଆସେନା। ଦର୍ଶକ ହିସାବରେ ବି ଆସିବା ତା'ର ଏଇଟା ଦ୍ୱିତୀୟ ଥର ହେବ।

ସତେ ?

ଆଶ୍ଚର୍ଯ୍ୟ ମିଶା ସ୍ୱରରେ ପ୍ରଶ୍ନ କଲେ ଅରୁଣ ବାବୁ।

କଥାର ସତ୍ୟତା ବିଜୟ ଚଖିବାକୁ ଯାଇ ଚକ୍ଷୁ ବିସ୍ଫାରିତ କରି ସ୍ୱୀନା କହିଲା, ହଁ। ଅଚ୍ଛା, ତାଙ୍କ ସହିତ ଆପଣ ଦେଖା କରିବେ ?

ଅରୁଣବାବୁ କହିଲେ, ହଉ। ନାଟକ ସରୁ।

॥ ୧୦ ॥

ସୀନା ଦର୍ଶକ ମଞ୍ଚର ଦ୍ୱିତୀୟ ଧାଡ଼ିକୁ ହାତ ନିର୍ଦ୍ଦେଶ କରି କହିଲା, ସେଇ ଯେଉଁ ସ୍ତ୍ରୀ ଲୋକଟିକୁ ଦେଖୁଛନ୍ତି, ମେଘାରଙ୍ଗର ଶାଢ଼ୀ ପିନ୍ଧିଚି, ସେଇ ହେଉଚି ମୋର ମା' । ଅଭିନୟ ସରୁ, କଥାବାର୍ତ୍ତା ହେବା ।

ଦ୍ୱିତୀୟ ଧାଡ଼ି ? ··

ଦ୍ୱିତୀୟ ଧାଡିକୁ ପରଦା ଅନ୍ତରାଳରୁ ଚକ୍ଷୁ ବୁଲାଇଲେ ଅରୁଣବାବୁ । ଅଧିକାଂଶ ଭଦ୍ରବଂଶଜ ନାରୀ ସେଇ ଧାଡ଼ିରେ ଆସୀନା । କ୍ରମାନ୍ୱୟେ ସେ ଦେଖି ଆସୁଥିଲେ, କିଏ ମାୟା ଦାସ ହୋଇପାରେ । ପ୍ରଥମ, ଦ୍ୱିତୀୟ, ତୃତୀୟ ତ··· ଏ କିଏ··· ? କିଏ ବସିଚି ସେ ଧାଡିରେ··· ??

ମାୟା ଦାସ ! ନା, ତାଙ୍କର ମୃତ ଅତୀତର ନାୟିକା... ?

ସେଇ ତ ପିନ୍ଧିଛି ମେଘବର୍ଣ୍ଣର ଶାଢ଼ୀ···

ତେବେ ଏଇ ହେଉଛି ମାୟା ଦାସ ?···??

ହଁ, ସେଇ । ତା'ଛଡ଼ା ଅନ୍ୟ କେହି ତ ମେଘ ରଙ୍ଗର ଶାଢ଼ୀ ପିନ୍ଧି ନାହାନ୍ତି । ସୀନା ତା' ଛଡ଼ା ଅନ୍ୟ କାହାକୁ ତ କହିନି । ସେଇ ହେଉଛି ସୀନାର ମାଆ । ମା-ୟା-ଦା-ଆ-ସ··· !!!

ନା-ନା, ସେ ନିଜ ଆଖିକୁ ଅବିଶ୍ୱାସ କରି ପାରିବେନି । ଇଏ ତାଙ୍କର ସେଇ, ସେଇ ମଳି କଳଙ୍କିତ ଅତୀତର ଆବାହିକା ।···ନିଶ୍ଚୟ । ସେଇ ମୁହଁ, ସେଇ ଆଖି, ସବୁ ସେଇ । ପରିବର୍ତ୍ତନ କେବଳ ବୟସର କେତୋଟି ପର୍ଯ୍ୟାୟ । ଆଉ କିଛି ନୁହେଁ । ସବୁ ସେଇ । ସେଇ··· ।

ହଠାତ୍ ଅଭିନୟର ଦ୍ୱିତୀୟ ଘଣ୍ଟି ବାଜି ଉଠିଲା । ଆଉ ଦୁଇ ମିନିଟ୍ ବାକି । ଏଥର ତୃତୀୟ ଘଣ୍ଟା ବାଜିବ । ମାତ୍ର ଅରୁଣ ବାବୁଙ୍କ ଭାବନା ମଞ୍ଚରେ ପ୍ରଥମ ଦ୍ୱିତୀୟ ଘଣ୍ଟି ବାଜିଗଲା ହଠାତ୍ ।

ସୀନା ତା'ର ସ୍ୱଭାବସୁଲଭ ସ୍ୱର ତୋଳି ଆସି କହିଲା, ଆପଣ ଏମିତି ଠିଆ ହୋଇ ରହିଲେ ଯେ । ଭିତରେ ବସନ୍ତୁ । ନହେଲେ ଦର୍ଶକ ମଞ୍ଚକୁ ଯାଆନ୍ତୁ । ନାଟକ ଆରମ୍ଭ ହେବାକୁ ଆଉ ଗୋଟାଏ ମିନିଟ୍ ବାକି । ପେଣ୍ଡାଲ ଖାଲି କରିବାକୁ ପଡ଼ିବ ।

|| ୧୧ ||

ଷାଣ୍ଢ ଭଳି ଅରୁଣ ବାବୁ ଆସି କାଠ ଚେୟାର ଉପରେ ବସିପଡ଼ିଲେ । ପୁରୁଣା କାଠ ଚେୟାରଟି ମଚ୍ ମଚ୍ ଶବ୍ଦ କରି ଉଠିଲା । ଅରୁଣ ବାବୁଙ୍କୁ କିନ୍ତୁ ମନେ ହେଲା ସତେ ଯେମିତି ତାଙ୍କର ହୃଦୟର ମଞ୍ଚରେ ଘଣ୍ଟା ବାଜୁଛି । ...ତୃତୀୟ ଘଣ୍ଟା....।

ଏଥର ଡ୍ରପ ଉଠିବ, ସିନ୍ ପଡ଼ିବ । ତା'ପରେ ନାଚିଯିବ ଦୃଶ୍ୟ ପରେ ଦୃଶ୍ୟ । ଏକ ପରେ ଅନେକ ।

ତୃତୀୟ ଘଣ୍ଟି ବାଜିବା ସଙ୍ଗେ ସଙ୍ଗେ ହୁଇସିଲ୍ ଶୁଭିଲା ।

ପରଦା ଉଠିଲା ।

ପରଦା ଉଠିଲା ଅରୁଣ ବାବୁଙ୍କର ମନର ମଞ୍ଚରୁ । ତା'ପରେ ଏକାଦିକ୍ରମେ ଦୃଶ୍ୟର ବିବର୍ତ୍ତନ । ତାଙ୍କର ଅତୀତ ହିଁ ତାଙ୍କ ମନ ମଞ୍ଚର ନାଟକ...

ରାତି ଯାଇ ଆସିଛି ସକାଳ ।

ଶୀତ ଯାଇ ଆସିଛି ବସନ୍ତ ।

ସୂର୍ଯ୍ୟ ଭଗବାନଙ୍କର ମଥାନ ଛୁଇଁଛି । ଫିକା ବଉଦର ପଣତ ଲାଗିଛି ଆମ୍ବ ତୋଟାର ମଥାରେ । ବେସରମୀ ହସ ହସି ଛନ୍ଦ ଫିଟାଉଛି ସେ । ପାଚିଲା ପଣସ ଖସୁଛି ତଳକୁ । ପବନ ଧରିଛି କୋଇଲିର ସୁର । କୁହୁ—କୁ-ହୁ... ।

ଏକ ଲୟରେ ଏକଧ୍ୟାନରେ ବସିଛି ସେ ।

ଆକାଶ ହସୁଛି । ହସୁଛି ପୃଥିବୀ ।

ଶିଶିରଧୂଆ ସକାଳର କଣ୍ଠ ସଙ୍ଗୀତ ଭାସି ଆସୁଛି ଦୂରରୁ । ଷ୍ଟେରରୁ ଧୂମେଇ ଧମେଇ ଧାଇଁଛି ନଡ଼ୁଆ ଟ୍ରକଟା । ଆଗରେ ଲମ୍ବା ପିଚୁ ରାସ୍ତାଟା

|| ୧୨ ||

ଶୋଇଥିଲା ଗଛ ଗୁଡ଼ାକ । ନିଦ ଭାଙ୍ଗି ନ ଥିଲା । ହଠାତ୍ ଭାଙ୍ଗିଛି ତା'ର ନିଦ । ଆଖି ମଳି ମଳି ଉଠିଛି ଟ୍ରକର ଚକ ଧକ୍କାରେ ।

ସୁଲୁ ସୁଲୁ ବହୁଛି ଦକ୍ଷିଣା ପବନ । ସୁନା ରଙ୍ଗର କିରଣ ବିଞ୍ଚି ବିଞ୍ଚି ଉଠୁଛି ଅଳସୁଆ ସୂର୍ଯ୍ୟ । ଉଠୁଛି ଧିମେଇ ଧିମେଇ । ଉଠୁଛି ତନୁପାତଳୀ ବହୁଦର କାନ୍ଧରେ ଭରା ଦେଇ । ଧୀରେ କିରଣ ତା'ର ଛୁଟିକି ଆସି ପଡ଼ୁଛି ଗଛର ମଥାନ ଉପରେ ।

ଶିଳ୍ପୀ ତା'ର ସାଧନାରେ ଏକନିଷ୍ଠ । ତୁଳୀରେ ନିବଦ୍ଧ ତା'ର ଦୃଷ୍ଟିଶକ୍ତି । ବେଳେବେଳେ ଏକ ଚଳଚଞ୍ଚଳ କଣ୍ଠର ଅଭିମାନିଆ ରାଗିଣୀ ତୋଟାର ନୀରବତା ଭାଙ୍ଗୁଛି । ଦଣ୍ଡେ ନୀରବ ହେଉଛି···ପୁଣି । ପୁଣି...

ଅରୁଣ ଭାଇ !

ଆଃ ! ପାଟି କରନା କହୁଚି ।

ବାଃ ! ଏଥର ମୁଁ ଚୁପ୍ ରହିଲି ଯେ···

ବୀଣା !

'.........'

ଆରେ ତୁ ମୋ ଉପରେ ରାଗିଗଲୁ ? କଥା କହୁନୁ ?

ତମେ ପରା କହିଲ ମୁଁ ଚୁପ୍ ରହିବି···ପୁଣି କଥା କହିବି କାହିଁକି ? ବାଃରେ, ତମେ ସବୁ କହୁଚ !!

ନା ବୀଣା, ମୁଁ ଯେତେବେଳେ ଛବି ଆଙ୍କୁଚି, ତୁ ମୋତେ ଥରକୁ ଥର ଡାକୁଚୁ । ମୁଁ ଅନ୍ୟମନସ୍କ ହୋଇ ପଡ଼ୁଚି । ଦେଖ୍, ମୋ ଛବିରେ କିଏ ରୂପ ନେଉଚି । ଆଜିର ଏଇ ସୁନାଝରା ସକାଳ, ଆଉ ଆମର ଏଇ ବଣ ପାଖର ପ୍ରକୃତି । ବସନ୍ତର ନେଳିଆ ଆକାଶ । ପୁଣି ସେଇଠା ଢଳିପଡ଼ିଚି ଧରଣୀ ଛାତିରେ ଏଇ ଅଦୂର ଚକ୍ରବାଳରେ । ଆଗର ଏଇ ଲମ୍ବା, ଓସାରିଆ ପିଚ୍ ରାସ୍ତାକୁ ଦେଖୁଚୁ ? ଦେଖ୍, ତିନୋଟା ଶଗଡ଼ କେମିତି ମନ୍ଥର ଗତିରେ ଚାଲିଛନ୍ତି । ଆଉ ସେ ଶଗଡ଼ିଆଙ୍କ ମଥା ଛୁଇଁ କେମିତି ପେନ୍ଥା ପେନ୍ଥା ଫୁଲ ଝୁଲୁଛି । ଏପାଖ ଗଛକୁ ଦେଖିଲୁ ତ । ଏକବାର ଠୁଣ୍ଡା । ପତ୍ରଟିଏ ବି ନାହିଁ ।

ଅଥଚ ଆର ଗଛଟା ଫୁଲ ଭାରରେ ଭାଙ୍ଗି ପଡ଼ୁଛି; ଆଉ ଆମର ଏଇ ଅମ୍ବ ଟୋଟା ଆଡ଼କୁ ଦାନ୍ତ ନିକୁଟି ହସୁଛି ।

ଏ ଗଛଟା ଏତେ ନିଃସହାୟ ଦିଶୁଛି କାହିଁକି ଅରୁଣ ଭାଇ ?

ଆଲେ ପାଗଲୀ ଜାଣିନୁ ରୁ ? ବାର୍ଦ୍ଧକ୍ୟ ଆସିଲେ ସମସ୍ତେ ନିଃସହାୟ ହୋଇ ପଡ଼ନ୍ତି । ସମସ୍ତେ ଭାବନ୍ତି, ନିଜକୁ ଏକୁଟିଆ । ମନ କଳି ଆଉ କୁସୁମିତ ହୁଏନା । ଓଠରୁ ହଜିଯାଏ ହସର ପାଖୁଡ଼ା, ଠିକ୍ ଯେମିତି ସେ ଗଛଟି ହୋଇଛି । ବସନ୍ତ ତା' ମନକୁ ଆଉ ଚହଲାଇ ପାରିବନି । ଅଙ୍ଗରେ ମାଦକତା ଦେଇ ଦୋହଲାଇ ପାରନି । ବରଂ ପଣ ଝଡ଼ି ପଡ଼ୁଛି । ଆଉ କଅଁଳେଇବାର ଆଶାକୁ ସେ ହରାଇ ବସିଛି । ଅଥଚ ପାଖ ଗଛଟା ଫୁଲ ଭାରରେ ନଇଁ ପଡ଼ୁଛି । ବସନ୍ତର କାଉଁରୀ ପରଶରେ ଉନ୍ମାଦ ହୋଇଛି । ବୁନିଆ ଆଡ଼କୁ ଟେଣ୍ଡ଼ୁ ଦାନ୍ତ ଦେଖାଇ ହସୁଛି; ବସନ୍ତ ପରଶ ପାଇ ଯେମିତି ସମସ୍ତେ ହସନ୍ତି; ଆଖିରେ ଯୌବନର ଅଞ୍ଜନ ଲଗାଇ ମସ୍ତ ହୁଅନ୍ତି ।

ଏଇ ଅମ୍ବ ଟୋଟାର ଏତେ ସବୁ ଜମା ରୁ ଅନ୍ୟଦିନେ କେବେ ଦେଖିବାକୁ ପାଇବୁନି । ବସନ୍ତ ସଜାଣେ ଏ ସବୁ ସାଜ । ବସନ୍ତ ଆସିଲେ ସମସ୍ତେ ହସନ୍ତି । ହସିବାକୁ କେତେକ ଚେଷ୍ଟା କରନ୍ତି; ଆଉ କେତେକ ହସି ହସି କାନ୍ଦି ପକାନ୍ତି । ଏ ବୁଢ଼ା ଗଛଟା ବର୍ତ୍ତମାନ କାନ୍ଦୁଛି । କାନ୍ଦୁଛି ଥରେ ପୁଣି ହସିବା ପାଇଁ; କିନ୍ତୁ ସେ ହସି ପାରିବନି । ହସର ଆଲୁଅ ତା' ହୃଦୟରୁ ଲିଭିଯାଇଛି ସବୁଦିନ ପାଇଁ । ବୁଝିଲୁ...

'ଆରେ...'

ଚମକି ବୁଲିଆଡ଼କୁ ଚାହିଁଲା ଅରୁଣ । ବୀଣା କେତେବେଳେ ତା' ପାଖରୁ ଉଠି ଯାଇଥିଲା । ତା' ଗପର ଜୁଆର କିନ୍ତୁ କମି ନ ଥିଲା । ସେତେ-ବେଳକୁ ଅରୁଣ ଦେଖିଲା ପୋଖରୀର ଆର ପଟେ ଠିଆ ହେଉଛି ବୀଣା । ସୁଧୀ ଆଇ ସାଙ୍ଗରେ ଗପୁଛି । ସୁଧୀ ଆଇ ପାଟିଲା ବାଙ୍କଡ଼ ଦାଇଗଣ ଚୋବୁଛି । ବେଳେ ବେଳେ କଥା କହୁଥିବାରେ ପାକୁଆ ପାଟି ମେଲେଇ ହସୁଛି ।

ବୀଣାର ପ୍ରତିବିମ୍ବ ନାଚୁଛି ପାଣିରେ । ବେଳେ ବେଳେ ସ୍ଥାନ ବଦଳ ହୋଇ ଚାଲୁଛି । ଟିକି ଟିକି ଗୋଡ଼ ଧରି ବୀଣା ଫିଙ୍ଗୁଛି ପାଣିକୁ । ଘଡ଼ିଏ କୁଆଡ଼େ ପ୍ରତିବିମ୍ବ ହଜେଇ ଯାଉଛି । ଆଉ ଘଡ଼ିକୁ ଯାହା ସେଇଆ । ଅରୁଣ ପ୍ରଥମ ଚଉଠି ପ୍ରାସ୍ତୁ ଆଙ୍କି ସାରିଥିଲା । କ'ଣ ଭାବି ଆଉ ଗୋଟିଏ ଆଙ୍କି ବସିଲା । ବୀଣାର ଛବି । ବୀଣାକୁ ସେ ଚାହୁଁ ଥିଲା ।

ଶଙ୍ଖଧବଳ ତନୁ । ମୁହଁଟି ବେଶ୍ ସୁନ୍ଦର; ବେଶ୍ ଗୋଲଗାଲ । ତୀକ୍ଷ୍ଣ ନାସିକା । ଆଖି ଦୁଇଟି ନୀଳ-ନୀଳ । ହାତରେ ଦ'ପଟ ସୁନାକାଚ । ଦେହରେ ନେଳାରଙ୍ଗର ଶାଢ଼ୀ । ବ୍ଲାଉଜ୍ ପିନ୍ଧେନା । ପିନ୍ଧିବାକୁ ଭଲ ପାଏନା । ବାସ୍ତବିକ୍ ସୁନ୍ଦର; ଖୁବ୍ ସୁନ୍ଦର । ପବନ ବିପର୍ଯ୍ୟସ୍ତ କେଶଗୁଚ୍ଛ ଦୋହଲୁଥାଏ । ନାଲି ଟୁକୁଟୁକୁ ଓଠରେ ଦୁଷ୍ଟାମୀର ଚେନାଏ ହସ । ନର କୋଳ ଗଛକୁ ଆଉଜି ଠିଆ ହୋଇଛି ସେ । ଚାହୁଁଛି ଥରେ ଆଈ ଆଡ଼କୁ, ଆଉ ଥରେ ତା'ର ଅରୁଣ ଭାଇ ଆଡ଼କୁ ।

ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠୁଥିଲେ । ଖରା ଟାଣ ହୋଇ ଆସୁଥିଲା । ତଥାପି କେହି ବ୍ୟସ୍ତ ହେଉ ନ ଥିଲେ ସେ ଖରା ପାଇଁ । ବସନ୍ତ ଋତୁର ସବୁଥିରେ ଯେମିତି ମିଠା ମଳୟ ଲାଗିଛି । ଖରା ତରା, ଆକାଶ ପବନ, ସବୁଥିରେ । ସୁଲୁ ସୁଲୁ ଦକ୍ଷିଣା ବାଆ ବୀଣାକୁ ଫୁଙ୍ଗୁଳା କରିବାକୁ ପ୍ରୟାସ କରୁଛି । ବୀଣା ସେମିତି ଠିଆ ହୋଇ ରହିଛି । ଗପୁଛି । ହସୁଛି । ବୁଧୀ ଆଈ କହିଲେ, ଚାଲ ଲୋ ମା, ଖରା ବାଧିଲାଣି ।

ଖରା ଯଦି ବାଧୁଛି, ଗଛ ତଳକୁ ଆ । ବୀଣା କହିଲା ।

ବଳଦ ବାଇଗଣ ଟୋକେଇଟି ଧରି ବୁଢ଼ୀ ଗଛ ତଳକୁ ଆସିଲା । କଥାକୁ ଯୋଡ଼ି ବୀଣା ପଚାରିଲା, ଆଈ, ଏ ଗହଗ ବିଲ ପରେ ଆଉ କ'ଣ ଘର ଗ୍ରାମ ଅଛି ? କାଇଁ ତ ଆଖି ପାଉନି ?

ବୁଧୀ ଆଈ କହିଲେ, ହଁ ଓଲଟା ନ ! ଏ କେଡ଼େ ଦୁନିଆ । ଆମେ କୋଉ କଣର କେତେ ଶ୍ରେଷ୍ଠ ମଣିଷ । କେଡ଼େ ପୃଥିବୀ ପଡ଼ିଛି । ଏଇ ତ, ସେ ଦୂରରେ ଯୋଉ ଗଛଗୁଡ଼ା ଦିଶୁଛି, ଦେଖୁଛୁ ? ତା'ର ପଛରେ ମୋର ବାପଘର । ସେଇଠି ହସି ଖେଳି ମୁଁ ମଣିଷ ହୋଇଥିଲି । ତା'ର ଆଲୁଣ

ପାଣି ପବନ ମୋର ଏଇ ପିଣ୍ଡକୁ ଗଢ଼ିଛି । ସିଏ ପ୍ରତିସ୍ତରେ ଉତ୍ତାପ ଦେଇଛି । ତୋ'ର ଯେମିତି ଏ ଗାଆଁ ମାଟି ପ୍ରିୟ, ମୋର ବି ସେ ଦିନେ ସେମିତି ପ୍ରିୟ ଥିଲା । ଧନ ଆସିଲା, ସବୁ ଭୁଲିଗଲି । ତୁ ପରଘରକୁ ଗଲେ, ଏକଥା ବି ଆପେ ଭୁଲିଯିବୁ ଯେ ।

ଯାଃ—, ବୀଣା କହିଲା ମୁହଁରେ ହସର ମୁଦ୍ରା ଆଙ୍କି ।

ମୁଁ ମିଛ କହୁନି ଲୋ ବୀଣା, ଝିଅ ଜନମ ପର ଘରକୁ । ଯେତେ ଯାହା ହେଲେ ବି ସେ ଘର ଛାଡ଼ିବ, ପରକୁ ଆପଣାର କରିବ; ଆଉ ଆପଣାର ଲୋକଙ୍କୁ କରିବ ପର । ଏଇଟା ଦୁନିଆର ନିୟମ ।

ଆଲୋ ଆଈ ! ତୁ ତ ଗୋଟାଏ ବଡ଼ ପଣ୍ଡିତ ଲୋ ! କେତେ କଥା କହି ଯାଉଚୁ । ଯାଇନୁ ସେ ରାସ୍ତାକଡ଼େ ବସୁନୁ; ପଇସା କମାନ୍ତୁ ।

ରାଧୀ ଆଈ ବୀଣାକୁ ଟିକିଏ ଠେଲିଦେଇ କହିଲେ, ଯା'ଲୋ ଗେହ୍ଲାପସି । କେତେ ଛଇ କାଢ଼ୁଚୁ । ତୋର ମୋ ଭଳିଆ ବୟସ ହଉ, ନାତି ନାତୁଣୀ ହୁଅନ୍ତୁ, ତୁ ବଲେ ଏମିତି ମୋ ଭଳି ଗପିବୁନି । ଏଇକ୍ଷିଣା ସିନା ରଙ୍ଗଚଙ୍ଗିଆ ବୟସ । ସବୁ ମିଠା ଲାଗିବ । ମୋର ଆଇଷ ନେଇ ବଞ୍ଚି ଥାଇଁ ରହ । ନାତି ନାତୁଣୀ ଦେଖ୍ । ସେମାନଙ୍କ ଅଣ୍ଟା ପରିହାସ ଶୁଣିଲା ବେଳେ ମୋ କଥା ମନେ ପକେଇବୁ ଲୋ ।

ସବୁ ସୁସଜ୍ଜିତ ଧଳା ଦାନ୍ତପୁଡ଼ିକର ସମାବେଶ ଦେଖାଇ ବୀଣା କହିଲା, ତୋର ଯୋଉ କଥା ନା ଆଈ, ନ ହସୁଥିଲା ଲୋକ ହସିବ । ମୁଁ କ'ଣ ବାହା ହେବ ଯେ ମୋର ନାତି ନାତୁଣୀ ହେବେ !

ମୁଁ ଯାଏ ଲୋ, ଏ ଅଲଣା କଥାରୁ କ'ଣ ପାଇବ । ଦେଖିବା କେଇ ଜଣ ମାତାଙ୍ଗା ହେଇ ରହିବେ । ମୁଁ ଉଠେ, ବେଳ ଗଡ଼ିଗଲାଣି ।

କହୁ କହୁ ଆଈ ଠିଆ ହେଲେ । ପୁଣି କହିଲେ, ଏକାଥରେ ଏଠି ମୁଁ ଅଣ୍ଟାପାଣି କରି ଯିବି ଲୋ ବୀଣା; ତୁ ଆଉ ଟିକେ ଠିଆ ହ ।

ବୀଣା କହିଲା, ମୁଁ ଆଗରେ ଅଛି । ତୁ ଆ ।

ରାଧା ଆଈ ଗାଧୋଇବାକୁ ପୋଖରୀ ତୁଠକୁ ଗଡ଼ିଲେ । ବୀଣା ଆସିଲା ଘୋଟା ଆଡ଼କୁ । ଭାବୁଥିଲା, ବୋଧହୁଏ ଅରୁଣ ଭାଇ ସ୍କୁଲ ଯିବେଣି । ମାଛ

॥ ୧୬ ॥

ଆସି ଦେଖିଲା ସେ ଯାଇ ନାହାନ୍ତି । ଏକମନ ହୋଇ ଚିତ୍ର ଆଙ୍କି ଚାଲିଛନ୍ତି ପଛରୁ ଧୀରେ ଧୀରେ ଆସିଲା ବୀଣା । ଅରୁଣର ପଛପଟେ ଠିଆହେଲା ସ୍ତମ୍ଭିଳା ଛବିଟି ଆଡ଼େ । ଆଶ୍ଚର୍ଯ୍ୟ ହେଲା ଆହୁରି, ଛବିଟା ତାଆରି, ସେ... ପୋଖରୀ ହୁଡ଼ାରେ ଠିଆହେବା ଚିତ୍ର । ଏକ ମନ ଏକାଗ୍ରତାରେ ସେ ତୂଳି ଦେଇ ଚାଲିଛନ୍ତି ।

ଅରୁଣ ଭାଇ !

ହିଁ—

ମୁହଁ ନ ଉଠାଇ କହିଲା ଅରୁଣ ।

ଏ ଛବିଟା କାହାର ?

ତୋର ।

ମତେ ଦବ ?

ନା...

କାହିଁକି ?

ଏଇଟି ମୋର, ଆଉ ଏଇଟି ତୋର ।

ଏଇଟି କେତେ ସୁନ୍ଦର ହୋଇଚ ।

ସୁନ୍ଦର ଜିନିଷ ସବୁବେଳେ, ସବୁଠି ସୁନ୍ଦର ।

ମାନେ ?

ଆଶ୍ଚର୍ଯ୍ୟ ହୋଇ ଭଲ ପଚାରିଲା ବୀଣା ।

ମାନେ ଆଉ କ'ଣ ? ତୁ କ'ଣ ଅସୁନ୍ଦର... ?

କେତେ ଏ ଛବିଠାରୁ ଅସୁନ୍ଦର ।

ଅବାସ୍ତବଟା ବାସ୍ତବଠାରୁ ସୁନ୍ଦର ଦିଶେ ।

ତମେ କେମିତି ସ୍ୱାକୁ ଜୀବନ ଦେଇ ପାରିଚ ।

ନା, ଶିଳ୍ପୀ ରୂପ ଦିଏ । ଜୀବନ ଦେଇ ଜାଣେନା ।

କାହିଁ, ଏ ଚିତ୍ରରେ ତ ତମେ ଆଇଲୁ ହେଜ୍ଜ କରି ଦେଇଛ । ମୋ...

ମନେ ହୁଏ ତମର ତୂଲୀ ଯେମିତି ତା' ରୂପ ଦେବାକୁ ଘୃଣା କରୁଛି ।

ବୀଣା ! ତୋର ମନେ ଅଛି ମୋ ପ୍ରଥମ ଚିତ୍ରଟି କଥା ? ଗୋଟି...

ପଟେ ଫୁଲ ପତ୍ରଭରା ସୁନ୍ଦର ଗଛ, ଆଉ ଅନ୍ୟ ପଟେ ଶୁଷ୍କ ଜରାଜୀର୍ଣ୍ଣ

॥ ୧୭ ॥

ଭିତରର ଚନ୍ଦ୍ର । ସେଇଠି ମୁଁ କହୁଥିଲି ନା ବସନ୍ତର ଆଗମନ କଥା ! ସେଇ ଛବି କଥା ମନେ ପକା । ଜଣେ ବସନ୍ତର ଆଗମନରେ ହସୁଚି, ଆଉ ଜଣେ ବିଦାୟ ମାଗୁଚି ଭୟରେ···, ଅହେତୁକୀ ଚିନ୍ତାରେ ।

ଏ ଛବିଟି ନାଆଁ କ'ଣ ରଖିବ ଅରୁଣ ଭାଇ ?

'ପ୍ରତୀକ୍ଷା ଓ ଉପେକ୍ଷା' ।

ମୁଁ କିନ୍ତୁ ବୁଝି ପାରିଲିନି ତମ କଥା ।

ବୀଣା କହିଲା ଅଭିମାନଭରା କଣ୍ଠରେ ।

ଅରୁଣ କହିଲା, ମାନେ ଜଣେ ଯାହାକୁ ପ୍ରତୀକ୍ଷା କରୁଛି ଆରକ ତାକୁ ତ୍ୟାଗ କରିବାକୁ ବସିଛି ।

ଆଉ ଆରଟିର ନାଁ କ'ଣ ଦେବ ?

ଭାବିନି କିଛି··· । ତୁ କହ୍ ।

କହିବି ?

ହଁ, କହ...

'କଳ୍ପନା'···ହେଲା ନା ?

ଚମତ୍କାର ହେଇଚି...

କିଏ ଟୁନା କିରେ ? ବୁଢ଼ୀ ଆଈ ଡାକିଲେ ତୋଟା ମୁଣ୍ଡରୁ । କୋଉ ଦିନ ଆସିଲୁ ମ ? କାହିଁ ଆମ ଆଡ଼େ ତ ଯାଇନୁ ଜମା ।

ଆଈକୁ ପ୍ରଣାମ କରି ଅରୁଣ କହିଲା, କାଲି ଆସିଛି । କାମ ବ୍ୟସ୍ତ ରହି ଯାଇ ପାରିନି: ଆଜି ଯିବି ।

ଆଉ, ତୋର ସବୁ ଭଲ ତ ?

ହଁ ।

ଆମର ତ ରେ ନାତି ସେଇ ସବୁ ପୁରୁଣା ଖବର । ଫସଲ ଫସୁଲ ତ ଏ ସାଲେ ନାହିଁ । ସବୁ ଧୋଇରେ ଗଲା । ତୋ ବାପ କ'ଣ କେମିତି ସବୁ ପାଇଛି କେଜାଣି । ହଉ, ସ୍କୁଲ ସବୁ, ଉଠ । କଥା ହେଇ ହେଇକା ଯିବା ।

॥ ୮ ॥

ଭୁଲୀ, କାଳ ଓ ଶଙ୍ଖ ସବୁ ଧରି ଉଠିଲା ଅରୁଣ । ଆଈ ଆଗରେ ପଛରେ ଅରୁଣ ଆଉ ବୀଣା । ପୁଣି କଥାର ଖିଅ ଧରି ଆଈ ଆରମ୍ଭ କଲେ, ଏ ସାଲେ ଆଉ ବୀଣାକୁ ପଢ଼େଇ ପାରିଲୁନି । ତା' ପାଠପଢ଼ା ବନ୍ଦ ।

ହଁ, ମତେ ବୀଣା ଆସି କହୁଥିଲା ।

ବୀଣା କହି ସାରିଲାଣିଟି ? ହଁ, ସେତେବେଳେ ଆସି ତୋର ସାଙ୍ଗରେ ଟୁପୁଟାପ୍ ହଉଥିଲା । କହିଥିବ । ଖୁବ ଚପୁଡ଼ି ମାରଣୀ ଅଛି ! ତୁ ଜାଣିନୁରେ ଟୁନା, ଯୋଉ ଜିଦ ଧରି ବସିଲା, ମୁଁ ପାଠ ପଢ଼ିବ । ତେବେ କ ଏଠି ସୁବିଧା ଅଛି ଅବା କୋଉଠି । ହଁ , ମୁଁ ତା' ବାପକୁ ମନେଇ ଆଣୁ । ସୁବିଧା ଥିଲେ ସିନା ହେଇଥାନ୍ତା । ସହରକୁ ନେଇ ପଢ଼େଇବାକୁ ତା'ର ଯୁ କାହିଁ । ପୁଣି ଝିଅ ଛୁଆଟା; ଯେତେ ପଢ଼ିଲେ ସେଇ ଚୁଲି ମୁଣ୍ଡକୁ ।

ଅରୁଣ କହିଲା, ଚୁଲି ମୁଣ୍ଡକୁ ଯୋଗ୍ୟ ହେଲେ କ'ଣ ହେଲା ଆଈ; ପାଠ ପଢ଼ିଥିଲେ ସବୁଠି ଦରକାର ଆସିବ । ଚୁଲି ମୁଣ୍ଡ କ'ଣ, ଘୋଡ଼ାଶାଳ କ'ଣ ! ଆଜକାଲିକା ଯୁଗରେ ପାଠ ନହାତି ଦରକାର ।

ତୁ ଯାଉନୁରେ ନାତି । ପାଠ ନାଁରେ ଆଜକାଲିକା ଛୁଆଗୁଡ଼ାକ ବଡ଼ ଉଦ୍‌ବାଗିଆ ହେଲେଣି । ସବୁ କଥାକୁ ବେଖାତିର । କୋଉ କାମକୁ ନୁହଁ । 'ଆଜ୍' କହିଲେ 'କାଲ୍' ବତେଇବେ । ହେଇତ ପରା ବାଇଗଣ ଟୋକେଇ କ ମୁଣ୍ଡ ନୁହଁ । ମୋର ବା କୋଉ ଅକଲ ହବ ଯେ ମୁଁ କହିବି, ବାଇଗଣ ଟୋକେଇଟା ଧ ବୋଲି । ଗୁଳର ଟୋକାଟା ଆସିଲା । ସେତକ ନେଇଗଲା । ତୁ ଯାହା କହୁ, ଆଜକାଲିକା ଏ ଉଦଣ୍ଡୀ ଝିଅଗୁଡ଼ାକ ଚୁଲି ମୁଣ୍ଡକୁ ବ ଯୋଗ୍ୟ ନୁହଁନ୍ତି ।

ବୀଣା ଚୁପ୍ ହୋଇ ଚାଲିଗଲା । ଅରୁଣ କହିଲା, ସମସ୍ତେ କ'ଣ ତମ ଆଖିରେ ସମାନ ଆଈ । ସବୁ ଝିଅ କ'ଣ ଏକା ?

ଆଈ ତାଙ୍କ କଥାର ଗୁରୁତ୍ୱ ରଖିବାକୁ ଯାଇ କହିଲେ, ତୁ ଦେଏମ । ଧୂଆ ମୂଳା ଅଧୂଆ ମୂଳା ସମାନ । ସବୁ ଏକ । ଏ ସବୁ ଏ କାଳବେଳର ଘଟଣ । ଏମାନେ କରିବେ କ'ଣ ?

ମୁରୁକ ମୁରୁକ ହସି ମଉନ ହୋଇ ଯାଉଥିଲା ଅରୁଣ । ବୀଣା ନିଜ ପଟ ସଫେଇ ଦେଇ କହିଲା, ସେକାଳ ପଖାଳ ନାହିଁମ ଆଈ ! ଯୁଗ ଯାହା ଚାହୁଁଚି, ଆମେ ସେଇଆ ହଉଚୁ ।

ହଉ ଲୋ ମା ! ତମକୁ କିଏ ମନା କରୁଚି । ତମର ତ ଏଣିକି ପକ୍ଷୀ ଲାଗିଲଣି । ଯାହା ଇଚ୍ଛା ତା' କରିବ । ମିଣିପଙ୍କ ସାଙ୍ଗରେ ଭୋଟ ଲଢିବ; ଗାଡ଼ି ଚଢ଼ିବ; ଓକିଲାତି କରିବ । ଆମ ବେଳେ ଏସବୁ ଅଘଟଣ ନଥିଲା । ମୁଣ୍ଡରୁ ଟିକେ ଓଢ଼ଣା ଖସିଥିଲେ କେତେ ଗାଳି ଫଜିତ୍ ଶୁଣୁଥିଲୁ । ସେ କାଳ କାହିଁ !

ସେ ଯୁଗ ବଦଳି ଗଲଣି ମ ଆଈ । ବୀଣା କହିଲା ।

ବାଟ ଭାଙ୍ଗି ଅରୁଣ ଯାଉ ଯାଉ କହିଲା, ମୁଁ ଯାଉଛି ଆଈ । ସଞ୍ଜକୁ ଫିବ

ହଉ ଯା ।

ଅରୁଣ ଏକମୁହାଁ ହୋଇ ଚାଲିଲା ଘରକୁ । ପଛକୁ ଫେରି ଚାହିଁବାକୁ ସତେ ଯେମିତି ସେ ସୁଯୋଗ ପାଇ ନଥିଲା ।

ଢୋଲ ତୁଟିଂଟା ସବୁ ଆସିଲା । ଅରୁଣ ଟିକିଏ ତତ୍ପର ହୋଇ ଉଠିଲା । ପୁଣି ଫେରିଯିବ ସେଇ ସହରଗ୍ରା ଆବହାଓ୍ୱାକୁ । ଯିବ ଏ ନିତ୍ୟ-ନୂତନ ପଲ୍ଲୀ ପ୍ରକୃତିର ମାୟାକୁ ଏଡ଼ାଇ । ଏ ସରଳତା, ଏ କମନୀୟତାକୁ ହରାଇ ସେ ଫେରିଯିବ ସେଇ କଳୁଷିତ ବାୟୁମଣ୍ଡଳ ଭିତରକୁ । ବସନ୍ତର ମନ ଭୁଲାଣିଆ ନାଚ ଲୁଚିଯିବ । ହଜିଯିବ ରୂପସୀ ସନ୍ଧ୍ୟାର ଫଗୁଲ ଇସାରା । ଲିଭିଯିବ [illegible] ଚନ୍ଦ୍ରା-କଣା ମୁହଁର ମମତାଭରା ମାୟା । ତଥାପି ସେ ଯିବ । ସେଇ ତା'ର କର୍ମଭୂମି । ଏ ଜନ୍ମଭୂମି ।

॥ ୨୦ ॥

ନର ମହାନ୍ତ ପୁଅକୁ ଡାକି କହିଲେ, ଜଲଦି ଚୂନା, ଶୋଇପଡ଼ । କାଲି ପରା ପୁଣି ଭୋରୁ ଉଠିବୁ ? ଆଲୁଅ ଜାଳି କ'ଣ କରୁଚୁ ବସି ?

ଛ'ମାସ ପରେ ପୁଅ ଆସିଥିଲା ଘରକୁ, ଆଠଦିନ ପାଇଁ । ଆଠଘଣ୍ଟା ଭଳି ଲାଗିଲା ନର ମହାନ୍ତଙ୍କୁ । ଏକମାତ୍ର ପୁଅ ଅରୁଣ । ଦ୍ୱିତୀୟ ବୋଲି କେହି ନାହାନ୍ତି । ଏଇ ଅରୁଣକୁ ମଣିଷ କରିବା ପୂର୍ବରୁ ଚୂନାବୋଉ ଆଖି ବୁଜିଲେ । ମରିବା ପୂର୍ବରୁ ସଜଳ ଆଖିରେ ଅନୁରୋଧ କରି ଯାଇଥିଲେ ସେ, ମୋ ଚୂନା ତମକୁ ଲାଗିଲା । ସେ ଯେମିତି ଦୁଃଖକଷ୍ଟ ନ ଜାଣେ । ତାକୁ ମଣିଷ ଭଳି ମଣିଷଟିଏ କରିବ ।

ନର ମହାନ୍ତଙ୍କର ସ୍ତ୍ରୀ କଥା ଏବେ ବି ମନେ ପଡ଼େ । ସେଇ ଘଟଣା ଆଖି ଆଗରେ ଛଳଛଳ ହୋଇ ନାଚିଯାଏ । ମନେ ପଡ଼େ ସେଇ ରୋଗିଣା ଶୋଷିଲା ମୁହଁଟିର ଆତୁର ନିବେଦନ । ମନ ମର୍ମାହତ ହୁଏ । ହୃଦୟ କାଉଁଳି ହୁଏ । ଭାବନ୍ତି ସେ, ନା, ଚୂନାକୁ ସେ ମଣିଷ ଭଳି ମଣିଷଟିଏ କରିବେ । ଯେତେ ଇଚ୍ଛା ପଢ଼ୁ ଚ ପଢ଼ୁ । ଯୋଉଯାଏ ପଢ଼ୁ, ସେ ପଢ଼େଇବେ ।

ଚୂନା ଲାଗି ସେ ଯୁବା ବୟସରେ ବି ଦ୍ୱିତୀୟ ପକ୍ଷ ଗ୍ରହଣ କଲେନି । ସାଇ ପଡ଼ିଶାଏ କେତେ କହିଲେ । ବନ୍ଧୁ ବାନ୍ଧବେ ଅନୁରୋଧ କଲେ । କାହାରି କଥାକୁ କାନ ଦେଲେନି ସେ । କେବଳ ସେ ଭାବୁଥିଲେ କେମିତି ଚୂନା ମଣିଷ ହେବ, ପାଞ୍ଚଜଣଙ୍କ ଆଗରେ ନାଆଁ ରହିବ । ସମବୟସିଆ ସାଙ୍ଗ ସାଥୀମାନେ ଥଟ୍ଟା କଲେ । କହିଲେ, ନର ମହାନ୍ତ ଦିବା ସପନ ଦେଖୁଛି । ପୁଅଟା ସକାଳେ ବାଆଙ୍କ ସାଜୁଛି । କେତେ କଷ୍ଟ କରିବ ? ବେଳ ଆସିବ, ବଳେ ପରର ଆଶ୍ରା ନେବ । ଛତରରୁ ହାଣ୍ଡି ପଟେ, ମାଇକିନାଟାଏ ଧରି ଆଣି ଘରେ ରଖିବ । ବଅସର ଦାଉ କିଏ ସହିଲାଣି, ନା ଏ ସହିବ ?

କିନ୍ତୁ ସହିଗଲା ନର ମହାନ୍ତ । ନିଜ ଛାତି ଉପରେ ପଥର ଲଦି ପୁଅକୁ ଧରି ସ୍ତ୍ରୀ କଥା ସହି ଚଳିଲା । ସମସ୍ତେ ଧନ୍ୟ ଧନ୍ୟ କଲେ । ଥଟ୍ଟା କଲା ବାଲା ତାଟକା ହେଲେ । ଗାଆଁ ଚାଟଶାଳୀ ପାଠ ସାରି ଚୂନା ଗଲା ପଢ଼ିବାପାଇଁ ସହରକୁ । ଆଶ୍ଚର୍ଯ୍ୟର ସୀମା ରହିଲାନି ଗାଆଁ ଲୋକଙ୍କର । ପ୍ରକୃତରେ ନର ମହାନ୍ତର ପଥର ଛାତି । ସବୁ ସହିଗଲା । ନିଜ କଥାର ଟେକ ରଖି ପାରିଲା ।

ଘରେ ଏକୁଟିଆ ଲୋକ ସେ । ଖାଇବା ପିଇବାରେ ଠିକ୍ ଠିକଣା ରହୁନା । ବୁଧୀ ଖୁଡ଼ୀଙ୍କୁ ଏ କଥାଟା ପସନ୍ଦ ହେଲାନି । ଦିନେ ନିରୋଳାରେ ଯାଇ ନରିକି ବୁଝେଇଲା । ଆରେ ବାପ, ଏ ବାଇସ୍ଥା ବୁଦ୍ଧି ଗ୍ରାଢ଼ । ବାହା ଭୋଳା ନ ହେଲୁ ନାହିଁ; ତାହାକୁ ଗୋଟିଏ ଆଣି ପାଖରେ ରଖ । ଭଲରେ ମନ୍ଦରେ ହେଲେ ସାହାଯ୍ୟ ହେବ ।

ବୁଧୀ ଖୁଡ଼ୀଙ୍କ କଥାକୁ ଶୁଣି ନରି ମହାନ୍ତି କହିଲେ, ନାହିଁ ଖୁଡ଼ୀ, ଆଉ ମତେ ଏତେ ଝଞ୍ଜଟ ଭିତରେ ପକାନା । ଏକା ଏକା ଭଲ । ଯାହା କରିବେ ସାଇଁ ତା' କାହାର ହାତରେ ନାହିଁ । ଯାହା ଦେଇଛନ୍ତି ସେଇଆ ଭୋଗିବି । ଆଉ କାହାକୁ ଗୋଟା ଆଣି କାହିଁକି ମଝିରେ ହରକତ କରିବି । ଟୁନା ମଣିଷ ହଉ । ଭଗବାନ ତାକୁ ଭଲ ବୁଦ୍ଧି ଦିଅନ୍ତୁ; ଏଇଆ ମୋର କାମନା ।

ବୁଧୀ ଖୁଡ଼ୀ ଦଣ୍ଡେ ଖିଝି କହିଲେ, ଟୁନାକୁ ମଣିଷ ହବାକୁ କେତେ ବାଧା ଦିନରେ ପାଗଲା । ତୁ ତୋ ବାଟ ଦେଖ । ଜୀବନଟାକୁ ଏମିତି କଲବଲ କରି ଆଉ କେତେଦିନ ଚଳିବୁ ? ବୟସ ଥିଲା, କରି ଯାଉଥିଲୁ । ଏଣିକି କ'ଣ ଆଉ ପାରିବୁ ? ମୁଁ କହୁଚି କ'ଣ କି, ଦୁଃଖୀ କୁ ଆଣି ପାଖରେ ରଖ । ତୋର ଭଉଣୀ ସେ । ଦୁଃଖରେ ରହିଲା କି ସୁଖରେ ରହିଲା, କାହାର ଆଗରେ କହି ବୁଲିବନି । ବିଚାରୀ ଗ୍ଲାନକପାଳୀ । କଞ୍ଚା ବୟସରେ ବିଧବା ହେଲା । ଦିଅର ଦେଢ଼ଶୁର ଗଞ୍ଜଣା ସେ ସହୁଚି । ତାକୁ ଆଣି ଘରେ ଆଶ୍ରା ଦେ ।

ନରି ମହାନ୍ତି ଘଡ଼ିଏ ଭାବିଲେ । ସତ କଥା । ବୁଧୀ ଖୁଡ଼ୀ ଭଲ କଥାଟାଏ ମନେ ପକାଇ ଦେଇଛି । ଦୁଃଖୀକି ଆଣି ଘରେ ଆଶ୍ରା ଦେଲେ ସେ ବି ଖୁସି ହବ । ନିଜେ ବି ସେ ଉପକାର ପାଇବ । ସେଇଦିନ ବେଳ ବୁଡ଼୍‌କୁ ନରି ମହାନ୍ତି ଯାଇ ଦୁଃଖୀ ଦୁଆରେ ହାଜର ହେଲା । ନିଜ ମନ କଥା ତାକୁ ଶୁଣେଇଲା । ଦୁଃଖୀ ଅମଙ୍ଗ ହେଲାନି । ଶାଶୁଘର ଅପେକ୍ଷା ବାପଘର ଢ଼ିଅ ଶହେଗୁଣ ଭଲ । ସେଠି ବାର ପଦ ସହିପାରିବ । କିନ୍ତୁ ଏଠି ନୁହେଁ । କୋଉ ସରାଗରେ ଏ ମାଟିକି କାମୁଡ଼ି ପଡ଼ି ରହିବ । ସଂସାରରେ ସୁଖ ବୋଲି

॥ ୨୨ ॥

ଗୋଟାଏ ଜହ୍ନପଖକୁ ଜାଣିବା ପୂର୍ବରୁ ମଥାରେ ବଜ୍ର ପଡ଼ିଲା । ସୀମନ୍ତରୁ ଲିଭିଲା ସିନ୍ଦୂର । ହାତରୁ କାଢ଼ିଲା କାଚ । ଆଖିରୁ ଝରିଲା ଅବିରତ ଲୁହ-ଧାର । ସତେ କି ଲୁହ ବଦଳରେ ଅନେକଗୁଡ଼ାଏ ଲହୁ ତା'ର ଆଖିର ପାଣି ବୁନ୍ଦା ଭିତରେ ଛଦ୍ମବେଶରେ ପଳାଇ ଗଲେ । ଦିନ କେଇଟାରେ ସେ ଦୁର୍ବଳ ହୋଇ ପଡ଼ିଲା । ହଠାତ୍ ବସନ୍ତର ବାଘ ଆସି ଝୁଣି ପକାଇଲା । ଅକାଳରେ ଦୁଃଖୀ ହେଲା ବୁଢ଼ୀ ।

କେତେ ସରାଗରେ ଭାଇ ପାଖକୁ ଖବର ପଠାଇଥିଲା ଦୁଃଖୀ ! ଟିକିଏ ତା'ର ପ୍ରିୟ ଗାଆଁ ମାଟିକି ଦେଖି ଆସିବ । ପିଲାଦିନର ହସ ଖେଳର ସାଥୀ ବଣ ଭୂଇଁକି ଆଖି ଖୋଲି ଦେଖିବ । ତା'ପରେ......; ସବୁଦିନ ପାଇଁ ଏ ଦୁନିଆରୁ ବିଦାୟ ନେଇଯିବ । ତା' ମତଗତ ବୁଝିଲା ନର ମହାନ୍ତି । ସେଦିନ ଦୁଃଖୀ ଘରୁ ଫେରିଲା ବେଳେ କହି ଆସିଥିଲା, କର୍ମକୁ ଆଦର ପଡ଼ିଆ ଲୋ ଦୁଃଖୀ ! ସେଇ ଭଗବାନଙ୍କୁ ଡାକ । ତୋ ଦୁଃଖ ସେଇ ବୁଝିବେ । ଏକମୁହାଁ ହୋଇ ଚାଲି ଆସିଥିଲା । ସତେ ଯେମିତି ଦୁଃଖୀର ଅନୁରୋଧ ସେ ଶୁଣିନ । ତା' ବୈଧବ୍ୟ ନର ମହାନ୍ତି ପ୍ରାଣରେ ଦାଗ ଆଙ୍କିନ । ତା'ର ସେଇ ଧଳା ଲୁଗା ପିନ୍ଧା ଆଉ ଲଙ୍ଗଳା ହାତ ଦି'ଟା ନିଷ୍ଠୁର ଭାଇ ପ୍ରାଣରେ କିଛି ପରିବର୍ତ୍ତନ ଆଣି ପାରିନ ।

ନର ମହାନ୍ତି ଫେରି ଆସିଥିଲା । ଭୋ-ଭୋ ହୋଇ କାନ୍ଦିଥିଲା ଦୁଃଖୀ । ସେ କାନ୍ଦଣା ତା'ର ଅନ୍ତର କୁହୁଳା ଉଠୁଥିଲା । କରୁଣତାରେ ଆକାଶ ଫାଟି ପଡ଼ୁଥିଲା । ସାଇ ପଡ଼ିଶାଙ୍କ ଆଖିରୁ ଲୁହ ଟପୁଥିଲା । ସମସ୍ତେ କହୁଲେ, କେମିତିଆ ପଥର ଛାତି ସେ ଭାଇଟାର ମ ! 'ଆ' ବୋଲି ସଙ୍ଗରେ ଡାକିଲାନି ?

କିଏ ଜାଣିଥିଲା, ନର ମହାନ୍ତି ମୁଣ୍ଡରେ ଆକାଶ ଛିଡ଼ିପଡ଼ିବ ବୋଲି ? ଦୁଃଖୀ ଘରୁ ଫେରି ସେ ଦେଖିଲା ତା' ସ୍ତ୍ରୀ ବାଧିକା ପଡ଼ିଛି । ଗୋଟାଏ ଦିନର କଥା । କାହୁଁ କାଳ ରୋଗ ମାଡ଼ି ଆସିଲା । ଦିନ ଦିଇଟାରେ କାମ ଶେଷ । ଦୁଃଖୀ ଘରକୁ ଆଉ ସେ ଯାଇନ । ତା' ଶୁଦ୍ଧିଘରର ଦି'ଦିନ ପରେ ନିଜ ସ୍ତ୍ରୀର ଶୁଦ୍ଧି । କପାଳରେ ହାତ ଦେଇ ସେ ବସିଲା । କ'ଣ ହେଲା ? ଭାଇ ଭଉଣୀଙ୍କର ସମଦଶା । କପାଳରେ କ'ଣ ଏଇଆ ଥିଲା ?

ସ୍ତ୍ରୀ ମଲା ପରେ ନର ମହାନ୍ତି ଅନୁଭବ କଲା ବିଚ୍ଛେଦର ଯନ୍ତ୍ରଣା । ରାତି ରାତି ଅନିଦ୍ରା ରହି ଭାବିଲା । ସେତିକ ବେଳେ ମନେ ପଡ଼ିଥିଲା ଦୁଃଖୀ କଥା । ଖୁବ୍ ପିଲାବେଳର କଥା । ଦୁଃଖୀ ତାଆର ଆଗର ପିଲା । ସାତ ବରଷ ସାନ ସେ । ତାକୁ କୋଳେଇ କାଖେଇ ମଣିଷ କରିଥିଲା ସିଏ । କଞ୍ଚା ବୟସରେ ସ୍ୱାମୀ ତା'ର ଆଖି ବୁଜିଲା । ଆହା, କେତେ ଦୁଃଖ ପାଉ ନ ଥିବ ସେ ! ବିଚାରି ଛଳଛଳ ଆଖିରେ ସେଦିନ ଅନୁରୋଧ କରୁଥିଲା, ଭାଇ ମତେ ଗାଆଁକୁ ନେଇ ଚାଲ ! କିନ୍ତୁ···,କିନ୍ତୁ ପ୍ରତ୍ୟୁତ୍ତର ଦେଇଥିଲା ସେ କ'ଣ ??

ମନ ହେଲା, ସେଇ ରାତିରେ ଯାଇ ତାକୁ ତା' ଶାଶୁଘରୁ ନେଇ ଆସିବ । କହିବ, ଦୁଃଖୀ ଲୋ ! ସୁନା ଭଉଣୀଟା ମୋର । ମୋ ଉପରେ ରାଗିଚୁ ? ଦେଖ୍, ତୋ ଦଶା ଯାହା, ମୋର ବି ସେଇୟା । ଚାଲ, ଘରକୁ ଚାଲ । ଫିରୁ ବୋଲି କହୁଥିଲୁ ପରା ? କିନ୍ତୁ···କିନ୍ତୁ···; ପୁଣି ଗୋଳମାଳ ହୋଇଗଲା ତା'ର ଭାବନା । କେମିତି ଯିବ ? କୋଉ ସାହସରେ ଯିବ ? ତାକୁ ସେଦିନ ଯୋଉ କଥା ଶୁଣେଇ ଆସିଛୁ, ସେ କ'ଣ ଆଉ ଆସିବ ?

ଦରଦୀ ବୁଝେ ଦରଦ । ସନ୍ତାନବତୀ ନାରୀ ବୁଝେ ସନ୍ତାନ ପ୍ରସବର କଷ୍ଟ । ସନ୍ତାନହୀନା ନାରୀ ବୁଝେନା । ସେ ଜାଣି ପାରେନା ସେ ଯନ୍ତ୍ରଣା କେତେ କଷ୍ଟ ! ବିଚ୍ଛେଦ ଯନ୍ତ୍ରଣା ବୁଝେ ବିରହୀ । ସୀତାଙ୍କ ମହତ୍ତ୍ୱ ବୁଝିଥିଲେ ରାମଚନ୍ଦ୍ର ତାଙ୍କୁ ନିର୍ବାସିତ କରି । ରାଜକାର୍ଯ୍ୟ ସମସ୍ତ ଆକର୍ଷଣ ତାଙ୍କୁ ବିଷ ସଦୃଶ ବୋଧ ହେଉଥିଲା । ରାଜପରିଷଦ ବର୍ଗ ତାଙ୍କୁ ଯମଦୂତ ଭଳି ଜଣା ପଡ଼ୁଥିଲେ । ବସନ୍ତ ବିହାର ତାଙ୍କୁ ବିରହ ଜର୍ଜର କରି ଦେଉଥିଲା । ଜଳ ସ୍ଥଳ ଆକାଶରେ ଭାସି ଉଠୁଥିଲା କେବଳ ସୀତାଙ୍କର ମୁଖମଣ୍ଡଳ । ହସ ହସ ମୁହଁ । ସ୍ୱାମୀ ଭକ୍ତିର ମହନୀୟତାର ପ୍ରତିମୂର୍ତ୍ତି । ସ୍ୱପ୍ନରେ ତାଙ୍କ ଆତ୍ମାପୁରୁଷ ଚିତ୍କାର କରୁଥିଲା, ସୀତା କଳଙ୍କିନୀ ନୁହେଁ—ସତୀ, ସାଧ୍ୱୀ; ପବିତ୍ର ମନ୍ଦାକିନୀ ଧାରା । ତାଙ୍କର ଲୋଡ଼ା ନାହିଁ ଅଯୋଧ୍ୟାର ରାଜ ସିଂହାସନ । ଲୋଡ଼ା ନାହିଁ ରାମରାଜ୍ୟର ଜୟଜୟକାର । ସେ କେବଳ ଚାହାନ୍ତି ତାଙ୍କ ପ୍ରାଣ ପ୍ରତିମା ସୀତାଙ୍କୁ । ସେ ବିଚ୍ଛେଦ ଯେତେ ଯେତେ ପୁରୁଣା ହେଉଥିଲା,

ରାମଚନ୍ଦ୍ର ସେତେ ପାଗଳ ହୋଇ ଉଠିଥିଲେ । ଆଉ ସୀତା ସେତେ ତାଙ୍କ ଆଗରେ ମହାନ୍ ହୋଇ ପଡ଼ୁଥିଲେ । ସେଇଥିପାଇଁ ସେ ଅଶ୍ୱମେଧ ଯଜ୍ଞରେ ଜାନକୀ-ଜାନକୀ ପାଖରେ ରଖି ସ୍ୱାମୀତ୍ୱର ଚରମ ପରାକାଷ୍ଠା ଦର୍ଶାଇ ଥିଲେ । ରାମଚନ୍ଦ୍ରଙ୍କୁ ପୁନଆରେ ଦ୍ୱିତୀୟ ଦାର ଗ୍ରହଣ କରିବାକୁ କେହି ବାଧା ଦେଇ ନ ଥିଲେ । ତାଙ୍କ ପିତା ଦଶରଥଙ୍କର ତ ପୁଣି ସାତଶ' ପଚାଶ ପତ୍ନୀ ଥିଲେ । ମାତ୍ର ତାଙ୍କୁ ବାଧା ଦେଲା ତାଙ୍କ ବିବେକ । ସଦାସର୍ବଦା ସୀତାଙ୍କର ସେଇ କମଳ-କୋମଳ ମୁହଁ ତାଙ୍କୁ ପାଗଳ କଲା ।

ନର ମହାନ୍ତି ପାଗଳ ବି ହୋଇ ପାରିଲାନି । ରାମଙ୍କ ରାଜକାର୍ଯ୍ୟ ଭଳି ଗୃହକାର୍ଯ୍ୟରେ ସେ ବ୍ୟସ୍ତ ରହିଲା । ଭୁଲିଗଲା ଭାଇ, ବନ୍ଧୁ, କୁଟୁମ୍ବ । ଆଖି ଆଗରେ ସଦାସର୍ବଦା ନାଚିଲା ସୀତା ସଦୃଶା ତା'ର ପତ୍ନୀ ସାବିତ୍ରୀର ମୁହଁ । ମଲାବେଳେ ଅରୁଣକୁ ମଣିଷ କରିବାକୁ ଅନୁରୋଧ କରି ଯାଇଥିଲା ସାବିତ୍ରୀ । ଭୁଲି ପାରିନି ନର ମହାନ୍ତି ସେଇ କଥା ପଦକୁ ତା' ଜୀବନରେ । ସେଇ ହେଲା ତା' ଚଲାପଥର ବ୍ରତ । ଅରୁଣ ମଣିଷ ହେବ । ସେ ଭୁଲିଗଲା ପୁନଆକୁ । ମାତ୍ର ଭୁଲି ପାରିଲାନି ସାବିତ୍ରୀର ଅନ୍ତିମ ନିବେଦନକୁ । 'ଟୁନାକୁ ମଣିଷ କରିବ । ସେ ମୋ ପୂଜାର ଫୁଲ'...

ସାତବର୍ଷ ବିତିଗଲା । ନର ମହାନ୍ତିର ଆଉ କାହାରି କଥା ମନେ ପଡ଼ୁନି । ସେ ଯେମିତି କି ଆଉ କାହାର ସହିତ କଥାବାର୍ତ୍ତା ହେବାକୁ ବି ସମୟ ପାଉନି । ମାତ୍ର ଦିନେ ଦୁଃଖୀ ଆସିଲା ନର ମହାନ୍ତି ଘରକୁ । ସେଦିନ ସକାଳୁ ଉଠି ସେ ବଳଦ ଖୋଉଥିଲା । ସାଙ୍ଗରେ ଦଶରର ପୁଅ ଅଭୟକୁ ଧରି ଦୁଃଖୀ ଆସି ପହଞ୍ଚିଲା ତା'ର ଘରେ । ମଥା ନୁଆଁଇ ପ୍ରଣାମ କଲା । ଚମକି ପଡ଼ିଲା ନର, କିଏ ଏ... ?

ମୁଣ୍ଡର ଅଧାବାଳ ପାଚି ଗଲାଣି । ଆଖି ଭିତରକୁ ପଶିଗଲାଣି । ପିନ୍ଧିଛି ଖଣ୍ଡେ କସ୍ତା ଧଳାଲୁଗା । କାର୍ତ୍ତିକ ମାସ । ସୋମବାର । ଶିବମନ୍ଦିର ଯାଇଥିଲା ସେ । ବାଟରେ ଭେଟଗଲା । କେହି ବାଟୋଇ କି ?

ମତେ ଚିହ୍ନିପାରୁନା ଭାଇ ?

କିଏ ଦୁଃଖୀ ... !!!

|| ୨୫ ||

ଆଶ୍ଚର୍ଯ୍ୟ...!! ଏକବାରେ ଆଶ୍ଚର୍ଯ୍ୟହୋଇ ଯାଇଥିଲା ନର । ଆଖିରୁ ଦୁଇବୁନ୍ଦା ଲୁହ ନିଗାଡ଼ି ସେଦିନ କହିଥିଲା, ସତେଲେ ଦୁଃଖୀ, ତୁ ମୋତେ ଆଜି ଚିହ୍ନି ହେଉନୁ । କାଲି ସକାଳର ପିଲାଟା । ପାଠଏ ବରଷ ବୁଢ଼ୀଭଳି ଦିଶୁଚୁ । କହୁ କହୁ କାନ୍ଦି ଉଠିଲେ ନର ମହାନ୍ତି ।

ଖାଲି ହାଙ୍ଗରେ ତାଳ ମିଳାଇ କେବଳ କାନ୍ଦିଥିଲା ଦୁଃଖୀ । କିଛି କହି ପାରି ନ ଥିଲା । ଘର ଦୁଆର ଟିକେ ବୁଲିସାରି ପଚାରିଲା, ଟୁନା କାହିଁକି ଗଲା ?

ସେ କଟକରେ ?

କ'ଣ ପଢୁଚି ସେଇଠି ?

ହୁଁ—

ଆହା, ଟିକେ ଦେଖି ପାରିଲି ନି । କେତେ ସଖରେ ଆସିଥିଲି ।

ନର ମହାନ୍ତି ମନ ଭାବୁଥିଲା କହନ୍ତା, ତୁ ରହିଯା ଏଇଠି ଦୁଃଖୀ । ମୁଁ ତାକୁ ଡକେଇ ପଠେଇବି । ମାତ୍ର ଜିଭ ତା'ର ଅଟକିଗଲା । କେମିତି କହିବ ? କୋଉ ସାହସରେ କହିବ ? ମନର କୋଉ ଦୁର୍ବଳ କୋଣରେ କୋହର ଜୁଆର ଉଠିଲା । ନା, ତା' ଇଚ୍ଛା । ସେ ଯଦି ରହିବ ରହୁ । ଆଉ କିଛି କହି ପାରିଲାନି । ଦୁଃଖୀ ବି ରହି ପାରିଲାନି ବେଶୀ ସମୟ । କହିଲା, ଖାଲି ଯାଉଚି । ଠାକୁର ପାଖକୁ ଆସିଥିଲି । ଅଭସ୍ତ ବ୍ୟସ୍ତ ହେଲାଣି । ମୁଁ ଯାଉଛି । ନର ମହାନ୍ତି କିଛି କହି ପାରିଲେନି । କହି ପାରିଲେନି ବି, ରହି ଯେ ଦୁଃଖୀ ! ଗଣ୍ଡାଏ କ'ଣ ମୁହଁରେ ଦେଇଯିବୁ ।

ଦୁଃଖୀ ଚାଲିଗଲା । ତା'ପରେ ଆଉ କେବେ ଆସିଲାନି । ନର ମହାନ୍ତି ବି କେବେ ତା' ଘରକୁ ଯାଇନାହିଁ । ମାତ୍ର ହଠାତ୍ ଗର୍ଧୀଟୁଲ୍ଲୀ କଥାରେ ସେଦିନ ନର ମହାନ୍ତିର ବହୁଦିନର ତପସ୍ୟା ଯେମିତି ଭାଙ୍ଗିଲା । ଛୁଟିଲା ଦୁଃଖୀ ଘରକୁ । ନିଜର ସମସ୍ତ ଭୁଲକୁ ସେ ସ୍ୱୀକାର କରିବାକୁ ପ୍ରସ୍ତୁତ ଥିଲା । ମାତ୍ର ଭୁଲଟି ଟିର ବଗୃର ହୋଇ ନଥିଲା । ନର ମହାନ୍ତିର ପ୍ରସ୍ତାବ ସାଙ୍ଗେ ସାଙ୍ଗେ ଦୁଃଖୀ ରାଜି ହୋଇଗଲା । ରାଜି ହୋଇଥିଲେ ଅନ୍ୟାନ୍ୟ ସଭିଏ । କାହାର ଆପତ୍ତି ନଥିଲା । ଆପତ୍ତି ବା କରିବେ କାହିଁକି ? ଖଟୁଥିଲା ଖାଉଥିଲା । ଖଟିବନି, କି ଖାଇବନି । ବାସ୍ !

॥ ୧୭ ॥

ଦୁଃଖୀ ଆସି ରହିଲା ନର ମହାନ୍ତି ଘରେ । ଅନେକଥର ମଝିରେ ଦୁ
କହେ, ଭାଇ, ମୁଁ ଯିବି । ନର କହେ, ଆଉ ଦିନ କେଇଟା ରହିଯା । ଦୁଃ
କହେ, ତତେ କ'ଣ ଏଠି ରହିବାକୁ ଖରାପ ଲାଗୁଛି ! କିଛି କହି ପାରେନି
ଦୁଃଖୀ । ଭାଇର ଯୁକ୍ତିକୁ କାଟିବାକୁ ସେ ଶକ୍ତି ହରାଇ ବସେ ।

ସମୟର ସୁଅ ମୁହଁରେ ପକ୍ଷ ମାସ, ଋତୁ, ଦିନ ସବୁ ଭାସି ଯାଉ-
ଥିଲେ । ଦୁଃଖୀ କି ହିସାବ ରଖୁଥିଲା ସେମାନଙ୍କର । ମାର୍ଗଶିର ଗଲା, ଫଗୁ
ଆଇଲା । ଶୀତ ଗଲା, ଆଇଲା ବସନ୍ତ । ପାଞ୍ଚଟା ବସନ୍ତ ସେ ପୁଣି କଟାଇ
ଦେଲା ତା'ର ସେଇ ପିତୃ-ପିତା ଡିହ ଉପରେ । ବର୍ଷେ ନୁହେଁ, ପାଞ୍ଚ ବର୍ଷ
ବିତିଗଲାଣି । ଦୁଃଖୀ ଆଉ କହୁନି ଫେରିଯିବାକୁ । ନର ମଧ୍ୟ ଆଉ ଦୁଃଖୀ
ପାଇଁ ବ୍ୟସ୍ତ ନୁହେଁ । ସେ ଦେଖିଲା, ଦୁଃଖୀ କୁ ଏ ଘର ପୁଣି ମନେଇ
ଗଲାଣି । ସୁଧୀ ଶୁଣ୍ଡୀ, ଧୋବାଘର ଗୋଉନ, ଯଦୁ ଅପା ଆଦିଙ୍କ ସାଙ୍ଗରେ
ପୁଣି ସେ ତା'ର ହସ ଖୁସିର ସଂସାର ଗଢ଼ି ନେଲାଣି ।

ବୀଣା, ରେଣୁ, ଗିନୁ ଆଦି ଝିଅମାନଙ୍କ ମୁରବି ସାଜି ଦୁଃଖୀ ସବୁ
ଆଡ଼େ ଆଗଭର ହେଲାଣି । ସବୁଠୁଁ ସେ ବେଶୀ ଭଲ ପାଏ ଅରୁଣକୁ ।
ଅରୁଣ ଆସିଲେ ତା' ପାଦ ତଳେ ଲାଗେନା । କୋଉଠୁଁ କ'ଣ ଆଣିବ,
ପୁଅଟା କେମିତି ମୁଠାଏ ଭଲ ଖାଇ ଖାଇବ, ସବୁବେଳେ ତା'ର ସେଇ
ଚିନ୍ତା । ଅରୁଣ ଆସିବା ଦିନ କେଇଟା ତା'ର ମହଜ ମଜଲିସ୍‌ର ଦିନ ।
କୋଟିନିଧି ପାଇଲା ଭଳି ହୁଏ । ଆଉ ସମସ୍ତଙ୍କୁ କହି ଦିଏ, ଏ ଦିନ କେଇ-
ଟାରେ ତାକୁ କେହି ଖୋଜିବ ନି । ସେ କୁଆଡ଼େ ଯାଇ ପାରିବନି । ସଞ୍ଜ
ସକାଳ ତା'ର ସବୁ ସମାନ ।

ନର ମହାନ୍ତି ଅରୁଣକୁ ଆକଟ କରି କହିବା ସମୟରେ ଦୁଃଖୀ
କହିଲା, କ'ଣ ପିଲାଟା କରୁଛି କରୁ । ନିଦ ଆସିଲେ ବଳେ ଶୋଇବନି ।
ତମେ ପାଟି କରୁଚ କାହିଁକି ଭାଇ ? ତୁମକୁ ଯଦି ନିଦ ଆସିଲାଣି ଯାଇ
ଶୋଉନା ।

ଅରୁଣ ତା' ଛୁଟିରେ ଶେଷ ରାତି ମାରୁ ମାରୁ ବାପା ଆଉ ଦୁଃଖୀ
ଅପାଙ୍କର କଥାବାର୍ତ୍ତା ଶୁଣୁଥିଲା । ବାପା ତା'ର ଅପାର କଥାକୁ ଖାତିର ନ ପାଏ

ଦାଣ୍ଡଆଡ଼କୁ ଚାଲିଗଲେ । ବଳଦଟାଏ ତାଙ୍କୁ ଦେଖି ହମ୍ବାଇଲା । ଝୁଣ ବଡ଼ାଏ ଫିଙ୍ଗାଇ ପକାଇ ଦେଉଁ ଦେଉଁ ସେ କହୁଥିଲେ, ଶୋଇ ପଡ଼ରେ, ଦିନସାରା ଖଟିଛ । ବିଶ୍ରାମ କର ।

ବାପାଙ୍କ କଥାକୁ ଅମାନ୍ୟ କରିବାକୁ ଅରୁଣ କାହିଁ ଠିକ୍ ମନେ କଲା ନା । ତେବେ, କାଲି ଆଉ ସକାଳ ରଖି ଆଲୁଅ ଲିଭାଇ ଦେଲା । ବଳଦ ଦି'ଟା କଥା ମାନୁଛନ୍ତି ମଣିଷର । ସେ ତ ମଣିଷ ।

ଅରୁଣ ସହରକୁ ଫେରିଗଲା । ଗାଉଁଲି ପରିବେଶ ଛାଡ଼ି ଆସିଥିବାରୁ ମନଟା ତା'ର ଖାଲି କୋଳେଇ ଘାଣ୍ଟି ହେଲା । ମନେ ପଡ଼ିଲା, ବୀଣା କଥା; ଦୁଃଖୀ ଅପା କଥା; ବାପ କଥା; ଆଉ ଗାଁ'ର ସାଙ୍ଗସାଥିମାନଙ୍କର ହସ ଖୁସି କଥା । ସେ ତା'ର ଅତି ପ୍ରିୟ ଜିନିଷକୁ ଛାଡ଼ି ଆସିଲା ଭଳି ମନେ କଲା । ସେମାନେ ଯେମିତି ଖୁବ୍ ଆପଣାର ।

ଫେରିଲା ଦିନ ବୁଧୀ ଆଈ କହୁଥିଲା, ଆମ କଥା ସବୁ ମନେ ରଖିଥିବୁ ରେ ନାତି ! ମୁଁ ତ ପାଚିଲା ଫଳ । କୋଉ ଘଡ଼ିରେ ଝଡ଼ି ପଡ଼ିବି କିଏ ଜାଣେ ? ମନେ ରଖିଥିବୁ ।

ବୀଣା କହିଲା, ଅରୁଣ ଭାଇ ! ମୋ'ପାଇଁ କ'ଣ ଗୋଟାଏ ବଢ଼ିଆ ଜିନିଷ ଆଣିବ ।

ବୁଧୀ ଆଈ ଆଇ କହିଲା, ହଁ, ତା'ପାଇଁ ଗୋଟାଏ ଭଲ ବର ଆଣିବୁରେ... !

'ଚୁପ୍ ! ଏ ବୁଢ଼ୀ କେତେ ବକାସି ଲୋ ମା ! ବୀଣା ବିରକ୍ତି ପ୍ରକାଶ କରି କହିଲା ।

ହସିଥିଲା ଅରୁଣ ।

॥ ୧୮ ॥

ଚୁପି ଚୁପି ଟିକଏ ହସିଥିଲା ବୀଣା ।

ରାଧୀ ଆଉ ହସୁ ହସୁ କହୁଥିଲେ, ବୀଣା ପାଇଁ ପାତ୍ରଟିଏ ଦେଖିଥିବୁରେ ! ନଜରରେ ପକେଇଥିବୁ । ମିଛ ନୁହେଁ ମ । ଯଦି ହୁଏ ଏଇ ସାଲେ ଉଠେଇ ଦବା । ଝିଅ ଘିଅ, ଆଉ କେତେଦିନ ଧରି ବସିବା ।

ଆଉ କଥା ଶୁଣି ବୀଣା ଉଠି ପଳାଇଲା । ଅରୁଣ ଦେଖିଲା ଝରକା ପାଖରେ ସେ ଯାଇ ଠିଆ ହୋଇ ତା' ଯିବା ବାଟକୁ ଚାହିଁ ରହିଛି । ଆଖି ଛଳଛଳ । ଆଈଠୁ ବିଦାୟ ନେଇ ଫେରିଲାବେଳେ ପୁଣି ଥରେ ଫେରି ଚାହିଁଥିଲା ସେ ବୀଣାଆଡ଼େ । ସେଇ ସଜଳ ଚାହାଣୀ । ଅବ୍ୟକ୍ତ ଭାଷା । ସେ ଯେମିତି ଏ ଖାପଛଡ଼ା ଜୀବନକୁ ପସନ୍ଦ କରେନା । ଚାହେନା ଅରୁଣ ତା' ହସ ଖୁସି ଜୀବନ ଭିତରେ ପୂର୍ଣ୍ଣଚ୍ଛେଦ ଟାଣୁ । ଏଇଠି ରହୁ ସେ । ଚିର ଅଙ୍କେ । ସେ କେବେ ଆଉ ତାକୁ ବିରକ୍ତ କରିବନି; ଆଉ କେବେ ନୁହେଁ । କାନ୍ଦି କାନ୍ଦି ସେ ଯେମିତି କ୍ଷମା ମାଗୁଥିଲା ।

ସବୁ ଚିନ୍ତା, ସବୁ କାମନା ଗୁଡ଼ା ତା'ର ଚୂରମାର ହୋଇଗଲେ । ବିଷାଦ ପାହାଡ଼ରେ ପିଟି ହୋଇ ଲୁହ ବର୍ଷା କଲେ । ତିନ୍ତିଲା ପିନ୍ଧା ଲୁଗା କାନି । ମୂକ ହେଲା ମନର ଭାଷା, ଆଖିର ବେଲାଭୂମି ପାଖରେ । ସ୍ତବ୍ଧ ହୋଇ ବୀଣା ଚାହିଁଥିଲା ଅରୁଣର ଯିବା ବାଟକୁ । ଅରୁଣ ଚାଲିଯାଉଛି, ଆଉ କେବେ ଫେରିବ ? କେବେ ? ? ? କେବେ ଫେରିବ ?

ଅରୁଣ ବିଦାୟ ବେଳରେ ପୁଣି ଥରେ କହିଲା, ଯାଉଛି ବୀଣା··· ! ଅଃ ! ହଠାତ୍ କଣ କ'ଣ ଯେମିତି ଗୁଡ଼ାଏ ଆସି ପିଟି ହୋଇଗଲା ବୀଣାର ଗୋଲାପୀ ମୁହଁରେ । ଆଖି ମୁଦି ହୋଇଗଲା ତା'ର । ଦୁଇବୁନ୍ଦା ଲୁହ କେବଳ ଗଡ଼ି ଆସିଥିଲା ତା'ର ସ୍ପନ୍ଦିତ ଅଧର ନିକଟକୁ । ଅରୁଣ ମୁହଁ ବୁଲାଇଲା । ଜାଣି ପାରିଲାନି ବୀଣା କାହିଁକି କାନ୍ଦିଲା ? କାହିଁକି...? ? ? ସତେ ଯେମିତି ବୀଣାର ସକଳ ତନ୍ତ୍ରୀ ବ୍ୟଥାରେ ଝଙ୍କାରିତ ହୋଇ ଉଠିଥିଲା ।

କର୍ମସ୍ଥଳୀକୁ ଫେରି ଆସିଚି ଅରୁଣ ।
ସାଙ୍ଗରେ ନେଇ ଆସିଚି ସେଇ ସନ୍ଧ୍ୟାକୁ ।
ଆଗରେ ସନ୍ଧ୍ୟା । ଘରେ କୁସି ଭଉଣୀ...

ସହରର ପ୍ରତି ଅଣୁ ପରମାଣୁକୁ ଅନ୍ଧାର କରବାକୁ କଳା ରାତି ମାଡ଼ି ଆସିଲା । ମାଡ଼ି ଆସିଲା ଧରଣୀର କୃଷ୍ଣକବରୀ ଛୁଇଁ ଛୁଇଁ । ଘୂମନ୍ତ ଧରିତ୍ରୀର ମଉନତାକୁ ଉପହାସ କରି ଜଳୁଥିଲା ରାସ୍ତାର ବିଜୁଳିବତୀ । ମୁକ୍ତ ବାତାୟନ ପଥ ଦେଇ ଅରୁଣ ଚାହିଁଥିଲା ବାହାରକୁ ! ବାହାରେ...ସେଇ ବିଜୁଳିବତୀ ପାଖରେ ଠିଆ ହୋଇଛି ବୀଣା । କାନ୍ଦୁଛି । କିନ୍ତୁ କାହିଁକି ? କାହିଁକି ସେ ଅଧୀର ହେଉଚି ଏତେ ? କେତେ ଥର ତା ଘରକୁ ସେ ଯାଇଚି । ସେଇ ବୀଣା ତ ଉଦଣ୍ଡୀ ଭଳି ଆସି ତା'ର ସାଙ୍ଗରେ ହସିଚି, ଖେଳିଚି, ଆନନ୍ଦରେ ବିଭୋର ହୋଇ ନାଚିଚି; ପତ୍ରା ବହିରେ ନାଆ ଲେଖି ଦେବାକୁ ଅନୁରୋଧ କରିଛି । କିନ୍ତୁ ଏଥର...

ଏଥର ତ କିଛି କହି ନଥିଲା । କେବଳ ଅନୁରୋଧ କରିଥିଲା, ବିତିଆ ଜିନିଷ ନେବାକୁ । କ'ଣ ତା'ର ସେ ବିତିଆ ଜିନିଷଟା ? ବୀଣା ଆଉ ପାଠ ପଢ଼ୁନି । ସର୍ବପ୍ରଥମ ଦେଖାରେ ପ୍ରଥମ କଥାରେ ହିଁ ସେ ସେଇକଥା କହି ବସିଥିଲା । ଅରୁଣ ଭାଇ ! ମୁଁ ଆଉ ପଢ଼ି ପାରିଲିନି .. । ତମେ ଶୁଣିଲେ ନିଶ୍ଚୟ ଦୁଃଖ କରିବ । ବାସ୍ତବିକ ଦୁଃଖ କରିବାର କଥା । ବୀଣାକୁ ସେ ପ୍ରତି-ଥର କହି ଆସିଥିଲା, ମନ ଦେଇ ପଢ଼ । ନହେଲେ ତତେ କେହି ପଢ଼ାଇ-ବାକୁ ଆଗ୍ରହ ପ୍ରକାଶ କରିବେନି ।

ପ୍ରକୃତରେ ମନ ଦେଇ ପଢ଼ୁଥିଲା ସେ । ଶ୍ରେଣୀରେ ବରାବର ପ୍ରଥମ ହୋଇ ଆସିଥିଲା । ପ୍ରତିଥର ଆଗ୍ରହ ସହକାରେ ପରୀକ୍ଷା ଫଳ ଶୁଣେଇ କିଛି ନା କିଛି ଦାବୀ କରି ଆସିଥିଲା । ଏଥର...... ? ? ? ହଁ, ଦାବୀ କରିଥିଲା ତା'ର ସେଇ ନିର୍ଜୀବ ଫଟଟି ପାଇଁ । ମାତ୍ର ସେ ତ ଭୁଲିଯାଇଛି ସେ ଛବିଟି ତାକୁ ଦେବାକୁ ।

ଛବିଗୁଡ଼ିକ କାଢ଼ି ଅରୁଣ ଏଥର ଦେଖିବସିଲା । ଏଇ ତ ବୀଣା । ନଡ଼-କୋଳି ଗଛକୁ ଆଉଜି ଠିଆହୋଇଛି । ହୁଏତ କେଉଁ ଦୂରରେ କାହାକୁ ଚାହିଁ । କାହାକୁ ଚାହିଁଚି ? ସିଏତ ଥିଲା ସେଇ ଦୂରନ୍ତର ପଣତରେ ! ସିଏ ତ ବସିଥିଲା ସେଇ ଘନ ଆମ୍ରକୁଞ୍ଜର ଆଢ଼ୁଆଳରେ ! ! ତେବେ ତାଆରି ଆଡ଼କୁ ଚାହିଁ ସେ କ'ଣ ହସୁଥିଲା ! ! ! ବୀଣାର ହୃଦୟରେ ତେବେ କ'ଣ ଦୁର୍ବଳତା ଦେଖା ଦେଇଥିଲା ? ନା-ନା-ନା, ବୀଣା ତାକୁ ସ୍ନେହ କରେ । ସ୍ନେହ

କରେ ପିଲାଦିନର ସାଙ୍ଗ ହିସାବରେ; ଧୂଳି ଖେଳର ସାଥୀ ଭାବରେ। ତା'ର କୋମଳ ପବିତ୍ର ମନକୁ କଳୁଷ କାଳିମା କେବେ ସ୍ପର୍ଶ କରିନି। ସେ ନିର୍ମଳ, ସଦାସର୍ବଦା ନିର୍ମଳ।

ପୁଣି ଥରେ ଚିଠିଗୁଡ଼ିକ ଆଡ଼େ ଚାହିଁଲା ଅରୁଣ। ଏଇ ଚିଠି 'ପ୍ରତୀକ୍ଷା ଓ ଉତ୍କଣ୍ଠା'—ତା'ର ପାଇଁ ଉତ୍ସର୍ଗୀକୃତ। ଏଇଥିପାଇଁ ବୀଣା ବୋଧେ କହିଥିଲା ଭଲ ଜିନିଷ କ'ଣ ଆଣିବାକୁ। ତା'ର ଭୁଲା ମନକୁ ସ୍ମରଣ କରାଇ ଦେବାକୁ ବୋଧେ ସେ ଏ କଥା କହିଥିଲା। ପିଲା ବୟସର ସାଥୀ ପାଖରେ ଏକ ଆନ୍ତରିକତା ଦାବୀ ଛଡ଼ା ଏଇଟା ଆଉ କ'ଣ ହୋଇପାରେ !

ଏ ବୟସରେ ନିଃସଙ୍ଗତା ଖୁବ୍ ବାଧେ। ହସପଖେଳା ଦିନ କେଇଟା ବିତିଯିବା ପରେ ନିଃସଙ୍ଗତା ପୁଣି ଜାବୁଡ଼ି ଧରେ। ବୀଣା କାନ୍ଦିଥିଲା ବୋଧେ ସେଇଥିପାଇଁ। ବୀଣା ପ୍ରତି ତେବେ କ'ଣ ତା'ର ଦୁର୍ବଳତା ଥିଲା ?? ନା···, ବୀଣା ତାକୁ ସ୍ନେହ କରେ। ଭକ୍ତି କରେ। ଭୟ ମଧ୍ୟ କରେ। କିନ୍ତୁ ସେ ଆଜି ଜୋର ଦେଇ କହି ପାରିବନି ବୀଣାର ଛବି ଆଙ୍କିଲା ବେଳେ ତା' ମନ ମଧ୍ୟରେ ଯେଉଁ ଦୁର୍ବଳତା ଦେଖା ଦେଇଥିଲା, ସେ···

ରକ୍ତ, ମାଂସ ଆଉ କେତେ ଗଣ୍ଡା ସ୍ନାୟୁ ତନ୍ତୁ ନେଇ ମଣିଷର ଶରୀର ଗଢ଼ା। ତାର ଭିତରେ ପୁଣି କାମନା ସମ୍ଭୋଗ ଆଉ ଅହଂକାରତାର ରାଜୁତି। ଦୁର୍ବଳ ମନଟା ତା'ର ଏକ ନିରୀହ ପ୍ରଜା। ସମସ୍ତଙ୍କର ପ୍ରଭୁତ୍ୱ ତାଆର ଉପରେ। ସେ କହି ପାରିବନି, କାମନା-ରଜାର ପ୍ରେରଣା ପାଇଁ କେଉଁ ମୁହୂର୍ତ୍ତ ଦୁର୍ବଳ ନ ହୋଇଛି ବୋଲି। ସେ କହି ପାରିବ କି କାହିଁକି ବୀଣାର ଦୁଇ ଦୁଇଟା ଛବି ଆଙ୍କିଲା ? କାହିଁକି ତା' ଦେହରେ ଅତନୁର ସ୍ୱର୍ଣ୍ଣଲାଳସା ମାଖିଲା ? କାହିଁକି ତା' ଓଠରେ ଆଙ୍କିଲା ସୃଷ୍ଟି ଭୁଲାଣିଆ ହସ ? କାହିଁକି ତା' ଆଖିରେ ଖଞ୍ଜିଦେଲା ପଥର ଭେଦ କରିବା ଲଗି ଚାହାଣୀର ଶକ୍ତି ? ଶିଳ୍ପୀର ମନ ନିଶ୍ଚୟ ଦୁର୍ବଳ। ନିଶ୍ଚୟ··· !

ପୁଣି ମନ ଭିତରୁ କିଏ ଯେମିତି ଉତ୍ତର୍କି ଉଠି କହିଲା, କାଇଁ ଦିନେ ହେଲେ ତ ସେ ତାର ଦୁର୍ବଳତାକୁ ପ୍ରକାଶ କରିନି। କ'ଣ ସୁଯୋଗ ଅଭାବ ଥିଲା ! କାହିଁକି, କାହିଁକି ସେ ପାରିଲାନି ??? ନା, ତା'ର ମନ ନିର୍ମଳ

ଲ୍ଲ । ସାମୟିକ ଦୁର୍ବଳତା ଆବହାଓ୍ୱାରେ ହୁଏତ ଭ୍ରମ ଆସି ଥାଇପାରେ । ଯ ସେ ବୀଣା ପାଖରେ ଦୁର୍ବଳ ନୁହେ । କଳୁଷିତ ନୁହେଁ କେବେ ଶିଳ୍ପୀର ସ୍ୱଚ୍ଛ ମନ ।

ବୀଣାକୁ ସେ ଏ ଚନ୍ଦ୍ରପଟ୍ଟଟି ଉପହାର ଦେବ; ନିଶ୍ଚୟ ଦେବ । ତେବେ ଜି ନୁହେଁ । ସେ ଦିନ ଆସୁଚି । ଯେଉଁଦିନ ବୀଣାକୁ ଦେଖିବ ବଧୂବେଶରେ । ଓଢ଼ଣା ତଳେ ତା'ର ହସନ୍ତ ଲାଜକୁଳା ମୁହଁ ଯେଉଁଦିନ ଝାଉଁଳି ପଡ଼ୁଥିବ, ସେଇଦିନ । ସେଇଦିନ ଏଇଟିକୁ ଦେଇ କହିବ, ଅରୁଣ ଭାଇ ତୋର ଆଉ କିଛୁ ଦେଇ ପାରିବନି ଲୋ ବୀଣା ! ନେ, ଏଇ ଚନ୍ଦ୍ରପଟ୍ଟଟି ନେ । ଏଇ ମର ବାଲ୍ୟଠୁଁ ଯୁବା ବୟସର ସ୍ମୃତିର ପୃଷ୍ଠା । ପରସ୍ପର ଭଲ ପାଇବାର ସ୍ତକ ।

ବୀଣା ! ତୁ ହୁଏତ ଶୋଇ ସାରିଲୁଣି ଅନେକବେଳୁ । ମୁଁ ତୋରି କଥା ାବୁଚି ବସି । ଭାବୁଚି ତୋର ଭବିଷ୍ୟତ ଆଉ ମୋର ବି । ଆହୁରି ପାଠ ଢ଼ିବି । ଟ୍ୟୁସନି କରି ଆହୁରି ସମସ୍ତ ଖର୍ଚ୍ଚ କରିବି । କଳାର ସାଧନା ରିବାକୁ ଯିବି ଶାନ୍ତି ନିକେତନ । ବି. ଏ. ପଢ଼ା ଏଇ ବର୍ଷ ଆରମ୍ଭ କରିଛି ସଇଠି । ଜାଣେ ବାପା ଅରାଜି ହେବେନି । ସାଧନାର ପୀଠଭୂମିରେ ମୁଁ ହେବି ସାଧକ । କେବେ ଯଦି ସଫଳକାମ ହୁଏ, ତେବେ ତୁ ଦେଖିବୁ ବୀଣା, ତା ଅରୁଣ ଭାଇ ତା ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଚି । ନିଜର ବିଜୟ ଝଣ୍ଡାକୁ ଟେକି ତୋଳି ଧରିଚି ବିଜୟୀ ହୋଇ ।

ଦିନେ ତୁ ବି ବିଭୋର ହୋଇ ଦାବୀ କରି ବସିବୁ ତୋର ପାଉଣା ।

ସ୍ୱପ୍ନ ସତ୍ୟ ହୋଇ ନ ପାରେ; ମାତ୍ର ଲକ୍ଷ୍ୟ ସଫଳ ହୁଏ । ସ୍ୱପ୍ନରେ ଥାଏ ବାସ୍ତବତା ନ ଥାଏ ନିଜସ୍ୱ ! ମାତ୍ର ଲକ୍ଷ୍ୟରେ ସବୁ ଥାଏ ।

ବାସ୍ତବତା, ନିଜସ୍ୱତା ସ୍ଥିର ରହିଥାଏ । ଲକ୍ଷ୍ୟର କଳ୍ପନା ଜୀବନ୍ତ । ସ୍ୱପ୍ନର କଳ୍ପନା ଅଣସ୍ଥିର, ଅଳୀକ ।

ଅରୁଣର ଲକ୍ଷ୍ୟ ଚରମ ବିନ୍ଦୁରେ ପହଞ୍ଚିଲା । ଶାନ୍ତି ନିକେତନରେ ପଢ଼ିବାର ସୁଯୋଗ ସେ ପାଇଲା । ବାପା ପ୍ରତିବନ୍ଧକ ହେଲେନି; ବରଂ ଖୁସି ହେଲେ । ଆନନ୍ଦରେ କହିଥିଲେ, ତୋର ଯେଉଁଠି ଇଚ୍ଛା ହେଉଛି ପଢ଼ । ମାତ୍ର ଛୁଟି ଦିନରେ ଟିକିଏ ଆସି ତୋ ବୁଢ଼ା ବାପକୁ ଦେଖି ଯାଉଥିବୁରେ ।

ପଦଧୂଳି ନେଇ ମଥାରେ ମାରି ଅରୁଣ କହିଲା, ତମକୁ ଭୁଲି ମୁଁ କ'ଣ ରହି ପାରିବ ବାପା ? ପୃଥିବୀର ଯୋଉ କଣରେ ଥିଲେ ବି ତମ କଥା ସବୁବେଳେ ମନେ ପଡ଼ିବ । ତମେ ଆଶୀର୍ବାଦ କର ବାପା, ମୁଁ ଯେମିତି ମୋ ଲକ୍ଷ୍ୟ ପଥରେ ଆଗେଇ ଯାଏ ।

ଆଖି ଛଳ ଛଳ କରି ନରି ମହାନ୍ତି କହିଲେ, ଆରେ ପାଗଳା, ମୁଁ କ'ଣ ଆଉ ଆଶୀର୍ବାଦ କରିବି ? ଦିନ ରାତି ତ ତୋରି କଥା ଠାକୁରଙ୍କୁ ଜଣେଉଚି । ତୁ ତୋ ପାଷାଣୀ ମାଆକୁ ମୁଣ୍ଡିଆ ମାରି ଯା । ସ୍ୱର୍ଗରେ ଥାଇ ସେ ତୋ ମଥାରେ ଶୁଭାଶିଷ ଢାଳୁ । ବିଚାରୀର ଶେଷ ଅଭିଳାଷ ପୂରଣ ହେଉ । ଅନ୍ତତଃ ଥରେ ଜାଣୁ ମୁଁ ତା' ଶେଷ ଅନୁରୋଧ ରଖିଛି ନା ନାହିଁ ।

ବାପର କଥା ଶୁଣି ଅରୁଣ ଆଖିରେ ଲୁହ ଆସି ଯାଇଥିଲା । ଶେଷରେ ସେ ଦୁଃଖୀ ଅପା ଆଉ ବାପାଠାରୁ ବିଦାୟ ନେଇ ଆସିଲା ବିଶ୍ୱଭାରତୀକୁ । ବିଶ୍ୱଭାରତୀ ପରିସର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଠାରୁ ପୃଥକ । ବିଶ୍ୱକବି ଠାକୁର୍ ମନ୍ତ୍ରରେ ସତେ ଯେମିତି ଏ ମାଟି ପାଣି ପବନ ଅଭିମନ୍ତ୍ରିତ । ଗୋଟାଏ ନିରଟ ବାସ୍ତବତାର ପରିପୂରକ ଭିନ୍ନ ଜୀବନ ନିର୍ବାହ ଏଠାକାର ଢଙ୍ଗ ।

ଅରୁଣ ଏଇ ଶାନ୍ତି ନିକେତନକୁ ସ୍ୱପ୍ନରେ ଦେଖୁ ନ ଥିଲା । ଦେଖୁଥିଲା ତା' ଲକ୍ଷ୍ୟର ବାସ୍ତବ ରୂପରେ । ଆତ୍ମବିଶ୍ୱାସ ଥିଲା ଦିନେ ଏ ପବିତ୍ର ପୀଠର ପୂଜାରୀ ହୋଇ ପାରିବ ବୋଲି । ପୂତ ମନ୍ତ୍ରରେ ନିଜର ମନକୁ ଦୃଢ଼ ଏବଂ ଶକ୍ତିଶାଳୀ କରି ପାରିବ ।

ମଣିଷକୁ ତା'ର ଆଶାର ଚରମ ସୀମାରେ ଛୁଡ଼େ ତା'ର ଆତ୍ମଦୃଢ଼ତା । ଦୃଢ଼ତାକୁ ପାଥେୟ କରିଥିଲା ଅରୁଣ । ସେଇ ହିଁ ତା'ର ପଥର ପାଥେୟ

ହେଲା । ସେ ଶାନ୍ତିନିକେତନରେ ପଢ଼ିଲା । ଖୁବ ଆନନ୍ଦ ଲାଗିଲା ଅରୁଣକୁ ଶାନ୍ତିନିକେତନର ମଧୁର ପରିବେଶ । ହସନ୍ତ ପ୍ରକୃତି । ଆକାଶଛୁଆଁ ଆନନ୍ଦର ଲହର । ଏତେ ଆନନ୍ଦ, ଏତେ ପ୍ରାଚୁର୍ଯ୍ୟ ମଣିଷକୁ କେବେ ମିଳେ ସେ କଳ୍ପନା କରିନଥିଲା । କଳାସାଧନା କରିବାର ଏ ଯେମିତି ପୁଣ୍ୟ ଭୂମି ।

ପ୍ରଥମ କେତେଦିନ ଅରୁଣ ଅନେକ ଛବି ଆଙ୍କିବାରେ ମନୋନିବେଶ କରି ଦେଇଥିଲା । ନୂଆଭାବେ କଲେଜ ଜୀବନ ଆରମ୍ଭ ହୋଇଗଲା । ମୌସୁମୀକୁ ଆବାହନୀ ଜଣାଇ ଶିକ୍ଷାଶ୍ରମ ଆରମ୍ଭ ହେଲା । ବଡ଼ ମଧୁମୟ ଏଇ କଲେଜ ଜୀବନ । ଏଠିକାର ଗୁରୁତ୍ୱ ଯେମିତି ଏକ ଅଜଣା ଆଶୀର୍ବାଦ । ପରିପକ୍ୱ ବୟସର ସାଙ୍ଗ ସାଥି । ସେମାନେ ପୁଣି ଗୋଟିଏ ଦେଶ ବା ପ୍ରଦେଶର ନୁହନ୍ତି । ବିଶ୍ୱଭାରତୀରେ ବିଶ୍ୱର ବିଭିନ୍ନ ଦେଶର ଛାତ୍ର ଛାତ୍ରୀ ପଢ଼ନ୍ତି । ଏଠି ସହଶିକ୍ଷା ପ୍ରଚଳିତ । ସରଳ ଅଥଚ ନିରାଡ଼ମ୍ବର ଜୀବନ ଯାପନ ଏଠିକାର ଅନ୍ୟ ଏକ ଧର୍ମ ।

କଳାକୁ ପ୍ରଥମରୁ ଚାହିଁଥିଲା ଅରୁଣ । ସେ କଳାଭବନ ପ୍ରତି ବିଶେଷ ଆକୃଷ୍ଟ ଥିଲା । ସେଠି ସେ ବିଶିଷ୍ଟ ଶିଳ୍ପୀମାନଙ୍କର ଅମର କୀର୍ତ୍ତିମାନ ଦେଖିବାକୁ ପାଇଲା । କଳାର ମଧ୍ୟ ଜୀବନ ଅଛି, ସେ କଥା ସେ ପ୍ରଥମେ ସେଇଠି ବିଶ୍ୱାସ କଲା ।

ସେଇ ଛବିଗୁଡ଼ିକ ଦେଖି ତା'ମନରେ ଭାବାନ୍ତର ଜନ୍ମିଲା । ସତେ, ଛବିରେ କାହିଁକି ଜୀବନ ରହିପାରିବନି ! ଛବିରେ ଜୀବନ ଦେଇତ ମାଇ-କେଲ ଏନ୍‌କେଲ ବିଶ୍ୱବିଖ୍ୟାତ ହୋଇଥିଲେ । ଲିଓନାର୍ଦ୍ଦୋ ଦାଭିଞ୍ଚି ତ ପୁଣି ତାଙ୍କ ମାନସରୁ ମୋନାଲିସାକୁ ଜନ୍ମଦେଇ ବିଶ୍ୱର ପ୍ରତିକୋଣରୁ ସୁନାମ ସାଉଁଟିଥିଲେ ।

ନା, ସେ ଚେଷ୍ଟାକରିବ । ଆପ୍ରାଣ ଚେଷ୍ଟା ।

ଚେଷ୍ଟାରେ ସେ ଅନେକ ପରିମାଣରେ ସଫଳୀକୃତ ହେଇଥିଲା । ତା'ର କଳା ଶିକ୍ଷୟିତ୍ରୀ ତା' ପ୍ରଶଂସା ବାରଂବାର ଶ୍ରେଣୀରେ କରିଥିଲେ । ଅନ୍ୟ ଛାତ୍ର ଛାତ୍ରୀମାନେ ତା' ପ୍ରତି କେମିତି ଗୋଟାଏ ଅସହିଷ୍ଣୁ ଭାବ ବାଢ଼ି ବସିଥିଲେ ।

ସେଦିନ କ୍ଲାସରେ ଭାନୁ ରାୟ କହିଲେ, ତମର ପ୍ରଶଂସା ମୁଁ ପତ୍ର ପତ୍ରିକାରୁ ପଢ଼ିଥିଲି । କଳାପ୍ରତି ତମର ପ୍ରବଳ ଝୁଙ୍କ୍ ଦେଖି ମୁଁ ଖୁସିହେଲି । ତମେ ଅବିରତ ସାଧନା ଚଲାଅ । ଜୀବନର ବ୍ରତକୁ ଆହୁରି ଦୃଢ଼କର । ଦେଖିବ, ସୁନାମ ତମ ପଛରେ ଧାଇଁବ ।

ଭାନୁ ରାୟଙ୍କର ଉପଦେଶ ଖୁବ୍ ଭଲ ଲାଗିଲା ଅରୁଣକୁ । ସେ ଏକ ମନହୋଇ ସବୁକଥା ଶୁଣୁଥିଲା । ସେ ଲକ୍ଷ୍ୟକଲା, ଉପସ୍ଥିତ ସମସ୍ତଙ୍କର ଆଖି ତା'ର ଉପରେ ନିବଦ୍ଧ । ସମସ୍ତଙ୍କ ମନରେ ଜଣା-ଅଜଣାର ତରଙ୍ଗ । ଅରୁଣ ତେବେ ଜଣେ ଖ୍ୟାତନାମା ଶିଳ୍ପୀ !! ଭାନୁ ରାୟ ପ୍ରଶଂସା କରୁଛନ୍ତି । ଅରୁଣକୁ ଜାଣିବାକୁ ସମସ୍ତଙ୍କ ମନରେ ପ୍ରଶ୍ନ ଘୁମୁରି ଉଠୁଛି । ଅନେକେ ଦେଖିବାକୁ ଇଚ୍ଛୁକ ହେଲେ ତା'ର ଶିଳ୍ପୀତ୍ୱକୁ ।

ଦିନ ଆସିଲା, ସବୁକଥା ଆପେ ଜଣାପଡ଼ିଲା । କେବଳ ସେଇ କ୍ଲାସ କାହିଁକି, ସାରା ଶାନ୍ତି ନିକେତନ ଅରୁଣପାଇଁ ପ୍ରଶଂସାମୁଖର ହୋଇ ଉଠିଲା । ସମସ୍ତେ ଜାଣିଲେ । ସମସ୍ତେ ଦେଖିଲେ । ଶିଳ୍ପିର ଉତ୍ସବରେ ସେ ବର୍ଷ ଶାନ୍ତି ନିକେତନରେ ଏକ ଚିତ୍ର ପ୍ରଦର୍ଶନୀ ହୋଇଥିଲା । ବିଭିନ୍ନ ଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ । ଅରୁଣ ପଠାଇଥିଲା କେଇଟି ନିବାଙ୍କିତ ଚିତ୍ର । ତା' ଚିତ୍ରର ମର୍ଯ୍ୟାଦା-ନୂପୁର ଦର୍ଶକର ମାନସପଟରେ ନିକ୍ୱଣିତ ହେଲା । ସମସ୍ତେ ଅଟକିଗଲେ ସେଇ ଗୋଟିଏ ଚିତ୍ରପାଖରେ । "ବିଜନ କାନନେ"......

ଚିତ୍ରଟି ଯେମିତି କଥା କହୁଥିଲା...

ଘଂଚ ବନାନୀର ବୁକୁଚିରି ବହିଯାଉଛି କ୍ଷୁଦ୍ର ଝରଣାଟିଏ । ଜଣେ ବଂଶୀବାଦକ ଗୋଟିଏ ଗଛମୂଳେ ବସି ବଇଁଶୀ ଫୁଙ୍କୁଚି । ଅସ୍ପଷ୍ଟଭାବେ ପ୍ରତିବିମ୍ବିତ ହେଉଛି ତା'ର ଛାଇ ଝରଣା ଗ୍ରୁତରେ । ଉପର ନୀଳ ଆକାଶରେ ବକପଂକ୍ତି...ଉଡ଼ି ଉଡ଼ି ଚାଲିଛନ୍ତି । ଝରଣାର ଆରପଟେ ଜଣେ ନାରୀ ମୁଗ୍ଧା । କାଖରେ କଳସୀ, ଅଙ୍ଗରେ ଭରା ଯୌବନ । ଅଧରରେ ବେପଥୁ । ଚକ୍ଷୁରେ ଯୁଗ ଯୁଗର ସ୍ୱପ୍ନ । କ'ଣ କହିବାକୁ ଚାହୁଁଚି ବୋଧେ ! କ'ଣ କହିବ ! ମାତ୍ର କହିପାରୁନି । ସ୍ୱର ନୀରବ ହୋଇ ଯାଉଛି । ବଂଶୀର ମୂର୍ଚ୍ଛନା ବ୍ୟାହତ ନ ହେଉ । ସାଧକର ତପସ୍ୟା ନଭାଙ୍ଗୁ । ଅଟକି ଯାଇଛି ନାରୀଟି ।

|| ୩୫ ||

ଅଙ୍କ ଯାଇନ ଶିଳ୍ପୀର ପରିକଳ୍ପନା । ଯାହା ତୂଳୀରେ ପରିସ୍ଫୁଟ ତା'ଠାରୁ ଅଧିକ ରହିଯାଇଛି କଳ୍ପନାର ଭୃକୁତଳେ । ମୁଗ୍ଧ ଦର୍ଶକର ସହସ୍ର ସହସ୍ର ନେତ୍ର । ଶିଳ୍ପୀ କ'ଣ କହିବାକୁ ଚାହେଁ । କ'ଣ କହୁଛି ! ଆଶ୍ଚର୍ଯ୍ୟ ! ବାସ୍ତବିକ ନିପଟ କଳ୍ପନାର ରୂପ କେତେ ଆଶ୍ଚର୍ଯ୍ୟ ସତେ !!

ଅଟକିଗଲେ ଅତିଥି । ଅଟକିଗଲେ ସମସ୍ତ ଦର୍ଶକ । କେତେ ମିନଟ୍ ପାଇଁ ନୀରବତା ସ୍ଥାନଟିରେ ଛାଇ ହୋଇଗଲା । ଚିତ୍ରଟିକୁ ପ୍ରଦର୍ଶନୀରୁ ଟେକି ଆଣିଲେ ନିଜେ ଅତିଥି । ବନ୍ଧୁ ପଛରେ ଥାଇ ଅରୁଣ ଲକ୍ଷ୍ୟ କରୁଥିଲା ଏସବୁକୁ । କେଜାଣି କାହିଁକି ତା' ଛବିଟି ପାଖରେ ଏତେ ଭିଡ଼ ଦେଖି ତା' ମନରେ ଗୋଟାଏ ଅଜଣା ପୁଲକ ଖେଳିଗଲା । ଇଚ୍ଛାହେଲା ଯାଇ ପଚାରିବ, ସାର୍, ଛବିଟି କେମିତି ଲାଗୁଛି ?

ନିଜ ମନ ପୁଣି ଆକଟକଲା ନିଜକୁ । ନା, ସେ ଯିବନି । କାହିଁକି ଯିବ । ଅତିଥି ଅଟକିଯିବା ଅର୍ଥ କ'ଣ ଛବିଟି ସାର୍ଥକ ସୃଷ୍ଟି ହୋଇଚି ? ହୁଏତ ସେ ଅନ୍ୟ କୌଣସି କାରଣପାଇଁ ଅଟକିଥାଇ ପାରନ୍ତି ।

ଛବିଟି ଧରି ଅତିଥି ପ୍ରଥମେ ପ୍ରଦର୍ଶନୀ ପରିଚାଳକଙ୍କୁ ପଚାରିଲେ, ଏ ଛବିଟିର ଚିତ୍ରକର କାହାନ୍ତି ?

ଧୀର ଅଥଚ ନମ୍ରସ୍ୱରରେ ପରିଚାଳକ କହିଲେ, ବର୍ତ୍ତମାନ ତାଙ୍କୁ ପାଇବା ସମ୍ଭବ ହେବନି ସାର୍ । ସମସ୍ତେ ପ୍ରାୟ ଏଇ ପ୍ରଦର୍ଶନୀରେ ଭୋଳଥିବେ ।

ହଠାତ୍ କେମିତି କେଜାଣି ଅରୁଣର ପାଦ ଆଗକୁ ବଢ଼ିଗଲା । ଅତିଥିଙ୍କ ଆଡ଼କୁ ଯାଇ ସେ ପ୍ରଶ୍ନକଲା, ମୋ ଛବିଟି ମନକୁ ପାଉଛି ସାର୍ !

ଦଣ୍ଡେକପାଇଁ ଛବି ଉପରୁ ଆଖି ଫେରାଇଲେ ଅତିଥି ମହାଶୟ । ଆଗରେ ଅରୁଣ, 'ବିଜନ-କାନନେ'ର ଶିଳ୍ପୀ । ପାତଳତନୁ । ପ୍ରଶସ୍ତ ଲଲାଟ । ହସ ହସ ମୁହଁ; ଏଇ ଶିଳ୍ପୀ ଅରୁଣ । ସାମାନ୍ୟ ଛବିର ଶିଳ୍ପୀ । ଅଥଚ ...। ନା-ନା, ସେ ସାମାନ୍ୟ ନୁହେଁ, ଅସାମାନ୍ୟ । ଅନନ୍ୟ ସାଧାରଣ ।

କୁଣ୍ଢାଇଧରିଲେ ଅରୁଣକୁ ଅତିଥି । ଆନନ୍ଦ ଗଦ୍ ଗଦ୍ ହୋଇ କହିଲେ, ତମେ ପ୍ରକୃତରେ କଳାର ସାଧକ ଅରୁଣ । ଚମତ୍କାର ତମର ଏଇ କଳ୍ପନା । ଭଗବାନ ତମର ମଙ୍ଗଳ କରନ୍ତୁ । ତୁମ ଯାତ୍ରାପଥ କୁସୁମିତ ହେଉ ।

।। ୩୬ ।।

ଅଲ୍ପହସି ଅରୁଣ କହିଲା, ଆପଣଙ୍କର ଆଶିଷ ମୋର ପାଥେୟ ହେଉ ସାର୍ ! ମୁଁ ଯେମିତ ସେ ଲକ୍ଷ୍ୟପଥରେ ଝୁଣ୍ଟି ନପଡ଼େ ।

ଅତିଥି ଆଉ ଅଳ୍ପସମୟ ପ୍ରଦର୍ଶନୀରେ ବୁଲିଲେ । ତା'ପରେ ସେ ଫେରିଥିଲେ । ଅରୁଣକୁ ଆଉ ପ୍ରଦର୍ଶନୀ ମଣ୍ଡପରେ ବେଶୀ ସମୟ ରହିବାକୁ ଭଲ ଲାଗିଲାନି । ତାକୁ ଜଣାଗଲା ଯେମିତି ଶହ ଶହ ଆଖି ତାକୁ ହିଁ କେବଳ ଦେଖୁଛନ୍ତି । ତା' ଦେହରେ କେବଳ ଅସଂଖ୍ୟ ଚକ୍ଷୁର ଜ୍ୱାଳା । ଆଖିର ତାରକାମାନେ ଖୁନ୍ଦି ହୋଇଗଲେ ନିଅନ୍ ଆଲୋକରେ; ଆଲୋକର ପ୍ରତି ଅଣୁପରମାଣୁରେ । ଆଖି, ଖାଲି ଆଖି ।

ଅତିଷ୍ଠହୋଇ ଉଠିଲା ଅରୁଣ ! ସନ୍ଧ୍ୟାର ଜୀବନ୍ତ ପରିବେଶ ତାକୁ ଅସହ୍ୟ ବୋଧ ହେଲା । ବିସ୍ତୃତ ଆକାଶର ନୀଳିମା ତାକୁ ଅସ୍ୱାଭାବିକ ମନେହେଲା । ମୁଣ୍ଡଉପରେ କେତେ ଆକାଶଟା ସତେ ! ତଳେ ଏ ପୃଥିବୀ ଭିତରେ ଏତେ ଆଖିର ମେଳଣ କେମିତି ହେଲା ? କାହିଁକି ଏ ଆଖିଙ୍କର ଏତେ ଅଦାଲତ ତା'ଉପରେ ? ନା, ସେ ଏଠୁ ଚାଲିଯିବ । ଏ ପରିବେଶ ତାକୁ ଜଡ କରିଦେବ । ଏ ଆନନ୍ଦ ସେ ସହି ପାରିବନି ।

ଏକମୁହାଁ ହୋଇ ସେ ଫେରିଲା ତା' କୋଠରୀକୁ । ବାଟରେ କେତେ କ'ଣ ସେ ଦେଖିଛି, କେତେ କ'ଣ ସେ ଭେଟିଛି, ତା'ର ହିସାବ ସେ ରଖି ପାରିନି । ତଥାପି ଅନେକଙ୍କୁ ଭେଟିଛି । ଅନେକଙ୍କର ସେହି ସାହସିଆ ଚାହାଣିର ଶିକାର ହୋଇଛି ।

କାହିଁକି, କାହିଁକି ଏ ଆଖିମାନଙ୍କର ଏତେ ଅବାଧତା ? କ'ଣ ସେ କରିଛି ? କାହିଁକି ତା' ଉପରେ ଏତେ ଯନ୍ତ୍ରଣା ? ଅତିଥିଙ୍କର ଛବିଟା ତୋଳି ନେବା ବେଳଠୁ ଏ ଉଆଁ ରୋଗ ସମସ୍ତଙ୍କୁ ଆକ୍ରାନ୍ତ କରିଛି । ଅତିଥି ପ୍ରଶଂସା କଲେ । ପ୍ରଶଂସା ଶୁଭିଲା ସବୁ ଆଡୁ । ତେବେ ଅତ୍ୟଧିକ ପ୍ରଶଂସା କ'ଣ ଏ ଆଖିଗୁଡ଼ାକୁ ନିମନ୍ତ୍ରଣ କଲା ।

ପ୍ରଶଂସା, ତା'ର ପ୍ରଶଂସା ।

ଆଜି ସାରା ଶାନ୍ତି ନିକେତନର ଧୂଳିକଣା ତା'ର ପ୍ରଶଂସା ଶୁଣୁଛି । ସମସ୍ତେ ପ୍ରଶଂସା କରୁଛନ୍ତି । ସେ ଆନନ୍ଦିତ ହେବ । ତା'ର ଛବି ଜୀବନ

ଯାଇଛି । ସେ ଛବିକୁ ବାସ୍ତବ ରୂପ ଦେଇ ପାରିଛି । ତା'ର ସ୍ୱପ୍ନ ସାର୍ଥକ ହୋଇଛି । କିନ୍ତୁ ସେ ସ୍ୱପ୍ନକୁ ଭଙ୍ଗିଭୁଙ୍ଗି ଗ୍ରଥିତ କରି କାହା ପାଖକୁ ପଠାଇବ । କାହା ଆଗେ କହିବ ତା'ର ମନ ଖୁସିର କାହାଣୀ ।

ବାପାଙ୍କୁ କହିବ ?

କ'ଣ କହିବ ? ବାପା ! ମୁଁ ଶାନ୍ତି ନିକେତନରେ ଭଲରେ ଅଛି । ମୋର ଗୋଟାଏ ଛବି ପ୍ରଦର୍ଶନୀ ପ୍ରାଙ୍ଗଣରେ ଉଚ୍ଛ୍ୱସିତ ପ୍ରଶଂସା ପାଇଛି । ଏଇଯା ତ ! ପଢ଼ି ହସି ଦେବେ ସେ । ବୋଉର ଅଦୃଶ୍ୟ ଆତ୍ମା ଉଦ୍ଦେଶ୍ୟରେ ହାତ ଟେକି କହିବେ, ଦେଖ୍, ଦେଖ୍ ତୋ ପୁଅକୁ ମୁଁ ମଣିଷ କରି ପାରିଚି କି ନାହିଁ ।

ତା'ପରେ ?

ତା' ପରେ ତାଙ୍କ ଆଖିରେ ଆସିବ ଅସରନ୍ତି ଲୁହ । ଅବାରିତ ଗତିରେ ସେ ସ୍ରୋତ ଝରିବ ଝରଣା ଭଳି । ଓଲଟି ଏ ଚିଠି ତାଙ୍କ ପ୍ରାଣରେ ବେଦନାର ପ୍ରଲେପ ଦେବ । ପୁରୁଣା ଅଶୁଖା କ୍ଷତକୁ ପୁଣି ରକ୍ତାକ୍ତ କରି ଦେବ । ନା, ସେ ତାଙ୍କୁ ଜଣାଇବନି ।

ତେବେ କହିବ କାହାକୁ ?

ଲେଖିବ କାହା ପାଖକୁ ଏ ଖୁସି ଖବର ?

ଦୁଃଖୀ ଅପା ପାଖକୁ ଲେଖିବ ? ? ?

ତାର ତ ସେଇ ଢଙ୍ଗ । ନିକେତ ପଢ଼ି ଜାଣିନି ସହଜେ । ପଢ଼େଇବ ନେଇ କାହା ପାଖରେ । ପଢ଼ୁ ପଢ଼ୁ ସେ କାନ୍ଦିବ । 'କହିବନି' କହିବନି ହେଇ ବାପାଙ୍କୁ ଯାଇ କହିବ । ତା' ପାଟିରେ ତ ଲୁଣ ମିଳାଏନି ।

ବୀଣାକୁ ଲେଖିବ !

ହଁ, ତା ପାଖକୁ ଲେଖିବ ।

କ'ଣ ଲେଖିବ ?

ଲେଖିବ, ବୀଣା ଲୋ ! ତୁ ସେଦିନ ମୋଠୁଁ 'ପ୍ରତୀକ୍ଷା ଓ ଉତ୍କଣ୍ଠା' ଛବିଟି ମାଗିଥିଲୁ ନା । ମୁଁ କିନ୍ତୁ ଦେଇ ନଥିଲି । ତୁ ଭାବିଥିବୁ ତୋ ଅରୁଣ ଭାଇଟା ଭାରି ଲୋଭୀ । ନୁହେଁ ? ସତେ ଲୋ, ମୁଁ ମୋ ଛବିର ମମତା ସହଜେ ଛୁଟାଇ ପାରେନା । ହେ ଯାହା ହଉ ତତେ ସେ ଛବିଟା ନିଶ୍ଚୟ ଦେବି ।

॥ ୩ ॥

ଆଉ ଗୋଟା କଥା ଶୁଣିଲେ ତୁ ନିଶ୍ଚୟ ଖୁସି ହେବୁ । ଖୁସି ହେବୁ ଯେ ତୋ ଅରୁଣ ଭାଇର ଛବି ଏଠି ଖୁବ ପ୍ରଶଂସିତ ହେଉଛି । ଏଇ ତ ଆଜିକାର କଥା । ମୋର ଗୋଟାଏ ଛବି, 'ବିଜନ କାନନେ' ପ୍ରଚୁର ପ୍ରଶଂସା ପାଇଛି । ତୁ ବି ଆନନ୍ଦରେ ନାଚି ଯାଇଥାନ୍ତୁ । ବାପ୍‌ରେ ବାପ, ଯେତେ ଲୋକ ପ୍ରଶଂସା କଲେନା......

ବାବୁ ଟେଲିଗ୍ରାମ ନିଅ ।

ଟେଲିଗ୍ରାମ··· ?

ଚମକି ପଡ଼ି ପ୍ରଶ୍ନ କଲା ଅରୁଣ ପୂଝାରୀକୁ । କେତେବେଳୁ ଆସିଲାଣି ?

ସଞ୍ଜରୁ ।

ପୂଝାରୀ ଚାଲିଗଲା । ହୃଦୟଟା ତା'ର କମ୍ପି ଦପ୍ ଦପ୍ ହେବାକୁ ଲାଗିଲା ! କେଉଁଠୁଁ ଆସିଲା ? କିଏ ପଠାଇଲା ? କାହିଁକି ? ହେ ଭଗବାନ ! ବଡ଼ ଅସହ୍ୟ ବୋଧହେଲା ସେ ମୁହୂର୍ତ୍ତ । ଅଣନିଶ୍ୱାସୀ ହୋଇ ଉଠିଲା ଅରୁଣ ।

ଏକପ୍ରକାର ଭୟମିଶା ଭଙ୍ଗୀରେ ସେ ଖୋଲିଲା ଟେଲିଗ୍ରାମଟିକୁ । ଅକ୍ଷର କେଇଟା ଉପରେ ଆଖି ବୁଲାଇ ନେଇ ସେ ଚମକି ପଡ଼ିଲା । ବାପା ଭୟଙ୍କର ଅସୁସ୍ଥ । ଯେତେ ଶିଘ୍ର ପାରେ ଘରକୁ ଯିବାକୁ ହେବ···

ଆଉଥରେ ଅକ୍ଷରଗୁଡ଼ାକ ଝଲସି ଗଲେ ତା' ଆଗରେ । ପଢ଼ିଲା ଥରଥର । ବୁଝିଲା, ସେଇକଥା । ବାପା ଭୟଙ୍କର ଅସୁସ୍ଥ । ଯେତେ ଶିଘ୍ର ପାରେ ଘରକୁ ଯିବାକୁ ହେବ ।···ଯିବାକୁ ହେବ ।

ହଠାତ୍ ଦୁମ୍ କରି କ'ଣ ଗୋଟାଏ ଛାତିରୁ ଖସି ପଡ଼ିଲା । ସେ ଟେଲିଗ୍ରାମଟିକୁ ଧରି ନଥିକିନା ବସି ପଡ଼ିଲା । ବାପା ଅସୁସ୍ଥ । ତାକୁ ଘରକୁ ଯିବାକୁ ହେବ । ଏଇ ମୁହୂର୍ତ୍ତରେ । ସେ ଯିବ । ନିଶ୍ଚୟ ଯିବ ।

ବାପା ! ଯାହାଙ୍କୁ ସେ ଭକ୍ତି କରେ, ଭଲ ପାଏ, ଆଉ ଭୟ ମଧ୍ୟ କରେ । ସେ ଅସୁସ୍ଥ । ଅରୁଣ ଅବହେଳା କରି ପାରିଲାନି । ସେ ଅସ୍ୱାଭାବିକ ଭାବେ ବ୍ୟତିବ୍ୟସ୍ତ ହୋଇପଡ଼ିଲା ।

ବ୍ୟସ୍ତ ହେବା ସ୍ୱାଭାବିକ । ସେଇ ବାପ, ଯିଏ ନିଜ ଜୀବନକୁ ତିଳତିଳ କରି ଜାଳି ତାକୁ ମଣିଷ କରିବାକୁ ବ୍ୟାକୁଳ ହେଉଥିଲେ । ତାଙ୍କୁ ଦୁଃଖ

ଯନ୍ତ୍ରଣାଠୁଁ ମୁକ୍ତ କରିବାପାଇଁ ଆଉ ବିବାହ କରି ନଥିଲେ । ମାଟି ଆଉ ଆକାଶ ସହିତ ବନ୍ଧୁତା ରଖି ସେ ଜୀବନ ସଂଗ୍ରାମ କରୁଥିଲେ । ମାଟି ଚାଷ ଫସଲ କରନ୍ତି । ଆକାଶକୁ ପାଣି ମାଗନ୍ତି । ସୁଶ୍ୟାମଳ ଶସ୍ୟକ୍ଷେତ୍ର ଦେଖି ହସନ୍ତି । ତାଙ୍କର ଦୁଃଖରେ ଲୁହ ଗଡ଼ାନ୍ତି । ତାଙ୍କର ସୁଖ ସମୃଦ୍ଧି ଦେଖି ଆନନ୍ଦରେ ନାଚି ଯାଆନ୍ତି ।

ଜୀବନର ସାଥୀ ଦୁଇଟା ବଳଦ । ଅବୋଧ ପଶୁ । ମଣିଷର ଭାଷା ବୁଝନ୍ତି । ମଣିଷକୁ କିନ୍ତୁ ଭାଷା ଶୁଣାନ୍ତିନି । ଖଟନ୍ତି, ଖାଆନ୍ତି । ଖରା ବରଷା ସହନ୍ତି । ସେମାନଙ୍କ ସାଙ୍ଗରେ ପରିଚିତ ବାପାଙ୍କର । ସାଇ ମେଳରେ ନଥାନ୍ତି । ମେଳା ମଉଚ୍ଛବକୁ ଯାଆନ୍ତିନି । ବିଲବାଡ଼ି, ଘର, ବାସ୍ । ଏଇ ହେଲା ତାଙ୍କର କର୍ମକ୍ଷେତ୍ର । ଜୀବନର ବିଶ୍ରାମସ୍ଥଳ । ହସଖୁସି କରିବାର ପୀଠ ।

କାହାରି ସାଙ୍ଗରେ ଦୁଃଖ ସୁଖରେ କଥା ହେବାର କେହି ଦେଖନ୍ତିନି । କହନ୍ତି ଖୁବ୍ କମ୍ । ଜର ବାଧିକା ଦେହକୁ ଆସିଲେ, ଦେହରେ ମିଳାଏ । କିନ୍ତୁ ଏବେ.....?

କର୍ମନିଷ୍ଠ ଭାରି ସେ । ଜଣ୍ଡିସ୍ ଅତିଶଯ୍ୟ ରୋଗ ଆକ୍ରାନ୍ତ । ନରେନ୍ଦ୍ର ତାଙ୍କ ଭଲ ଲୋକ..... । ସେ ତ ଟେଲିଗ୍ରାମ କରିବାକୁ ଅନୁମତି ଦେଇ ନଥାନ୍ତେ । କାଳେ ଦୁଃଖୀ ଅପା ବ୍ୟସ୍ତ ହୋଇ ପଡ଼ିଥିବ ! କିନ୍ତୁ ବାପା ତ...

ବାପା !

ଅସ୍ପଷ୍ଟ ସ୍ୱରରେ କହି ଉଠିଲା ଅରୁଣ ।

ସେଇ ଦିନର ଗୋଟାଏ ଘୁମନ୍ତ ରାତି । ସାରା ପୃଥିବୀଟାରୁ କୋଳାହଳ କମିଯାଇଛି । ଟ୍ରେନ୍‌ଟି ମନ୍ଥରଗତିରେ ଚାଲିଛି ଓଡ଼ିଶା ଅଭିମୁଖେ । ଗୋଟାଏ

ଘରେ ଗୋଟାଏ ଷ୍ଟେସନ ପଛରେ ଫିଙ୍ଗାଇ ସେ ଆଗେଇ ଚାଲିଚ । ଟ୍ରେନ୍‌ର ଗତିକୁ ଟପି ଅରୁଣର ଭାବନା ଛୁଟିଚ ତା'ର ପଲ୍ଲୀମାଟି ଆଡ଼େ । କାନ ପାଖରେ ତା'ର ଯେମିତି ଶତବାର ଗୁଞ୍ଜରିତ ହୋଇ ଉଠୁଛି ... ବାପା ଭୟଙ୍କର ଅସୁସ୍ଥ ! ... ବାପା ଭୟଙ୍କର ଅସୁସ୍ଥ !!

ଦୁଃଖଚିନ୍ତାର ସମୟବୁଢ଼ା ମଠୁଆ ବଳଦ ପିଠିରେ ବସି ଧିମେଇ ଧିମେଇ ଚାଲେ । ସୁଖ-ଆନନ୍ଦର ବେଲ ଘୋଡ଼ାରେ ବସି ଛୁଟେ । ଅରୁଣ ଭାବୁଚ, କେତେବେଳେ ଗାଡ଼ି କଟକ ଷ୍ଟେସନରେ ପହଞ୍ଚିବ । ବାରମ୍ବାର ସେ ହାତ ଘଣ୍ଟାକୁ ଚାହୁଁଚ । ରାତି ସାଢ଼େ ନଅ । ଆହୁରି ... ଆହୁରି ଏତେ ସମୟ !!

ବାହାରେ ଶୁକ୍ଳ ଦଶମୀର ଚନ୍ଦ୍ର ପୃଥିବୀର କମ୍ରକକ୍ଷରେ ରୋପଣୀ ଢାଳୁଚ । ପୃଥିବୀ ହସୁଚ । ନାଚୁଛନ୍ତି ଧରଣୀର ଉନ୍ମତ୍ତ ଲତା ବୃକ୍ଷଦଳ ! ସେଇ ଅସ୍ପଷ୍ଟ ଚନ୍ଦ୍ରକିରଣରେ ବେଶ୍ ଜଣା ପଡ଼ୁଚନ୍ତି ସେମାନେ । ରେଲ-ଗାଡ଼ିରୁ ବଡ଼ ସୁନ୍ଦର ଦିଶୁଚ ସେ ଦୃଶ୍ୟ । ଗଛବୃଛ, ବଣ ପାହାଡ଼ ଧାଡ଼ି ଧାଡ଼ି ହୋଇ ଧାଉଁଛନ୍ତି; ମାତ୍ର ରେଲଗାଡ଼ିଟା ସ୍ଥିର । ଅସ୍ଥିରଟା ସ୍ଥିର । ଆଉ ସ୍ଥିରଗୁଡ଼ା ଗତିମାନ । ବଡ଼ କୌତୁହଳପ୍ରଦ ମଣିଷର ଏଇ ଶତାବ୍ଦୀ ଶତାବ୍ଦୀର ପୁଞ୍ଜୀକୃତ ବିଶ୍ୱାସର ପ୍ରହେଳିକା । ଯାହା ଅସ୍ଥିର, ତା'ଇ ଉପରେ ଘଡ଼ିକପାଇଁ ବସି ସେ ଭାବେ, ନା ଏଇଟା ସ୍ଥିର । ବାହାରଟା ଅସ୍ଥିର । କଥାଟା କେଡ଼େ ବିଚିତ୍ର ସତ୍ୟ !

କେବଳ ବସି ରହିବାକୁ ଭଲ ଲାଗିଲାନି ଅରୁଣକୁ । ସେ ରେଲ ଷ୍ଟେସନରୁ ଖଣ୍ଡିଏ ବହି କିଣିଲା । ଭାବିଲା ସେଇ ବହିପଢ଼ାରେ ରାତିଟା ବିତାଇ ଦେବ । ଅନ୍ତତଃ ନୂଆନୂଆ ଭାବନା ତା' ମନକୁ ଓଦା କରି ପାରିବନି ।

ବହିର ପୃଷ୍ଠା ଖୋଲି ସେ ବିସ୍ମିତ ହୋଇ ପଡ଼ିଲା । ଆରେ, ଏତ ତା'ର ସହପାଠିନୀ ମିତା ଦାସର କବିତା ବହି ! ଏଇ ବହିର ପ୍ରଚ୍ଛଦପଟ ଆଙ୍କିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲା ସେ । ଅସହାୟ ଭାବେ ମନାକରି ପଠାଇଥିଲା ଅରୁଣ । ନିଜର ସମସ୍ତ ଅସୁବିଧାକୁ ଉପସ୍ଥାପିତ କରି ସେ ଲେଖିଥିଲା, ମିତା ! ମୁଁ ଏବେ ତମଠାରୁ ବହୁତ ଦୂରରେ । ମୁଁ ଜାଣେ

ଏ ପର୍ଯ୍ୟନ୍ତ ମୋ ସାଧନାର ସାଫଲ୍ୟ ଆସିନି । ମୁଁ ମୋର ମୂଲ୍ୟହୀନ ପ୍ରଚ୍ଛଦପଟରେ ତମ କବିତାଗ୍ରନ୍ଥକୁ ଦେଖିବାକୁ ଚାହେଁନା । ଭୁଲ୍ ବୁଝିବନି । ମୋର ଅନୁରୋଧ, ତମେ ଓଡ଼ିଶାର ବିଶିଷ୍ଟ କଳାକାର ଅସିତ ବାବୁଙ୍କୁ ଅନୁରୋଧ କର । ସେ ନିଶ୍ଚୟ ତୁମକୁ ସାହାଯ୍ୟ କରିବେ । ଭବିଷ୍ୟତ ତ ଅଛି, ମୁଁ ତମର ଗୋଟାଏ ବହିକୁ ରଙ୍ଗ ଦେବାର ସୁଯୋଗ ନିଶ୍ଚୟ ନେବି, ଅନୁରୋଧ ରକ୍ଷା କରିନି, କ୍ଷମାଦେବ ।

ଏ ବୋଧେ ସେଇ କବିତା ଗ୍ରନ୍ଥ ।

ବାଃ ! ସୁନ୍ଦର ହୋଇଚି ତ ପ୍ରଚ୍ଛଦପଟ ।

ବାହାରକୁ ଚାହିଁଲା ଅରୁଣ ।

ଟ୍ରେନର ଗତି ଟିକିଏ ତେଜିଛି । ବାହାରେ କାଳିମାର ରାଜୁତି । ବାହାରକୁ ମୁହଁକଲେ କୋଇଲାଗୁଣ୍ଡ ଗୁଡ଼ା ଆସି ପିଟି ହେଉଚି । ଦଶମୀର ଜହ୍ନ କେତେବେଳୁ ଆତ୍ମହତ୍ୟା କଲାଣି । ଅନ୍ଧକାର ଜମା ହୋଇଚି ବାହାରେ; ଆଉ କିଛି ବାରି ହେଉନି । ଶୁଭୁଚି କେବଳ ରେଲର ବିକଟ ଚିତ୍କାର । କୃଷ୍ଣା ରଜନୀ ଗାଢ଼ରୁ ଗାଢ଼ତର ହେଉଚି ।

ବହି ପଢ଼ାରେ ମନଦେଲା ଅରୁଣ । ବାସ୍ତବିକ ସୁନ୍ଦର କବିତାଗୁଡ଼ିଏ ଅଛି ଏ ଗ୍ରନ୍ଥଟିରେ । ପ୍ରତିଟି କବିତା ହୃଦସ୍ପର୍ଶୀ ହୋଇଚି । ଗୋଟିଏ କବିତା ତା ମନକୁ ବେଶ୍ କିଣିଦେଇ ପାରିଲା । ଖୁବ୍ ଭଲ ଲାଗିଲା ତାକୁ । ବାରମ୍ବାର ପଢ଼ିବାକୁ ଇଚ୍ଛା ହେଲା···

ରଜନୀଗନ୍ଧାର ଘ୍ରାଣପ୍ରାଚୁର୍ଯ୍ୟ ଭରା ଇତିକଥା...ଛଅଟି ପର୍ଯ୍ୟାୟରେ ସେ ରଚନା କରିଛନ୍ତି କବିତାଟିକୁ ! ପ୍ରଥମେ ଏକ ତରୁଣୀ ହୃଦୟର ଆଲେଖ ଭଳି ଫୁଲଟି ଫୁଟିଚି ସନ୍ଧ୍ୟାର ପ୍ରଥମ ପଲକରେ । ତା'ପରେ ସେ ବସନ୍ତର ଆବାହନୀ ଗାଇଛି । ବସନ୍ତ ଆସିଛି । ତା'ର ତନୁ ମନରେ ପରାଗଦୋଳି ଚାଲିଯାଇଛି । ମାତ୍ର ତା'ର ମନର ମଣିଷ ଆସିନି । ଶେଷରେ ସେ ହୋଇଛି ଅଲୋଡ଼ା ଶୁଷ୍କକଳିକା । ବସନ୍ତ ଆସି ଚାଲିଯାଇଚି । ସେ କେବଳ ସେଇ ଅନ୍ତିମ ଯାତ୍ରାପଥରେ ଶୁଣିବାକୁ ଚାହୁଁଛି ଅନାଦୃତପାତ୍ରୀ କଣ୍ଠରୁ 'ପ୍ରିୟେ' ସମ୍ବୋଧନଟି । କିନ୍ତୁ ତା'ବି ସେ ପାଇନି । ଶେଷରେ ଝଡ଼ି ପଡ଼ୁଛି ମାଟିକୁ ।

ପୁଣି ଥରେ ବାହାରକୁ ଚାହିଁଲା ଅରୁଣ ।

ଯାହା ତା'ର ସବ ଆସୁଚି ।

ରାତ୍ରିର ଘନତା ଦବି ଗଲାଣି । ସିନ୍ଦୁରା ଫାଟିଲାଣି । ନିତ୍ୟନୂତନର କାହାଣୀ ଗାଇ ଉଇଁ ଆସୁଛନ୍ତି ଆଲୋକଦର୍ଶୀ ସୂର୍ଯ୍ୟ । ଆଗାମୀ ପ୍ରଭାତ ଉପସ୍ଥିତ ପ୍ରାୟ । ଗୋଟାଏ ରାତ୍ରି ସେ ଅନିଦ୍ରାରେ ବିତାଇ ଦେଲାଣି । ଆଃ ! କେତେ ଦୀର୍ଘ ଥିଲା ଏଇ ରାତିଟା ସତେ !

ରେଳ ଷ୍ଟେସନଠାରୁ ଅଳ୍ପ ଦୂରରେ ଅରୁଣର ଘର । ଅଳ୍ପ କହିଲେ ପ୍ରାୟ ମାଇଲିଏ ହେବ । ମାତ୍ର ଏଇତକ ବାଟକୁ ଚାଲି ଚାଲି ଯିବାକୁ ହୁଏ । ଏଠୁ ଏତକ କିଛି ଯାନବାହନ ନାହିଁ । ସବୁ ଅଣଓସାରିଆ ଗାଉଁଲିରାସ୍ତା ଖଣ୍ଡେ । ସାଇକେଲବାଲା ବି ଦୁ'ଥର ତିନିଥର ଏଇ ବାଟରେ ଓହ୍ଲାନ୍ତି । ରାତିରେ ଯିବା ଆସିବା କରିବା ପ୍ରଶ୍ନ ଉଠେନି ।

ସୂର୍ଯ୍ୟ ଉଇଁଲେଣି । ସକାଳ କ୍ରମେ ସ୍ପଷ୍ଟ ହେଉଚି । ଏଇ ପ୍ରହରର ଗ୍ରାମ୍ୟ ନୀରବତା ବାସ୍ତବିକ ଉପଭୋଗ୍ୟ । ମାତ୍ର ଅରୁଣକୁ ଏସବୁ ଟିକେ ସୁଖପ୍ରଦ ବୋଧ ହେଉ ନ ଥିଲା । ତା' ଆଗରେ ଗୋଟିଏ ଉଦାସିଆ ଝିଅ ନାଚି ନାଚି ଯାଉଥିଲା । ମନଟା ଅମାନିଆ ହୋଇ ଦୌଡ଼ୁଥିଲା ଆଗକୁ ।

ନିଦ ଢୁଳୁ ଢୁଳୁ ଆଖି । ଅବସନ୍ନ ଦେହ । ଏତେ ପଥଶ୍ରମ ପରେ ସେ ଚାହୁଁଥିଲା ପୂର୍ଣ୍ଣ ବିଶ୍ରାମ । ଷ୍ଟେସନଠୁଁ ଚାଲି ଚାଲି ଆସିବାଟା ତାକୁ ଅହୁର ବାଧିଲା । ଘର ସାମନାରେ ପହଞ୍ଚି ସେ ନିଜକୁ ଟିକିଏ ଆଶ୍ୱସ୍ତ ମନେକଲା ।

ଲମ୍ବା ଲମ୍ବା ପାହୁଣ୍ଡ କେଇଟା ପକାଇ ଘର ଭିତରକୁ ପଶିଗଲା ଅରୁଣ । ପ୍ରଥମେ ତା' ଉପରେ ଆଖି ପଡ଼ିଲା ଦୁଃଖୀ ଅପାର । ଗୋବରପାଣି କଂସାରେ ଧରି ସେ ଆସୁଥିଲା ବାହାରକୁ । ସ୍ତମ୍ଭିତ ହୋଇଗଲା ଦୁଃଖୀ ଅପା । ଅରୁଣ କିଛି କହିବା ପୂର୍ବରୁ ଭେ-କିନା କାନ୍ଦି ଉଠିଲା ସେ । ଝଣ୍ କରି ହାତରୁ କଂସାଟା ଖସି ପଡ଼ିଲା ତଳକୁ ! ଗୁମୁରି ଗୁମୁରି ସେ ବି ବାଜୁଥିଲା ମାଟି ଉପରେ । ସ୍ତବ୍ଧ, ଅବାକ୍ ହୋଇ ଠିଆ ହୋଇଗଲା ଅରୁଣ ।

ଟନା ! ମୋ ବାପରେ···

ଭେ-ଭେ ହୋଇ କାନ୍ଦୁଥିଲା ଦୁଃଖୀ ଅପା । ଅବୁଝା ତା'ର ଭାଷା । ଅବ୍ୟକ୍ତ ତା'ର ଭାବ । କ'ଣ ହେଲା କାହାର ? ତେବେ କ'ଣ··· ? ତେବେ··· ? ?

ବୁଝିବାକୁ ଆଉ ବାକି ରହିଲାନି ଅରୁଣର । ଅଶ୍ରୁ ଢାଳି ଢାଳି ସେ ମଧ୍ୟ ତର୍ପଣ କଲା ସେଇ ଆତ୍ମା ଉଦ୍ଦେଶ୍ୟରେ । ଯାହାପାଇଁ ସେ ଏତେ ବାଟ ଧାଇଁ ଆସିଥିଲା, ଯାହାର ସ୍ନେହ କିଣିବାପାଇଁ ସେ ପାଗଳ ହେଉଥିଲା । ସେ ଅତି ନିଷ୍ଠୁର ଭାବେ ଏକୁଟିଆ କରି ଚାଲି ଯାଇଛନ୍ତି । ସେ ପବିତ୍ର ଆତ୍ମା ଗୋଟାଏ ରାତ୍ରି ପୂର୍ବରୁ ଏ ଘରଛାଡ଼ି ଚାଲି ଯାଇଛି । ଅରୁଣର ସଜଳ ଆଖି ଚାରିଆଡ଼କୁ ଖୋଜି ବୁଲୁଥିଲା । ତା' ମନରେ ହଠାତ୍ ଏକଥା ବିଶ୍ୱାସ ହେଉ ନ ଥିଲା । ସେ ଖୋଜୁଥିଲା ସେଇ କର୍ମକ୍ଳାନ୍ତ ହସନ୍ତ ମୂର୍ତ୍ତିଟିକୁ । ସେ ଅପେକ୍ଷା କରୁଥିଲା ସେଇ ବଳିଷ୍ଠ ବାହୁ ଦୁଇଟାର ଆଶ୍ଳେଷକୁ । ସେ ଶୁଣିବାକୁ ଚାହୁଁଥିଲା ସେଇ ଗମ୍ଭୀର କଣ୍ଠରୁ, ବାପ, ଭଲରେ ଫେରିଚୁ ତ ?

ବାପା ଚାଲିଗଲେ । ସବୁଦିନ ପାଇଁ ଚାଲିଗଲେ । ନିହାତି ସ୍ୱାର୍ଥପର ଭାବେ ସେ ସବୁ ଛାଡ଼ି ବୈରାଗ୍ୟ ଦେଖାଇଲେ । ମାଆ ଛାଡ଼ି ଯାଇଥିଲା । ମାତ୍ର ବାପାଙ୍କର ଦୃଢ଼ ମମତାର ବନ୍ଧନରେ ସବୁ ସେ ଭୁଲି ଯାଇଥିଲା । ପ୍ରାୟ ସତର ବର୍ଷପରେ ସେ ଆଉ ଥରେ ଖୋଜିଲା ମାଆକୁ । ବାପା ! ମାଆ ! ! ମତେ ଏକୁଟିଆ କରି କୁଆଡ଼େ ଗଲ ତମେ ସବୁ । ପାଞ୍ଚ ବର୍ଷର ଛୋଟ ଛୁଆଭଳି କାନ୍ଦୁଥିଲା ଅରୁଣ ।

ନିହାତି ଅବାସ୍ତବକୁ ସେ ଝୁରି ହେଉଥିଲା । ଯଦିଓ ଜାଣେ ମଣିଷ ଜନ୍ମହେଲେ ଦିନେ ନା ଦିନେ ମରେ । କେହି ସବୁଦିନ ପାଇଁ ଏଇ ପୃଥିବୀରେ ବଞ୍ଚିଜାଇଁ ରହେନା । ସମସ୍ତେ ଜାଣି ଅଜଣା ହୁଅନ୍ତି । ସଭିଏଁ କାନ୍ଦନ୍ତି, କେହି ଜଣେ ତାଙ୍କ ପାଖରୁ ଦୂରେଇ ଗଲେ । ଏଇଟା ସଂସାରର ସ୍ୱାତ ।

ଅରୁଣ କାନ୍ଦୁଥିଲା । ଦୁଃଖୀ ଅପା ଝଡ଼ ବିପର୍ଯ୍ୟସ୍ତ ଲତା ଭଳି କେଉଁଠି ପଡ଼ିଥିଲା । ଦୁହେଁ କାନ୍ଦୁଥିଲେ । କାନ୍ଦଣାର ଗୋଟାଏ କୋରସ୍ ଉଠୁଥିଲା ସାରା କୋଠାଟିରୁ ।

॥ ୪ ॥

ରାଧୀ ଆଈ ଯୋଗକୁ ଆସି ଜୁଟିଗଲେ । ସେ ବି ସେଇ କାନ୍ଦଣାରେ ଯୋଗଦେଲେ । କାନ୍ଦଣାର ଷିଅ ଧରି ସେ କହୁଥିଲେ, ଆହା ! କେତେ ତୋତେ ସେ ଖେଳଇରେ ଝୁନା ! ଏଇ ଗୋରା ଗୋରା ହାତ ଦି'ଟାକୁ କେତେ ସରଗରେ ଅନଣା କରିଥିଲା । ହତଭାଗା ଟା, ଟିକେ ତାକୁ ଶେଷ ବେଳରେ ଦେଖା ଦେଲୁନି ।

ଅରୁଣ କଇଁ କଇଁ ହୋଇ କାନ୍ଦୁଥିଲା । ରାଧୀ ଆଈ କହୁଥିଲେ, ନିଆଁ ଲଗା ଯମ ପିଲାଗୁଡ଼ାକୁ ଆଗ ନେଇ ଯାଉଛି, ମୁଁ କ'ଣ ତା' ଆଖିରେ ପଡୁନି । ଯେ ଖୋଜୁଚି ତାକୁ କି ନେଇ ଯେ ଖୋଜୁନି ତାକୁ ନଉଚି । କେଡ଼େ ଅହଲ୍ୟା ତା'ର ପେଟେ । ତୁ ବାପ, ଉଠ୍, ଆଉ କାନ୍ଦନା । ତୁ ପରା ପାଠ ପଢୁଚୁ । ଆଉ କାନ୍ଦୁଚୁ କାହିଁକି ? ଗଲା ଲୋକ ଆଉ ବାହୁଡ଼େ ନା ରେ । କାନ୍ଦିଲେ, ମୁଣ୍ଡ ପିଟିଲେ ସେ ଆଉ ଫେରିବନି । ତୁନି ହ ବାପ ।

ତୁନି ହଅ । ଉଠ୍...

ଅନ୍ତ୍ୟେଷ୍ଟି କ୍ରିୟା ସରିଲା । ଅରୁଣ କିନ୍ତୁ ଧୈର୍ଯ୍ୟହରା ହୋଇ ପଡୁଥିଲା । କ'ଣ କରିବ ଠିକ୍ କରି ପାରୁନଥିଲା ! ପାଠ ପଢ଼ିବ, ନା ଘର ବୁଟିବ । ଅନେକ ଥର ନୀରବରେ ବସି ଦୁଇ କଥାକୁ ତଉଲିଲା । କ'ଣ ଏଇଠି ଆତ୍ମହତ୍ୟା କରିବ କଳାକାରର ସୁନେଲି ସ୍ୱପ୍ନ ? କ'ଣ କଳା ଅନ୍ଧାରରେ ମିଳେଇ ଯିବ ! !

ଦୁଃଖୀ ଅପା ସାହସ ଦେଲା । ଅରୁଣ ସନ୍ତକୁ ଅଣ୍ଟା ଭିଡ଼ିଲା । ଅରୁଣକୁ କହିଲା, ହେଇତ ବାପ, ତୁ ପଢ଼ । ଯୋଉ ଯାକେ ମନ ହେଉଚି ପଢ଼ । ଜମି ବାଡ଼ି ମୁଁ ସମ୍ଭାଳିବି । ହଳିଆ ମୂଲିଆ କରି ଚାଷ କରିବି । ଚାଷୀ ଘର

ଝିଅ ମୁଁ । ମତେ ଏସବୁ ବଳେଇବନି । ମୁଁ ଯେତେ ଦିନ ବଞ୍ଚିଛି ଅଛୁ ତୋର କିଛି ଚିନ୍ତା ନାହିଁ ।

ସାହସ ପାଇଲା ଅରୁଣ । ଚିନ୍ତା ଛୁଟିଲା ।

ଠିକ୍ କଲା, ଗାଆଁରେ ବୁଲାବୁଲି କରି ଆଉ ଦିନ ଫେରିଯିବ ଶାନ୍ତିନିକେତନ । ସନ୍ଧ୍ୟାକୁ ସୁଧୀ ଆଈ ଘରକୁ ଗଲା । ସୁଧୀ ଆଈ ଖୁସି ହେବେ ନାଏ ! ଭାରି ଖୁସି ହେଲେ ସେ । ଏଣିକି କ'ଣ କରିବୁ ବୋଲି ପଚାରିଲେ । ଅରୁଣ ତା' ମନ କଥା କହିଲା । କହିଲା ଆହୁରି ପଢ଼ିବ । ପଢ଼ା ସାରିଲେ ସେ ଯାହା କରିବ ।

ଆଈର ଏଇ ଘରୋଇ କଥାଗୁଡ଼ା ଶୁଣିବାକୁ ସେ ମୋଟେ ପସନ୍ଦ କରି ନଥିଲା । ତା'ର ବାରମ୍ବାର ମନେ ପଡ଼ି ଯାଉଥିଲା ବୀଣା କଥା । ଯାହାକୁ ଅନେକ ଦିନ ହେଲା ସେ ଦେଖିନି । ଏତେ ଦିନ ହେଲା ଗାଁଆକୁ ଆସିଲାଣି, ବୀଣା ତ ତାକୁ ଦେଖା କରିନି । ଭଲ ମନ୍ଦ ପଚାରି ବସିନି ? ତେବେ କ'ଣ ଦୁଃଖରେ ଭାଙ୍ଗି ପଡ଼ିଛି ? ସେଇଥିପାଇଁ ତା ସାମନାକୁ ନ ଆସି ଲୁଚିଛି ।

ଏତେ ସ୍ନେହପଣ ! ଅରୁଣ ତା' ସାଙ୍ଗରେ କଥା କହୁବନି ।

ସେ ଆଉ ଧୈର୍ଯ୍ୟ ଧରି ପାରିଲା ନି । ଆବେଗକୁ ଆଉ ସମ୍ଭାଳି ରଖି ପାରିଲା ନି ।

ତଥାପି ଅରୁଣ ପଚାରିଲା, ଆଈ ! ବୀଣା କାହିଁକି ?

ଅଟକ ଗଲେ ଆଈ ।

ପ୍ରତିଥର ଅରୁଣ ଆସିଲେ ଆଗ ତାଙ୍କର ଘରକୁ ଆସେ । ବୀଣାକୁ ଖୋଜେ । ବୀଣା ସାଙ୍ଗରେ ବୁଲିଯାଏ । କେଉଁଠୁ ଆମ୍ବ କଷି ଝଡ଼ାନ୍ତି । କେବେ ପାଚିଲା ତେନ୍ତୁଳି ତୋଳନ୍ତି । ଦିଅ ପାଚିଲା ପିଜୁଳି ଲାଗି ଦୁହେଁ କଳି କରନ୍ତି । ଭାରି ଆନନ୍ଦ ଲାଗେ ସୁଧୀ ଆଈଙ୍କୁ ଏ ଦୁହିଁଙ୍କର ପିଲାମି ଦେଖି । ଆଜି ସେ ଯେ ସେସବୁର ଅନୁପସ୍ଥିତି ଅନୁଭବ କରୁଛନ୍ତି ।

ଅରୁଣ ପ୍ରଶ୍ନରେ ଆଈ ଟିକିଏ ଅଟକିଗଲେ । ଦଣ୍ଡେ ନୀରବ ରହି କହିଲେ, ସେ ଆଉ ନାହିଁରେ ନାତି ? ତା' କଥା କି ତତେ କହିବାକୁ ଯାଶୋର ଯାଇଛି । ନିଆଁ ଲଗା ମନ କ'ଣ ପଡ଼ୁଛି ।

'ମାନେ !' ଆଶ୍ଚର୍ଯ୍ୟ ହୋଇ ଅରୁଣ ପଚାରିଲା ।

ବୀଣା ଏଠି ନାହିଁ ।

ଏ ନାହିଁଟା ହଠାତ୍ ଗୋଟାଏ ବୁଲେଟ୍ ମାଡ଼ ଭଳି ତାକୁ ବୋଧ ହେଲା । ଆଉ କଥାଯୋଡ଼ି କହିଲେ, ଗଲା ପଉଷରେ ତାକୁ ଉଠେଇଦେଲି । ଭରତରରେ ବାହାଘର ହୋଇଗଲା । କାହୁଁ ଆସି ଜୁଟିଲା । ଶେଷ ତଥ୍ୟ । ବନ୍ଧୁବାନ୍ଧବ ବି ଡାକି ପାରିଲୁନି । ତତେ ବି ଖବର ପଠେଇ ପାରିନି ।

ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ଅରୁଣ କହିଲା, ଏଁ, ତା' ହେଲେ ବୀଣାର ବାହାଘର ସରିଗଲା ! ତାକୁ ବୋହୂ ବେଶରେ ଦେଖିବାର ସୁଯୋଗ ବି ଜୁଟିଲାନି ! ସିଏ ବି ମତେ ଟିକେ···

ଆଉ ଦୀର୍ଘ ନିଶ୍ୱାସ ପକେଇ କହିଲେ, ସବୁ ସେ ଭଗବାନଙ୍କ ବିଧାନ । ଟିକିଏ ଚୁପ୍ ରହି ଅରୁଣ ପୁଣି ପଚାରିଲା, ତା' ଶାଶୁଘର ଏଠୁ କେତେ ବାଟ ଆଉ ?

ବାଟ ତ କୋଶ ହେବନି । ଯାଉନୁ ଟିକେ ବୁଲି ଆସିବୁ ?

ନା, ଆଉ କେବେ ଯିବି । ମୁଁ କାଲି କଲିକତା ପଳେଇବି ।

ତା' ହେଲେ ତୋର ପାଠ ପଢ଼ିବା ଶେଷ ନିଷ୍ପତ୍ତି ହେଲା ?

ହଁ ।

ହଉ ପଢ଼ । ମୋ ମତରେ ପାଠ ପଢ଼ାସାରି ଗୋଟାଏ ଭଲ ବାଟ ଧର ।

ଦେଖା ଯାଉ, କ'ଣ ହଉଚି ।

ଉଠି ଠିଆହେଲା ଅରୁଣ ।

ଆଉ ଦଣ୍ଡେ ବସିବାକୁ ମନ ଲାଗିଲାନି ତା'ର । ସାରା ଘରଟା ତାକୁ ଯେମିତି ଶୂନ୍ଶାନ ଲାଗିଲା । ବୀଣାର ସେଇ ଦୁଷ୍ଟାମି ଭିଣା ଚାହାଣୀ ତା' ଆଗରୁ ନାଚି ନାଚି ଉଭେଇଗଲା । ବୀଣା ନାହିଁ । ଗଲା ପଉଷରେ ତାକୁ ଆଉ ଉଠେଇ ଦେଇଚି ।

ବୀଣାର ବାହାଘର ହେଇ ଯାଇଚି ?

ମୋଟେ ବିଶ୍ୱାସ ହେଲାନି ଅରୁଣର । ତା'ର ମନେହେଲା, ବୀଣା ଯେମିତି ଏଇ ଘରର କେଉଁ ଅନ୍ଧାରୁଆ କୋଣରେ ଲୁଚି ରହିଚି । ତାକୁ ଦେଖା ଦଉନି । ଆଉ ମିଛ କହୁଚି, ଥଟ୍ଟା କରୁଚି ।

ପୁଣି ମନରେ ଦ୍ୱନ୍ଦ୍ୱ ଲାଗିଲା, ନା, ସେ ବାହ୍ୱାହୋଇ ଯାଇଛି । ନହେଲେ ତା'ଭଳି ପିଲା,ଏତେ ଦିନ ଘରକୋଣରେ ମଉନଭାବେ କଟାଇପାରି ନଥାନ୍ତା । ସେ କିଣ୍ଣିଯାଇ ଦେଖାକରି ଆସନ୍ତାଣି । ତା'ର ଅଭିମାନିଆ ସ୍ୱର ଝଙ୍କାର ଭୋଳ କହିସାରଲଣି, ମୋପାଇଁ କ'ଣ ଆଣିଛ ଅରୁଣ ଭାଇ ?

ଅରୁଣ ଭାଇ ! ମତେ ଏଇ ଛବିଟି ଦେବନା ?

...ପ୍ରତୀକ୍ଷା ଓ ଉତ୍କଣ୍ଠା...ଦେବ ?

ଆରେ, ହଁ କୁହନା ?

...ବୀଣା !...

ଅସ୍ପଷ୍ଟ ସ୍ୱରରେ ଚିତ୍କାରକରି ଉଠିଲା ଅରୁଣ । ପୁଣି ଚମକି ଉଠିଲା ସେ ନିଜେ । ଆରେ, ସେ କ'ଣ ଭାବୁଛି ! ଏ କ'ଣ ବାସ୍ତବ ଚେତନାର ଚିତ୍କାର । ନା-ନା, ଏ ତା'ର ଅବଚେତନ ମନର ନୀରବ ଆବେଦନ । ସେ ବୀଣାକୁ ଖୋଜୁଛି । ବୀଣା...ଅତି ଆଦର ବୀଣାକୁ । ଯିଏ ଆଗରୁ ଏତେ ଆପଣାର ନ ଥିଲା, ଏବେ ଖୁବ୍ ନିକଟକୁ ଚାଲି ଆସିଛି ।

କାହିଁକି ?

ଯେବେ ତ ସେ ବୀଣାକୁ ତା'ର ଉପସ୍ଥିତିରେ ତାକୁ ଏତେ ଭଲ ପାଉଛି ବୋଲି କହି ନଥିଲା । ଏତେ ସ୍ନେହ, ଏତେ ମମତା, ଏତେ ଆଦର, ଏସବୁ ଥିଲା କେଉଁଠି ସେତେବେଳେ ? ବରଂ ତାକୁ ଅନେକଥର ଆଘାତ କରିଛି । ତା'ର ଅଭିମାନିଆ ସ୍ୱରକୁ ନୀରବ ହେବାକୁ ବାଧ୍ୟ କରିଛି ।

ତା'ମନର କୈଶୋରସ୍ୱପ୍ନ ବଡ଼ ଦାଣ୍ଡରେ ବୀଣା ହସିଛି, ଖେଳିଛି,ଡିଆଁ ମାରିଛି । ଯୌବନର ରାଜଧାନୀରେ ମଧୁର ମୂର୍ଚ୍ଛନା ତୋଳିଛି । ଆତ୍ମୀୟତାର ଛବି ଆଙ୍କିବାକୁ ଉତ୍ସାହ ଦେଇଛି ପ୍ରଚୁର । ତା' ଛବିର ମାନସୀ ସାଜିଛି ବିନା ଦ୍ୱିଧାରେ । ସ୍ପଷ୍ଟ କହିଛି ତା' ମନର କଥା । ତଥାପି ଅବୁଝା ଏଇ,ଅରୁଣ । ସେଦିନ ବିଦାୟ ବେଳର ତା' ଲୁହକୁ ବଡ଼ ନିଷ୍ଠୁରଭାବେ ଉପେକ୍ଷା କରିଛି ସେ । ଅନ୍ତତଃ କହିଯାଇ ପାରିଥାନ୍ତା ତ ଦି'ପଦ କିଛି । କାହିଁକି ସେ ଚାହିଁ ଥିଲା ସେଦିନ ।

॥ ୪୮ ॥

ଆଜି ବୀଣାର ଅନୁପସ୍ଥିତି ଅନୁଭବ କଲା ଅରୁଣ । ଦୀର୍ଘଦିନପରେ ସେ ଜାଣିଲା ଯେମିତି ଏ ସଂସାରରୁ ଅନେକେ ତାଠୁ ଦୂରେଇ ଯାଇଛନ୍ତି । କେବଳ ବାପା ନୁହନ୍ତି, ବୀଣା ମଧ୍ୟ । ସେ ଦୂରେଇ ଯାଇଛି କାହିଁ କେତେ ଦୂରକୁ । ସେ ବୋଧେ କେଉଁ ପ୍ରବାଳ ନଗରୀର ବନ୍ଦିନୀ ରାଜକନ୍ୟା ।

ଏତେଦିନ ଅରୁଣ ଗୋଟାଏ ମଦ୍ୟପଭଳି ଏକ ଝୁଙ୍କ୍‌ରେ ସବୁ କାମକରି ଯାଇଥିଲା । ତା'ର ଚେତନ-ଅଚେତନ ମନ ଭିତରେ ବୀଣାର ଚିନ୍ତା ଯଦିଓ ପଶିଥିଲା, ତଥାପି ସେ ଥିଲା କ୍ଷଣିକ । ସେ ଚିନ୍ତାଥିଲା ନିହାତି ଜୀବନହୀନ । ମଦ୍ୟପ ଯେମିତି ନିଶାଖୋଳରେ ସବୁ ଭୁଲିଯାଏ, ସେ ସେମିତି ସବୁ ଭୁଲି ଯାଇଥିଲା । ତା'ର ନିଶା ଛୁଟିଛି ।

ଚମକି ଉଠିଲା ଅରୁଣ ।

ଆରେ ! କ'ଣ ଭାବୁଛି ଠିଆ ହୋଇ ହୋଇ ।

ହଠାତ୍ ଶୁଣିଲା ଆଈର ସ୍ୱର, ବସୁନୁ ବାପ । ଠିଆ ହେଲୁ କାହିଁକି ! ଯିବୁ ତ, ଏତେ ତରବର କାହିଁକି ?

ନାଇଁ ମୁଁ ଆସୁଚି ଆଈ ! ଆଜି ଯିବାପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ଦୁଃଖୀ ଅପାର ସାହସ ମୁଁ ପାଇଛି । ସେ ଘର ବୁଝିବ । ମୁଁ ପାଠପଢ଼ା ସାରିଲେ ତା'ପରେ ସବୁ ବ୍ୟବସ୍ଥା କରିବି ।

ହଉ ! ମଝିରେ ମଝିରେ ଚିଠିପତ୍ରର ଦେବୁରେ ଟୁନା ।

ଉତ୍ତର ଦେବାକୁ ବି ତର ସହିଲାନି ଅରୁଣର । ସେ ଏକମୁହାଁ ହୋଇ ଫେରିଲା ଘରକୁ । ହଠାତ୍ କାହିଁକି ତାକୁ ସବୁ ଫିକା ଲାଗିଲା । ଦଣ୍ଡେହେଲେ ଘରେ ରହିବାକୁ ଭଲ ଲାଗିଲାନି । ଭଲ ଲାଗିଲାନି ଅତିପ୍ରିୟ ଗାଁମାଟି । ହସ କାନ୍ଦର ସ୍ମୃତିପୀଠ ମଶାଣିଭଳି ଲାଗିଲା ।

କ'ଣ ହୋଇଗଲା ତା'ର... ?

ଦେହ ମନ କାହିଁକି ଏମିତି ଜଳୁଚି ?

ତା'ର ମନେ ହେଲା, ବାପା ଅପେକ୍ଷା ବୀଣା ତାକୁ ବେଶୀ ଆଘାତ ଦେଇଛି । ତା'ର ସ୍ମୃତି ଏଠି ବେଶୀ ଜୀବନ୍ତ ହୋଇ ଉଠୁଛି । ତା'ର ସ୍ମୃତିର ପ୍ରେତ ତାକୁ ଡରଉଚି । ସେ ଦେଖୁଛି ତା'ର ଚାରିଆଡ଼େ ବୀଣା...

ଏଇତ ସେଇ ପିଜୁଳିଗଛ ସେମିତ ଠିଆହୋଇଛି । ତା'ର ମୂଳେ ସୀଣାର ଆଲୁଳାୟିତ କେଶ ଦିଶିଯାଇଛି । ଫ୍ରକପିନ୍ଧା ଗୋରାଦେହଟି ହସୁଛି । ହାତ ବଢ଼ାଉଛି ଉପରକୁ । କହୁଛି ଆଉ ଗୋଟାଏ ପିଜୁଳି ଦିଅନା ! ହଁ, ସେଇଟା ।

ସେଇଟା ମୋର ।

ପୁଣି···

ଏଇତ ସ୍କୁଲରୁ ବହିଖାତା ଧରି ଫେରୁଛି ସେ । ଉଦାସିଆ ଅପରାହ୍ନର ଛାଇ ସାଙ୍ଗେ ସାଙ୍ଗେ ଛୁପି ଛୁପି ଆସୁଛି । ତା'ର ସ୍କୁଲ ଛୁଟି ହୋଇଛି । ଏଗାରବର୍ଷର କଶୋରୀଟି ନାଚ ନାଚ ଆସୁଛି ଗାଆଁ ଦାଣ୍ଡରେ । ସୋରିଷ-ଫୁଲିଆ ସୂର୍ଯ୍ୟକିରଣରେ ତା'ର ଅସ୍ପଷ୍ଟ ମୁହଁଟିର ଶୋଭା ବେଶ୍ ସୁନ୍ଦର ଦିଶୁଛି । ଖୁଉବ ସୁନ୍ଦର !

ମୁହଁରେ ଲାଗିଛି ମେଞ୍ଚେ କାଳି ।

ବୋଧହୁଏ କଲମଟାର ଅଭଦ୍ରାମୀ । କାଳି ଝରୁଛି ଧଳାବା ଜାଗାରୁ । କାଳି ହାତଟା ମୁହଁରେ ମାରିଛି ସେ । ମାଙ୍କଡ଼ ଭଳି ମୁହଁ ଦିଶୁଛି ! ଏଥର ଖତେଇ ହେବା ଆରମ୍ଭ କରି ଦେଉଛି ଅରୁଣ । ଥଟ୍ଟା କରି କେତେ କଅଣ କହୁଛି ।

ଇସ୍··· ମାଙ୍କଡ଼ !

ଆରେ ! ମୋ ମୁହଁରୁ କାଳିପୋଛି ଦିଅନା ଅରୁଣ ଭାଇ !

ସେଇ ବ୍ୟଥା, ଲଜ୍ଜାପାଟଳ ମୁଖରେ ଅନୁନୟ କରୁଛି । ଖୁବ୍ ସୁନ୍ଦର ଦିଶୁଛି ତା'ର ଏଇ ଅଭିମାନିଆ ମୁହଁଟା । ଏଇ ଅନୁଢ଼ା କଶୋରୀଟି ମୁହଁରେ ଲାଜର ଏତେ ଅବିର କିଏ ବୋଳିଛି ସତେ !

ଖାଲି ଗୋଟିଏ ଗୋଟିଏ ଛବି । ନାଚ ନାଚ ଉପହାସ କରି କରି ତା'ର ଆଗରୁ ଚାଲି ଯାଉଥିଲେ । ଚାହିଁଥିଲା ଏକ ଲୟରେ ଅରୁଣ । ତାର ଆଗରେ ହଜିଲା କୈଶୋର ଆଉ ପହିଲି ଯୌବନର ଚଳଚିତ୍ର । ସବୁଥିରେ ଉଦାସର ଉତ୍କଣ୍ଠ ଉପାଦାନ ।

॥ ୫୦ ॥

ମନରେ ପୁଣି ପ୍ରଶ୍ନ... କାହିଁକି ସେ ବୀଣା କଥା ଭାବୁଚ ? ସେ ସବୁ ଭୁଲିଯିବ । ଯେମିତି ଭୁଲିବାକୁ ଚେଷ୍ଟା କରୁଚ ବାପାଙ୍କର ଅତୀତ ମଧୁର ସ୍ମୃତିକୁ, ଠିକ୍ ସେମିତି ଭୁଲିବ ସେ ସବୁ କଥା ।

ପୁଣି ସେଇ ଶାନ୍ତି ନିକେତନ ।

ତା'ର ମନେ ନାହିଁ, ସେ ଏଠିକି କେମିତି ଆସିଲା । ଗାଡ଼ିରେ ଆସିଲା ବେଳେ ଟିକେଟ କରିଥିଲା କି ନାହିଁ । ଷ୍ଟେସନରେ ନିଜେ ଗାଡ଼ିରେ ଚଢ଼ିଥିଲା ନା, ଆଉ କିଏ ଚଢ଼ାଇ ଦେଇଥିଲା । ଦିନରେ ଆସିଥିଲା, ନା ରାତିରେ ଆସିଥିଲା । ଶୋଇଥିଲା, ନା ଚେଇଁଥିଲା ।

ସବୁ ସ୍ୱପ୍ନଭଳି ଲାଗୁଚି ।

ତେବେ କେତେ ଚିନ୍ତା ସେ ଘରୁ ନେଇ ଆସିଥିଲା ?

କେତେ ସୀମାହୀନ ଅଡୁଆ ଚିନ୍ତା...

ଶାନ୍ତି ନିକେତନ ଫେରିଆସି ମଧ୍ୟ ଅରୁଣ ନିଶ୍ଚିନ୍ତ ହୋଇ ପାରିଲା ନି । ସେ ଭାବୁଥିଲା, କେମିତି ବୀଣା ପାଖକୁ ତା' ବିବାହ ଉପହାରଟି ପଠାଇବ । ପିଲା ଦିନର ଠିଲିକିରି ସ୍ମୃତି କେବଳ ତା' ପାଖରେ ରହିଯିବ କି'ଣ ? ନା, ସେ ବୀଣାକୁ ତା' ଛବିଟି ଦେବ ।

ଛବିଗୁଡ଼ିକ ଆଗରେ ଗଦେଇ ରଖି ବସି ଭାବୁଥିଲା ଅରୁଣ ।

ବୀଣାପାଇଁ ବହୁତ ଦିନରୁ ସେ ସାଇତି ରଖିଥିଲା ଏ ଛବିଟି । ସାବ୍ୟସ୍ତ କରିଥିଲା, ତା' ବିବାହ ବେଦୀରେ ତାକୁ ଉପହାର ଦେବ । ମାତ୍ର ସେ ବଞ୍ଚିତ ହେଲା । ସବୁଥିରୁ ସେ ବଞ୍ଚିତ ହେଇଚି । ପିତା ସୁଖରୁ ଆଉ ପିଲା ଦିନର ସାଥୀ-ସାଙ୍ଗରୁ । ବୀଣା ପାଖକୁ ଛବିଟି ପଠେଇ ଦବ ।

ପଠେଇ ଦବ ? ଯଦି କେହି ଅବିଶ୍ୱାସ କରେ । ବିଚାରୀ କେତେ ହତାଦର ପାଇବ । ସ୍ୱାମୀ ତା'ର ଘୃଣା କରିବ । ସେମାନେ ହୁଏତ ଆମ

ସ୍ନେହକୁ ଆବିଳତାରେ ଭରି ଦେବେ । ସ୍ୱାମୀର ଦୁଃଖ ଶୁଣି ସେ କ'ଣ ଖୁସି ହୋଇ ପାରିବ ?

ନାଃ—କାହିଁକି, ପଚାରିବ ? କାହିଁକି ତାଙ୍କ ମଧୁମୟ ଦାମ୍ପତ୍ୟ ଜୀବନରେ ବିଷବଳୟ ଘୂରାଇବ । ଆଜି କାଲି ତ ପୁରୁଷମାନେ ସ୍ତ୍ରୀ ଚରିତ୍ର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ବିବାହ ପୂର୍ବରୁ, କି ପରେ ତାହାର କାହା ସହିତ କିଭଳି ସମ୍ପର୍କ ଅଛି ତାହା ଖୋଜି ବୁଲନ୍ତି । ସତରେ ହେଉ, ମିଛରେ ହେଉ ଅବିଶ୍ୱାସ କରି ବସନ୍ତି । ମତାନ୍ତର ହୁଏ । ମନାନ୍ତର ହୁଏ । ସ୍ତ୍ରୀ ପୁରୁଷର ମଧୁର ସମ୍ପର୍କ କ୍ରମେ ହୁଏ ତିକ୍ତ ।

ଏ ସମାଜରେ ଯେମିତି ସ୍ତ୍ରୀର ଚରିତ୍ରଟା ଏକାନ୍ତ ଆଲୋଚ୍ୟ । ପୁରୁଷ ଚରିତ୍ରର ଗୋଟାଏ କିଛି ମୂଲ୍ୟ ଥାଏନା । ସ୍ତ୍ରୀ ପାଇଁ ଏଇଟା ମୁଖ୍ୟ ହେବା ସ୍ଥଳେ ପୁରୁଷ ପାଇଁ ନିହାତି ଗୌଣ ହୋଇ ପଡ଼େ । କାହିଁକି, କାହିଁକି ଏ ନୀତି ପୁରୁଷପାଇଁ ଏତେ କୋହଳ ? ଭାବି ପାରିଲାନି ଅରୁଣ ।

ଅରୁଣର ମନ ସମାଜପତିଙ୍କ ପ୍ରତି ଘୃଣାରେ ଭରିଗଲା । ଏମାନେ ପାତର ଅନ୍ତର କରୁଛନ୍ତି ନିଶ୍ଚୟ । କାହିଁକି କିଏ ତାଙ୍କୁ ସମ୍ମାନ ଦେବ ? କାହିଁକି କିଏ ମାନିବ ତାଙ୍କ ସାମାଜିକ ବନ୍ଧନକୁ ? ଏସବୁ ମନଗଢ଼ା ନୀତି ନିଶ୍ଚୟ । ତମେ ନିଜେ ତ ନିଜପାଇଁ ଗଢ଼ିନ ?

ଶାନ୍ତି ନିକେତନରେ ପହଞ୍ଚି ଅରୁଣ ଦାଗ-ଭାବନାରେ ବୁଡ଼ିରହିଲା । କୁଆଡେ଼ ଯିବାକୁ ଇଚ୍ଛା ହେଲାନି । ବସି ଭାବୁଚି ତାର କୋଠରୀରେ । ଅପରାହ୍ଣର ଖରାରୁ ତେଜ ସାଉଁଟୁଥିଲେ ସୂର୍ଯ୍ୟ । କ୍ଳାନ୍ତ ହୋଇ ବି ଶୋଇ ପାରୁନି ଅରୁଣ । ହଠାତ୍ ଭାବନା ତାକୁ ଆକ୍ରମଣ କରିଛି । ଭାବୁଚି ସେ ।

ଆକସ୍ମିକ ଭାବେ ରୁମ୍‌କୁ ପଶିଆସିଲା ଅଜନ୍ତା; ତା'ର ସହପାଠିନୀ । ପଚାରିଲା, ଆଜି କ୍ଲାସ୍‌କୁ ଯିବନି କି ?

ଅରୁଣ ମନାକଲା ।

ଅଜନ୍ତା ପୁଣି ପଚାରିଲା, ଘରୁ କେତେବେଳେ ଆସିଲେ ?

ଖୁବ୍ କମ ସମୟ ପୂର୍ବରୁ ।

'ଆପଣ ଏମିତି ଝଡ଼ିଯାଇଛନ୍ତି କାହିଁକି ?'

|| ୫୨ ||

ଦୀର୍ଘନିଶ୍ୱାସ ଛାଡ଼ି ଅରୁଣ କହିଲା, ସେ ଅନେକ କଥା··· !

ପୁଣି ଅଜନ୍ତା ପଚାରିଲା, ମୋତେ କହିବେନି ତା'ହେଲେ ?

ଦୁଃଖକଥା କହି କାହାର ମନରେ ଦୁଃଖଦେବାକୁ ମୁଁ ଭଲପାଏନା; ତେଣୁ······

ନିଜ ଦୁଃଖ ଅନ୍ୟ ଆଗରେ କହିଲେ ବ୍ୟଥା ଅନେକ ପରିମାଣରେ ଉପଶମ ହୋଇଯାଏ ଅରୁଣବାବୁ ।

ହଁ, ସତ···

ତେବେ···?

ତେବେ ଆଉ କ'ଣ ? ତଥାପି ଏତିକି କହିଲେ ଯଥେଷ୍ଟ ହେବ, ଶାନ୍ତି ନିକେତନରୁ ଯାହାଙ୍କୁ ଦେଖିବାପାଇଁ ଗାଆଁ ଭୂଇଁକୁ ଛୁଟି ଯାଇଥିଲି, ସେଠି ପହଞ୍ଚି ଦେଖିଲି, ରାକ୍ଷସୀ ମାଟି ତାଙ୍କୁ ଖାଇ ସାରିଲାଣି । ତାଙ୍କର ପୋଡ଼ାପାଉଁଶ ବୋଲି ହୋଇ ନୀରବରେ ଶୋଇଛି ।

ମାନେ ? ଆଶ୍ଚର୍ଯ୍ୟହୋଇ ପଚାରିଲା ଅଜନ୍ତା । ବାପାଙ୍କର ଡେଥ୍ ହୋଇଥିଲା ? ମାଇଁ ଗଡ୍ ।

ଗଭୀର ଦୁଃଖରେ ଭାଙ୍ଗି ପଡ଼ିଲା ଅଜନ୍ତା । ଅରୁଣ ଲକ୍ଷ୍ୟକଲା ଅଜନ୍ତାର ଆଖିକୋଣରୁ ଲୁହ ଆସିବାକୁ ଉପକ୍ରମ କରୁଛି । ସେ କିନ୍ତୁ ନିଜକୁ ସମ୍ଭାଳିନେଇଚ ଜୋରକରି ।

ଆଶ୍ଚର୍ଯ୍ୟହୋଇ ଅଜନ୍ତା ଚାହିଁଲା ଅରୁଣ ମୁହଁକୁ । ନିର୍ବିକାର, ପ୍ରଶାନ୍ତ ସେ ମୁଖର ଭଙ୍ଗୀ । ଦୁଃଖ ଯେମିତି ବହୁଦିନରୁ ତା' ରାଜୁତିକରି ଫେରି ଯାଇଚ । ଆଉ ଫେରିବାର ସମ୍ଭାବନା ବି ରଖିନି ।

ଅରୁଣ ଦେଖୁଥିଲା ଅଜନ୍ତାକୁ । ଅଜନ୍ତା ତା'ର ସହପାଠିନୀ । ଏକଦା ଥିଲା ଯାଦବପୁର ୟୁନିଭରସିଟିର ଛାତ୍ରୀ । ଭଲ ପଢ଼େ । ଶ୍ରେଣୀରେ ତା'ର ସୁନାମ ଅଛି । ଖୁବ ସୁନ୍ଦରୀ । ଢ଼ଳ ଢ଼ଳ ଯୌବନରେ ତନୁ-ପୁଷ୍ଟ । ଗାଢ଼ କୃଷ୍ଣ ଭ୍ରୂ । ସାମାନ୍ୟ ପାତଳୀ । ଆଖି ଦୁଇଟା ଟଣା ଟଣା । ବେଣୀଲମ୍ବା । କଲେଜରେ ସମସ୍ତେ ତା' ରୂପର ପ୍ରଶଂସା କରନ୍ତି । ଏପରିକି ଝିଅମାନେ

ମଧ୍ୟ ତା' ଆଖିର ସୌନ୍ଦର୍ଯ୍ୟକୁ ଈର୍ଷା କରନ୍ତି । ସହପାଠୀଙ୍କଠାରୁ ଲାଳସା ମିଶା ମନ୍ତବ୍ୟ ବି ଶୁଣିଚି ଅରୁଣ ।

ଖୁବ୍ କମ୍ ଦିନ ଭିତରେ ଅଜନ୍ତା ଅରୁଣ ସହିତ ବନ୍ଧୁତା ଜମେଇ ଦେଇଥିଲା । ସେ ପରିଚୟରେ ଆକସ୍ମିକତା ନଥିଲା, ଆଉ ନ ଥିଲା ବି ଆକର୍ଷଣୀୟତା । ଅଜନ୍ତାର ଭଦ୍ର ବ୍ୟବହାର ଅରୁଣକୁ ଭଲ ଲାଗିଥିଲା ।

ଅଜନ୍ତାର ବିଶେଷ ଆକର୍ଷଣ ଥିଲା ଅରୁଣର ଛବିଗୁଡ଼ିକ ପ୍ରତି । ବନ୍ଧୁତା ହୁଏତ ସେ ଜମେଇଥିଲା ସେଇ ଛବିପାଇଁ । ଅନିମନ୍ତ୍ରିତଭାବେ ସେ ଆସି ଛବିସବୁ ଦେଖୁଥିଲା; ତା'ର ମତାମତ ମଧ୍ୟ ଦେଉଥିଲା । ଶାନ୍ତିନିକେତନ ବାତାବରଣ ଭିତରେ ସେ ଥିଲା ଅରୁଣର ପ୍ରଥମ ବାନ୍ଧବୀ ।

ଅଜନ୍ତା ଗୋଟି ଗୋଟି କରି ଛବି ଦେଖେ । ଅରୁଣ ଲକ୍ଷ୍ୟକରେ ଅଜନ୍ତାର ମୁଖର ଭାବଭଙ୍ଗୀକୁ । କେଉଁ ଚିତ୍ରକୁ ଦେଖି ତା ମଥାରେ ଅସଂଖ୍ୟ ରେଖା ଉକୁଟେ ତ, ଆଉ କାହାକୁ ଦେଖି ସେ କ୍ଷଣକପାଇଁ ମୂକ ହୋଇ-ଯାଏ । ବାସ୍ତବିକ ଅଜନ୍ତା ହେଉଛି ଅରୁଣର ଛବି-ପ୍ରେମିକା । ଛବି ଦେଖି ସେ ଏକବାରେ ପାଗଳିନୀ ହୁଏ । ଅରୁଣଭାବେ ଦୁନିଆରେ କଳାର ମୂଲ୍ୟ ବୁଝିବାକୁ ବାସ୍ତବିକ ଲୋକର ତ ଅଭାବ ନାହିଁ ।

ସାଧାରଣ ମତରେ ଶିଳ୍ପୀ, ଲେଖକ, କବିମାନେ ହେଉଛନ୍ତି ଅସାମାଜିକ ଜୀବ । ଏମାନଙ୍କର ସମାଜ ନାହିଁ, ବାସ୍ତବ ଜଗତ ସହିତ ତାଙ୍କର କିଛି ସମ୍ପର୍କ ନାହିଁ । କଳ୍ପନାର ଉପଜୀବୀ ଏମାନେ । କଳ୍ପନାରେ ବଞ୍ଚନ୍ତି । ନୀରବତା ଏମାନଙ୍କର ଖାଦ୍ୟ । ପ୍ରକୃତି ଏମାନଙ୍କର ଜନନୀ । ସୁଜଳା ବେଗିଆଳି ଧରଣୀଟା ତାଙ୍କର ଧାତ୍ରୀ ।

କଳ୍ପନାରୁ ଜନ୍ମନିଏ ତାଙ୍କର ମାନସୀ କନ୍ୟା । ସମସ୍ତେ ତାକୁ ଉପଭୋଗ କରନ୍ତି । ଅସ୍ଥିମଜ୍ଜାରେ ବି ସାଇତି ରଖନ୍ତି କେତେକ । ଏ ଦଳଟି ବାସ୍ତବ ଦୁନିଆର କନ୍ୟାପିତା । ସ୍ରଷ୍ଟା । ସୃଷ୍ଟି କରନ୍ତି । ପୂଜା ପାଆନ୍ତିନି କେବେ । ଚିର ଅବହେଳିତ । କଳାକାରି, କବିଗିରି, ମସୀଜୀବୀ କାହାରି ପରିଚୟ ନୁହେଁ, କି କାହାରି ଜୀବିକା ନୁହେଁ ।

ଅରୁଣ ଭାବେ, କଳାକୁ ନେଇ ମଣିଷ ବଞ୍ଚି ନ ପାରେ । କଳା କାହାର ଜୀବିକା ନ ହୋଇପାରେ; ମାତ୍ର ଜୀବନ ଅନେକଙ୍କର । କଳାକାର ଗୋଟାଏ ଝୁଙ୍କ୍, ଗୋଟାଏ ଖିଆଲ । ଅରୁଣର ମତ, ସେ ଯାହାହେଲେ ବି ସେ କଳାର ପୂଜା କରିବ । କଳାକୁ ଜୀବନର ପାଥେୟ କରିବ । କଳାକୁ ସାର୍ଥୀ କରି ସେ ବଞ୍ଚିବାକୁ ଚେଷ୍ଟା କରିବ । ହେଉ ପଛେ ଜୀବନଟା ସେଇ ପରୀକ୍ଷା ନିରୀକ୍ଷାରେ ଅତିବାହିତ, ସେ ସାଧକ ହେବ । କଳାର ସାଧକ ।

ଅରୁଣର ସାଧନାପାଇଁ ଅଜନ୍ତା ଅନେକଥର ସାଧୁବାଦ ଜଣାଇଚି । ନିଜ ମାନସିକ ବିଭୋରତା ବାଢ଼ିଚି । ସୁଭାଷ, ଗୋପବନ୍ଧୁ ଆଉ ଜଗନ୍ନାଥ ମନ୍ଦିରର ଛବି ଦେଖି ଦିନେ ସେ କହିଥିଲା, ଅରୁଣବାବୁ ! ଉତ୍କଳ ଭୂମିର ଅନେକ କିଛି ଗର୍ବ କରିବାର ଅଛି । ଯେଉଁ ଦେଶରେ ଜଗନ୍ନାଥ ମନ୍ଦିର ଭଳି ଦେବ ମନ୍ଦିର ଅଛି, ଯେଉଁ ଦେଶରେ ସୁଭାଷ ଭଳି ବୀରପୁତ୍ର ଜନ୍ମିଚି, ଯେଉଁ ଭୂମିକୁ ଗୋପବନ୍ଧୁ ଭଳି ମନୀଷୀ ଆସିଥିଲେ, ସେ ମାଟି ପବିତ୍ର । ସେ ଦେଶ ମହତ । ମୋର ଭାରି ଲୋଭ ସେଇ ଦେଶର ପାଣି ପବନକୁ ।

ଅଜନ୍ତା ଯେମିତି ପରୋକ୍ଷରେ ଉତ୍କଳ ମାଟିରେ ଥରେ ଜନ୍ମିବାକୁ ସୌଭାଗ୍ୟ ଖୋଜୁଥିଲା ଭଳି ମନେ ହେଲା ଅରୁଣକୁ । ତଥାପି ସେ ତା' କଥା ଉପରେ କିଛି କହିବାକୁ ଭଲ ମନେ କଲାନି । କ'ଣ କହିବ ? କାହିଁକି ବା କହିବ ? ଏତ ତାରି ଦେଶର ପ୍ରଶଂସା ।

ବଙ୍ଗବାସୀଙ୍କ ମୁହଁରୁ ଉତ୍କଳର ପ୍ରଶଂସା ଶୁଣିବା କମ୍ ସୌଭାଗ୍ୟର କଥା ନୁହେଁ । କାରଣ ସେମାନେ ସବୁଦିନେ ଗୋଟାଏ ହୀନ ମତ ଦେଇଛନ୍ତି ଏ ଦେଶକୁ । ଏ ଦେଶର ଗୌରବ ନାହିଁ, ସୌରଭ ନାହିଁ, ଆଉ ମାନବିକତା ନାହିଁ ବୋଲି ଅନେକେ ସମାଲୋଚନା କରିଛନ୍ତି । ଏଇ ଘୃଣ୍ୟ ସମାଲୋଚକଙ୍କ ଭିତରୁ ରବୀନ୍ଦ୍ରନାଥ ମଧ୍ୟ ବାଦ ଯାଇ ନାହାନ୍ତି ।

ବଡ଼ ଉଦାର କିନ୍ତୁ ଓଡ଼ିଆ ଜାତିଟା । କ୍ଷମା ଆଉ ସହିଷ୍ଣୁତାର ମୂର୍ତ୍ତି ପ୍ରତୀକ । ଗ୍ଲାନି ଆଣି ନାହାନ୍ତି ମନରେ । ନିର୍ବିବାଦରେ ସହିଛନ୍ତି । ଶତାବ୍ଦୀ ଶତାବ୍ଦୀ ଧରି ଭାଇର ଭାଇ ପ୍ରତି ହିତାଦରକୁ ଆଦର ନେଇଛନ୍ତି । ନିଅଙ୍କ

ଦୁର୍ଭିକ୍ଷରେ ପୋକମାଛି ଭଳି ମରିଛନ୍ତି । ତଥାପି କହୁ ନାହାନ୍ତି, ବଙ୍ଗବାସୀ ତମେ ନିର୍ଦ୍ଦୟ, ନିଷ୍ଠୁର, ଭ୍ରାତୃଘାତୀ; ତମେ ଅନୁଦାର ।

ଯେଉଁ ଜାତି ଅନ୍ୟର ଦୁଃଖ ଚିହ୍ନେନା, ଅନ୍ୟର ସୌଭାଗ୍ୟ ଦେଖି ଆନନ୍ଦିତ ହୋଇ ପାରେନା, ସେ ଜାତି ଜୀବନ ଜୀବନ ଧରି ସନ୍ତାପିତ । ତାରି ଆଗର ସ୍ତୁପୀକୃତ ଅହଙ୍କାର, ବଡ଼ିମା ତାରି ଉପରେ ମାଡ଼ି ହୋଇ ପଡ଼େ । ଏମିତି ଗୋଟାଏ ସମୟ ଆସେ, ସେ ଆଉ ତା'ର ଓଜନିଆ ବଡ଼ିମା ତଳୁ ଉଠି ପାରେନା । ସବୁଦିନ ପାଇଁ ମୂକ ହୋଇଯାଏ, ଜଡ଼ ପାଲଟି ଯାଏ । ସ୍ଥାଣୁତ୍ୱ ଆସେ ଜୀବନରେ ।

ଅରୁଣ ଆଣ୍ଟୁରି ଭାବେ, ସେଇ କଥା । ଯଦି ପୃଥିବୀର ଲୋକେ ମଙ୍ଗଳ ଗ୍ରହର ସୂର୍ଯ୍ୟ ଚନ୍ଦ୍ର ନାହିଁ ବୋଲି କହିବେ, ତେବେ ସେଇଟା ନିଜ ଦୁର୍ବଳତାକୁ ଢାଙ୍କିବା ଛଡ଼ା ଅନ୍ୟ କିଛି ନୁହେଁ । ପ୍ରତିଭାକୁ ପୂଜା କର; ନବାଗତକୁ ସ୍ୱାଗତ କର । ଭାଇର ସମ୍ମାନ ଭାଇକୁ ଦିଅ । ବାସ୍ ! ପୁଣି ଏ ଭାରତୀୟ ମହାଜାତି ଚେଇଁ ଉଠିବ । ବିଶ୍ୱ ଦରବାରରେ ଏହାର ଏକତ୍ୱ ଜୟଗାନ କରିବ । ସମସ୍ୱରରେ ଆକୁମାରୀ ହିମାଚଳ ଗାଇବ, ବନ୍ଦେ ମାତରମ୍ । ସୁଜଳାଂ ସୁଫଳାଂ, ମଳୟଜ ଶୀତଳା ...

ଧୂର୍ତ୍ତ ଇଂରେଜ ଏ ଜାତିର ଐକ୍ୟ ଦେହରେ ଅନୈକ୍ୟର ବିଷାକ୍ତ ଇଂଜେକ୍ସନ୍ ଫୋଡ଼ି ସୀମା ପାର ହେଲେ । ମାତ୍ର ସେଇ ବିଷଦିଗ୍ଧ ଭାରତୀୟ ପ୍ରାଣ ସ୍ୱାଧୀନତାର ଦୀର୍ଘ ବ୍ୟବଧାନ ଭିତରେ ଆରୋଗ୍ୟ ଲାଭ କରିନି । ପରସ୍ପରକୁ ଘୃଣା କରିବାର ପନ୍ଥା ସେ ଆମକୁ ଜୁଟାଇ ଦେଲେ । ସେଇଥି-ପାଇଁ ଆମେ ବଙ୍ଗାଳୀ, ସିଏ ଓଡ଼ିଆ ଓ ମାଡ୍ରାସୀର ବିଭେଦତା ଜନ୍ମନେଲା । ଏ ଜାତୀୟବୋଧ ନରହିବା ବି ଉଚିତ ନୁହେଁ । ତଥାପି ମନେରଖିବା ଉଚିତ, ଆମେ ଗୋଟିଏ ଗୋଟିଏ ଜାତି । ଗୋଟିଏ ମହାଜାତି; ମହା-ପରିବାରର ଜଣେ ଜଣେ ଲୋକ । ଏ ଚିନ୍ତାଧାରା ନ ଆସିଲେ, ବଙ୍ଗଳାରେ ଏମିତି ଅନନ୍ତ କ୍ଷୁଧା ହୁରୁହୁରୁ ହୋଇ ଜଳୁଥିବ । ମାଡ୍ରାସୀ ଦୁର୍ଦ୍ଦଶା ଦେଖି ଆମେ ନାକରେ ହାତ ଦେଇ ହସୁଥିବା ।

|| ୫୭ ||

ଏ ଯେମିତି ଏକ ଅଦ୍ଭୁତ ଯାନ୍ତ୍ରିକ ବ୍ୟାଧି । ନିଜେ ଖାଲରେ ପଡ଼ି ନିଜେ ହସୁଛେ । ନିଜକୁ ନିଜେ ଥଟ୍ଟା କରୁଛେ । ଯେତେଦିନ ଯାଏ ଏକଥା ଦୂର ନ ହୋଇଛି, ଆମର ପ୍ରଗତିର ପଥ କଣ୍ଟକଶୂନ୍ୟ ନୁହେଁ । ବଙ୍ଗାଳୀ-ଓଡ଼ିଆ । ଦୁଇଟା କିସମର ମଣିଷ ନୁହଁନ୍ତି । ଦୁହିଁଙ୍କର ବି ରକ୍ତମାଂସର ଶରୀର । ଲୁହା ସୁନା ନୁହେଁ; ତଥାପି ଘୃଣା, ଅବହେଳା ।

ଅଜନ୍ତା କିନ୍ତୁ ଘୃଣା କରି ଶିଖିନି । ସେ ପ୍ରଶଂସା କରୁଛି ଓଡ଼ିଶାକୁ; ଓଡ଼ିଶା ମାଟିକୁ । ମାଟିର ବିଶେଷତ୍ୱକୁ ସେ ସ୍ୱୀକାର କରୁଛି । ଏ ପ୍ରଶଂସା ଥରେ ନୁହେଁ, ଅନେକ ଥର ଶୁଣିଛି ଅରୁଣ । ତେଣୁ ସେ ଅଜନ୍ତାକୁ ତା' ନିଃସଙ୍ଗ ଜୀବନର ବାନ୍ଧବୀ ରୂପେ ସ୍ୱୀକାର କରିବାକୁ କୁଣ୍ଠାବୋଧ କରିନି ।

ଦୁହିଁଙ୍କର ଭଲ ମନ୍ଦ ଦୁହେଁ ବୁଝନ୍ତି । ଏ ଆନ୍ତରିକତାକୁ ଅରୁଣ ଗୋଟାଏ ପବିତ୍ର ସ୍ନେହର ରୂପ ଦେଇଥିଲା । ଅଜନ୍ତା ଅରୁଣକୁ କେଜାଣି କାହିଁକି ସନ୍ଦେହ କରିବାକୁ ଭୁଲି ଯାଇଥିଲା । ଭୁଲି ଯାଇଥିଲା ଏତେ ମିଳାମିଶାର ଉକ୍ତି-ମନ୍ତବ୍ୟ ମିଶା କଥାସବୁକୁ ।

ଅରୁଣକୁ ଅଜନ୍ତା ସବୁଦିନେ ଆସି ଖୋଜି ଯାଇଛି । ଦୀର୍ଘ ଦିନର ଅନୁପସ୍ଥିତି ତାକୁ ଆଘାତ ଦେଇଥିବ ନିଶ୍ଚୟ । ଏକୁଟିଆ ଲାଗିଥିବ ମଧ୍ୟ । ଅରୁଣ ସେଇଟା ଅନୁଭବ କରିଛି କି ନା, ଅଜନ୍ତା ପଚାରିବାକୁ ଠିକ୍ କରିଥିଲା । ଠିକ୍ କରିଥିଲା ଏଇ ସାକ୍ଷାତରେ ତାକୁ ଅନେକ ପ୍ରଶ୍ନ ପଚାରି ବିବ୍ରତ କରି ପକାଇବ ।

କିନ୍ତୁ ବିବ୍ରତ ହୋଇଗଲା ସେ ନିଜେ । ମୂକ ଭଳି ବସି ପଡ଼ିଲା ଚେୟାର ଉପରେ । ଭାଷାଶୂନ୍ୟ ଭାବ । ଆଖିରେ ଅନୁସନ୍ଧିତ୍ସାର ଚାହାଣୀ । ଅଜନ୍ତା ଚାହିଁଛି ଅରୁଣକୁ । କି ଅଦ୍ଭୁତ ଏଇ ମଣିଷଟି ସତେ ! ଏତେ ସ୍ପଷ୍ଟ ଭାବେ ନିଜ ବାପାର ମରଣ କଥା କହିପାରିଲା ! ପୁଣି ଆଖିରେ ବିନ୍ଦୁଏ ହେଲେ ଲୁହ ନାହିଁ । ଆଶ୍ଚର୍ଯ୍ୟ !

ଅଜନ୍ତା ଆଖିରେ ଲୁହର ରୁଆରପାତ ।

ତମେ କାନ୍ଦୁଛ ଅଜନ୍ତା ?

ନିର୍ବିକାର ଢଙ୍ଗରେ ଅରୁଣର ପ୍ରଶ୍ନ ।

ଏ ...?ନା-ତ ।

ତମ ଆଖି କହୁ ଦେଉଚ, ତମେ କାନ୍ଦୁଚ ।

ମୁଁ କିନ୍ତୁ ଏଇ କଥା ଶୁଣି କାନ୍ଦୁନ ।

ଅରୁଣ ହସି ହସି କହିଲା, କାନ୍ଦବାଟା ତ ପ୍ରଥମେ ସ୍ୱୀକାର କଲ । ତା'ପରେ କାନ୍ଦବାର କାରଣ । କାରଣଟା ଏମିତି କ'ଣ ଆଇପାରେ ତମର ?

ମୋର ନୁହେଁ ଆପଣଙ୍କର ।

ଅଜନ୍ତା ! କ'ଣ କହୁଚ ? ମୋର କାରଣ ଅଛି ?? କାହିଁ ମୋର ତ ଅଉ ସେମିତି କିଛି ଘଟିନ । ଅରୁଣର ପ୍ରଶ୍ନ ।

ଅଜନ୍ତା କହିଲା, ଘଟିଚ । ଆପଣ ଜାଣି ନାହାନ୍ତି ।

ମାନେ ?

ଆପଣଙ୍କର ଛବିଟି ପ୍ରଦର୍ଶନୀ ପ୍ରାଙ୍ଗଣରୁ ଚୋରି ଯାଇଛି ।

ଚୋରି ଯାଇଛି ???......

ହଠାତ୍ ସ୍ତମ୍ଭିତ ହୋଇଗଲା ଅରୁଣ । କ୍ଷଣକାଳ କିଛି କହିପାରିଲା ନ । ସତେ ଯେମିତି ମୂକ ହୋଇଗଲା । ନୀରବତା ଭଙ୍ଗି ଅଜନ୍ତା କହିଲା, ମୁଁ ଜାଣେ, ଘଟଣାଟି ଆପଣଙ୍କ ମନକୁ ବିଶେଷ ଆଘାତ ଦେବ । ଠିକ୍ ଦୁଃଖର ଢେଉ ପରେ ଆଉ ଗୋଟାଏ ଢେଉ ପରି...

ଢେଉ ପରେ ଢେଉର ମାଡ଼ ସହିବାର ଶକ୍ତି ମୋର ଅଛି ଅଜନ୍ତା ! ମାତ୍ର ମୁଁ ଭାବୁଚି, ଛବିଟାକୁ କିଏ ନେଇପାରେ ? ଗୋଟାଏ ନିର୍ଜୀବ, ପ୍ରାଣହୀନ ଛବିର ମୂଲ୍ୟ ବା ତା' ପାଖରେ କ'ଣ ହୋଇପାରେ ?

ନା-ନା, ଅରୁଣ ବାବୁ, 'ବିଜନ-କାନନେ' ଛବି ନିର୍ଜୀବ ନୁହେଁ, ପ୍ରାଣହୀନ ନୁହେଁ । ସେ ମୂକ ହୋଇପାରେ; କିନ୍ତୁ ସେ ପ୍ରାଣବନ୍ତ । ସମ୍ବେଦନଶୀଳ ପ୍ରାଣସ୍ପର୍ଶୀ ରୂପଚିତ୍ର ।

ଦୀର୍ଘନିଶ୍ୱାସଟାଏ ପକାଇ ଅରୁଣ କହିଲା, ଯାଉ ଚୋରି । ଗଲା ଜିନିଷ କଥା ଆଉ ଭାବି ଲାଭ ନାହିଁ । ଯେଉଁ ବିଜୁଳି ଝଲକିତହୋଇ ଯେତିକି ଆଲୋକ ଦେଖାଏ, ଅନ୍ଧକାରରେ ମିଶିଯାଇ ସେତିକି ବାଟବଣା କରେ ।

॥ ୫ ॥

'ବିଜନ-କାନନେ' ଅକସ୍ମାତ ଜନ୍ମ ଦେଇଥିଲା ଏଇ ମନରୁ । ପୁଣି ଅକସ୍ମାତ ଏଇ ମନରୁ ହଜିଗଲା ବୋଲି ଧରି ନେବାକୁ ହେବ ।

ଅରୁଣବାବୁ ! ଆପଣ 'ବିଜନ-କାନନେ'କୁ ଭୁଲିପାରିବେ ?

ମୁଁ ସବୁ ଭୁଲିପାରିବି ଅଜନ୍ତା । ଦୁନିଆରେ ନିଜର ସୃଷ୍ଟିକୁ ବି ମୁଁ ଭୁଲିପାରିବି । ରକ୍ତ ମାଂସ ଦେହଧାରୀ ମଣିଷ ଯଦି ଦୁନିଆର ଆତ୍ମୀୟତାକୁ ଭୁଲିପାରେ, ତେବେ ସାମାନ୍ୟ ରଙ୍ଗ ଆଉ ତୂଳୀ ଚିତ୍ରିତ ଛବିକୁ ଭୁଲି ପାରିବନି କାହିଁକି ?

ଅରୁଣ ବାବୁ !

ସାମାନ୍ୟ ବିବ୍ରତ ଭଙ୍ଗୀରେ ଅରୁଣ ଉତ୍ତର ଦେଲା, ତମେ ଟିକିଏ ମୋତେ ନିରୋଳାରେ ରହିବାକୁ ଦିଅ ଅଜନ୍ତା, ମୁଁ ଭାରି କ୍ଳାନ୍ତ । ମୁଁ ଶାନ୍ତି ଚାହେଁ ।

ଶାନ୍ତିପାଇ ପାରିଲାନି ଅରୁଣ । ଅନେକଗୁଡ଼ାଏ ବେଦନା ଚିନ୍ତାରେ ମିଶି ତାକୁ ବିବ୍ରତକରି ପକାଇଲା । କେତେବେଳେ ବୀଣା, କେତେବେଳେ 'ବିଜନ-କାନନେ' ଛବି ଆସି ତା' ଆଗରେ ଠିଆହେଲେ । ହସିଲେ । ନାଚିଲେ । ଉପହାସ କଲେ ।

ତାଙ୍କର କଥା ଭାବିଲା ବସି ଅରୁଣ । ବୀଣା ବିବାହକରି ଚାଲିଥିଲା । ଯାଉ । ଝିଅ ମାନେ ତ ବିବାହ କରି ପରଘରକୁ ଯାଆନ୍ତି । ବୀଣା ତ କିଛି ବ୍ୟତିକ୍ରମ କରିନି । ହୁଏତ ତା'ର ବିବାହର ଆକସ୍ମିକତାଟା ତାକୁ ଖାପ୍‌ଛଡ଼ା ଜଣା ଯାଉଚି । କିନ୍ତୁ ସେଥିପାଇଁ ସିଏ କ'ଣ ଦାୟୀ ? ଦାୟୀ ଏ ସମାଜ, ଏ ପରିବେଶ । ଏତେ ଶ୍ରେଷ୍ଠ ଝିଅର ମୁଣ୍ଡରେ ସିନ୍ଦୂର ବିନ୍ଦୁ ଦେବାର ଅଧିକାର ଏ ସମାଜକୁ କିଏ ଦେଲା ?

ବୀଣା ଦୂରେଇ ଯାଉଚି । ନା, ଠିକ୍ ତା' ନୁହେଁ । ବୀଣାକୁ ତା'ଠୁ ଦୂରକରି ନିଆଯାଉଚି । ଦୂରକରି ନିଆଯାଉଚି ତା'ର ବାଲ୍ୟ ସଙ୍ଗିନୀକୁ । ଠିକ୍ ସେମିତି ବି ଦୂରେଇ ଯାଉଚି ତା'ଠୁ 'ସ୍ୱଜନ-କାନନେ' । ବୀଣା ଜୀବନ୍ତ, ତା'ର ଜୀବନ ଥିଲା । ଭଲମନ୍ଦ ବାଛିବାର ଅଧିକାର ଥିଲା । ସମ୍ବେଦନଶୀଳତା ତା'ଠିଁ ଥିଲା ପ୍ରଚୁର ।

ମାତ୍ର ଏଇ ଛବିଟାର ?

ଏ ଛବିଟାର ସେ ସବୁ କିଛି ନ ଥିଲା । ଥିଲା କେବଳ ଅପର୍ଯ୍ୟାପ୍ତ ଅହମିକା । ଥିଲା ଫଂଗୁଳ ବର୍ଣ୍ଣବିଭା । ଯାହାକୁ ନେଇ ସେ ଗର୍ବ କରୁଥିଲା । ଯାହାକୁ ଦେଖି ଦର୍ଶକ ନେତ୍ର ବିସ୍ଫାରିତ ହେଉଥିଲା । ମଣିଷର ଅହମିକାକୁ ଦୁନିଆ ଘୃଣା କରେ । ମାତ୍ର ନିର୍ଜୀବର ଅହମିକାକୁ ଏ ଦୁନିଆ ବେଶ ପୂଜା କରି ଜାଣେ । ବନର ଲହରିତ ଶ୍ୟାମଳ-ସମ୍ପଦ ଦେଖି ମଣିଷ ପ୍ରଶଂସାରେ ଶତମୁଖର ହୁଏ । ଝରଣାର ଉଚ୍ଛୃଙ୍ଖଳତା ଦେଖି କବି, ଭାବୁକ ପାଗଳ ହୁଅନ୍ତି । ମାତ୍ର ମଣିଷର ଉଚ୍ଛୃଙ୍ଖଳତାକୁ ଘୃଣା କରନ୍ତି । ଏଇ ତ ସଂସାର ।

'ସ୍ୱଜନ-କାନନେ'ର ଥିଲା ଅମାପ ଅହମିକା । ଯେଉଁଥିପାଇଁ ସେ ପ୍ରଶଂସିତ ହେଇଥିଲା । ତା'ର ଅହମିକାକୁ ଅଦୃଶ୍ୟ ଭାବେ କିଏ ଲୁଟି ନେଲା । ନେଉ । ଚିନ୍ତା କରି ଲାଭ କ'ଣ ?

ଲାଭ ନାହିଁ; ଅଥଚ ସେ ଚିନ୍ତା କରେ । ଚିନ୍ତା କରି କରି ସ୍ୱାଗତ ଜଣାଏ ଧୂସର ଗୋଧୂଳିକୁ; ହିମପଖଳା ଷୋଡ଼ଶୀ ରଜନୀକୁ । ସମସ୍ତେ ଆସନ୍ତି, ଚାଲିଯାଆନ୍ତି । ରାତ୍ରିର ପଣତ ଛୁଇଁ ଛୁଇଁ ଆସେ ପ୍ରଭାତ । ସମସ୍ତଙ୍କୁ ଦେଖେ ଅରୁଣ । କିନ୍ତୁ କାହାରିକୁ ରୂପ ଦେଇ ପାରେନା । ଅନେକ ଦିନ ପାଇଁ ତା'ର ତୁଳୀ ଯେମିତି ସ୍ଥବିରତାକୁ ଆଦରି ନେଇଛି ।

ଶାନ୍ତି ନିକେତନର ବାତାବରଣ କ୍ରମେ ତା' ପାଇଁ ଅଶାନ୍ତ ହେଇ ପଡ଼ିଛି । କଳା ପ୍ରତି ଚରମ ଅନୁଦାରତା ମୂର୍ତ୍ତିମାନ ହେଇ ଆସି ଅରୁଣକୁ ସାଥୀ କରିଚି । ଅଧ୍ୟକ୍ଷ, ଅଧ୍ୟାପକ ଓ ସହପାଠୀମାନେ ତା'ର ଅନ୍ୟମନସ୍କତାର ପରିଚୟ ପାଇ ବିବ୍ରତ ।

ଦୁଃଖିତ ବି ହେଇଛନ୍ତି ନିଜେ ଅଧ୍ୟକ୍ଷ ।

ଗଭୀର ଦୁଃଖ ଜଣେଇଲା ସହପାଠୀ ପ୍ରମଥ । କଥା ଛଳରେ ପ୍ରମଥଙ୍କୁ ଦିନେ ଅରୁଣ କହିଥିଲା, ଭାଇ ! ମୁଁ ପାଠପଢ଼ା ଛାଡ଼ିଦେବି । ଆଉ ଏସବୁ ଭଲ ଲାଗୁନି । ଏସବୁ ପ୍ରତି ଗୋଟାଏ ବିରାଗ ଭାବ ଆସିଗଲାଣି ।

କଥାଟା କ୍ଲାସ ସାରା ପ୍ରଚରିଗଲା । ଅରୁଣ ପାଠ ଛାଡ଼ି ଦେଉଛି । ଛାଡ଼ିବା ମୂଳରେ ଅବଶ୍ୟ ବଳିଷ୍ଠ କାରଣ କିଛି ନାହିଁ । ଯଦି ବା ଥାଏ, ତାକୁ ଅରୁଣ ପ୍ରକାଶ କରିବାକୁ ନାରାଜ । ଅଧ୍ୟକ୍ଷ ଜାଣିଲେ । ଭାନୁ ରାୟ ଶୁଣିଲେ । ଦୁହିଁଙ୍କର ମନ୍ତ୍ରଣାରେ ଅରୁଣକୁ ଅଫିସକୁ ଡକା ହେଲା । ଦୁହେଁ ବୁଝେଇଲେ । ଭାନୁରାୟ ଚିତ୍ରଟିର ମୂଲ୍ୟ ବାବଦକୁ ପାଞ୍ଚଶହ ଟଙ୍କା ଦେବାର ପ୍ରତିଶ୍ରୁତି ଦେଲେ । ବହୁସମୟ ଧରି ବୁଝେଇଲେ ଅଧ୍ୟକ୍ଷ ନିଜେ ।

ଅରୁଣର ମାନସିକ ପରିବର୍ତ୍ତନ ଦେଖାଗଲା । ଅବଶ୍ୟ ଏହି ପାଞ୍ଚଶ ଟଙ୍କାପାଇଁ ନୁହେଁ, ବହୁ ଅନୁରୋଧପାଇଁ । ଭାନୁ ରାୟ କହିଲେ, ଅରୁଣ ! ଶିଳ୍ପୀ ତା' ଜୀବନରେ ଅନେକ ଚିତ୍ର ଆଙ୍କେ । ଅନେକ ବିକେ । କେତେକ ମନର ତୃପ୍ତି ସକାଶେ ନିଜେ ସାଇତି ରଖେ । ମାତ୍ର ଏମିତି ପରିସ୍ଥିତି ଆସେ, ବାଧ୍ୟ ହୋଇ ତାକୁ ମଧ୍ୟ ବିକେ । ତମେ ଭାବିନିଅ ଅରୁଣ, ତମର ଚିତ୍ରଟିକୁ ତମେ ପାଞ୍ଚଶ ଟଙ୍କା ବିନିମୟରେ ବିକି ଦେଇଛ ।

ଟଙ୍କା ନେବାକୁ ଅରୁଣ ଅବଶ୍ୟ ମନା କଲା ।

ଅଧ୍ୟକ୍ଷ ବହୁ ଅନୁରୋଧ କରି କହିଲେ, ଏଭଳି ପରିସ୍ଥିତିଟାଏ ହେବ ବୋଲି ମୋର କଳ୍ପନାର ବାହାରେ ଥିଲା । ତା'ପରେ ତମର ଚିତ୍ରଟି ଏମିତି ଲୋଭନୀୟ ହୋଇଥିଲା, ଯେ କେହି ଦର୍ଶକକୁ ମୁଗ୍ଧ କରିଥିବ । ସୁନ୍ଦର ଜିନିଷକୁ ସମସ୍ତଙ୍କର ଲୋଭ । କେହି ଲୋଭାକୃଷ୍ଟ ହୋଇ ଅପହରଣ କରିଛି । ଏଇଟା କ'ଣ ତମର ଗୌରବ ନୁହେଁ ? ତମଠୁଁ ଗୋଟିଏ ଚିତ୍ର ଦୂରେଇ ଯାଇଛି । ଲକ୍ଷ ଲକ୍ଷ ଚିତ୍ର ତୁମ ତୂଳୀ ମୂନରେ ରୂପ ନେବ । ସେଥିପାଇଁ ବିବ୍ରତ ହୋଇ ଲାଭ ନାହିଁ । ପାଠପଢ଼ା ଛାଡ଼ିବା ଖିଆଲ ଭୁଲି ଯା । ପରିସ୍ଥିତିରେ ପଡ଼ି ଲୋକେ ବଡ଼ ବଡ଼ କଥା କରିବାକୁ ଇଚ୍ଛା କରନ୍ତି; କିନ୍ତୁ ପଛରେ ସେ କାମ କରି ସାରି ଅନୁତାପ କରନ୍ତି । ତମେ ସେ ବୁଦ୍ଧି ଛାଡ଼ । ପାଠ ପଢ଼ । ମୁଁ ତୁମକୁ ସବୁମତେ ସାହାଯ୍ୟ କରିବି ।

ଅରୁଣର ସାର୍ଦ୍ଧ ଅସନ୍ତୁଷ୍ଟ ମନ ଟିକିଏ ଶାନ୍ତ ହେଲା । ସେ ନିଜକୁ ନିଜେ ବୁଝେଇବାକୁ ଚେଷ୍ଟା କଲା । ନିରୋଳାରେ ଅନେକ ସମସ୍ତ ଭାବିଲା । ମନସ୍ଥ କଲା, ନା, ସେ ଏତେ ବଡ଼ ଭୁଲ ପଦକ୍ଷେପ ନେବନି । ସେ ପାଠ ପଢ଼ିବ । ଯେଉଁ ପାଠପଢ଼ା ସକାଶେ ଜନ୍ମ ମାଟିକି ଭୁଲିଛି, ଯାହା ସକାଶେ ବାପାଙ୍କୁ ଅନ୍ତିମାବସ୍ଥାରେ ଦେଖିପାରିନି, ସାମାନ୍ୟ ଛୁଆଟା ସକାଶେ ତାକୁ ସେ ଜଳାଞ୍ଜଳି ଦେଇଦେବ ? ନା ।

ଆଉ ସାଣା ?

ସାଣା କଥା ସେ ଭାବିବନି । ସାଣା ତା ର କେହି ନୁହଁ । ଜ୍ଞାତିର ନୁହଁ, କି କୁଟୁମ୍ବର ନୁହଁ । ସେ ଥିଲା ବାଲ୍ୟ ସଙ୍ଗିନୀ । ତା'ର ଛୁଆର ଜଣେ ପ୍ରଧାନ ପୃଷ୍ଠପୋଷିକା । ସମସ୍ତ ଆସିଲା, ସେ ବି ଦୂରେଇ ଗଲା । ତା'ର ଯିବା ତ ସ୍ୱାଭାବିକ । ଯାଉ । ଏଥିରେ ଚିନ୍ତା କରିବାର କ'ଣ ଅଛି ? ସବୁ ଅଡ଼େଇ ଦିନିଆ କଥା । କ୍ଷଣିକ ମୋହର ଆକର୍ଷଣ । ମୋହ ତୁଟିଯାଇଛି । ତାର ମନରେ ମୂର୍ତ୍ତିମାନ ହୋଇଥିବା ଛୁଆ ଆତ୍ମହତ୍ୟା କରିଛି । କରୁ । ସେ ସମସ୍ତଙ୍କୁ ସ୍ୱାଗତ ଜଣାଇବ ।

ସମସ୍ତଙ୍କୁ ସ୍ୱାଗତ କରିଛି ଦୁଃଖୀ ଅପା । ନିଜ ଗ୍ରୀବାକୁ ସେ ପଥର କରିଛି । ସମାଜର କଷଣ ସହିଛି । କର୍ମର ତାଡ଼ନା ପାଇଛି । ପରିସ୍ଥିତିର ପାଷାଣପାତ ଧକ୍କା ସହିଛି । ସ୍ୱାମୀ ମଲେ ଯୌବନର ମଝି ବସନ୍ତରେ । ଶାଶୂ ନଣନ୍ଦଙ୍କ କଷଣ ସେ ଆଦର ନେଲା ହସି ହସି । ବାପଘରକୁ ଆସିଲା । ଖଟିଲା । ଖାଇଲା । ତଥାପି ଏଠି ତା' ପାଇଁ ସୁଖ ମିଳିଲାନି । ଯେଉଁ ଭାଇ ତାକୁ ଆଶ୍ରା ଦେଇଥିଲା, ତାକୁ ଦୂରେଇ ନେଲା ଏଇ କାଳ ।

ନିଃସହାୟ, ନିଃସଙ୍ଗ ସେ । ତଥାପି ଜୀବନ ସଂଗ୍ରାମ କରୁଛି । ସେଇ ସଂଗ୍ରାମ ଭିତରେ ସେ ସାହସ କରିଛି, ଅରୁଣକୁ ପାଠ ପଢ଼ାଇବ । ନିଜ ବଳ ବାଢ଼ି, ଗୃହବନ୍ଦୀ ନିଜେ ବୁଝିବ । ଗୃହୀର ଝିଅ ସେ । ସେ ଗୃହ କରେଇବ । ସବୁ ବୁଝାସୁଝା କରିବ ।

ସାମାନ୍ୟ ଜଣେ ନାରୀ ହୋଇ ଦୁଃଖୀ ଅପା ଏତେ ବଡ଼ ସାହସ କରିପାରିଛି, ସେ ପାରିବନି କାହିଁକି ? ସେ କ'ଣ ଗୋଟାଏ ନାରୀଠାରୁ

॥ ୬୨ ॥

ଦୁର୍ବଳ ? ତା' ନିଜ ଉପରେ କ'ଣ ତା'ର ଅଧିକାର ନାହିଁ । ଏତେ ଭୀରୁ, ଏତେ ଭୟାଳୁ ସେ ।

ନା, ସେ ନିଜକୁ ଶୃଙ୍ଖଳିତ କରିବ । ଶୃଙ୍ଖଳିତ କରିବ ତା'ର ବେଗିଆଲି ମନକୁ ।

ଅଜନ୍ତା ଆଉ ଅରୁଣ ।

ଅଜନ୍ତାର ରୂପପାଇଁ ନୁହେଁ, ଗୁଣପାଇଁ ମଧ୍ୟ ଶ୍ରେଣୀରେ ପ୍ରଚୁର ପ୍ରଶଂସା । କଳାପ୍ରେମୀ ଅରୁଣ ବି ଭଲ ପଢ଼େ । ଦୁହେଁ ଶ୍ରେଣୀରେ ପ୍ରଥମ ଦ୍ୱିତୀୟ ହୋଇ ଆସନ୍ତି ବରାବର । ଏଥର ଅରୁଣ ପ୍ରଥମ ହେଲାଣି ତ ଆଉ ଥରକୁ ଅଜନ୍ତା । କେହି କାହାକୁ ଈର୍ଷା କରନ୍ତିନି । ଘୃଣା ବି କରନ୍ତି ନି । ବରଂ ଦୁହିଁଙ୍କ ଭିତରେ ନିବିଡ଼ ବନ୍ଧୁତା ଥିଲା ।

ଶାନ୍ତି ନିକେତନରେ ଏ ଦୁହେଁ ଯେମିତି ଦୁଇଟି ବ୍ୟତିକ୍ରମ । ଗୁରୁ ଗୃହ ଆଉ ଅଧ୍ୟକ୍ଷଙ୍କର ଏ ଦୁହିଁଙ୍କ ଉପରେ ଦୃଢ଼ ବିଶ୍ୱାସ ଥିଲା । ଅଜନ୍ତା ଆଉ ଅରୁଣ କେତେକ ସ୍ୱତନ୍ତ୍ର ସୁବିଧା ପାଇଥିଲେ । ଛବିର ରୂପକଳ୍ପନା କରିବା ସକାଶେ ଅରୁଣକୁ ବିଭିନ୍ନ ଆଡ଼କୁ ବୁଲିଯିବାକୁ ଅନୁମତି ମିଳିଥିଲା । ଅନେକ ସମୟରେ ବି ଅରୁଣ ବୁଲି ଯାଉଥିଲା । କେବେ କେବେ ଅଜନ୍ତା ବି ସାଙ୍ଗରେ ଯାଉଥିଲା । ପାଠପଢ଼ା ଆଗେଇ ଥିଲା । ସେଥର ବର୍ଷର ବିବର୍ତ୍ତନ ପରେ ନୂତନ ବର୍ଷ ସ୍ୱାଗତିକା ଗାଇ ଆସିଥିଲା ।

ନୂଆ ବର୍ଷ ।

ଅରୁଣ ଗାଆଁକୁ ଯାଇ ନ ଥିଲା । କାହିଁକି ଯିବ ? କିଏ ଅଛି ? ଦୁଃଖୀ ଅପା । ଦୁଃଖୀ ଅପା ପାଖକୁ ଭଲ ମନ୍ଦ ଧାଡ଼ିଏ ଲେଖିଦେଲେ ସେ ଚୁପ୍ । କାହିଁ ଆସିଲୁନି ପ୍ରଶ୍ନ ପଠାଏନି । ସବୁବେଳେ ଲେଖେ, ତୋର ସୁବିଧା ଦେଖି ଆସିବୁ । ସୁବିଧା ମୋଟେ ଜୁଟେନା ଅରୁଣକୁ ।

ବଡ଼ଦିନ ଛୁଟି ।

ଅଧିକାଂଶ ପିଲା ଗାଆଁକୁ ଯାଇଥାନ୍ତି । ଅରୁଣର କୁଆଡ଼େ ଯିବାକୁ ଇଚ୍ଛା ହେଲା ନା । ସେ ଶାନ୍ତି ନିକେତନଠାରୁ ବହୁ ଦୂର ଗାଆଁ ମାନଙ୍କୁ ଯାଇ ଏଇ ଛୁଟିମାନଙ୍କରେ ବୁଲେ । ମନ ମୁତାବକ ଚିତ୍ର ଆଙ୍କେ । ଚିତ୍ର ଆଙ୍କିବା ତା'ର ଯେମିତି ଗୋଟାଏ ମାନସିକ ବ୍ୟାଧି ହୋଇଗଲାଣି । ତା' କଳାର ମୂଲ୍ୟ କେହି ବୁଝନ୍ତୁ ନ ବୁଝନ୍ତୁ, ସେ ବୁଝେ । ଆଉ ବୁଝେ ତା'ର ସହପାଠିନୀ ଅଜନ୍ତା ।

ଅଜନ୍ତା ବି ଛୁଟିରେ କୁଆଡ଼େ ଯାଇ ନ ଥିଲା । ମାତ୍ର ନାରୀ ହିସାବରେ ସେ ସ୍ୱାଧୀନତା ପାଇ ନ ଥିଲା ଅରୁଣ ସାଙ୍ଗରେ ମୁକ୍ତ ହୋଇ ବୁଲିବାକୁ । ସେଥିପାଇଁ ଅଜନ୍ତା ବି ଅନେକଥର ବିଦ୍ରୋହ କରିଛି ମନେ ମନେ । ନିଜର ମାନସିକ ଅଭିବ୍ୟକ୍ତି ବାଢ଼ିଚି ଅରୁଣ ପାଖରେ ।

ଶେଷ ଶରତର ମଉଳିଲା ଅପରାହ୍ଣ ।

ଅଜନ୍ତା ଆଉ ଅରୁଣ ଗୋଟିଏ ନଇକୂଳେ ବସିଥାନ୍ତି । ସନ୍ଧ୍ୟା ନିମନ୍ତ୍ରିତ ଅନ୍ଧଥିଭଳି ଆସୁଥାଏ ସଜବାଜ ହୋଇ । ଆକାଶ ନିର୍ମଳ । ସୁନୀଳ, ପ୍ରଶସ୍ତ । ନଈ ଏପଟୁ ଆରପଟଟି ସ୍ପଷ୍ଟ ଦିଶୁଚି । ନାଉରିଆ ଜାଲ ମାରି ମାରି ଯାଉଚି । କଣ୍ଠରେ ତା'ର ମନଫୁଲଣିଆ ଗୀତ । ପକ୍ଷୀସ୍ତ କେତୋଟି ଲାଲ ସୂର୍ଯ୍ୟ କିରଣରେ ରଙ୍ଗିନ୍ ଦିଶୁଥାନ୍ତି । ଜାଲର ଡବ୍ ଡବ୍ ସ୍ୱର । ଅଳ୍ପ ପାଣି । ତଥାପି ତା'ର ଗମ୍ଭୀରତା ଅକଳନ ।

ଅଜନ୍ତା ଅନେକ ସମୟ ହେଲା ପାଣିକୂଳରେ ଠିଆ ହୋଇ ଏଇ ଦୃଶ୍ୟ ଦେଖୁଥିଲା । ଅରୁଣ ବିରାଟକାୟ ଗୋଟିଏ ଅଶ୍ୱତ୍ଥ ଗଛମୂଳେ ବସି ଚିତ୍ର ଆଙ୍କୁଥିଲା । କେତେକ ସମୟ ପରେ ଅଜନ୍ତା ଫେରିଲା ଅରୁଣ ପାଖକୁ । ଅରୁଣ ଶେଷ ରେଖା ଟାଣୁ ଟାଣୁ କହିଲା, ଆଉ ଗୋଟାଏ ମିନିଟ୍ ଅଜନ୍ତା ।

ଅନନ୍ତ ବିଳମ୍ବରେ ଅରୁଣ ତା'ର ଜିନିଷପତ୍ରଗୁଡ଼ିକ ସଜାଡ଼ୁ ସଜାଡ଼ୁ କାନରେ ବାଜିଲା ଅଜନ୍ତାର ପ୍ରଶ୍ନବାଣ । ସେ ପ୍ରଶ୍ନ ଥିଲା ଯେମିତି ଏକ ବିପ୍ଳବିଣୀର ସ୍ୱର । ପୁରୁଷର ସ୍ୱାଧୀନତା ଉପରେ ଏକ ବିଷ ଉଦ୍‌ଗାରଣ ।

ଅରୁଣବାବୁ ! କହିପାରିବେ, ଆପଣଙ୍କ ସାଙ୍ଗରେ ଆସିବାକୁ ମୋତେ କାହିଁକି ଏତେଗୁଡ଼ାଏ ଅନୁମତି ଆଣିବାକୁ ପଡ଼େ ?

ଅରୁଣ ସ୍ମିତ ହସି କହିଲା, ସବୁ କ୍ଷେତ୍ରରେ ନାରୀ ପୁରୁଷର ସମାନ ଅଧିକାର ନାହିଁ । ପୁରୁଷପାଇଁ ମୁକ୍ତାକାଶ ପକ୍ଷୀଭଳି ବିଚରଣ କରିବାର ସ୍ୱାତନ୍ତ୍ର୍ୟ ଅଛି । ମାତ୍ର ନାରୀର ନାହିଁ ।

ମୁଁ ପଚାରୁଚି କାହିଁକି ନାହିଁ ?

ଏ ପର୍ଯ୍ୟନ୍ତ ତ ତାକୁ ସେ ସ୍ୱାଧୀନତା ମିଳିନି । ତମେ ଆଣିବାକୁ ଚେଷ୍ଟାକର । ସାମାଜିକ ବିପ୍ଳବପାଇଁ ତମେ ଆଗୁଆନ୍ ହୁଅ । ଏ ଯୁଗରେ ଅସମ୍ଭବକୁ ବି ସମ୍ଭବ କରାହେଉଛି ।

କାହିଁକି ଏଇଟାତ ଅସମ୍ଭବ କଥା ନୁହେଁ । ପାଶ୍ଚାତ୍ୟ ଦେଶମାନଙ୍କରେ ତ ଅଛି । ଆମେ ଯଦି ତାଙ୍କ ଶିକ୍ଷା ପଦ୍ଧତିକୁ ନକଲ କଲେ, ପୋଷାକପତ୍ରକୁ ମନେଇ ନେଲେ, ତେବେ ତାଙ୍କ ରୀତିନୀତି ଆଉ ଚାଲିଚଳନକୁ ନକଲ କରିବା ନ କାହିଁକି ?

ତା'ମାନେ ତମେ ଭାରତୀୟ ପରମ୍ପରାକୁ ଭାଙ୍ଗିଦେବାକୁ ଚାହଁ ? ହିନ୍ଦୁର ମୌଳିକ ନୀତିକୁ ଭୂଲୁଣ୍ଠିତ କରିବାକୁ ଇଚ୍ଛାକର ?

କଲେ କ୍ଷତି କ'ଣ ? ହିନ୍ଦୁର ମୂଳନୀତିର ଦୃଢ଼ତା ଏ ଦେଶରେ ବଜାୟ ରହିପାରିଲା ନ । ଗୋଟାଏ ଦଦରା ଅର୍ଦ୍ଧ ଭଗ୍ନ ନୀତିକୁ ନକଲ କରିବା ଅପେକ୍ଷା, ଗୋଟାଏ ମିଶ୍ର ନୀତିକୁ ଆଦରି ନେବା ଅପେକ୍ଷା ସମ୍ପୂର୍ଣ୍ଣ ନୂଆ ନୀତି ଆଚରଣ କରିବା ଶ୍ରେୟସ୍କର ।

ଅରୁଣ ପ୍ରତିବାଦ କଣ୍ଠରେ କହିଲା, ନା-ନା, ଅଜନ୍ତା ! ହିନ୍ଦୁର ଏଇ ନୀତି ମୂଳରେ ଯୁଗ ଯୁଗର ସାଧନା ସ୍ତୁପୀକୃତ ହୋଇ ରହିଛି । ଝଡ଼ ପାଣି ପବନ ଏହାର ମୂଳକୁ ଯେତେ ଖୋଳି ପକାଇଲେ ବି ତା'ର ମୂଳ-ପ୍ରାନ୍ତକୁ ଉତ୍ପାଟନ କରି ପାରିବନି । ଏହା ଅନନ୍ତ, ଅସୀମ ଧରିତ୍ରୀର ସୀମାକୁ ସ୍ପର୍ଶ କରିଛି ।

ଏ ନୀତିରେ ଯେଉଁ କ୍ଷୟ କ୍ଷତି ହେଉଛି ସବୁ ଘଡ଼ିକପାଇଁ । ଏ ଝଡ଼ ଚାଲିଗଲେ, ବର୍ଷା ଛାଡ଼ିଗଲେ ପୁଣି ଜଣେ କଏ ଉଠି ଏହାର ମୂଳକୁ ଏତେ

ଶକ୍ତି, ଏତେ ତୁଚ୍ଛ କରିଦେଇ ଯିବ ଯେ ଯୁଗ ଯୁଗପାଇଁ ପୁଣି ଇଏ ବଳିଷ୍ଠ ହୋଇ ଉଠିବ । ଝଡ଼ ବହୁଛି ଅବିରତ । ଅନେକ ସମୟରେ ବର୍ଷା ପବନ ହଉଚି । ତଥାପି ତା' ସହିତ ସଂଗ୍ରାମ କରୁଚି ଏଇ ନୀଡ଼-ବୃକ୍ଷଟି ।

ପ୍ରାଚ୍ୟ ସଭ୍ୟତା ପାଶ୍ଚାତ୍ୟର ଅନୁକରଣ ନୁହେଁ । ଉଭୟେ ଉଭୟର ପରିପୂରକ । ଦୁଇ ସଭ୍ୟତାର ପ୍ରଭାବ ସବୁବେଳେ, ସବୁ ସମୟରେ ଦୁହିଁଙ୍କ ଉପରେ ପଡ଼ୁଛି, ଆଉ ପଡ଼ିବ ମଧ୍ୟ । ପାଶ୍ଚାତ୍ୟ ଦେଶର ମହିଳାମାନଙ୍କ ପାଖରେ ଶାଢ଼ୀ ପିନ୍ଧା ଆଦର ପାଉଥିବା ସ୍ଥଳେ ଆମ ଦେଶର ମହିଳାମାନଙ୍କ ପାଖରେ ଆଦୃତ ହେଉଛି ଚପା ପୋଷାକ । ଯାହାକି ସହରଠୁଁ ସୁଦୂର ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପି ଯାଉଛି ଏକ ସଂକ୍ରାମକ ବ୍ୟାଧି ଭଳି ।

ତମେ ଜାଣ ଅଜନ୍ତା, ଏଇ ଶାଢ଼ୀ ଆଉ ଚପା ସେଲୁଆର ପଞ୍ଜାବୀ ପିନ୍ଧା ଭିତରେ ତଫାତ୍ କ'ଣ ?

ଅଜନ୍ତା ଦୀର୍ଘ ନୀରବତାକୁ ଭାଙ୍ଗି କହିଲା, ପଞ୍ଜାବୀ ସେଲୁଆର ପିନ୍ଧିବାରେ ଫୁର୍ତ୍ତି ଅଛି, ଖୁବ୍ ଫ୍ରି ଲାଗେ ।

ଅରୁଣ ଦୀର୍ଘ ବକ୍ତୃତାର ସୂତାକୁ ଯୋଡ଼ି କହିଲା, ନା, ତମେ ଠିକ୍ କରି ଅନୁଭବ କରିନା ଅଜନ୍ତା । ମାତ୍ର ମୁଁ ଅନୁମାନ କରି ନେଇଛି । ଏଇ ଚପା ସଭ୍ୟତା ମନରେ ଫୁର୍ତ୍ତି ଦେବା ସଙ୍ଗେ ସଙ୍ଗେ ଦିଏ ଔଦ୍ଧତ୍ୟ, ଆଉ ବୟସର ଚପଳତା । ପ୍ରାଣରେ ଦୁଷ୍ଟାମୀର ଖିଆଲ ଭରେ । ପିନ୍ଧିଥିବା ଲୋକର ମନେ-ହୁଏ ସତେ ଯେମିତି ସେ ତା' ବୟସ ପାହାଚର ଉପରକୁ ନ ଉଠି ତଳକୁ ତଳକୁ ଯାଉଚି । ବୟସ ତା'ର କମି କମି ଆସୁଚି । ପ୍ରତି ଅବୟବର ଉଚ୍ଛୃଙ୍ଖଳତା ବଢ଼ି ବଢ଼ି ଯାଉଚି । ଏ ସମାଜ, ଏ ଧର୍ମକୁ ଦୂରକୁ ଠେଲି ଦେଇ ଆଉ ଗୋଟାଏ କିଛି କରିବାକୁ ମନ-ପ୍ରାଣ ବୁରୁବୁରୁ ହେଉଛି ।

ତମେ ଥରେ ଶାଢ଼ୀ ପିନ୍ଧ, ଦେଖିବ ତମ ମନ ପବିତ୍ରତାରେ ଭରିଯିବ । ମନରୁ ଔଦ୍ଧତ୍ୟ କେଜାଣି କେମିତି ଆପେ ଦୂରେଇ ଯିବ । ଉଚ୍ଛୃଙ୍ଖଳ ହେବାକୁ ପାଦ ବଢ଼ାଇଲେ ଲୁଗା ଛନ୍ଦ ହେଇଯିବ । ଏଇଟା ପାଶ୍ଚାତ୍ୟ ମହିଳାମାନେ ଏବେ ବେଶ୍ ଅନୁଭବ କରିଛନ୍ତି । ତେଣୁ ଭାରତୀୟ ପୋଷାକ ପରିଚ୍ଛଦକୁ ସେମାନେ ଅନୁକରଣ କରିବା ଆରମ୍ଭ କରି ଦେଲେଣି ।

ଅଜନ୍ତା ସ୍ମିତ ହସି କହିଲା, ବେଶ୍ ତ ! ସେମାନଙ୍କର ସ୍ୱାଧୀନ ରୁଚି ଅଛି । ସେମାନେ ନିଜ ଇଚ୍ଛାରେ ପୋଷାକ ପିନ୍ଧାର ଢଙ୍ଗ ବଦଳାଇ ପାରୁଛନ୍ତି । ତେବେ ଆମେ ସେମିତି କଲେ ଦୋଷ କ'ଣ ହେଉଛି ?

ଦୋଷ ନାହିଁ ଯେ, ଅରୁଣ କହିଲା । ତେବେ ସମସ୍ତେ ପ୍ରାଚୀନରୁ ନୂତନ ଆଡ଼କୁ ଯାଆନ୍ତି । ଏଇଟା ନୂତନରୁ ପ୍ରାଚୀନ ଆଡ଼କୁ ଯାତ୍ରା ହେଉଛି ।

ସେତେବେଳକୁ ସନ୍ଧ୍ୟା ଅବତୀର୍ଣ୍ଣ ପ୍ରାୟ । ଦୂର ଶସ୍ୟକ୍ଷେତ୍ର ଉପରେ ସୂର୍ଯ୍ୟଙ୍କ ଲାଲିମା ଅଜାଡ଼ି ହୋଇ ପଡ଼ିଥିଲା । ଅଜନ୍ତା ସେ ଆଡ଼କୁ ଚାହିଁ କହିଲା, ଆରେ, ସନ୍ଧ୍ୟା ହୋଇଗଲା ଯେ ! ଆମକୁ ପୁଣି ସୁଦ୍ଧା ଏ ବାଟ ଯିବାକୁ ଅଛି । ସେ ବାଜେ କଥାରୁ କ'ଣ ମିଳିବ । ଯିବା ଚାଲନ୍ତୁ ।

ଅରୁଣ ଓ ଅଜନ୍ତା ଦୁହେଁ ଚାଲିଥିଲେ । ନଦୀକୂଳ ଛାଡ଼ି ସେମାନେ ସେଇ ପରିପକ୍ୱ ଫସଲ କିଆରି ଦେଇ ଆସୁଥାନ୍ତି । ଦୁଇପଟେ ଦିଗହଜା ଗହୀର । ଚାହିଁଲେ ଆଖି ପାଏନା । ସୁନା ରଙ୍ଗର ଫସଲ କ୍ଷେତ ସୂର୍ଯ୍ୟଙ୍କ ଅନ୍ତିମ ରଶ୍ମିରେ ଆହୁରି ଲୋହିତାଭମାନ ଦିଶୁଥାଏ । ହଠାତ୍ ଫିକ୍‌କିନା ହସିଦେଲା ଅଜନ୍ତା ।

ଆଶ୍ଚର୍ଯ୍ୟ ହୋଇ ଅରୁଣ ପଚାରିଲା, ହସିଲ କାହିଁକି ?

ଉତ୍ତର ନାହିଁ ଅଜନ୍ତା ମୁହଁରେ । ସେଇ ସୁନାରଙ୍ଗ ଫସଲ କ୍ଷେତର ମଝି ଗହୀର ନିର୍ଜନତାରେ ଅଜନ୍ତା ଯେମିତି କେଉଁ ଏକ ଅଜନ୍ତାର ନଟୀମୂର୍ତ୍ତି । ମୁହଁରେ ସେଇ ମୋନାଲିସାର ଅବୁଝା ହସ । ଆଖିରେ ଯୁଗ ଯୁଗ ପ୍ରତୀକ୍ଷାର ସ୍ୱପ୍ନ ବାଣୀ । ସ୍ତବ୍ଧ, ପୁଣି ନିର୍ବାକ ସେଇ ମୂର୍ତ୍ତି ।

ଅଜନ୍ତା !

ଅଜନ୍ତାକୁ ହଲାଇ ଦେଇ ଅରୁଣ ଜୋରରେ ଡାକିଲା ।

ଅଜନ୍ତା ଅରୁଣର କାନ୍ଧ ଉପରେ ଗୋଟାଏ ହାତଭରି ଦେଇ କହିଲା, ଆପଣ ପରା ଶାଢ଼ୀ ସପକ୍ଷରେ ଯୁକ୍ତି କରୁଥିଲେ । ଦେଖନ୍ତୁ ତ କେଡ଼େ ହଇରାଣରେ ପକାଇଛି ସିଏ । ମୁଁ ଏଇନା ଖୁବ୍ ଜୋରରେ ପଡ଼ି ଯାଇଥାନ୍ତି ।

ତଥାପି ଅଜନ୍ତା ମୁହଁରେ ଥିଲା ସେଇ ଅବୁଝା ଅଲକ୍ଷ୍ୟ ହସ । ଅରୁଣର ମନେ ହେଲା, ସତେ ଯେମିତି ଅଜନ୍ତାର କଥାର ଅନେକ ଅଂଶ ଅବୁଝା ରହି

ଯାଉଛି । ସେ ଆଉ କିଛି କହିବାକୁ ଚାହୁଁଥିଲା । ସେ ହସିଥିଲା ଅନ୍ୟ କାରଣ ନେଇ । ଅରୁଣ ଅନୁଭବ କଲା ତା’ ଛାତିର ସ୍ପନ୍ଦନ ହଠାତ୍ କେମିତି ବଢ଼ି ଯାଉଛି । ଏ ସ୍ପନ୍ଦନ ନିର୍ଜନତାର ଭୟ ନେଇ ଆସିନି । ଆସିଛି ବୁଭୁକ୍ଷୁର ବ୍ୟାକୁଳ ଚିତ୍କାର ଶୁଣି ଶୁଣି ।

ତେବେ ବି ଅଜନ୍ତାର ହାତ ଖସିନି ତା’ କାନ୍ଧ ଉପରୁ । ଆଖିର ଚାହାଣୀରେ ମାର୍ଜନା ଆସିନି ସେ ପର୍ଯ୍ୟନ୍ତ ବି । ଅରୁଣର ମନେହେଲା, ଆଜନ୍ମରୁ ସେ ଯାହାକୁ ନିମନ୍ତ୍ରଣ କରି ନ ଥିଲା, ସିଏ ଯେମିତି ବେନିମନ୍ତ୍ରିତ ଭାବେ ତା’ର ଦେହର ସର୍ବାଙ୍ଗରେ ଆସି ନାଚଯାଉଚି । ଖେଳିଯାଉଚି ଯାଦୁକରର କାଉଁରି ସ୍ପର୍ଶ ପାଇ ।

ଏଇ ଅଜନ୍ତା । ଅନେକ ଥର, ଅନେକ ବାର ତା’ ଆଖିରେ ରୂପସୀର ଅଞ୍ଜନ ମାଖି ଆସିଛି । ଆସିଛି ବନ ହରିଣୀର ଚଳ ଚଞ୍ଚଳତା ନେଇ; ମୌସୁମୀର କଦମ୍ବ ରୋମାଞ୍ଚ ନେଇ । ଶରତର ହୃଦ-ପରଶା ଶୀତଳତା ଦେଇଛି ତା’ର ଅଙ୍ଗେ ଅଙ୍ଗେ । ବସନ୍ତର କୁହୁ ଧ୍ୱନି ଶୁଣେଇଚି । ଗ୍ରୀଷ୍ମର ତାତିଲା ପ୍ରାଣର ଉଷ୍ଣତା ଅଜାଡ଼ି ବସିଛି ତା’ର ଆଗରେ ।

ମାତ୍ର ଅବିଚଳିତ ପ୍ରାଣ ଏଇ ଅରୁଣର । ସେ ଯେମିତି ସେ ସବୁ କିଛି ଦେଖିନି । ଗୋଟାଏ ନାରୀ ପ୍ରାଣର ସମସ୍ତ ନିବେଦନକୁ ସେ ଚିରୁ ସମ୍ଭାର ଭଳି ଉପେକ୍ଷା କରି ଆସିଛି । ନିର୍ବିକାର ମିଳାମିଶା ଭିତରେ ଜୀବନର ଭଙ୍ଗାରୁଜା ଅନେକ ସେ ପାଇଛି । ମାତ୍ର ଦିନେ ହେଲେ ସାଉଁଣ୍ଟି ରଖିବାକୁ ଇଚ୍ଛା କରିନି । ଆଜି କିନ୍ତୁ ସେ ବିଚଳିତ ହେଇଯାଉଛି କାହିଁକି ? ତେବେ କ’ଣ...

ଅରୁଣ ବାବୁ ! ଆଉ କିଛି ଚିନ୍ତର ପରିକଳ୍ପନା କରୁଛନ୍ତି ଏମିତି ଠିଆ ହୋଇ, ନା କ’ଣ ମ !

ଅରୁଣ ପ୍ରକୃତିସ୍ଥ ହେଇଗଲା ।

ସନ୍ଧ୍ୟା ଆସି ଯାଇଛି । ସୂର୍ଯ୍ୟରୁ ତେନାଏ ଲାଗି ରହିଚି ଦୂର ଚକ୍ରବାଳର ଧାରୁଆ ଓଠରେ । ଏଇ ଦିଗନ୍ତ ବିସ୍ତୃତ ଶସ୍ୟକ୍ଷେତ୍ରକୁ ଗ୍ରାସିବାପାଇଁ ରାତ୍ରିର କାଳିମା ମାଡ଼ି ଆସୁଚି । ଅରୁଣ ଚାହିଁଲା, ଯେତିକ ବାଟ ସେ ଅତିକ୍ରମ

## ॥ ୯ ॥

କଲେଣି ଆଗରେ ଆହୁରି ସେତିକ ଅଛି । ତା'ର ମନେ ହେଲା,ଏ ବ୍ୟବଧାନ ଏଇ ଉଗହଜା ଗଞ୍ଜରର ନୁହେଁ, ତାର ଜୀବନର । ସେ ବି ଜୀବନର ବଡ଼ଦାଣ୍ଡରେ ଠିଆ ହୋଇଛି । ସେ ନନ୍ଦଘୋଷକୁ ଟାଣି ଟାଣି ସେତିକ ବାଟ ଆଣିଲାଣି, ଆହୁରି ତା'ଠୁ ବେଶୀ ବାଟ ଯିବାକୁ ଅଛି । ସେ ବଡ଼-ଦାଣ୍ଡରେ ଏକ୍‌କା ମାତ୍ର ଠିଆ ହେଇନ । ହଠାତ୍ କଣେ ସାର୍ଥୀର ଦେଖା ପାଇ ଆଳାପ ଯୋଡ଼ି ଦେଇଛି । ଏ ଆଳାପ କ୍ଷଣିକ । ପୁଣି ତାକୁ ଯିବାକୁ ହେବ ।

ଅଜନ୍ତା କହି ଉଠିଲା, ଆପଣ ଠିକ୍ ପରିକଳ୍ପନା କରିପାରୁ ନାହାନ୍ତି ବୋଧେ ଚିତ୍ରକୁ । ମୁଁ କଳ୍ପନା କରୁଚି । ଆପଣ ସ୍କେଚ କରନ୍ତୁ । ଅସ୍ତମିତ ସୂର୍ଯ୍ୟ । ବିସ୍ତୃତ ଶସ୍ୟକ୍ଷେତ୍ର । ଆକାଶଭରି ନୀଳିମା । ଚକ୍ରବାକ, ଚକ୍ରବାକୀ ଦୁଇଟି ଅନନ୍ତ ଆକାଶରେ ଛୁଟିଛନ୍ତି । ଏ ରାତ୍ରି ଆସୁଛି ଦୁହିଁଙ୍କ ପାଇଁ ବ୍ୟବଧାନର ମନ୍ତ୍ର ଗାଇ ଗାଇ । ଆଉ ଠିକ୍ ତଳେ, ମାଟି ଓ ଆକାଶର ବ୍ୟବଧାନ ଭିତରେ ଜଣେ ତରୁଣ, ଜଣେ ତରୁଣୀ ଚକ୍ରବାକ ଦମ୍ପତି ଭଳି...

ଅଜନ୍ତା !

ଚିତ୍କାର କରି ଉଠିଲା ଏକରକମ ଅରୁଣ । ତମେ ଏ କ'ଣ କହୁଚ ଅଜନ୍ତା ।

କାହିଁକି, ମୁଁ ତ କିଛି ଭୁଲ କହିନି ?

ତମେ ଠିକ୍ ବି କହୁନା ଅଜନ୍ତା ।

କାହିଁକି ? ଆକାଶ, ପୃଥିବୀ, ଜୀବଜନ୍ତୁ ଏପରିକି ପକ୍ଷୀ ପ୍ରାଣରେ ଯଦି ଆଦମ କ୍ଷୁଧାର ସନ୍ଧାନ ମିଳେ, ମଣିଷ ପ୍ରାଣରୁ କ'ଣ ମିଳିବନି ? ରକ୍ତ ମାଂସରେ କ'ଣ ମଣିଷର ହୃଦୟ ଗଢ଼ା ନୁହେଁ ? ମଣିଷ ମନଟା କ'ଣ ପଥରରେ ଗଢ଼ା ?

ଅଜନ୍ତା ! ତମେ ଏ ସବୁ କ'ଣ କହୁଚ ?

କାହାରି ବ୍ୟକ୍ତିଗତ କଥା ନୁହେଁ ନିଶ୍ଚୟ ?

ଆମେ ତ ବ୍ୟକ୍ତିଗତ କଥା କହିବାନି ବୋଲି ସାବ୍ୟସ୍ତ କରିଥିଲେ ।

ମୁଁ ସେ ନିୟମକୁ ଭାଙ୍ଗିନି ।

ଯଦିଓ ଗ୍ରହଣ ନ, ତଥାପି ତମେ ମୋର ସାଧନାକୁ ଭଙ୍ଗ ଦେବାକୁ ଆଗେଇ ଆସୁଛ ।

ଅଜନ୍ତା କହିଲା, ମିଛ କଥା ।

ତମେ ମୋର ଅତି ନିକଟକୁ ଆସିବାକୁ ଚେଷ୍ଟା କରୁଛ ନିଶ୍ଚୟ ।

ମୁଁ ଜାଣେ ନା ।

ଅରୁଣ କହିଲା, ତମେ ତ ଏ କଥା ଜାଣ, ମୁଁ ବିବାହ କରି ମୋର କଳାକୁ ଆଉ ଜଣକେଦ୍ୱାରା ହତ୍ୟା କରିବାକୁ ଚାହେଁନା । ସେଥିପାଇଁ ମୁଁ ତୁମକୁ ବି କହୁଚ, ମୁଁ ଜୀବନରେ ବିବାହ କରିବନି ବୋଲି ।

ଅଜନ୍ତା ମୁକ୍ତ ବାଢ଼ିଲା, ଭଲ ପାଇବାର ଅର୍ଥ ବିବାହ ନୁହେଁ ।

ଅଜନ୍ତା ! ଆଶ୍ଚର୍ଯ୍ୟରେ ତା' ମୁହଁକୁ ଚାହିଁଥିଲା ଅରୁଣ । ଅଜନ୍ତାର ମନରେ ଆଜି କାମନାର ଉଦ୍ଭୁକୂଳ ଲହର । ସେ ମୁକ୍ତ କରିବ ନିଶ୍ଚୟ ।

ପ୍ରକୃତ ପୁରୁଷକୁ ଭଲ ପାଉଛି, ବିବାହପାଇଁ ନୁହେଁ । ତା'ର ପ୍ରେମରେ ଆକୃଷ୍ଟ ହୋଇ ।

ମୁଁ କାହାର ପ୍ରେମରେ ଆକୃଷ୍ଟ ହେବାକୁ ଚାହେଁନା । ତଦ୍ୱାରା ତା'ପ୍ରତି ଆନ୍ତରିକତା ବଢ଼ିବ । କେଉଁ ଅଜଣା ମୁହୂର୍ତ୍ତରେ ସେ ଆସି ଆପଣାର କରି ବସିବ ।

ତା' ଅର୍ଥ ଆପଣ ଖୁବ ଦୁର୍ବଳ । ନିଜ ଉପରେ ନିଜର ଆସ୍ଥା ନାହିଁ । ମୋର ମନେ ହୁଏ, ଯେ କୌଣସି ମୁହୂର୍ତ୍ତରେ ଆପଣ ହାରି ଯିବେ ।

ନା, ମୋର ସେ ବିଶ୍ୱାସ ଅଛି । ହାରିବାର ବାଟରେ ପହଞ୍ଚିବା ପୂର୍ବରୁ ମୁଁ ଆଗରୁ ସେ ବାଟ ପରିଷ୍କାର କରିଦିଏ । ଆଉ ସେଇଥିପାଇଁ କହି ରଖୁଚ, କାଲଠୁଁ ତମେ ଆଉ ମୋ ସାଙ୍ଗରେ ଆସିବନି ।

ଅଜନ୍ତା ହସି ହସି କହିଲା, ମୁଁ ଜାଣେ ମୋର ଭଲପାଇବାଟାକୁ ମୁଁ ଆପଣଙ୍କ ଆଗରେ ପ୍ରକାଶ କରିବା ପୂର୍ବରୁ ଆପଣ ମୋତେ ଭଲପାଇ ବସିଛନ୍ତି ।

ମିଛ ! ତାହା ମିଛ !

ଯେମିତି ହସୁ ହସୁ ଅଜନ୍ତା କହିଲା, ଏଇତ ତା'ର ପ୍ରମାଣ । ଆପଣ ମୋର ଉପସ୍ଥିତିକୁ ଭୟ କଲେଣି ।

ହଠାତ୍ ପରାଜୟ ଗ୍ଲାନିରେ ଅରୁଣ ବିବ୍ରତ ହୋଇ ପଡ଼ିଲା । ତା'ର ବିଜିତ ପ୍ରାଣେଷ୍ଟା ଅଜନ୍ତାକୁ ସେଇ ତାମସୀ ସନ୍ଧ୍ୟାର ଅନ୍ଧାରି ଜଠରରେ ଲୁଚାଇ ଦେଇ ଧାଇଁ ଧାଇଁ ପଳାଇବାକୁ ଉଚାଟ ହେଲା । ତା' ହାତରୁ ସେ ଦିନର ଛବି ସ୍କେଚ୍‌ଗୁଡ଼ିକ ତଳେ ଖସି ପଡ଼ିଲେ । ଲଜ୍ଜାରେ ଆହୁରି, ଆହୁରି ଜଳିଯାଇଁ ସେ ଅଜନ୍ତାର ଦେହକୁ ଦୁଇ ହାତରେ ଜାକି ଧରିଲା ବେଳେ, ଅଜନ୍ତା ତଳକୁ ନଇଁଯାଇଥିଲା । ସେ ନଇଁପଡ଼ି ସ୍କେଚଗୁଡ଼ିକ ସାଉଁଟି ଧରୁଥିଲା । ଅରୁଣର ହାତ ଯେମିତି ଚନ୍ଦ୍ରପ୍ରତିମା ଭଳି ପ୍ରସାରିତ ହୋଇ ରହିଥିଲା ।

ଅରୁଣର ପାଦ ଉପରୁ ସ୍କେଚ୍‌ଟାଏ ଉଠାଇ ଆଣୁ ଆଣୁ ତା' ହାତଟି ଅଜାଣତରେ ଅରୁଣର ପାଦ ଆଙ୍ଗୁଳିକୁ ସ୍ପର୍ଶ କଲା । ଅନେକ ଥର ଅଜନ୍ତାର ତନୁ ସ୍ପର୍ଶ ପାଇଥିଲେ ମଧ୍ୟ ତାକୁ ଆଜି ଜଣାଗଲା, ଯେମିତି ଗୋଟାଏ ବିଦ୍ୟୁତର ତରଙ୍ଗ ତା'ର ପାଦ ଦେଇ ମଥା ଯାଏ ଖେଳି ଆସୁଚି ।

ଅଜନ୍ତା ଠିଆ ହୋଇ ପଡ଼ିଲା । ସେ ଠିଆ ହୋଇଥିଲା ଅରୁଣର ପ୍ରସାରିତ ବାହୁ ଦୁଇଟି ମଧ୍ୟରେ । କେଜାଣି କାହିଁକି ଅରୁଣ ଭିଡ଼ି ଧରିଲା ଅଜନ୍ତାକୁ ଖୁବ୍ ଜୋରରେ ତା' ଛାତି ଉପରକୁ । ଅଜନ୍ତା ହାତରୁ ଛବି ଗୁଡ଼ିକ ମକଚ ହୋଇଯିବା ପୂର୍ବରୁ ପୁଣି ଖସି ପଡ଼ିଲେ ତଳକୁ । ଅଜନ୍ତା ଅନୁଭବ କରୁଥିଲା, ଏଇ ଆକର୍ଷଣ ଭିତରେ ତା' ଶ୍ୱାସରୁଦ୍ଧ ହୋଇଯିବ କି ଆଉ ! ମତେ କି କଏ ଭୟରେ ଜାବୁଡ଼ି ଧରିଚି ।

ଅଜନ୍ତା କାନ୍ଦୁଥିଲା ଫୁଲି ଫୁଲି ।

ଅନେକ ସମୟ ପରେ ଗୋଟାଏ ଉତ୍ତପ୍ତ ସ୍ୱରରେ ଅରୁଣ ପଚାରିଲା, ତମେ କାନ୍ଦୁଚ ଅଜନ୍ତା ? ···

ଅଜନ୍ତା ତା' ଦେହରେ ଗ୍ରୀଷ୍ମର ଉତ୍ତାପ ଅନୁଭବ କରୁଥିଲା । ସେ ସେଇ ଭଜା ଭଜା କଣ୍ଠରେ କହିଲା, ମୋର ଭୟ ହେଉଛି, ମୁଁ ହାରି ଯାଉନି ତ ଆଉ ?

॥ ୭୯ ॥

ଅଜନ୍ତା !

*ଆହୁରି ଜୋରରେ ଭିଡ଼ି ଧରିଥିଲା ଅରୁଣ ।*

ତା' ପରଦିନ କିନ୍ତୁ ଅରୁଣ ଶାନ୍ତି ନିକେତନରେ ରହି ନଥିଲା । ଅଧ୍ୟକ୍ଷଙ୍କଠୁଁ ଅନୁମତି ନେଇ ଚାଲିଗଲା କଲିକତାକୁ ।

ଅଜନ୍ତାକୁ କହିନି କଲିକତା ଯିବା କଥା । ସକାଳୁ ଉଠି ତରତର ହୋଇ ଅଧ୍ୟକ୍ଷଙ୍କ ପାଖକୁ ଗଲା । ଅନୁମତି ଆଣିଲା । ଅନ୍ୟ କାହାକୁ କିଛି ନ କହି ସେ ଚାଲିଲା କଲିକତା । ସେ ନିଜକୁ କିଛି ସମୟ ଭୁଲାଇବାକୁ ଚାହେଁ । ଗତ ରାତିରେ ଅନେକ ସମୟ ପର୍ଯ୍ୟନ୍ତ ସେ ଶୋଇ ପାରିନାହିଁ । ତା'ର ମନେ ହେଲା ଯେମିତି ସେ ଯାଉ ଯାଉ ଖସଡ଼ା ବାଟରେ ତା'ର ଗୋଡ଼ ଖସି ଯାଇଛି । ସେ ବିରାଟ ଗହ୍ୱରରେ ଗଳି ପଡ଼ୁଚି । ଆଉ ଉଠି ପାରୁନି ।

ରାତିସାରା ସେ ଦେଖିଚି ଅସୁମାର ସ୍ୱପ୍ନ । ଗୋଟାଏ ବିକଟାଳ ନାରୀ ମୂର୍ତ୍ତି ଆସି ତା'ଠୁ ଛବିତକ ଛଡ଼େଇ ନେଉଚି । ତୂଳୀ ଫିଙ୍ଗି ଦଉଚି ଦୂରକୁ । ରଙ୍ଗ ଢାଳି ଦେଉଚି । ଆଉ ସେଇ ବାରମିଶା ଧୂଳିଧୂସରିଆ ରଙ୍ଗକୁ ସାଉଁଣ୍ଟି ବୋଳି ଦେଉଚି ତାର ମୁହଁରେ । ହନୁମାନ ସଜୋଉଚି ତାକୁ । ଭଲ ପାଇବାର ଲାଙ୍ଗୁଳଟାଏ ଯୋଡ଼ି ଦଉଚି । ଗୋଟାଏ ବହୁତ ଲମ୍ବା ଡୋରରେ ବାନ୍ଧି ତାକୁ ନଚଉଚି ।

ବେଳେବେଳେ ସେ ହୋ-ହୋ ହୋଇ ହସୁଚି । ଥଟ୍ଟା କରୁଚି ଅରୁଣକୁ । ସେଇ ବିଦ୍ରୂପ, ସେଇ ଭୟଙ୍କର ହସରେ ଥରକୁ ଥର ତା'ର ନିଦ ଭାଙ୍ଗିଚି । ସେ ଉଠିଚି । ପୁଣି ଶୋଇଚି ।

ପୁଣି ଶୋଇ ଶୋଇ ଦେଖିଚି ସ୍ୱପ୍ନ । ଗୋଟାଏ ରାକ୍ଷସିଆ ମୂର୍ତ୍ତି ଆସି ତା' ଛାତି ଉପରେ ବସି ଯାଇଚି । ତା' ଦେହ ସହିତ ଦେହ ମିଶାଇ

ଅମରଲତା ଭଳି ଦେହରୁ ରକ୍ତ ଶୋଷି ନେଉଚ । ନାଚୁଚ । ଆନନ୍ଦ ହେଉଚ । ହସୁଚ···

ଅନେକ ଦୁଶ୍ଚିନ୍ତା, ଅନେକ ଅନିଦ୍ରାକୁ ପାଥେୟ କରି ସେଇ ରାତିକୁ ପୁହାଇଚ ଅରୁଣ । ସକାଳୁ ଏକମୁହାଁ ହୋଇ ଉଦ୍ଦେଶ୍ୟହୀନ ଭାବେ ଶାନ୍ତି ନିକେତନ ଛାଡ଼ି ଚାଲିଗଲା କଲିକତା । କାହିଁକି ସେ କଲିକତା ଆସିବାକୁ ମନୋନୀତ କଲା, ସେ ଜାଣେନା । ତଥାପି ଆସିଲା ।

କଲିକତା ଏକ ମାୟାବୀ ମହାନଗରୀ । ରାକ୍ଷସ ଭଳି ସୁଦୀର୍ଘ ତା'ର ବପୁ । କଲିକତାରେ ପହଞ୍ଚି କୁଆଡ଼େ ଯିବ, ଅରୁଣ ଠିକ୍ କରି ପାରିଲାନି । ଚାରିଆଡ଼େ ଗାଡ଼ି ମଟରର ଚିତ୍କାର । ମଣିଷର ଉତ୍କଟ କର୍ମତତ୍ପରତା । ତା'ର ମନେହେଲା, ସେ ଯେମିତି ଗୋଟାଏ ନିଦୁଆ ଉପଗଳିରୁ ସହରର ପ୍ରଧାନ ରାସ୍ତାକୁ ଚାଲି ଆସିଚ ।

ସାରା ନଗରୀଟାକୁ ବୁଲି ଦେଖିବାକୁ ତା'ର ମନ କାହିଁକି ବ୍ୟାକୁଳ ହେଲା । ସେ କେତେବେଳେ ପାଦରେ, କେତେବେଳେ ଟ୍ୟାକ୍ସିରେ ବୁଲିବା ଆରମ୍ଭ କରିଦେଲା । ଠିକ୍ କଲା, ଆଜି ରାତିଟାକୁ ଗୋଟାଏ ପରୀକ୍ଷାରେ ବିତାଇ ଦେବ । ଫୁଟ୍‌ପାଥରେ ଶୋଇବ । ଖୋଲା ଆକାଶ ତଳେ ହଜାର ହଜାର ଲୋକ ତ ପ୍ରତିଦିନ ଶୋଉଛନ୍ତି । ସେ ଆଜି ଶୋଇବ । ଜୀବନଟା ପରୀକ୍ଷାଗାର । ସେ ସେଇମାନଙ୍କ ସାଙ୍ଗରେ ଶୋଇ ଜୀବନକୁ ପରୀକ୍ଷା କରିବ ।

ଅନେକଆଡ଼େ ବୁଲିଲା ଅରୁଣ । ଅଧିକାଂଶ ସମୟରେ ସେ ପାଦରେ ଚାଲି ବୁଲି ଯାଉଥିଲା । କୋଠାବାଡ଼ି ଗାଡ଼ିମଟର ଦେଖୁଥିଲା । ସେ କେଉଁଠି ହେଲେ ନୂତନତ୍ୱର ସନ୍ଧାନ ପାଉ ନ ଥିଲା । ସବୁଠି ଦେଖୁଥିଲା ବଞ୍ଚି ରହିବାର ସଂଗ୍ରାମ ଚାଲିଛି । ପ୍ରାଣ ପ୍ରାଚୁର୍ଯ୍ୟ ନାହିଁ । ଶାନ୍ତି ନିକେତନର ହଷ୍ଟେଲ ଜୀବନ ଭଳି ଏଠି ବି ସମସ୍ତେ ହଷ୍ଟେଲରେ ରହିଛନ୍ତି । ଯେ ଯାହା କାମ ସାରିଲେ ପଳେଇବେ । ଏ ଦୁନିଆଟା ଗୋଟାଏ ବଡ଼ ହଷ୍ଟେଲ ।

ସୂର୍ଯ୍ୟ କେତେବେଳେ ଅସ୍ତଗଲେ ସେ ଜାଣି ପାରିଲାନି । ଏ ସହରରେ ସୂର୍ଯ୍ୟାସ୍ତ ନାହିଁ, ଉଦୟ ବି ନାହିଁ । କେବଳ ଅଛି ଆଲୋକ ଆଉ ଅନ୍ଧାର ।

ଆଲୋକ ମ୍ଳାନ ହୋଇ ଆସିଲା ଧୀରେ । ଅନ୍ଧାରକୁ ଉପହାସ କରି ହସିଲେ ବିଦ୍ୟୁତ୍‌ବତୀ ଗୁଡ଼ାକ । ଏ ସହରର ରାତି ଆଲୁଅର ।

ରାସ୍ତାଘାଟରେ ବିଦ୍ୟୁତ ଆଲୋକ ଜଳିଉଠିଲା । ଅରୁଣ ମନେକଲା, ରାତ୍ରି ଆସିଛି । ଖୁବ କ୍ଳାନ୍ତବୋଧ ହେଲାଣି ସେତେବେଳକୁ । ରାତ୍ରିପାଇଁ ଚିନ୍ତା କରିବା ପୂର୍ବରୁ କ୍ଳାନ୍ତ ବ୍ୟତିବ୍ୟସ୍ତ କରି ପକାଇଲା । ସେ ଟିକିଏ ନିରୋଳା ଜାଗା ଖୋଜିଲା । ନା, ନିର୍ଜନତା ଏ ସହରକୁ କେବେ ଆସେନା । ଚାରିଆଡ଼େ କେବଳ ଜୀବନ ସଂଗ୍ରାମର ଚିତ୍କାର ।

ଅନେକ ଆଉ ବୁଲି ବୁଲି ସେ ଗୋଟାଏ ଫୁଟ୍‌ପାଥ କଡ଼ରେ ବସି ପଡ଼ିଲା । ଜନସାଗରର କ୍ଳାନ୍ତକୁ ଠେଲି କରି ଖୁବ ବସିଲା । କାହିଁକି ସେ ଏମିତି ବାସ୍ତୁହରା ଭଳି ବୁଲୁଛି । ଅଜନ୍ତାକୁ ଭୁଲିବାକୁ କ'ଣ ତା'ର ଏଇ ଅଭିନବ ପନ୍ଥା ? କାହିଁ, ସେ ତ ଅଜନ୍ତାକୁ ଭୁଲି ପାରିନି । ନିରୋଳାରେ ବସି ବସି ଆଗ ତା'ର ମନେ ପଡ଼ିଗଲା ଅଜନ୍ତା କଥା ।

ଗଲି ଉପଗଲି ବୁଲିଛି ଖୁବ୍ ଆଜି ସେ । ଅଜନ୍ତାର ସ୍ମୃତିକୁ ମନରୁ ପୋଛିବାକୁ ଖୁବ୍ ଚେଷ୍ଟା କରିଛି । ମାତ୍ର ବିଫଳ ହେଉଛି । ରାସ୍ତାରେ କେଉଁଠି ତରୁଣୀଟିଏ ଦେଖିଲେ, ତା' ଅଜାଣତରେ ତା'ର ମନକୁ ଅଜନ୍ତା ଆସି ଯାଉଥିଲା । ତା'ର ରୂପ, ରଙ୍ଗ, ମୁହଁ, ହସ ସବୁ ନାଚି ଯାଉଥିଲା ଅରୁଣର ଆଖି ଆଗରେ । ଅଜନ୍ତା କୁହୁକିନୀ ନିଶ୍ଚୟ । ସେ ତାକୁ କୁହୁକ କରିଛି ।

ଇନ୍ଦ୍ରଜାଲ କୁହୁକରେ ପଡ଼ିବୁଲୁଛି ଅରୁଣ । ସେ ମାୟାକୁ ଜାଣିପାରିନି । ମାୟା··· ! ନାରୀ ମାଂସର ମାୟା । କାୟାର ମାୟା ! ନା, ସେ ମାୟାକୁ ଭୁଲିବ । ମାୟାକୁ ନ ଛାଡ଼ିଲେ ତା'ର କଳା ବଞ୍ଚି ପାରିବନି । କଳା ତା'ର ଜୀବନ । କଳା ହେବ ତା'ର ଜୀବିକା । କଳାରେ କାଳିମା ନାହିଁ । ଦୁନିଆରେ ଆଉ ସବୁଥିରେ ଅଛି କାଳିମା । ଦୃଶ୍ୟ ଅଦୃଶ୍ୟରେ ବସା ବାନ୍ଧିଛି । ସେଥିରେ ହାତ ମାରିଲେ ସେ ବୋଳି ହେଇଯିବ ଦେହରେ ।

ଅଜନ୍ତା ତାକୁ ଭଲ ପାଇଛି । ନିଜର କରୁଛି ।

ମାତ୍ର ସେ ତ ଅଜନ୍ତାକୁ ଭଲ ପାଇନି !

ତେବେ ଏଇ କ'ଣ ଭଲ ପାଇବାର ଇତିବୃତ୍ତ !! ନା, ନିଶ୍ଚୟ ନୁହେଁ । ସେ ଅଜନ୍ତାକୁ ଭଲ ପାଉଥିଲେ ଦୂରେଇ ଆସିଆନ୍ତା କାହିଁକି ? ତା'ର ସେଇ ମାୟାବିନୀ ଦେହଟାକୁ ଭୁଲିବାକୁ ଚେଷ୍ଟା କରନ୍ତା କାହିଁକି ?

କାହିଁ, ସେ ତ ଏ ପର୍ଯ୍ୟନ୍ତ ବୀଣାକୁ ଭୁଲି ପାରିନି । ଭୁଲିବାକୁ ଚେଷ୍ଟା କଲେ ବି ଭୁଲି ହେବନି । ପିଲାଦିନୁ ତା' ସହିତ ମିଶି ଆସିଛି । କୈଶୋରରେ ତାକୁ ଶାସନ କରିଛି । ଯୌବନରେ ତାକୁ ନେଇ ଖେଳ ଖେଳିଛି । ମିଶିଛି । ତା'ର ଛବି ଆଙ୍କିଛି ।

ମାତ୍ର ସେଇ ମିଶିବା ଭିତରେ ତ ଏଭଳି କାମନା ବାସନା ସେ ସନ୍ଧାନୀ ନ ଥିଲା । ବୀଣା ତା'ଠୁ ଦୂରେଇ ଯାଇଛି । ଏ କଥା ସେ ତା'ର ବିବାହ ପରେ ଅନୁଭବ କଲା । ଆଗରୁ ତ ଅନୁଭବ କରୁ ନ ଥିଲା । ସିଏ ତ ତା'ଠୁ ଅନେକ ଦୂରରେ ଥିଲା । ହେଲେ ସେ ଦୂରତା ମନର ଦୂରତା ସୃଷ୍ଟି କରି ନ ଥିଲା । ସେ ଦୂରତା କେତେ ମାଇଲର ମାତ୍ର । ଶାନ୍ତି ନିକେତନରୁ କଲିକତା । କିନ୍ତୁ ଏ ଦୂରତା ଗୋଟାଏ ଜୀବନଠାରୁ ଆଉ ଗୋଟାଏ ଜୀବନର ।

ବୀଣା ଏବେ ବି ତା' ଆଖି ଆଗରେ ନାଚୁଛି । ତା' ସ୍ମୃତିକୁ ସେ ମନରୁ ପୋଛି ପାରିବନି । ପୋଛିବାକୁ ଚେଷ୍ଟା ବି କରିବନି । ମାତ୍ର ଅଜନ୍ତାକୁ ସେ ଭୁଲିବାକୁ ଚାହେଁ । ଏବେ ଭାବୁଛି, କାହିଁକି ସେ ତାକୁ ତା' ପାଖକୁ ଆସିବାକୁ ପ୍ରଶ୍ରୟ ଦେଲା ! ଦୂର ଜିନିଷ ସୁନ୍ଦର । ଅଜନ୍ତା ଦୂରରେ ଥିଲେ ସୁନ୍ଦର ହୋଇଥାନ୍ତା । ଏତେ ପାଖକୁ ଆସି ସେ ନିଜେ ହିଁ ତା'ର ମୂଲ୍ୟ କମେଇଲା ।

ସେ ଅଜନ୍ତାକୁ ଭଲ ପାଏନି । ଭୁଲିବାକୁ ଚାହେଁ । ଭଲ ପାଇବାର ସଜ୍ଜା ଏଇଆ ନୁହେଁ । ପୁଣି ତା'ର ମନ ଭିତରୁ କିଏ ଯେମିତି କହୁ ଉଠିଲା, ଯାହାକୁ ଭଲ ନ ପାଇଚ, ତାକୁ ଭୁଲିବାର ଅର୍ଥ କ'ଣ ? ମନର ଫଳକରେ ଚିତ୍ରିତ ନ ହେଲେ ତାକୁ ତ ନିଭେଇ ହୁଏନା । ଅଜନ୍ତାର ଛବି ତା'ହେଲେ ତା'ର ସ୍ମୃତିରେ ଚିତ୍ରିତ ହେଇଛି ।

ରାତି ଜମି ଆସୁଥିଲା ଅନ୍ଧାରକୁ ସାଙ୍ଗ କରି । ଅରୁଣ କିନ୍ତୁ ରାତିର ଗମ୍ଭୀରତାକୁ ଅନୁମାନ କରିପାରୁ ନ ଥିଲା । ସେ ଫୁଟ୍‌ପାଥ ଉପରେ ଏକରକମ

ଶୋଇ ଯାଉଥିଲା । ଅନେକ ଲୋକ ଏଇ ରାସ୍ତାଧାରରେ ଜମି ଯାଇଥିଲେ । ଦୁନିଆରେ ଯାହାର ଘର ନାହିଁ, ବାସଭୂମି ନାହିଁ, ଏଇ ଫୁଟପାଥ ହିଁ ତାଙ୍କର ସାଥୀ, ଆଶ୍ରୟସ୍ଥଳ ।

ଫୁଟପାଥ ଉପରେ କାହାର ପ୍ରଭୁତ୍ୱ ସେ ଅନୁଭବ କରନ୍ତି ନ । କାହାକୁ କର ଖଜଣା ଦିଅନ୍ତିନ । ତଥାପି ସେମାନେ ଫୁଟପାଥର ବାସିନ୍ଦା । ଦୁନିଆର ଆଦିମ ସମାଜ ଭଳି ତାଙ୍କର ଏଇ ସମାଜ । ଜୋର ଯା'ର ମୁଲକ ତା'ର ନୀତି ବି ଏଠି ଅଛି । ବଳବାନର ଅଦାଲତ ଅଛି । ମାତ୍ର ଦୁର୍ବଳ ଲୋକ ଆଗରୁ ସତର୍କ ହୋଇଥାଏ ।

ଖୋଲା ଆକାଶ ତଳେ ଏଇ ଅପ୍ରଶସ୍ତ ଫୁଟପାଥ ଯେମିତି ତାଙ୍କର ବାସସ୍ଥଳୀ । ସହରପଟର କୋଠାବାଡ଼ି ସବୁ ଜଙ୍ଗଲ, ବଣ ବୁଦା । ଏ ବଣ ବୁଦା, ଜଙ୍ଗଲର ଜୀବଜନ୍ତୁ ଗୁଡ଼ାଏ ହିଂସ୍ର ମଣିଷ । ବାଘ ଭାଲୁଠାରୁ ଏ ମଣିଷ ସମାଜ ଆହୁରି ହିଂସ୍ର, ଆହୁରି ମାରାତ୍ମକ ।

ବସି ଭାବୁଥିଲା ଅରୁଣ ।

ଅରୁଣ ତା'ର ବାମପଟୁ ଗୋଟାଏ ବେସୁରା ସଙ୍ଗୀତର ରାଗିଣୀ ଶୁଣିଲା । ସେ ସ୍ୱର ଜଣେ ଶୟନରତ ବୃଦ୍ଧର କଣ୍ଠରୁ ଭାସି ଆସୁଥିଲା । ମୁହଁରେ ଏକ ମସ୍ତ ପିଙ୍କା । ଏଇ ପିଙ୍କା ଶୋଷା ମଝିରେ ମଝିରେ ସ୍ୱର ଲହରୀକୁ ବ୍ରେକ ଦେଉଥାଏ ।

କ୍ଲାନ୍ତ ହୋଇ ଶୋଇ ଲୋକଟି ପିଙ୍କା ଶୋଷୁଚି । ଅତାଳୁଆ ଗୀତ ଗାଉଚି । ଆକାଶକୁ ଚାହିଁଚି । ଗଡ଼ପଡ଼ ହେଉଚି । ଅରୁଣ ଶୀତକୁ ଡରି ଦେହରେ ଲୁଗା ଖଣ୍ଡିକୁ ଭିଡ଼ି ଧରୁଥିଲା । ମାତ୍ର ସେ ଲୋକଟା ଏକବାରେ ଫୁଙ୍ଗୁଳା । ଖାଲି ଦେହରେ ଗଡ଼ୁଚି । ହସୁଚି ମନ ଖୁସିରେ ଖୁବ୍ ।

ଆଉ ଡାହାଣପଟେ ଗୋଟିଏ ଛୋଟ ପରିବାର । ନିଶ୍ଚୟ ତେଲେଙ୍ଗା । ବୋଧେ ତେଲୁଗୁରେ କଥାବାର୍ତ୍ତା ହେଉଛନ୍ତି । ସ୍ୱାମୀ-ସ୍ତ୍ରୀ, ଆଉ ଛୋଟ ଛୋଟ ପୁଅ ଝିଅ ଦୁଇଟି । ପାଖରେ ସଦ୍ୟ ରନ୍ଧନ ସାରିଥିବା ଚୁଲ୍ଲୀରୁ ଧୂଆଁ ଉଠୁଚି । ବୋଧହୁଏ କଞ୍ଚା କାଠ ପକାଇଥିଲେ । ଏ ପର୍ଯ୍ୟନ୍ତ ସେ ଜଳି ସାରି ନ । ଧୂଆଁ ଉଠୁଚି । ସେଇ ଧୂଆଁରେ ସ୍ୱାମୀ-ସ୍ତ୍ରୀଙ୍କର ମୁହଁ ସ୍ପଷ୍ଟ ଦିଶୁନି । ପିଲା ଦୁଇଟି ଦିଶୁଛନ୍ତି । ସେମାନେ ଶୋଇଛନ୍ତି ଏଇ ଫୁଟପାଥରେ ।

॥ ୭୭ ॥

ସ୍ୱାମୀ ଭୃଟାଉଛି ସ୍ତ୍ରୀକୁ । ଧନଯାକର ଅନୁଭୂତ କରୁଛି । ଖଟିଛି ଖୁବ୍ । ତା’ ତୁଳନାରେ ପଇସା ପାଉନି । ସ୍ୱରରେ ବ୍ୟଥାର ପ୍ରଲେପ ଅଛି । ତଥାପି ସେ ଖୁସି । ଖୁସି ତା’ର ସହଧର୍ମୀ ପତ୍ନୀ । ତା’ର ରୋଜଗାର ବୋଧହୁଏ ଆଜି ବେଶୀ ଥିଲା ।

ଅରୁଣ ଇଲେକ୍‌ଟ୍ରି ଖୁଣ୍ଟ ପାଖରେ ଶୋଇଥିଲା । ସେମାନେ ଅବଶ୍ୟ ଟିକିଏ ଦୂରରେ ଥିଲେ । ତଥାପି ଅରୁଣ ବୋଧକରୁଥିଲା ଯେତେ କି ସେମାନେ ଚିହ୍ନି ପାରୁଛନ୍ତି । ନୂଆ ଲୋକକୁ ଦେଖି ହସୁଛନ୍ତି । ଯେମିତି ଆଦମ ସମାଜର ଦଳେ ଲୋକେ ଅନ୍ୟ ପଂକ୍ତିର ଜଣେ ଲୋକକୁ ଦେଖିଲେ ହସୁ-ଥିଲେ, ସେମିତି ।

ସହରର ଇଏ ଏକ ନିଷିଦ୍ଧ ଜୀବିକା ।

ହଠାତ୍ ଝଲକାଏ ଅଣ୍ଡାପବନ ପଶିଆସିଲା ସେଇ ନିଷିଦ୍ଧ ସହର ଭିତରକୁ । ଶୀତରେ ବୃଷ୍ଟିପରଶା ଅଣ୍ଡା ଅକସ୍ମାତ୍ ବରଫପାତ ଭଳି ବୋଧ ହେଲା । ବୋଧହୁଏ ମେଘ ଉଠେଉଛି । ଅରୁଣ କିନ୍ତୁ ଜାଣିପାରିଲାନି । ଉପର ଆକାଶଟା ଏଇ ଗୁଇ ଆଲୁଅ ସହରର ଊର୍ଦ୍ଧ୍ୱରେ କେବଳ କଳା ଦିଶୁଥିଲା ରାତିରେ ।

ଅରୁଣ ଲୁଗା ଖଣ୍ଡିକୁ ଆହୁରି ଜୋର୍‌ରେ ଦେହରେ ଜାକି ଧରିଲା । ପବନ ବହୁଛି । ବହୁଛି ସେମିତି ଅଣ୍ଡା ରାଗିଣୀ ଧରି । ପବନର ଗତିରେ ଜୋର୍ ନ ଥିଲେ ମଧ୍ୟ ମଉସୁମୀର ଆର୍ଦ୍ରତା ଥିଲା ।

ଅରୁଣ ଦେଖିଲା ଫୁଟ୍‌ପାଥ୍‌ରୁ ଲୋକେ ଉଠି କ୍ରମେ ଘର ବାରଣ୍ଡା-ମାନଙ୍କରେ ଭିଡ଼ ଜମେଇଲେଣି । ସମ୍ଭବତଃ ସେମାନେ ବର୍ଷାର ସନ୍ଧାନ ପାଇଛନ୍ତି । ହଁ, ବର୍ଷା ଆସୁଛି । ପବନଟା ବେଳକୁ ବେଳ କାଲୁଆ ହେଇ ପଡ଼ୁଛି । ମାଝି ବାଁପଟର ଲୋକଟା ତ ଉଠୁନି । ବରଂ ବେଶ୍ ଆରାମରେ ଶୋଇପଡ଼ିଛି । ଅରୁଣ ଭଲକରି ଥରେ ତା’ ଆଡ଼କୁ ଚାହିଁଲା । ସେମିତି ଫୁଙ୍ଗୁଳା ହେଇ ଲୋକଟା ଶୋଇଛି । ଦେହରେ ଖଣ୍ଡେ ହେଲେ ଶୀତଲୁଗା ନାହିଁ । କିଛି ନାହିଁ । ଅଣ୍ଡାପବନ ତାକୁ ବାଧୁନି ।

ଅଣ୍ଡାପବନ ବି ନୁହେଁ, ବର୍ଷା ।

ବର୍ଷା ଆରମ୍ଭ ହୋଇଗଲା । ଅରୁଣ ବି ଧାଇଁଲା କେଉଁଠି ଟିକିଏ ଆଶ୍ରୟ ନେବାପାଇଁ । ଗୋଟିଏ ଗୋଟିଏ ଘରର ବାହାର ବାରଣ୍ଡାରେ ବେଶ୍ ଭିଡ ଜମିଗଲା । ପାଟିତୁଣ୍ଡ ହେଲା । ଠେଲାପେଲା ବି ହେଲା । ନାନା ରଙ୍ଗର କଳରବ । ତା'ରି ଭିତରେ ବର୍ଷା ଭୟରେ ପଶିଗଲା ଅରୁଣ । ସ୍ୱରର ବିଚିତ୍ରା ସେମିତି ଉଠୁଥିଲା ।

ହଠାତ୍ ଘର ମାଲିକର ଚିତ୍କାର ଶୁଭିଲା । ଶୁଭିଲା କେଉଁ ଚାକର ପ୍ରତି ଆଦେଶ । ପାଟିତୁଣ୍ଡ ବନ୍ଦକରି ଦେଇ ଆ । ରାତିରେ ମଣିଷ କ'ଣ ଟିକେ ଶାନ୍ତିରେ ଶୋଇବନି ଏମାନଙ୍କ ଦାଉରୁ । ନିକାଲି ଦେଇ ଆ ।

ମଣିଷର ନଜରରେ ବ୍ୟାଘାତ···ଅରୁଣ ଭାବୁଥିଲା, ତେବେ କ'ଣ ବାହାରେ ଏ ସବୁ ପଶୁର ଚିତ୍କାର ! କାହିଁକି ଏମାନେ ଚିତ୍କାର କରୁଛନ୍ତି ? ମନ ଆନନ୍ଦରେ, ନା ବିକଳରେ ? କାହିଁକି ଏ ଆର୍ତ୍ତନାଦ !

ଘଉଡ଼ିବାଟା ବି ପିଟିବାରେ ପରିଣତ ହୋଇଗଲା । ମାଡ଼ ଭୟରେ ପୁଣି କିଏ କୁଆଡ଼େ ଧାଇଁଲେ ବରଷାରେ ତିନ୍ତିବୁଡ଼ି । ତିନ୍ତିଲା ଅରୁଣ ସେଇମାନଙ୍କ ସାଙ୍ଗରେ । ସେ ଯେମିତି ଗୋଟିଏ ରାତିର ଅନୁଭୂତି ସଂଗ୍ରହ କରୁଥିଲା । ଯାଯାବର ଜୀବନର ମଧ୍ୟ-ଚିତ୍ର ପରିବେଶକୁ ନିରୀକ୍ଷା କରୁଥିଲା । ଓଃ ! ଏ କି ଦୁଃସହ ଜୀବନ ! ଏଠି ଅନେକଙ୍କର ଏ ଜୀବନ ନିତିଦିନିଆ; କିନ୍ତୁ ତା'ର ଏଇଟା କ୍ଷଣିକ । ଗୋଟାଏ ଦିନର ।

ଭିଜି ଭିଜି ଅରୁଣ ବୁଲୁଥିଲା ।

ଭାବୁଥିଲା ଏଇ ଫୁଟପାଥ୍‌ବାସୀଙ୍କର ନିତିଦିନିଆ ଜୀବନର କଥା । ଜୀବନ ଆଉ ସଂଗ୍ରାମର ଗାଥା, ସବୁ ଅଛି ଏଇଠି । ସବୁ ଅନୁଭବ କରିହେବ ଟିକିଏ ସହୃଦୟ ହେଲେ । ସେ କେବଳ ସହୃଦୟ ହୋଇନି, ସମଧର୍ମୀ ହୋଇଚି ।

ବର୍ଷାର ବୁନ୍ଦା ବନ୍ଦ ହୋଇ ଆସିଥିଲା ।

ଅରୁଣ ବୁଲୁଥିଲା ।

ନିଜର ଜାମାରେ ହାତ ବୁଲାଇ ଆଣିଲା ସେ । ପାଣି ଝରୁଚି ସେଥିରୁ ବୁନ୍ଦା ବୁନ୍ଦା ହୋଇ । ମାତ୍ର ତାକୁ ଟିକେ ହେଲେ ଥଣ୍ଡା ଜଣା ପଡ଼ୁନି ।

ସେଇ ପ୍ରଥମ ଶୀତ ପବନଠାରୁ ଏ ପରିସ୍ଥିତିଟା ଆହୁରି ସ୍ପଷ୍ଟ ମାଲୁମ ହେଉଛି ।

ଦୂରରୁ ସବୁ ଜିନିଷ ଭୟଙ୍କର ଦିଶେ । ଠିକ୍ ଏ ଅନୁଭୂତି ପର୍ବତ ଭଳି ବୋଧହୁଏ । ମାତ୍ର ଉପସ୍ଥିତ ହେଲେ ତା'ର ତାପ ଆଉ ଜଣା ପଡ଼େନା । ସମ୍ଭବତଃ ସେଥିପାଇଁ ବାସର-ରାତି ଅନୁଭୂତି ମଣିଷପାଇଁ ସ୍ମରଣୀୟ । ତା'ପରେ··· । ନା, ଆଉ କିଛି ନାହିଁ । ସେ ସ୍ୱାମୀ, ଇଏ ସ୍ତ୍ରୀ; ଅନୁଭୂତି ସବୁ ସରିଗଲା । ଏ ଅନୁଭୂତିକୁ ସ୍ମୃତିର ସୂତାରେ ଗୁନ୍ଥି ହେବନି ।

ଅନେକ କିଛି ଭାବି ଭାବି ଚାଲିଥିଲା ଅରୁଣ । ଭୁଲି ଯାଇଥିଲା ବର୍ଷା ରାତ୍ରିର ଇତିକଥାକୁ; ଦେହର ଶୀତାର୍ତ୍ତ କମ୍ପନକୁ । ଜୀବନର ଏ ବି ଏକ ଅନୁଭୂତି । ଅନୁଭୂତି ନ ହେଲେ ଶିଳ୍ପୀ ଚିତ୍ର ସୃଷ୍ଟି କରି ପାରେନା । ଲେଖକ ଲେଖି ପାରେନା । ଅନୁଭୂତିର ପରିପ୍ରକାଶ ଜୀବନ୍ତ ହୁଏନା । ବିନା ଅନୁଭୂତିରେ ଅନେକ କଥା ଲେଖିହୁଏ, ଅନେକ କଥା ଆଙ୍କି ହୁଏ । ମାତ୍ର ସେ ସବୁ ଜୀବନ୍ତ ହୋଇ ପାରେନି ।

ମଣିଷ ଜୀବନ ଅନୁଭୂତିର ଗୋଟାଏ ପେଡ଼ି । ଅନେକ ଅନୁଭୂତି ସେଥିରେ ସାଇତା ହୋଇଥାଏ । ଅରୁଣ ତା' ଜୀବନର ଅନେକ କଥା ସେଇ ପେଡ଼ିରେ ସାଇତି ରଖିଛି । ବେଳେବେଳେ ସେ ପେଡ଼ି ଆପେ ଖୋଲି ହୋଇଯାଏ । ଗୋଟି ଗୋଟି ହୋଇ ସବୁ କଥା ଆଖି ଆଗରେ ନାଚେ । ବୋଉ, ବାପା, ଦୁଃଖୀ ଅପା, ବୀଣା···

ବୀଣା !···

କିଏ ଇଏ ? କିଏ... ? ?...

ଆଶ୍ଚର୍ଯ୍ୟରେ ଚାହିଁଥିଲା ଅରୁଣ । ଆଗରେ ଉତ୍କୂଳ ଗଙ୍ଗା । ନୀରବ ସହରକୁ ଗୁଣୁଗୁଣୁ ଗୀତ ଶୁଣାଉଛି । ବହି ଯାଉଛି ଗଙ୍ଗା । ଦୂରରେ ଥିବା ଇଲେକ୍ଟ୍ରିକ୍ ଖୁଣ୍ଟ ସେଇ ଦର୍ପଣମୁଖର ସନ୍ଧିରେ ଦାମ୍ଭିକ ସୈନିକ ଭଳି ଠିଆ ହୋଇଛି । ତୋଫା ଦଶାଖୁଣ୍ଟା ବୋଧହୁଏ ଯୁବତୀ ଗଙ୍ଗାକୁ ଜଗିଛି । ବିଳାସିନୀ କୃଷ୍ଣା ରାତ୍ରି ଗଙ୍ଗାର ଉନ୍ନତ ସ୍ତନ ଉପରରେ ଲଦି ହୋଇ ପଡ଼ିଲେ କାଳେ ତା'ର ସଙ୍ଗୀତ ବନ୍ଦ ହୋଇଯିବ, ସେଇଥି-ପାଇଁ ଚାହୁଁଛି ।

ଚୁହିଁଚ ଅରୁଣ ।

ଗଙ୍ଗାର ନୀଳ ଜଳ ନିକଟକୁ ଦ୍ରୁତ ଗତିରେ ଆଗେଇ ଚାଲିଛି ସେଇ ନାରୀ ମୂର୍ତ୍ତିଟା । ଯାହାକୁ କ୍ଷଣିକ ଆଗରୁ ଆଲୋକରେ ଦେଖି ବୀଣା ବୋଲି ମନେ କରୁଥିଲା । ଚାଲିଚ ସେଇ ନାରୀ ମୂର୍ତ୍ତିଟି । ଅବିକଳ ବୀଣାର ସେଇ ସୁଷ୍ଠୁ ଶରୀରର ନକଲ । ସେଇ ଚାଲି । ସେଇ···

ଆଖି ବୁଜି ପକାଇଲା ଅରୁଣ । ଏ କ'ଣ ହେଲା ! ସେଇ ନାରୀ ମୂର୍ତ୍ତିଟା ଯେ··· ! ! ! ଭୁହୁକିନା ପାଣିରେ ପଡ଼ିବାରେ ଶବ୍ଦ । ସେଇ ନୀରବ ରାତିରେ ଶବ୍ଦଟା ଅନେକ ଦୂର ଶୁଭିଥିବ ନିଶ୍ଚୟ ।

କ'ଣ କରିବ ଅରୁଣ !

କ'ଣ କରିବ ?

ଆଉ କାଳ ବିଳମ୍ବ କରିନି । ସେ ମଧ୍ୟ ଡେଇଁ ପଡ଼ିଚ ପାଣିକୁ । ଦୁଇଟିଯାକ ଶବ୍ଦକୁ ରାତି ତା'ର ମହନ-ପଣତରେ ବାନ୍ଧି ରଖିଥିଲା । ଅନୁଭୂତି ସଂଗ୍ରହ କଲା ଗଙ୍ଗା । ନିତିଦିନିଆ ଅନୁଭୂତି ଭିତରୁ ଇଏ ବି ଗୋଟାଏ । ଯେଉଁ ଅନାଦି କାଳରୁ ଗଙ୍ଗା ବହି ଆସିଚ, ଏମିତି କେତେ ଅନୁଭୂତି ସେ ସାଇତିଚ ତା'ର ବୁକୁ ପେଡ଼ିରେ । ସେ କିନ୍ତୁ କାହାର ଆଗରେ ଖୋଲେନା । କାହାରିକୁ କହେନା । କହିବାକୁ ସେ ବି ଭଲ ପାଏନା ।

ଭଲ ମନ୍ଦ ବିଚାର କରିବା ବିବେକର ଜିନିଷ ।

ଭଲ ହେବ କି ମନ୍ଦ ହେବ ବିଚାର ନଥିଲା ଅରୁଣ । ସେ ପାଣିକୁ ଡେଇଁ ପଡ଼ିଥିଲା । ତାଙ୍କୁ ଉଦ୍ଧାର କରିଥିଲା । ଅନେକ ସମୟ ପରେ ସେ ତାକୁ ପାଣିରୁ ଉଠାଇ ଆଣିଥିଲା ଉପରକୁ । ଅରୁଣ ଆଗରୁ ଭିଜିଥିଲା । ତା'ର ଏଇ ଭିଜିବାରେ ନୂତନତା ନଥିଲା ।

ଏକବାରେ ବେଦମ ହୋଇ ଯାଇଥିଲା ସେ । ଓଦା ଦେହରୁ ଅପ୍‌ଅପ୍ ପାଣି ଝରି ପଡ଼ୁଥିଲେ ମଧ୍ୟ, ନାସାରୁ ଉତପ୍ତ ନିଶ୍ୱାସ ବହୁଥିଲା । ଆଲୋକିତ ସ୍ଥାନକୁ ତାକୁ ଉଠାଇ ଆଣିଥିଲା ଅରୁଣ । ଝିଅଟିର ମୁହଁକୁ ଚାହିଁ ଦେଇ ଚିତ୍କାର କରି ଉଠିଲା ସେ ।

ବୀଣା ! ! !

ବୀଣା ଅଚେତ ।

ଖୁବ୍ କମ୍ ଦିନ ଲାଗିଲା ଅରୁଣକୁ ନିତାନ୍ତ ଆବଶ୍ୟକ ଜିନିଷଗୁଡ଼ିକ କରିବାକୁ । ଅବଶ୍ୟ ଦୁଃଖୀ ଅପା ପାଖରୁ ନୂଆ ବସାର ଠିକଣା ଦେଇ ଟଙ୍କା କିଛି ମଗାଇ ନେଇଥିଲା । ବୀଣା ରହିଥିଲା ଅରୁଣ ପାଖରେ ସେଇଦିନୁ ।

ସହରର ଗୋଟାଏ ଅଖ୍ୟାତନାମା ଗଳି । ଏକରକମ ପଲ୍ଲୀ ଭଳି । ଅରୁଣ ସ୍ଥାନଟିକୁ ବାଛି ନେଇଥିଲା । ବୀଣା ତାର ସାଙ୍ଗରେ ସେଇଠି ରହିଲା । ସେ ଆଉ ତା'ର ସ୍ୱାମୀ ପାଖକୁ ଫେରିବାକୁ ଚାହୁଁନି । ଅରୁଣ ବି ବାଧ୍ୟ କରିନି ତାକୁ ସେଠିକି ଯିବାକୁ । ସବୁ ଶୁଣିଛି ସେ ବୀଣାଠୁଁ ।

ଦିନେ ଅପରାହ୍ଣରେ କାନ୍ଦି କାନ୍ଦି ବୀଣା ସବୁ କହିଥିଲା······

ବୀଣାର ସ୍ୱାମୀ ମନ୍ଦର । ଅଳ୍ପ ଶିକ୍ଷିତ । ଚଟକଳରେ କାମ କରେ । ଘରେ ଜମିବାଡ଼ି କିଛି ଅଛି । ସେ ବି ସେମିତି ବେଶୀ ନୁହେଁ । କୁଟୁମ୍ବ ଭିତରେ ମନ୍ଦରର ସାନଭାଇ ଚନ୍ଦର, ଆଉ ମାଆ ବୁଢ଼ୀ । ଜମିରୁ ଯାହା ମିଳେ ତିନିହେଁ ଚଳିବାକୁ କାଣ୍ଟକୁଣ୍ଟ । ମନ୍ଦରର ବାହାଘର ପରେ ସେ କାଳମାଟି ଆସିଲା । ବୃକଶ୍ର କଲା ।

ଚଟକଳରେ କାମ କଲା ମନ୍ଦର । ଦିନା କେତେ ଖୁବ୍ ଭଲ ଦି'ପଇସା ଭେଇଲା । ମାସକୁ ମାସ ଟଙ୍କା ଘରକୁ ପଠାଇଲା । ଆୟର ଭଲ ବାଟ ଦେଖି ବୀଣାକୁ ପାଖକୁ ଆଣିଲା । ମାଆ ବୁଢ଼ୀକୁ ଏଥିପାଇଁ ବହୁତ ସଲସୁତୁରା କରିଥିଲା । ଖାଇବା ପିଇବାରେ ବହୁତ ଅସୁବିଧା ହେଉଛି । ବିଦେଶରେ ଧିଅମୁଣ୍ଡ ଦେଖିବାକୁ କେହି ନାହାନ୍ତି, ଇତ୍ୟାଦି । ମାଆ ବୁଢ଼ୀ ଶେଷରେ ରାଜି ହେଲା । ସାଥୀରେ ଆସିଲା ବୀଣା ।

କଲିକତାକୁ ଆସି ଦିନ କେତୋଟା ବୀଣା ଖୁବ୍ ଆରାମରେ କଟାଇ ଦେଇଛି । ମନ୍ଦର ସାଙ୍ଗରେ କେତେଆଡ଼େ ବୁଲିଛି । ଗଙ୍ଗା କୂଳକୁ ବୁଲି

ଆସିଛି । କାଲି ମନ୍ଦିର ବୁଲିଛି । ଦାମ୍ପତ୍ୟ ଜୀବନର ସୁଖର ଦିନଗୁଡ଼ାକ ଆଙ୍ଗୁଠି ଆଗରେ ଗଣି ହୁଏ । ହିସାବ କରିବା ପୂର୍ବରୁ ସେଦିନ ଚାଲିଯାଏ । ସୁଖ ପରେ ଆସେ ଦୁଃଖ । ଦୁଃଖର ଦିନ ଓଟ ପିଠିରେ ବସି ଆସେ । ଆଗରେ ବିରାଟ ସାହାରା ମରୁ । ତାକୁ ଟପିବାକୁ ସାହସ ଦରକାର, ଧୈର୍ଯ୍ୟ ଦରକାର ।

ବୀଣା ଧୈର୍ଯ୍ୟ ଧରି ରହି ପାରିଲାନି । ସେ ଶୁଣିଥିଲା ମନ୍ଦିର ନିଶା ଖାଉଛି, ଦେଖି ନଥିଲା । ଦିନେ ଦେଖିଲା । ସବୁକଥା ଭଲଭାବେ ଜାଣିଲା । କାରଣ କଲା ମନ୍ଦିରକୁ । ସେ କି ଆଉ ମାନିବା ଲୋକ । ଶଗଡ଼ ତା'ଗୁଳାରେ ପଡ଼ିଲେ ଧୀରେ ଧୀରେ ଆଗେଇବା ଭଳି, ତା' ବାଟରେ ଆଗେଇଲା ମନ୍ଦିର । ନିଶାପାଣିର ଟିକିଏ ଟିକିଏ ମାତ୍ରା ବଢ଼ିଲା ।

ବୀଣାର ମନ କାଉଁଲି ଉଠିଲା । କ'ଣ କରିବ କିଛି ଭାବି ପାରିଲା ନାହିଁ । ଶାଶୂ ବୁଢ଼ୀର ବି ଜ୍ୱର ଭିତରେ କାଳ ହୋଇଗଲା । ଶାଶୂ ଘର କହିଲେ, ଏକା ତା'ର ହୁଡୁମା ଦିଅର ଚନ୍ଦର । ତଥାପି ସେ ଦିନେ ମନ୍ଦିରକୁ ଅନୁରୋଧ କଲା, ଚାଲ ଗାଁକୁ ଫେରିଯିବା । ବଲବାଡ଼ି ଧନ୍ଦା ବୁଝାବୁଝି ହୋଇ ପାରୁନି । ଘରେ ଛୁଆଟା ଏକଲା ।

ପ୍ରତି ଉତ୍ତରରେ ଶୁଣିଲା, ତମେ ଚାଲିଯା । ମୁଁ ଯାଇ ପାରିବିନି କୋଉଠିକି ! ତମର ଯଦି ଇଚ୍ଛା ହଉଛି ଯା ।

ଚୁପ ରହିଲା ବୀଣା । ଆଉ କ'ଣ ଅବା କହିବ ? ସ୍ୱାମୀ ସାଙ୍ଗରେ ବିଦେଶ ଆସିଥିଲା । ସ୍ୱାମୀକୁ ଛାଡ଼ି ଶାଶୁଘରେ ଯାଇ ଭେଣ୍ଡିଆ ଦିଅର ପାଖରେ ରହିବ । ଏଇଟା ଦାଣ୍ଡକୁ ଅଶୋଭା ଦିଶିବ । ଅପନିନ୍ଦା ବଢ଼ିବ । ଏ ଯନ୍ତ୍ରଣାଠୁ ସେ ଯନ୍ତ୍ରଣା ହେବ ବେଶୀ ।

ଦିନ ରାତି ଭାବି ଭାବି ସରେନା । ବୀଣା କେଇଟା ଦିନ ପରେ ଘର ରିକ୍ତତା ବୋଧକଲା । ଦିନେ ଦିନେ ରାତିରେ ମନ୍ଦିର ଘରକୁ ଆଉ ଫେରେନା । ବୀଣା ତାକୁ ଅପେକ୍ଷା କରିଥାଏ ସେମିତି । ଆଲୁଅ ଜଳୁଥାଏ । ଭାତ ଅପଖିଆ ଥାଏ । ବସି ବସି ନିଦ ଆସି ଯାଇଥାଏ ତାକୁ ।

ଘନେ ଘନେ ରାତି ପାହାନ୍ତା ବେଳକୁ ସେ ଫେରେ । ମୁହଁରୁ ଉତ୍କଟ ମଦର ଗନ୍ଧ ଯାଇ ଜଥାଏ । ଆଖିର ଲାଲିମା ଉଙ୍କିଜୁ ଆଏ । କିଛି ପଚାରି ପାରେନା ବୀଣା । କୁଆଡ଼େ ଥିଲ, କାହିଁକି ରହିଥିଲ ?...କାହିଁକି ପଚାରିବ ? କି'ଣ ଅବା ଅଜଣା ରହିଛି ତ ' ପାଖରେ । ଆଉ ପଚାରିଲେ ଓଲଟି ବିରକ୍ତ ହେବେ । ପିଟିବେ । ନିଶା ଘୋରରେ ମଣିଷ ସବୁ ଅକାର୍ଯ୍ୟ କରିପାରେ ।

ଶେଷରେ ଅକାର୍ଯ୍ୟ କରିବାକୁ ପଛେଇଲାନି ମନ୍ଦର । ବୀଣାର ପ୍ରତିବାଦ ନ କରିବା ଦେଖି ସେ ମଦ ଆଣି ଘରେ ପିଇଲା । ଅନ୍ୟ ମଦ୍ୟପ ସାଙ୍ଗମାନଙ୍କୁ ଘରକୁ ଡାକିଲା ଦିନ କେଇଟା ଭିତରେ ତା' ବସାଘରଟି ଏକ ମଦ ଆସର ପାଲଟିଗଲା ।

ମଦ୍ୟପ-ମେଳ ନାନା ଉଦ୍ଭଟ ଚର୍ଚ୍ଚା ଶୁଣାଏ । ମନ୍ଦରର ସେଇ ବନ୍ଧୁମାନଙ୍କଠୁ କେତେଥର ଶୁଣିବାକୁ ମିଳିଚି କେତେ କୁ-କାମନା ଜଡ଼ିତ କଥାମାନ । ଭିତର ଘରର ଅନ୍ତରାଳରେ ନିଜକୁ ସର୍ବଦା ଲୁଚାଇ ରଖେ ବୀଣା । ମାତ୍ର ନିଜ କାନକୁ ସେ ବୁଜି ପାରେନା । ତା'ର ଅନିଚ୍ଛା ସତ୍ତ୍ୱେ ବି ସେ ଶୁଣେ ସେ ଉନ୍ମତ୍ତ ଗୁଞ୍ଜରଣ ସବୁ ।

ଦିନେ ମନ୍ଦର ତାଙ୍କୁ ଟାଣି ଟାଣି ନେଇ ସେମାନଙ୍କ ଆଗରେ ଠିଆ କରିଥିଲା । କାରଣ ସମସ୍ତେ ବନ୍ଧୁପତ୍ନୀଙ୍କୁ ଦେଖିବାକୁ ଚାହିଁଥିଲେ । ବହୁତ ପ୍ରତିବାଦ କରିଥିଲା ବୀଣା । ମାତ୍ର ତା'ର କ୍ଷୀଣ ପ୍ରତିବାଦର ସ୍ୱର ମନ୍ଦରର ଲାଲ ଆଖିର ରଙ୍ଗକୁ ବେରଙ୍ଗ କରି ପାରିଲାନି । ତାକୁ ପିବାକୁ ହେଲା । ଶୁଣିବାକୁ ପଡ଼ିଲା କେତେ ଲାଳସାମିଶା ମନ୍ତବ୍ୟ । କେତେ ରାକ୍ଷସିଆ ହସ ।

ସେଇଦିନ ବୀଣା ଖୁବ୍ କାନ୍ଦିଥିଲା । ମନ୍ଦରର ଗୋଡ଼ ଧରି ଭେ-ଭେ ଚିତ୍କାର କରିଥିଲା । ତାଙ୍କୁ ଫେରିପିବା ପାଇଁ ଅନୁରୋଧ କରିଥିଲା । ମାତ୍ର ସବୁ ନିଷ୍ଫଳ । ସେ କଥାଗୁଡ଼ାକ ମନ୍ଦରର ଏ କାନରେ ପଶି ସେ କାନରେ ବାହାରି ଯାଇଥିଲା । ବୀଣା ଅନୁରୋଧ କରିଥିଲା, ଆଉ ତାକୁ ଏମିତି ଲାଜ ନଦେବାକୁ । ହସି ଉଠିଥିଲା ତା' କଥାରେ ମନ୍ଦର ।

ସେଦିନ ବି ସେମିତି ହସି ଉଠିଲା ମନ୍ଦର । ବନ୍ଧୁ ମହଲ ତା'ର ମଦପିଇ ଯେତେବେଳେ ବୀଣାକୁ ନାଚିବାକୁ ଅନୁରୋଧ କଲେ, ବୀଣା

ମନାକଲା । କହିଲା, ସେ ନାଚ ଜାଣେନା । ବାଧ୍ୟ କଲା ମହେଶ । ତମକୁ ନାଚିବାକୁ ହେବ । ପାଦରେ ଘୁଙ୍ଗୁର ବାନ୍ଧିବାକୁ ହେବ ।

କାନ୍ଦିବାଟାକୁ ଏକମାତ୍ର ପନ୍ଥା ବୋଲି ଧରି ନେଇଥିଲା ବୀଣା । ସ୍ୱାମୀର ସ୍ତ୍ରୀ ପ୍ରତି ଏ ନିର୍ଯ୍ୟାତନା । କାହାକୁ ଯାଇ ସେ କହିବ ଏ କଥା । ସ୍ୱାମୀ ହତାଦର କରୁଛି, ହିନସ୍ତା କରୁଛି । କେହି ଶୁଣିବେନି । ଏ ସମାଜରେ ସ୍ୱାମୀ ହାତରେ ସ୍ତ୍ରୀର ଜୀବନଟାକୁ ସମର୍ପି ଦିଆଯାଏ । ସ୍ୱାମୀ ଯାହା କରିବ । ପ୍ରତିବାଦ କରିବାର ବଳିଷ୍ଠ କ୍ଷମତା ନାରୀର ନାହିଁ । ସ୍ୱାମୀ ହାତରେ ସ୍ତ୍ରୀ ଏକ କାଠ ପିତୁଳା ମାତ୍ର ।

ଦିନେ ପାଦରେ ଘୁଂଘୁର ବାନ୍ଧିଲା ବୀଣା । ଝକେ ଖିଙ୍ଗି ନ ପଡ଼ିବାକୁ ମନରେ ସାହସ ବାନ୍ଧିଲା । ସ୍ୱାମୀର ମନ ଖୁସି କରିବାକୁ ସେ ଆଖିରୁ ଲୁହ ପୋଛି ଆଗେଇଲା ଆସରକୁ । ଗ୍ରୋଷ୍ଟ ପକ୍ଷସ୍ଥାନ ଚଢ଼େଇଟିର ପ୍ରଥମ ପକ୍ଷୀ ଲଗିଲେ ସେ ଯେମିତି ଉଡ଼ିବାକୁ ଚେଷ୍ଟା କରି ବିଫଳ ହୁଏ, ସେମିତି ବିଫଳ ହୋଇଥିଲା ବୀଣା । ତଥାପି ତାକୁ ନାଚ କରିବାକୁ ହେଲା । ସେ ନାଚିଲା ।

କଳା ଗୋଟାଏ ଏମିତି ଜିନିଷ ସେ ସବୁରି ମନରେ ଥାଏ । ଶିଳ୍ପୀର ଆଖିରେ ଥାଏ, ନାଚବାଲୀର ଛନ୍ଦ ଚରଣରେ ଥାଏ; ଆଉ ଅଳ୍ପେ ବହୁତେ ଥାଏ ସାଧାରଣଠାରେ । ମାତ୍ର ପରିସ୍ଥିତି ଓ ପରିବେଶ ଅଭାବରୁ ସେ ମୂକ ହୁଏ । ପ୍ରତି ମଣିଷ ଜଣେ ଜଣେ କବି, କଳାକାର; ଆଉ ଶିଳ୍ପୀ । ପ୍ରତ୍ୟେକ ପ୍ରାଣରେ ଅଳ୍ପେ ବହୁତେ ସବୁ କିଛି ଅଛି । ନହେଲେ ମଣିଷ ଚିତ୍ରକୁ ଦେଖି ଆଦର କରନ୍ତାନି । ସାହିତ୍ୟକୁ ପଢ଼ି ଆନନ୍ଦ ପାଆନ୍ତାନି । ନାଚ ଦେଖି ଉନ୍ମତ୍ତ ହୁଅନ୍ତାନି । ଏ ସବୁରେ ରହିଛି ସମବେଦନାର ସୂକ୍ଷ୍ମ ସୁନ୍ଦର ଆକର୍ଷଣ ।

ବୀଣା ନାଚିଲା ।

ସେ ନାଚ ଜୀବନ୍ତ ହେଇ ନପାରେ, ଦର୍ଶନୀୟ ନିଶ୍ଚୟ । ବିଶେଷତଃ ଜଣେ ସୁନ୍ଦରୀ ରୂପସୀ ନାରୀର ସାଧାରଣ କଳାକୃତି ପୁରୁଷଙ୍କ ଆଖିରେ ଅସାଧାରଣ ହୋଇ ଉଠେ । ସୌମ୍ୟ ଯୁବକର ସାମାନ୍ୟ କୃତି ଯୁବତୀର ହେତୁଳା ମନ ଦୁଆରେ ପଙ୍କଜ ସମାନ ପ୍ରଶଂସା ନେଇ ଠିଆହୁଏ ।

ଏ ଆକର୍ଷଣ ଆଦିମ ଯୁଗର । ନିହାତି ପୁରୁଣା ଇଏ । ଏହାର ଉଦାହରଣ ଆମ ପାରିବାରିକ ଜୀବନରେ ମିଳେ । 'କୁ' ନହେଲେ ବି 'ସୁ' ଅର୍ଥରେ ଆମେ ଦେଖୁ ବାପ ସାଧାରଣତଃ ଝିଅମାନଙ୍କୁ ବେଶୀ ଭଲ ପାଆନ୍ତି । ମାଆମାନେ ପୁଅମାନଙ୍କର ଯତ୍ନ ନିଅନ୍ତି ସବୁଠୁଁ ବେଶୀ । ଏଇଟା ଆଉ କିଛି ନ ହୋଇପାରେ, ମାତ୍ର ସେଇ ପାରମ୍ପରିକ ଆକର୍ଷଣର ଏକ ଉଦାହରଣ ନିଶ୍ଚୟ ।

ସମସ୍ତେ ଉଚ୍ଚ ପ୍ରଶଂସା କଲେ ବୀଣାର ।

ଚମତ୍କାର ! ଚମତ୍କାର ନୃତ୍ୟ ।

ପ୍ରଶଂସା, ଅସୁମାର ପ୍ରଶଂସା । ବୀଣା ନ ଚାହିଁଥିଲେ ବି ମିଳିଲା । ଏଇ ପ୍ରଶଂସା ନିତିଦିନିଆ ଆସିଲା । ନିଇତି ନାଚ ହେଲା । ମନ୍ଦରର ବନ୍ଧୁମାନେ କେହି କେହି ତା'ର ଅନୁପସ୍ଥିତିରେ ବି ଆସି ପ୍ରଶଂସା କରି ଚାଲିଯାଉଥିଲେ । ବୀଣା କିନ୍ତୁ ସେମାନଙ୍କୁ ବେଶୀ ସମୟ ଦେଇ ନଥିଲା । ବିଭିନ୍ନ କାମର ଆଳ ଦେଖାଇ ବିଦାୟ ନେଉଥିଲା ।

ଦିନେ ମନ୍ଦରକୁ ବୀଣା ଏକାନ୍ତରେ ପ୍ରଶ୍ନ କଲା, କୁହତ, ମୋ ନାଚ ତ ମନକୁ କେମିତି ଯାଉଚି ।

ମନ୍ଦର ବେଖିଆଲି ଭାବେ ଉତ୍ତର ଦେଲା, ଲୋକେ କହୁଛନ୍ତି ଭଲ ନାଚୁଚ ତମେ ।

ଅଭିମାନିଆ ସ୍ୱରରେ ବୀଣା କହିଲା, ମଲା ! ଏଇଟା କ'ଣ ତମ ମତ ? ଏଇଥିରୁ କ'ଣ ମୁଁ ତୁମ ମନ କଥା ବୁଝିବି ?

ଚଞ୍ଚଳ ଭଙ୍ଗୀରେ ମନ୍ଦର କହିଲା, ମଅ ! ମୋର ଆଉ ଗୋଟାଏ ମତ କ'ଣ ମ । ସମସ୍ତେ ଯାହା କହିବେ ସେଇଆ ନା ।

କହି କହି ଚାଲିଥିଲା ମନ୍ଦର । ବୀଣା ଭାବିଲା, କି ବିଚିତ୍ର ଏଇ ମଣିଷଟା । ନିଜର ବୋଲି କିଛି ଗୋଟାଏ ରୁଚି କ'ଣ ନାହିଁ । ସେ ଏତେ କଷ୍ଟ କରି ନାଚୁଚି କ'ଣ ପରପାଇଁ ? ସ୍ୱାମୀକୁ ଖୁସି କରିବାପାଇଁ ମୁହଁରୁ ଲାଜ ଛଡ଼ାଇ ସେ ପର ଆଗରେ ନାଚୁଚି । ସ୍ୱାମୀର ଆନନ୍ଦରେ ତା'ର ଆନନ୍ଦ । ସ୍ୱାମୀର ସୁଖରେ ତା'ର ସୁଖ । ମାତ୍ର ଏ କ'ଣ ? ସ୍ୱାମୀ କ'ଣ ତା'ର ସୁଖୀ ?

ନା, ସୁଖୀ ନୁହେଁ ।

କିଛିଦିନ ହେଲା ମାଧବ ବହୁ ସମୟରେ ଅନ୍ୟମନସ୍କ ରହୁଛି । କ'ଣ ଯେମିତି ବହୁତ ଭାବୁଛି । ମୁହଁଟା ଗମ୍ଭୀର ଦିଶୁଛି । ବୀଣା ତା' ହାବଭାବରୁ କିଛି ଅନୁମାନ କରି ପାରେନା । ଭୟରେ ବି ପଚାରେ ନା । ଦିନେ କିନ୍ତୁ ସବୁ ଜଣା ପଡ଼ିଲା । ମାଧବର ଚାକିରି ଚାଲିଯାଇଛି । ଚାରିଆଡ଼େ ଅନେକ ବାକି ହୋଇଯାଇଛି । ମଦ ଦୋକାନଠୁଁ ଡାଲିଚାଉଳ ଦୋକାନ ଯାଏ, ସବୁଠି ।

ବୀଣା ଏକଥା ଶୁଣିଲା । ପୁଣି ଥରେ ଅତି ନେହୁରା ହୋଇ ଗାଆଁକୁ ଫେରିଯିବାକୁ ଅନୁନୟ କଲା । ମାଧବ କିନ୍ତୁ ନିରୁପାୟ । ଚାରିଆଡ଼େ କରଜ । ଏମାନେ ଛାଡ଼ିଲେ ତ ସେ ଯିବ । ମଦ ଦୋକାନୀ ନିଇତି ଆସି କଟାଳୁଛି । ଜିନିଷପତ୍ର ବିକି ପରିବା ଦୋକାନୀକୁ ଚୁପ୍‌ଚାପରେ ପଇସା ଶୁଝେଇଦେଲା ବୀଣା । ଦିନ ମଜୁରିରେ ଯାହା ମାଧବ ଆଣୁଥିଲା ଦୁହେଁ ଚଳୁଥିଲେ ।

ମଦ ଦୋକାନୀ କିନ୍ତୁ ପ୍ରତିଦିନ ଆସୁଥିଲା ।

ଦିନେ ବୀଣା ଲକ୍ଷ୍ୟ କଲା ସେଇ ଦୋକାନୀ ସାଙ୍ଗରେ ଖୁବ୍ ଭଲ ଆଳାପରେ ମାଧବ ବ୍ୟସ୍ତ । ଦୋକାନୀଟି ଏକ କୃଷ୍ଣ ପୃଥୁଳ କାୟ ବ୍ୟକ୍ତି । ଦେଖିବାକୁ ଗୋଟାଏ ରାକ୍ଷସ ପରି । ମାଧବର କାନ୍ଧ ଉପରେ ସେ ହାତ ପକାଇ ମଧୁର ଗପ ଯୋଡ଼ିଛି ।

ଯା' ହଉ, ଦୀର୍ଘ ନିଶ୍ୱାସ ମାରିଲା ବୀଣା । ବୋଧହୁଏ ସବୁ କରଜ ତୁଟିଗଲା । ଆଜି ସଞ୍ଜରେ ଫେରିଲାରେ ସେ ନିଶ୍ଚୟ ତାଙ୍କୁ ଅନୁରୋଧ କରି ଗାଆଁକୁ ଫେରିଯିବାକୁ ବାଧ୍ୟ କରିବ । ଆଉ ଗୋଟାଏ ଦିନ ବି ଏ ସହରରେ ରହିବନି । ଲୋଡ଼ା ନାହିଁ ଏ ସହରର ଲୋଭନୀୟ ଜୀବନ । ଲୋଡ଼ା ନାହିଁ ତା'ର ଏ ମୁଖାପିନ୍ଧା ଭଦ୍ରତାର ନୃତ୍ୟ । ସେ ଫେରିଯିବ । ନିଶ୍ଚୟ ଫେରିବ । ସ୍ୱାମୀଙ୍କୁ ବାଧ୍ୟ କରିବ ।

ସକାଳୁ ମାଧବ ବାହାରକୁ ଚାଲିଗଲା କାମ ଉଦ୍ଦେଶ୍ୟରେ । ବୀଣା ଅପେକ୍ଷା କରି ବସିଲା ତା' ଫେରିବା ବାଟକୁ । ସକାଳ ଯାଇ ଆସିଲା ସଞ୍ଜ । ବୀଣା ଚାହିଁଛି ମାଧବକୁ । ମାଧବ ଫେରିନି ଏ ଯାଏ । ଆକାଶରେ ଅଦିନିଆ

ବଉଦର ମେଳଣ । କପାଫୁଲିଆ ବଉଦ ମେଣ୍ଟା ମେଣ୍ଟା ଭାସି ଆସି ଏକଜୁଟ ହେଲେଣି ।

ଅଣ୍ଡ୍ରା ପବନ ବହୁଚି । ପାଗ ଖୋହଲା । ଦେହ ଶିତେଇ ଉଠୁଚି । ଖଣ୍ଡେ ମୋଟା ଚଦର ବେଢ଼େଇ ହୋଇ ବସିଛି ବୀଣା । ଚାହିଁଚି ମନ୍ଦରର ଫେରିବା ବାଟକୁ । ଆଜ କାହିଁକି କିଛି କାମଦାମ କରିବାକୁ ମନ ଲାଗୁନି । ବେଳକୁ ବେଳ ରାତି ଘନେଇ ଆସୁଚି । ତାରି ସାଙ୍ଗରେ ମାଡ଼ି ଆସୁଛନ୍ତି ବଉଦ ଦଳ ।

ରାତି ବଢ଼ୁଚି । ଅନେକ ରାତି···

ବୀଣା ଭାବୁଚି । ଅନେକ ଭାବନା······

ଆଜ ବର୍ଷା ହେବ ନିଶ୍ଚୟ । ମେଘ ଏମିତି ନଇଁ ପଡ଼ିଲାଣି । ବର୍ଷା ହେବ । ହେଉ ବର୍ଷା । ଏଇ ବର୍ଷାରେ ଭିଜି ଭିଜି ଆଉ ଘଡ଼ିକେ ଆସି ପହଞ୍ଚିବ ମନ୍ଦର । ତା'ର ହାତ ଗୋଡ଼ ଧରି ସେ ଅଳି କରିବ ଗାଆଁକୁ ଫେରିଯିବା ଲାଗି । ଏ ସହରି ଜୀବନ ଆବଶ୍ୟକ ନାହିଁ । ଗାଆଁରେ ଜମିବାଡ଼ି ପଡ଼ିଛି । ନିଜ ଜମି ନିଜେ ଚଷିବା । ହୁଡ଼ମାଟି ହୁଡ଼ରେ ନଦବା । ବାସ୍··· ସେଇ ଭଲ ।

କିଏ ଡାକୁଚି ! ହୁଁ, କବାଟରେ କରାଘାତ କରୁଚି ।

ବୀଣା ଚଦରଟାକୁ ଫିଙ୍ଗି ଦେଇ ସତ୍ୱରରେ ଧାଇଁଗଲା କବାଟ ଖୋଲିବାକୁ । ମନ୍ଦର ଆସିଚି । ଅନେକ ରାତିରେ ଆସିଚି । ପ୍ରାୟ ସେ ଅଧିକାଂଶ ରାତିରେ ଏମିତି ବିଳମ୍ବରେ ଆସେ । ଏଣିକି ଏ ବିଳମ୍ବର ପରି-ସମାପ୍ତି ହେବ ନିଶ୍ଚୟ । ସେ ଗାଆଁକୁ ଫେରିଯିବ ; ଆଜ ଏକାନ୍ତ ଭାବେ ଅନୁରୋଧ କରିବ ତାଙ୍କୁ ।

କବାଟ ଖୋଲିଲା ବୀଣା ।

ହଠାତ୍ ବାହାରେ ଝଡ଼ ଝଲକତ । ବର୍ଷାର ଟୋପା ଆରମ୍ଭ । ପବନ ରାସ୍ତାରୁ ମୁଠାଏ ଧୂଳି ଉଡ଼ାଇ ଆଣି ଆଖିରେ ଭରିଁ କରି ଦେଇଗଲା । ଆଖି ବୁଜି ପକାଇଲା ବୀଣା । ଦୁଇ ହାତରେ ଆଖି ମକୁ ମକୁ ଶୁଣିଲା କବାଟ ବନ୍ଦ ହେବାର ଶବ୍ଦ । କବାଟର ସ୍ୱର ଅସ୍ୱାଭାବିକ ଥିଲା । କାହିଁ, ଦନେ

କାଲେ ତ ଘରକୁ ଆସି ମନ୍ଦରୁ କବାଟ ବନ୍ଦ କରେନା । ସିଏ ବନ୍ଦ କରି ଆସେ । ଆଜି ଏ କି ବ୍ୟତିକ୍ରମ !

ଆଖି ଖୋଲି ଚାହିଁଲା ବୀଣା ।

ଚିତ୍କାର କରିଉଠିଲା ସେ । ଆଖି ଆଗରେ ତା'ର ଆଜି ଏକ ମୂର୍ତ୍ତିମାନ ଝଡ଼ । ତା'ର ଜୀବନ ଆକାଶରେ ଉଠାଇ ଆସୁଛି । ଘର ବାହାରେ ପ୍ରକୃତିର ଝଡ଼ । ଘର ଭିତରେ ରୁଦ୍ରରୂପୀ ଝଡ଼ର ମଣିଷ ।

ମଣିଷ ।

ତାକୁ ମଣିଷ ବି କୁହାଯାଇ ନ ପାରେ ।

କୃଷ୍ଣକାନ୍ତ ସ୍ଥୂଳ ବପୁ । ଉଦ୍ଧତ ଉନ୍ନତ ଉଦର, କଦମ୍ବ ଫୁଲ ଭଳି ମଥାର କେଶରାଶି ସଜାଗ । ଦୁଇଟା ଦାନ୍ତ ବହିର୍ମୁଖୀ । ଦେହରେ ଖଣ୍ଡେ ଖୋଲା ପଞ୍ଜାବୀ । ବେକରେ ମଲ୍ଲୀମାଳ··· । ନା, ସେ କଦର୍ଯ୍ୟ ରୂପ ଦେଖି ହେବନି । ସେଇ, ସେଇ ମଦ ଦୋକାନୀ । ସକାଳେ ସେ ତାକୁ ଦେଖିଥିଲା ତାର ସ୍ୱାମୀ ସାଙ୍ଗରେ ।

ହସୁଛି ସେ । ଆଃ : କି ବିକୃତ କଦାକାର ସେ ହସ । ମାଡ଼ି ଆସୁଛି ବୀଣା ଆଡ଼କୁ । ବୀଣା ପାଟିକରି ଉଠୁଥିଲା । ହଠାତ୍ ସେ ବୀଣା ପାଟିକୁ ଚିପି ଧରିଲା । ସେମିତି ରାକ୍ଷସିଆ ହସ ହସି କହିଲା, ପାଟି କରି ଡାକିବୁ କାହାକୁ ?···

ନା-ନା, ସେ କିଛି ଶୁଣିବାକୁ ଚାହେଁନା । ଅତି କଷ୍ଟରେ ସେ ନିଜକୁ ମୁକ୍ତ କରିବାପାଇଁ ପୁଳାଏ କାମୁଡ଼ି ଦେଲା ତାକୁ । ହାତ ଖସାଇ ନେଲା ସେ ଲୋକଟା । ବୀଣା ଅସ୍ତବ୍ୟସ୍ତ ହୋଇ କବାଟ ମୁକୁଳାଇ ବାହାରକୁ ପଳାଇ ଆସିବାକୁ ଉଦ୍ୟମ କରୁଥିଲା । ଭିତର ପଟୁ କବାଟ ଖୋଲିଲା । କିନ୍ତୁ···କିନ୍ତୁ ଏ କ'ଣ ? କବାଟଟା ଯେ ବାହାର ପଟୁ ବନ୍ଦ ।

ଉଚ୍ଚ ସ୍ୱରରେ ହସି ଉଠିଲା ଲୋକଟା । ବୋଧହୁଏ କାମୁଡ଼ିବା କଥା ସେ ଭୁଲି ଗଲଣି । ମଦ୍ୟପାନ କରି ସଦ୍ୟ ଆସିଛି ସେ । ପାଟିରୁ ତୀବ୍ର ଗନ୍ଧ ଛୁଟିଛି । ମାଡ଼ି ଆସୁଛି ସେ ବୀଣା ଆଡ଼କୁ ।

॥ ୮ ॥

ବୀଣା ଚିତ୍କାର କରି କହି ଉଠିଲା, ମୁଁ ତମ ପାଦ ଧରୁଚି, ମତେ ଛାଡ଼ି ଦିଅ । ଛାଡ଼ି ଦିଅ ମତେ । ମୁଁ…

ଲୋକଟା ପାଟିକରି କହିଲା, ଛାଡ଼ିଦେବି କ'ଣ ଲୋ । ଶିକାରକୁ ହାତରେ ପାଇ ଛାଡ଼ି ଦେବି ? ମୋ ଗୁରୁ କଇନ ଏ କଥା ।

ବୀଣା ଏଥର ଅନୁନୟ ହୋଇ କହିଲା, ତମେ ଜାଣ ମୁଁ ପର ସ୍ତ୍ରୀ ! ପର ସ୍ତ୍ରୀ ପ୍ରତି…ଏ ଅନ୍ୟାୟ !…ତମେ ମୋର ବାପ ସମାନ । ମୁଁ ତୁମ ପାଦ ଧରୁଚି । ମତେ…

ରଖ୍ ଲୋ ତୋ ବାପ । ମୁଁ ସେ ସବୁ କିଛି ଜାଣେନା । ମୋ ପାଉଣା ମୁଁ ଯେମିତି ହେଲେ ଅସୁଲ୍ କରି ନେବି । ତୋ ଗେରସ୍ତ ଟଙ୍କା ଦେଇ ପାରିଲାନି । ତତେ ଦେଲା । ମୋର କ'ଣ ଅଛି ସେଥିରେ ।

ବୀଣା ଥର ଥର କଣ୍ଠରେ ପ୍ରଶ୍ନ କଲା, ମୋ ଗେରସ୍ତ କ'ଣ ମତେ ତମକୁ ଦେଇଚି ?

ଏଥର ବଡ଼ ଅସଂଯତ ଭାବେ ହସି ଉଠିଲା ଲୋକଟା । ପରେ ପରେ କହିଲା, ଜାଣୁ , ତୋ ଗେରସ୍ତ ଜୁଆର ଜଗି ବସିଚି ବାହାରେ ।

ଏଁ… ! ! !

ଗୋଡ଼ହାତ ଅବଶ ହୋଇ ଆସୁଥିଲା ବୀଣାର । ମନରୁ ବୁଦ୍ଧି ହଜି ଯାଉଥିଲା ତା'ର । ସେ ନଥ୍କନା ବସି ପଡ଼ିଲା ତଳେ । ତଥାପି ସେ ଲୋକଟା ମାଡ଼ି ଆସୁଥିଲା ବୀଣା ଆଡ଼କୁ । ଅତି ନିବିଡ଼ ଭାବେ ସେ ଲାଗି ଆସୁଥିଲା ଦେହକୁ ।

କାନ୍ଦି କାନ୍ଦି ବୀଣା ତା'ର ପାଦ ଦୁଇଟାକୁ ଧରିପକାଇ କହିଲା, ମୁଁ ତୁମର ପାଦ ଧରୁଚି, ମୋତେ ଛାଡ଼ି ଦିଅ । ମୁଁ ମାଆ ହେବାକୁ ଯାଉଛି, ମୋତେ ଛାଡ଼ି ଦିଅ ।

ଏଥର ଲୋକଟାର ସ୍ୱର ଥିଲା ନୀରବ । ଗୋଟାଏ ରାକ୍ଷସ ପ୍ରବୃତ୍ତି ବୋଧହୁଏ ତା'ର ସାରାଦେହକୁ କାବୁ କରି ସାରିଥିଲା । ପାଶବିକ ନିଆଁ ତା'ର ଅଙ୍ଗେ ଅଙ୍ଗେ ଜଳିବା ଆରମ୍ଭ କରିଥିଲା । ବୀଣା ଅନୁଭବ କରୁଥିଲା ସମ୍ଭବତଃ ତା'ର ଜୀବନଟା ଛାଡ଼ିଯିବ ଏଇଠି । ସକଳ କାକୁତି ମିନତି ତା'ର ବ୍ୟର୍ଥ ।

|| ୮୯ ||

ନା, କିଛି ଶୁଣିନି ସେ ।

ତା'ର ଲକ୍ଷ୍ୟପଥରେ ସେ ଆଗେଇ ଆସୁଚି ।

ଆଃ......... !!

ଚିତ୍କାର କରି ଉଠିଲା ବୀଣା ଅରଜାପାଇଁ । ତା' ପରେ ତା' ସ୍ୱର ନୀରବ । ଚେତନା ହଜି ଯାଇଥିଲା ତା'ର ।

ବାହାରେ ବର୍ଷୁଚି ବର୍ଷା । ରାତି ଅନେକ । ଝଡ଼ବତା ଅମିତ । ବର୍ଷା କିନ୍ତୁ ବନ୍ଦ ହୋଇନି । ଘରଟା ଅଧାମୁକୁଳା, ଆଖି ଖୋଲି ଚାରିଆଡ଼କୁ ଚାହିଁଲା ବୀଣା । ଖାଲି ଅନ୍ଧାର, ଝାପ୍‌ସା ଆଲୋକମିଶା ଅନ୍ଧାର ।

ଏ ଅନ୍ଧାର ତା'ର ଜୀବନ-ଆକାଶର ।

ଅଳ୍ପଦୂରରେ ଶୋଇଛି ତା'ର ଅନ୍ଧକାରର ସୂର୍ଯ୍ୟ । କାଳିମାର ଆବାହକ; ତା'ର ସ୍ୱାମୀ । ଆରାମରେ ଶୋଇଯାଇଛି । ନିଜହାତରେ ବିଛଣା ସଜାଇ ନେଇଛି । ଚନ୍ଦ୍ରାସ୍ନାନସ୍ୱବେ ଶୋଇଛି ।

ରାଗରେ ଜଳିଗଲା ବୀଣା । ମନ ତା'ର ବିଦ୍ରୋହ କରି ଉଠିଲା । ଏକାଭୂତ କାମନା ତା'ର ଜନ୍ମିଥିଲା ଗୋଟାଏ ପରିସମାପ୍ତିର ଯବନିକା ଟାଣିଲାଇ ଦେବାକୁ, ଏଇ ତା'ର ସ୍ୱାମୀ । ଏଭଳି ସ୍ୱାମୀର ତଣ୍ଟି ଚିପି ମାରିଦେଲେ କ୍ଷତି କ'ଣ ଅଛି ? ନରହତ୍ୟା ପାପ ହୋଇପାରେ । ମାତ୍ର ଏ ହତ୍ୟାକୁ ପାପ ନ କହି ବରଂ ପୁଣ୍ୟ କୁହାଯାଇ ପାରେ ।

ଯେଉଁ ସ୍ୱାମୀର ନିଜ ସ୍ତ୍ରୀକୁ ପୋଷିବାର କ୍ଷମତା ନାହିଁ, ଯେଉଁ ସ୍ୱାମୀ ବେଶ୍ୟାଳୟରେ ନିଶା ପିଇ ସ୍ନାନକାଳ ପାତ୍ର ଭୁଲି ପାରନ୍ତି, ତାଙ୍କୁ ମାରିଦେଲେ କୌଣସି ପାପ ନାହିଁ । ପୁରୁଷ ହୋଇ ଯେ ନାରୀକୁ ଜନ୍ମ ନ ଦେଇ ନ ଜାଣିଲା, ସେ ପୁରୁଷପଦବାଚ୍ୟ ନୁହେଁ, ସେ ପଶୁ । ବଣର ପଶୁ

॥ ୯୦ ॥

ମଧ୍ୟ ତା'ର ପ୍ରେୟସୀକୁ ସମ୍ମାନ ଦିଏ; ତା'ର ରକ୍ଷଣାବେକ୍ଷଣପାଇଁ ସଜାଗ ରହେ । ନିଜେ ବିପଦରେ ପଡ଼ି ତାକୁ ବଞ୍ଚାଏ । ତା'ର ଆଗରେ ସେ କେବେ ଅନ୍ୟ ପଶୁକୁ ଆଣି ତା'ର ପ୍ରେୟସୀ ସହିତ ମିଶିବାକୁ ଛାଡ଼ି ଦିଏନା ।

ଏ ମଣିଷ ପଶୁଠାରୁ ହୀନ । ଯେଉଁ ସମାଜରେ ନାରୀର ନାରୀତ୍ୱକୁ ପଣ୍ୟ ଦ୍ରବ୍ୟଭଳି ଧାର ଉଧାର ପରିଶୋଧ କରାଯାଏ, ସେ ସମାଜ ପଶୁ ସମାଜଠାରୁ ଘୃଣ୍ୟ । ଏମିତି ଗୋଟାଏ ମଦ୍ୟପର ପତ୍ନୀ ହେବାଠାରୁ ବିଧବା ହେବା ଶତଗୁଣ ଭଲ ।

ମଦନସିଂକୁ ସେ ହତ୍ୟାକରିବ । ଏଭଳି ସ୍ୱାମୀପ୍ରତି ତାହାହିଁ ହେବ ଶ୍ରେଷ୍ଠ ପୁରସ୍କାର । ତଣ୍ଟି ଚିପି ଦେବ ? ନା, ବେକ ଉପରେ ଠିଆ ହୋଇଯିବ । ବାସ୍, ସବୁ ସରିଯିବ ।

ଉଠି ଠିଆହେଲା ବୀଣା । ଧୀରେ ଧୀରେ ଅନାଇ ଗଲା ମଦନସିଂର ଶେଯପାଖକୁ । ଘୋଡ଼ଘାଡ଼ି ହୋଇ ଶୋଇଛି ମଦନସିଂ । ଘୁଂଘୁଡ଼ି ମାରୁଛି । ଶୋଇଛି ଖୁବ୍ ଗଭୀର ନିଦରେ । ସମ୍ଭବତଃ ଅତ୍ୟଧିକ ମଦ୍ୟପାନ କରିଛି । ସବୁ କରଜ ପରିଶୋଧ ହୋଇଯାଇଛି ବୋଲି ଚିନ୍ତାହୀନ । ନିଶ୍ଚିନ୍ତରେ ଶୋଇଛି । ଏଣିକି ମଦ ପିଇବ । ମାସ ମାସ ଧରି ପିଆ ଚାଲିବ । ଆଉ ସେ ମଦର ପାଉଣା ହେବ ତା'ର ଦେହ ।

ନା-ନା, ଅସମ୍ଭବ, ଏଭଳି ପୁରୁଷ ବଞ୍ଚିରହିବା ଅନାବଶ୍ୟକ । ସେଇ ନାରକୀୟ କାଣ୍ଡ ହେବା ପୂର୍ବରୁ ସେ ତା'ର ଶେଷ ନିଷ୍ପତ୍ତି କରିଦେବ । ବେକପାଖକୁ ହାତ ନୁଆଁଇ ଆଣିଲା ବୀଣା ।

ହାତ ଅଟକିଗଲା । ଏଇ ମୁହଁ, ଏଇ ଦେହଟା କେତେ ଆପଣାର ସତେ ତା'ର ! ଏଇ ମୁହଁ ଉପରେ ମୁହଁ ଲଦି ଯୁଗ ଯୁଗର ପୁଞ୍ଜୀଭୂତ ଯନ୍ତ୍ରଣାକୁ ଭୁଲିଯିବ ବୋଲି ସେ ପଣ କରିଥିଲା । ଏଇ ଦେହ ସହିତ ଦେହ ଜଡ଼ାଇ ସେ ଜୀବନ ଯୌବନର ଗ୍ଲାନିକୁ ଦୂରକରିବ ବୋଲି ସପନ ଦେଖିଥିଲା । ଆଜି...... । ଏ କ'ଣ କରୁଛି ସେ ? ଇଏ ସେ ତା'ର ସ୍ୱାମୀ, ଇହକାଳର ଦେବତା । ଯେତେ ଦୋଷକଲେ ବି କ୍ଷମଣୀୟ ।

ପୁରୁଷକୁ ଦଣ୍ଡଦେବାର କ୍ଷମତା ନାରୀର ନାହିଁ । ପତ୍ନୀ କେବେ ପତିକୁ ଦଣ୍ଡ ଦିଏନା ।

ଏଇ ମନ୍ଦାର, ତା'ର ସ୍ୱାମୀ । ଅଗ୍ନିକୁ ସାକ୍ଷୀରଖି ସେ ତା'ର ହାତ ଧରିଚି । ଆଜ ଏ କ'ଣ କରିବାକୁ ଯାଉଚି ? ତାର ପୁରୁଷତ୍ୱକୁ ତ ସେ କେତେ ଯତ୍ନରେ ସାଇତି ନେଇଥିଲା ନିଜ ଦେହରେ । ତାକୁ ପୁଣି ସେ··· ନା, ସେ ପ୍ରତିହିଂସାରେ ପ୍ରାୟଶ୍ଚିତ୍ତ ନେବନି । ହିଂସାରେ ପ୍ରତିଶୋଧ ନିଆଯାଇ ପାରେନା ।

ସେ ନିଜ ଉପରେ ପ୍ରତିଶୋଧ ନେବ ।

କାହିଁକି ସେ ଆଉ ବଂଚିବ ।

ଦୀର୍ଘନିଶ୍ୱାସ ପକାଇଲା ବୀଣା । ବଂଚିବାକୁ ସେ ଚାହିଁ ନଥିଲା । ତା'ର ଶେଷପନ୍ଥା ସେ ବାଛି ନେଇଥିଲା । କିନ୍ତୁ······

ଅରୁଣ ସବୁ ଶୁଣିସାରି କହିଲା, ବୀଣା! ଗୋଟାଏ ଜୀବନ ଦେବାର ଅଧିକାର ଯଦି ଆମର ନାହିଁ, ଗୋଟାଏ ଜୀବନ ଆମେ ନେଇପିବା କାହିଁକି ? ବଂଚି ଜୀଇ ରହି ମଧ୍ୟ ତୁ ତୋର ସ୍ୱାମୀଉପରେ ଅଙ୍କୁଶ ନେଇ ପାରନ୍ତୁ ।

ନା, ତମେ ମତେ ବଂଚେଇ ରଖି ଭୁଲ କରିଛ ଅରୁଣ ଭାଇ । ବଂଚି ରହିବାରେ ଯୋଉଠି କିଛି ମୂଲ୍ୟ ନାହିଁ, ସେଠି ବଂଚି-ଜୀଇ ଲାଭ କ'ଣ ? କେତେଦିନ ତମେ ମତେ ଏମିତି ଲୁଚେଇ ରଖିବ ? ପୋଡ଼ିଗଲା ଅଣରେ ଆଉ ସୁଆଦ ନଥାଏ । ଏ ଜୀବନ ମୋର ପୋଡ଼ି ଯାଇଛି । ପୋଡ଼ା ଜୀବନକୁ କାହିଁକି ଧରି ମୁଁ ପଡ଼ି ରହିବି ।

ବୀଣା, ମନେ ପକେଇଲୁ ତୋ ପିଲାଦିନ କଥା । ତୋର କ'ଣ ସେ ଜୀବନ ମଧୁମୟ ନଥିଲା ? ଭୁଲିଗଲୁ କ'ଣ ସେ ଜୀବନ କଥା ନଥିଲା ?

ତୋର ମନେଥାଇ ନ ପାରେ, ମୋର ସବୁ ମନେ ଅଛି । ତୁ ମୋ ଆଗରେ ସେଦିନର ସେଇ ପିଲା । ଏବେବି ମୋ ଆଗରେ ତୋର ସେଇ ହସ ହସ ପିଲାଳିଆ ମୁହଁଟି ନାଚୁଛି; ତୋର ସେଇ ଅଭିମାନଭରା କଣ୍ଠରୁ ଅଳି ଅଝଟ ମତେ ଶୁଭିଯାଉଛି । ବାହାହେଇ ଚାଲିଗଲା ପରେ ତୁ ମୋ ମନରୁ ଦୂରେଇ ଯାଇନୁ ଲୋ ବୀଣା ! ତୋ କଥା ମୁଁ ପଛରେ ବହୁତ ଭାବିଛି ।

ଅରୁଣ ଭାଇ !

ହଁ ଲୋ ବୀଣା ! ମତେ ସବୁ ସ୍ୱପ୍ନପରି ଲାଗୁଛି । ଗୋଟିଗୋଟି ପଛକଥା ମନେପଡ଼ି ଯାଉଛି । ବର୍ଷ କେଇଟା ଭିତରେ କେତେ କ'ଣ ହେଇଗଲା ସତେ ! ତୋ ଭଳି ସରଳିଆ ଝିଅ ଭାଗ୍ୟରେ ଶେଷରେ ଏଇଆ ଥିଲା ?

କାନ୍ଦି କାନ୍ଦି ବୀଣା କହିଲା, ଆଉ ଅରୁଣ ଭାଇ, ଆଉ ସେ ପଛକଥା ମନେ ପକାଇ ଲାଭ ନାହିଁ । ଯାହା ମୋ କର୍ମରେ ଥିଲା ମୁଁ ଭୋଗୁଛି । ମୁଁ ଦିନେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି ଯେ ତମଠୁଁ ଏମିତି ଆକସ୍ମିକ ଭାବେ ଦୂରେଇଯିବି ବୋଲି । ସେ ଅନେକ କଥା ଅରୁଣ ଭାଇ । ପୁରୁଣା କଥା ଖୋଲି ଆଉ ଲାଭ ନାହିଁ ।

ତୁ କ'ଣ ଏ ବିବାହରେ ଖୁସି ନଥିଲୁ ବୀଣା ?

ହଠାତ୍ କାନ୍ଦି ଉଠିଲା ବୀଣା । ସେଇ ଭଙ୍ଗା ଭଙ୍ଗା କଣ୍ଠରେ ସେ କହିଲା, ତମେ କ'ଣ ଭାବୁଛ ମୁଁ ସୁଖୀ ହେଇଛି ବୋଲି ? ତମେ ଏକଥା ଭାବି ପାରୁଛ ଅରୁଣ ଭାଇ ?

ଦୀର୍ଘନିଶ୍ୱାସ ଛାଡ଼ିଲା ଅରୁଣ । ମୁହଁରେ ଜବରଦସ୍ତ ହସରେଖା ଟାଣି କହିଲା, ମୁଁ ଜାଣେ ବିବାହ କାହାର ଜୀବନରେ ଆନନ୍ଦ ଦିଏନା । ମାତ୍ର ସମସ୍ତେ ବିବାହ କରନ୍ତି । ଏଇ ବିବାହର କ୍ଷଣିକ ମୋହ କେହି ଏଡ଼ି ପାରନ୍ତିନି । ତେଲ ଲୁଣ ସଂସାରର ଯନ୍ତ୍ରଣାଭୋଗି ଭାବନ୍ତି, ଆଃ, ବିବାହଟା କରି ଭୁଲ୍ କରି ପକେଇଲି । ଅବିବାହିତ ଜୀବନଟା ଖୁବ୍ ଭଲ । ବନ୍ଧନ ନାହିଁ । ସ୍ୱାଧୀନତା ଅଛି ବେଶୀ ।

ମୁଁ ବିବାହ କରିବା ବିରୁଦ୍ଧରେ କହୁନି ଅରୁଣ ଭାଇ । ମୁଁ କହୁଛି ବିବାହର ରୁଚି ଉପରେ । ପ୍ରତି ମଣିଷର ତ ଗୋଟାଏ ସ୍ୱତନ୍ତ୍ର ଅଭିରୁଚି ଅଛି । ଆମେ

ସବୁ ଝିଅ ହେଲୁ ବୋଲି କ'ଣ ଭଲମନ୍ଦ, ଇଚ୍ଛା-ଅନିଚ୍ଛା ବାଛିବାର ଅଧିକାର ନାହିଁ ? ମୋର ଏ ବିବାହରେ ଆଦୌ ଇଚ୍ଛା ନଥିଲା ।

ଅରୁଣ କହିଲା, ମୋର ଆଦୌ ବିବାହ କରିବାକୁ ଇଚ୍ଛା ନାହିଁ ଲୋ ବୀଣା, ମୁଁ ପଣ କରିଛି ଜୀବନରେ ବିବାହ କରିବିନି ବୋଲି ।

ଅରୁଣ ଭାଇ !

ଆଶ୍ଚର୍ଯ୍ୟ ହେଲାଭଳି ଚାହିଁରହିଲା ବୀଣା । କେବେଠୁ ତମର ଏ ପଣ ମୁଁ ଶୁଣେ ।

ହସି ହସି ଅରୁଣ ପୁଣି କହିଲା, କେବେ ଏମିତି ଗୋଟାଏ ନିର୍ଦ୍ଦିଷ୍ଟ ତିଥି ନାହିଁ । ତଥାପି ମୁଁ ଅନେକଦିନ ହେଲା ଏ ପଣ କରି ନେଇଛି । ମୁଁ ଜାଣେ, ଆଉ ଜଣକର ଉପସ୍ଥିତି ମୋ କଳା ସାଧନାରେ ପ୍ରତିବନ୍ଧକ ହେବ ନିଶ୍ଚୟ । ତେଣୁ ମୁଁ ବିବାହ କରିବାକୁ ଚାହେଁନା ।

ବୀଣା ପ୍ରଶ୍ନକଲା, ତେବେ ମୋତେ ଆଣି କାହିଁକି ଏଠି ଏମିତି ଅନୁମତି ରାଜ୍ୟରେ ଲୁଚାଇ ରଖିଛ ? ତମେ ତ ଭଲରୂପେ ଜାଣ ଯେ କୌଣସି ନାରୀର ଉପସ୍ଥିତି ତମ ସାଧନାରେ ବାଧାଦେବ ନିଶ୍ଚୟ ।

ବୀଣା ! ମୁଁ ତ ତୋ କଥା କହିନି ?

ସବୁ କଥା କହିବାକୁ ପଡ଼େନା ଅରୁଣ ଭାଇ । ମୁଁ ଭଲଭାବେ ଜାଣେ ତମେ କେବେ ମୋତେ ସବୁଦିନେ ଆଶ୍ରୟ ଦେଇ ପାରିବନି । ମତେ ତମେ ଗାଆଁକୁ ବି ଫେରାଇ ନେବନି କେବଳ ବଦ୍‌ନାମ ଡରରେ । ଏଭଳି ପରିସ୍ଥିତିରେ ମୁଁ ବି ମୋ ଶାଶୁଘରକୁ ଫେରିଯାଇ ପାରିବିନି । ଫେରିବି ବା କେଉଁ ସାହସରେ ? ସ୍ୱାମୀକୁ ବିଦେଶରେ ଛାଡ଼ି……ନା, ତମେ ମତେ ଆଶ୍ରୟ ଦେଇ ଭୁଲ କରିଛ ଅରୁଣ ଭାଇ । ମୋର ମରିଯିବା ଶତଗୁଣ ବରଂ ଭଲ ଥିଲା ।

ବୀଣା !

ହଁ ଅରୁଣ ଭାଇ ! ବଞ୍ଚିରହିବା ମୋର କି ଲାଭ ? ମୁଁ ଜାଣେ ଏ ସହରର କାଳିମା ଦିନେ ମତେ ଆସି ଗ୍ରାସ କରିବ । ଆଉ ତମେ ବି ସେଥିରେ ……। ନା—ନା ଅରୁଣ ଭାଇ, ମୋ ସକାଶେ ତମେ ନିଜକୁ କଳଙ୍କିତ କରନା ।

ଅରୁଣ କହିଲା, ମୋ କଥା ଅପେକ୍ଷା ତୋ କଥା ନଜେ ଭାବ ଦେଖତ ବୀଣା, ତୋ ଅବସ୍ଥା କ'ଣ ହବ ? ଆଖି ଆଗରେ ଏସବୁକୁ ଦେଖି କେହି କେବେ ଏଡ଼ିଦେଇ ଯାଇ ପାରବଲେ । ତୁ ମୋର ଚନ୍ଥା ନହେଲେ ବ ଅସହାୟକୁ ସହାୟ ହେବା କ'ଣ ମଣିଷର ଧର୍ମ ନୁହେଁ ?

ବୀଣା ଉତ୍ତର ଦେଲା, ଏ ସମାଜରେ ଧର୍ମ ଅଧର୍ମର ବାଛବିଚାର ନାହିଁ ଅରୁଣ ଭାଇ । ଯେ ଅନ୍ୟାୟ କରୁଚ, ବଦମାସୀ କରୁଛ ସମାଜରେ ସିଏ ସମ୍ମାନ ପାଉଛ । ଏ ସମାଜର ପରଂପରା ବଦଲି ଯାଇଚ, ତମେ ଧର୍ମ କରବାକୁ ଚାହୁଁଚ, ନଜେ ଯେତେବେଳେ ଖାଇବାକୁ ଗଣ୍ଡେ ନପାଇବ, କ ଧର୍ମ କରବ ସେତେବେଳେ ? ଏ ସହରରେ କେହି କାହାର ନୁହଁନ୍ତ । ଭାବୁଚ, ତଇଁଟା ମଣିଷ ଚଳବା କେମିତ ? ଏଇ ଅଭାବ ଅନାଟନରେ ମୋ ଜୀବନର ସବୁକଛ ଜଳପୋଡ଼ ଯାଇଛ । ପୁଣି ଗୁଡ଼ାଏ ଅଭାବ ଅନାଟନରେ ଘାଣ୍ଟି ଚକଟି ହେଇ ତୁମକୁ ଜାଳ ପୋଡ଼ବାକୁ ମୁଁ ଚାହୁଁନ ତମେ ଶାନ୍ତ-ନକେତନ ଫେରଯାଅ ଅରୁଣ ଭାଇ । ତମ ଲକ୍ଷ୍ୟପଥରେ ତମେ ଆଗେଇ ଚାଲ । ମୋ ସକାଶେ କାହିଁକ ତମେ ତମର ମୂଲ୍ୟବାନ ଭବିଷ୍ୟତକୁ ନଷ୍ଟ କରବ । ଏ ଦେଶ ତମଠୁଁ ଅନେକ କଛ ଚାହେ । ମୁଁ କାହାର ପାଇଁ କଛ କରପାରବନ । ତେଣୁ ମୋ ପାଇଁ ବ୍ୟସ୍ତହେବା କ'ଣ ଦରକାର ଅଛ ।

ଅଳସ ଭାଙ୍ଗୁ ଭାଙ୍ଗୁ ଅରୁଣ କହିଲା, ମୁଁ ଶାନ୍ତ ନକେତନ ଯିବ ନେ ବୀଣା । ମୋର ଜନଷପତ୍ର ଆଉ ଛାତ୍ର କେତେଟା ନେଇ ଆସିବ । ମୋର ଲକ୍ଷ୍ୟପୂରଣ କରବାକୁ ମୁଁ ଆଉ ଚାହେଁନା ।

କାହିଁକ ଅରୁଣ ଭାଇ ?

ମୁଁ ଜାଣେନା, କାହିଁକ ଆଉ ପଢିବାକୁ ଭଲ ଲାଗୁନ । ମୋର ମନେ ହେଉଛ ମୋ ପଢ଼ାଶେଷ ହେଇଗଲଣି । ଏଣିକ କେବଳ ଜୀବନସଂଗ୍ରାମ ପାଇଁ ପ୍ରସ୍ତୁତ ହେବାକୁ ପଡ଼ବ । ମୋର ଆଠ ବୟସରେ ଯେଉଁ ଧାରଣା ଆବଶ୍ୟକ ଥିଲା, ତା' ମୁଁ ପାଇ ସାରଛ । ମୁଁ ଏଥର ଚାକ କରବ, ଆଉ ତାକୁ ନେଇ ଆମେ କ'ଣ ଚଳ ପାରବାନ ?

ଅରୁଣ ଭାଇ !

ହନ୍ତେ ବୀଣା, ମୁଁ ତତେ ବନ୍ଧେଇବାକୁ ଚାହେଁ । ତୁ ମଣିଷ ଭଲ କଟରୁ । ତୋର ସ୍ୱାମୀର ସନ୍ତକ ତୋ ଦେହରେ ଆସନ ପାତିଚି । ତାକୁ ପାଦଅସ୍ଥ କରି ତୋର ଭବିଷ୍ୟତ ଜୀବନକୁ ଅତିବାହିତ କର । ସେଥିପାଇଁ ମୋ ଜୀବନରେ ଝଡ଼ଝଞ୍ଜା ଆସିଲେ ମୁଁ ମଥା ପାତି ସହିବାକୁ ରାଜି । ତୁ ଯେବେ ତୋ ସ୍ୱାମୀ ପାଖକୁ ଫେରିଯିବାକୁ ଚାହିବୁ, ଚାଲିଯିବୁ । ମୋର ସେଥିପାଇଁ କୌଣସି ଆପତ୍ତି ରହିନି, କି ରହିବନି । ତୁ ମୋର ନିଜର ନ ହେଲେ ବି, ଖୁବ୍ ଆପଣାର ତତେ ମୁଁ ମନେକରେ ।

ପିଲାଦିନୁ ଛବି ଆଙ୍କିବାକୁ ପ୍ରେରଣା ଦେଇଚୁ ତୁ । ମୋର ଛବିର ମଡେ଼ଲ ହେଇଚୁ ତୁ । ତୁ ମୋର ଛବି । ମୁଁ ସାରା ଜୀବନ ଗୋଟାଏ ଚିତ୍ରକର ହେଇ ରହିବି । ମୋର ଅନ୍ୟ ଛବିକୁ ମୁଁ ଯେମିତି ଭଲପାଏ, ଯତ୍ନନିଏ, ତୋର ସେମିତି ଯତ୍ନ ନେବି । କହ, ତୋର କିଛି ଆପତ୍ତି ଅଛି ?

ମଉନ ହୋଇ ତଳକୁ ମୁହଁ ପୋତି ଠିଆ ହୋଇଥିଲା ବୀଣା ।

ଅରୁଣ ପୁଣି କହିଲା, ନାହିଁ ଯଦି କହିବୁ ତ, ତତେ ନେଇ ତୋ ସ୍ୱାମୀ ଘରେ ଛାଡ଼ି ଆସିବି ।

ଏଥରକ ଚିତ୍କାର କରି ଉଠିଲା ବୀଣା । ନା-ନା, ମୁଁ ସେଠିକି ଯିବିନି ଅରୁଣ ଭାଇ । ମୁଁ ଏଇଠି ରହିବି ।

ପ୍ରାୟ ମାସକରୁ ବେଶୀ ହେବ ।

ଯିବା ଦିନଟା ଆଜି ଠିକ୍ କରି ମନେ ପଡ଼ୁନି ଅରୁଣର । ତଥାପି ଦୁଇ ମାସ ପାଖାପାଖି ନିଶ୍ଚୟ । ଏଇ ଶାନ୍ତି ନିକେତନ ଛାଡ଼ିଥିଲା ସେ । ଛାଡ଼ିଥିଲା ଏକ ଖିଆଲରେ । ପୁଣି ଆସିଛି ସେଇ ଶାନ୍ତି ନିକେତନ । ଅଶାନ୍ତ ଚିତ୍ତ ମନ ଉପଶମ କରି ଫେରିଚି । ସତେ କ'ଣ ତା' ମନ ଉପଶମ ହେଇ ପାରିଚି ?

॥ ୧୬ ॥

ନା ।

ଅଶାନ୍ତ ମନ-ଆକାଶରେ ଖଣ୍ଡି ଅଦ୍ଭୁତ ଭଳି ଦେଖା ଦେଉଛି ବୀଣା । ମାଟିକୁ ସ୍ପର୍ଶ ନ କରି ସେ ସେଇ ଆକାଶରେ ଘୁରୁଛି । ତାରି ସାଙ୍ଗରେ ମତିଭ୍ରମ ହୋଇ ଘୁରୁଛି ସେ । କାହିଁକି ସେ ବୀଣାକୁ ଆଶ୍ରୟ ଦେଲା ନିଜ ପାଖରେ ? କାହିଁକି ସେ ମମତାର କାଠିକୁଟା ନେଇ ବସା ବାନ୍ଧିଲା ? ବୀଣାକୁ ସେ ବସାଇଲା କ'ଣ ପାଖରେ ରଖିବାପାଇଁ ?

ଆଗରେ ଗୋଟାଏ ବିରାଟ ଭବିଷ୍ୟତ । ଅରମା ବାଟ । ସେ ବାଟରେ ଏକୁଟିଆ ଗଲେ ବାଧାବିଘ୍ନ ପଡ଼େନା । ଦୁଇଜଣ ଯିବା ଟିକିଏ ବିପଦ । କଣ୍ଟାଝଣ୍ଟା ଲାଗିବା ସ୍ୱାଭାବିକ । ସିଏତ ଆଉ କାହାରିକୁ ସାଙ୍ଗରେ ନେବାକୁ ମନସ୍ଥ କରି ନ ଥିଲା । ଶପଥ କରିଥିଲା ବିବାହ କରିବ ନି ବୋଲି କାହିଁକି ? ବିବାହ କଲେ ତା'ର କଳା ସାଧନାରେ ବାଧା ପଡ଼ିବ । ଶିଳ୍ପକଳା ଏକ ସୌଖିନ ଜୀବିକା ।

ଶିଳ୍ପକୁ ସେ ଜୀବିକା କରିବ । ତାକୁ ଆଗାମୀ ଜୀବନର ପାଥେୟ କରି ସେ ଆଗେଇବ । ଏକୁଟିଆ ଆଗେଇବା ସୁବିଧା । ଯାହା ବାଧା ବିପତ୍ତି ନିଜେ ଅଙ୍ଗେ ନିଭେଇବେ । ନିଜକୁ ନିଜେ ସାନ୍ତ୍ୱନା ଦେବ । ଆଉ ଜଣେ ହେଲେ ତ ଅଡୁଆ । ତା'ପାଇଁ ସମୟ ଦରକାର, ସୁବିଧା ଦରକାର । ନିଜର ସାଧନା ପଥରେ ସେ ଆଉ କାହାରିକୁ ସାନ୍ତ୍ୱନା ଦେବାକୁ ତ ସମୟ ପାଇବନି ।

ବିଶେଷତଃ ଓଡ଼ିଶା କଳାର ମୂଲ୍ୟ ଦିଏନି । ଓଡ଼ିଆ ଜାତିଟା ଯେମିତି ଚାହେଁ, ତା'ର ଶିଳ୍ପୀ, ତା'ର କଳାକାର ସ୍ତରପଟର ବାଧା ବିପଦର ଆସ୍ତରଣକୁ ଭେଦି ଉପରକୁ ଉଠୁ । ନିଜେ ନିଜର ପ୍ରଶଂସାପାଇଁ ଦାବୀ କରି ବସୁ । ତେଣିକି ତାକୁ ଆମେ ମନ କଲେ ପୂଜା କରିବୁ, ନ ହେଲେ ନାହିଁ । ଏ ଜାତି ସମସ୍ତ କଳାକାରଙ୍କୁ ପୂଜା କରିବାକୁ, ସମ୍ମାନ ଦେବାକୁ ବାଧ୍ୟ ନୁହେଁ ।

ଅରୁଣ ଜାଣେ ସେ ବି ଜୋର ଜବରଦସ୍ତି ସମ୍ମାନ ଆଦାୟ କରି ପାରିବନି । ନିଜ ପେଟ ପୋଷିବାର ପନ୍ଥା ସେ ଏଇ ଛବି ବ୍ୟବସାୟରୁ

ଆହରଣ କରିପାରେ । ମାତ୍ର ଆଉ ଜଣକର କଥା ସେ ପାରିବ କେମିତି ! ତା' ଆଖି ଆଗରେ ପୁଣି ଆସି ନାଚିଗଲା ବୀଣାର ସେଇ ବାତାହତ ଇତସ୍ତତଃ ପୁଷ୍ପିତ ଅଙ୍ଗଲତାଟି ।

ବୀଣା ସ୍ୱାମୀ ପରିତ୍ୟକ୍ତା । ସେ ତା'ର ସ୍ୱାମୀକୁ ତ୍ୟାଗ କରିଛି । ଦଗ୍ଧ ଫୁଲବନର ଗନ୍ଧସ୍ୱାନ ମହକକୁ ସେ ଗଙ୍ଗାରେ ବିସର୍ଜନ କରିଥିଲା । କିନ୍ତୁ ପାଣିରୁ ଟୋଳି ଆଣି ତାକୁ ଆଶ୍ରୟ ଦେଇଛି ସେ । ତା'ମନର ମହକକୁ ପୁଣି ଫେରାଇ ଆଣିବାକୁ ଉତ୍ସାହ ଦେଇଛି । ବୀଣା ତା'ର ଆବାଲ୍ୟ ସଙ୍ଗିନୀ । ପିଲା ଦିନରୁ ସେ ତାକୁ ଭଲପାଇ ଆସିଛି । ତାକୁ ମଡ଼େଲ କରି ଅନେକ ଛବି ଆଙ୍କିଛି । ଯୌବନର ସୁରଭିତ ପୁଷ୍ପ ଉଦ୍ୟାନରୁ ସୁନ୍ଦର ଶତଦଳ ତୋଳିଛି ।

ହଠାତ୍ ସାରା ଫୁଲବନ କୁହୁଳି ଉଠିଛି । ଶତଦଳ ସୁନ୍ଦର ବୃନ୍ତରୁ ଦୂରେଇ ଯାଇଛି । ଦୂରେଇ ଯାଇଛି ଚିର ପିପାସୀ ମାଟିର ବକ୍ଷକୁ । ମାଟି ତାକୁ ସ୍ନେହ ସୋହାଗ ଦେଇଛି । ସପନର ମଧୁ ଟିକେ ଚଖାଇ ଦେଉ ନ ଦେଉଣୁ ଗ୍ରାସ କରିବାକୁ ବସିଛି । ତ୍ରସ୍ତ ହୋଇଛି ସେ । ଚତ୍କାର କରୁଛି ପୁଣି ତା'ର ବୃନ୍ତ କୋଳକୁ ଫେରିପିବାପାଇଁ ।

ବୃନ୍ତ କ'ଣ ଆଉ ଆଶ୍ରୟ ଦେବ ?

ନା, ସେ ଆଉ ବୃନ୍ତକୁ ଫେରି ଆସି ପାରିବନି । ମାଟି ତାକୁ ଗ୍ରାସ କରିବ । ନିଃଶେଷ କରିବ । ତା'ର ସେଇ କୋମଳ ପାଖୁଡ଼ା ଉପରେ ଧ୍ୱଂସର ତାଣ୍ଡବ ଛୁଟାଇବ । ଏ ସୃଷ୍ଟିରେ ନୂତନତ୍ୱ ନାହିଁ । ଏଇଟା ହିଁ ନିତି-ଦିନିଆ ବୈଚିତ୍ର୍ୟମୟତା ।

ତେବେ ସେ ବୀଣାକୁ ଆଶ୍ରୟ ଦେଲା କାହିଁକି ?

ବୀଣାକୁ ନେଇ ତା'ର ସ୍ୱାମୀ ପାଖରେ ଛାଡ଼ି ଦେବା ଉଚିତ । ସେ ମଦ୍ୟପ ହେଉ, ଯାହା ହେଉ । ବୀଣା ଏକ ବୃନ୍ତଚ୍ୟୁତ ଫୁଲ । ତାକୁ ପୁଣି କେମିତି ସେ······। ନା, ବୀଣା ସେମିତି କଲିକତାରେ ରହୁ । ନଚେତ୍ ପୁଣି ତା'ର ସ୍ୱାମୀ ପାଖକୁ ଆପେ ଫେରି ଯାଉ । ସେ ଆଉ ଫେରିବନି କଲିକତାକୁ । ଶାନ୍ତି ନିକେତନରେ ରହିବ, ପୁଣି ପଢ଼ିବ ପାଠ । ଆଗେଇ ଚାଲିବ ତା'ର

ଲକ୍ଷ୍ୟପଥରେ । ଆଗରେ ତା'ର ଉଜ୍ଜ୍ୱଳ ପ୍ରଦୀପ । ସେ ଏଇ ଅନ୍ଧାରକୁ ଝପିଗଲେ ଆଲୋକର ସନ୍ଧାନ ପାଇବ ନିଶ୍ଚୟ ।

ବୀଣାକୁ ତେବେ ସେ ମିଛ କହି ଆସିଲା କାହିଁକି ? କାହିଁକି ସେ କହିଲା, ବୀଣା ! ପିଲାଦିନୁ ଛବି ଆଙ୍କିବାର୍ ପ୍ରେରଣା ଦେଇଚୁ ତୁ । ମୋର ଛବିର ମଡ଼େଲ ହୋଇଚୁ ତୁ । ତୁ ମୋର ଛବି । ମୁଁ ସାରା ଜୀବନ ଗୋଟାଏ ଚିତ୍ରକାର ହୋଇ ରହିବି । ମୁଁ ମୋର ଛବିକୁ ଯେତିକି ଭଲପାଏ, ତତେ ସେତିକି ଭଲ ପାଇବି; ଯତ୍ନ ନେବି ।

କାହିଁକି, କାହିଁକି ତା' ମନରେ ଏତେ କାମନାର ନିଆଁ ଜାଳିଲା ! ତେବେ କ'ଣ ଏମିତି ପ୍ରତାରଣା କରିବାପାଇଁ ସେ ତାକୁ ଆଶ୍ରୟ ଦେଇଥିଲା ?

ବୀଣାକୁ ପ୍ରତାରଣା କଲେ କ୍ଷତି ଅବା କ'ଣ ଅଛି । ସେ ତ ଯୁଣି ଜୀବନ ଜୀବନପାଇଁ ପ୍ରତାରିତ କରି ଅନ୍ୟକୁ ବିବାହ କରି ଚାଲିଯାଇଥିଲା । ପ୍ରତାରଣାର ପ୍ରତିଦାନ ହିଁ ପ୍ରତାରଣା । କଣ୍ଟାକୁ କଣ୍ଟାରେ କଢ଼ାଯାଏ ।

ବୀଣା ତ ତା' ବିବାହରେ ପ୍ରତିବାଦ କରିଥିଲା । ବୀଣା କହୁଥିଲା, ସୁଧୀ ଆଉ ବି ଦିନେ କହୁଥିଲା । ନେବେ ତା'ର ଦୋଷ କ'ଣ ! ଦୋଷ ବରଂ ଏଇ ସମାଜର । ଏଇ ସମାଜ ଜାଳିଛି ଆମର ମଝିରେ ଭେଦର ହୁତାଶନ । ଆମ ସୁନେଲି ସପନକୁ ମସିଲିପ୍ତ କରିଛି ।

ସମାଜ ଉପରେ କ'ଣ ଅଭିଶାପ ଦିଆଯାଇ ପାରେନା । ଯଦି ସମାଜକୁ ଦଣ୍ଡ ଦିଆଯାଇ ପାରିବନି, ତେବେ ସେ ନିଜକୁ ଦଣ୍ଡ ଦେବ କାହିଁକି ? କାହିଁକି ସେ ତା' ଜୀବନ ଯାତ୍ରା ପଥରେ ବୀଣାକୁ ଆଣି ଝଡ଼ ସୃଷ୍ଟି କରିବ । ବୀଣାକୁ ସେ ବଞ୍ଚାଇଲା । ବଞ୍ଚାଇବାର ଅର୍ଥ ନୁହେଁତ ସାରା ଜୀବନ ତାକୁ ପାଳନ ପୋଷଣ କରିବ ।

ବଡ଼ ସ୍ୱାର୍ଥପର ଏଇ ମଣିଷ ଜାତିଟା । ସମସ୍ତେ ସ୍ୱାର୍ଥ ପଛରେ ଆନ୍ଧ । କ ସ୍ୱାର୍ଥକୁ ଧରି ସେ ବୀଣାକୁ ଗଳଗ୍ରହ କରି ଆଣିବ ? ବରଂ ବୀଣାକୁ ଦେଖିଲେ ତା'ର ଦରପୋଡ଼ା ଅତୀତ କଥା ମନେ ପଡ଼େ । ମନେ ପଡ଼େ ଗୋଟି ଗୋଟି ହୋଇ ସେଇ ହଜିଲା ସ୍ମୃତିର ଗାଥା । ନା, ସେ ଆଉ

କଲିକତା ଯିବନି । ଖାଁଣାକୁ ବଞ୍ଚାଇ ରଖିବା ଆସିଛି, ସେଇ ତା'ପାଇଁ ଯଥେଷ୍ଟ । ସେ ତା'ର ପନ୍ଥା ବାଛୁ ।

ଭାବି ସ୍ଥିର କରିଥିଲା ଅରୁଣ । ସେ ପୁଣି ଶାନ୍ତି ନିକେତନର ଛାତ୍ରତ୍ୱ ସ୍ୱୀକାର କରିବ । ପୁଣି ଛବି ଆଙ୍କିବ । ପୁଣି ଅଜନ୍ତା ସହିତ ସ୍କେଚ କରିବାକୁ ଯିବ । ପୁଣି ଅଜନ୍ତା ସହିତ......

ଦେହଟା ଶୀତେଇ ଉଠିଲା ।

ଲଗାମଛଡ଼ା ମନଟା ହଠାତ୍ ଅନ୍ୟମନସ୍କ ହୋଇଗଲା ।

ନା, ସେ ଶାନ୍ତି ନିକେତନକୁ ଆଉ କୁଆଡ଼େ ଯିବନି । ନା-ନା, କଦାପି ନୁହେଁ । ସେ ପୁଣି ଛାତ୍ର ହେବ । ଆଜ୍ଞାଧୀନ କଳାର ଛାତ୍ର । ଆଉ ଅବୁଝା ହେବନି ।

ଅଧ୍ୟକ୍ଷଙ୍କ ଅଫିସ ରୁମ୍‌କୁ ଗଲା ଅରୁଣ । ସବିନୟ ପ୍ରଣିପାତ ଜଣାଇଲା । ହଠାତ୍ ତାକୁ ଚିହ୍ନି ପାରିଲେନି ଅଧ୍ୟକ୍ଷ ମହାଶୟ । ଅରୁଣ ସଲଜ୍ଜ ହୋଇ କହିଲା, ମୁଁ ଅରୁଣ ମହାନ୍ତି ସାର୍ ! ମତେ···

ଓହୋ, ଅରୁଣ । ଆରେ ମୁଁ ଏକରକମ ଟିକେ ଭୁଲି ଯାଇଥିଲି । ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହୋଇ କହି ଉଠିଲେ ଅଧ୍ୟକ୍ଷ ମହାଶୟ ।

ହଠାତ୍ ଏମିତି ପଢ଼ା ଛାଡ଼ି···

ଅଧ୍ୟକ୍ଷଙ୍କୁ ପୂରା କଥା କହିବାକୁ ନଦେଇ ଅରୁଣ କହି ଉଠିଲା, ମୁଁ ଏଥର ଅବୁଝା ହେବନି ସାର୍ । ପଢ଼ିବି ।

ଭଲ, ଭଲ । ପଢ଼ାପଢ଼ିରେ ମନ ଦିଅ । ଏମିତି ସବୁ ବୁଲିଲେ କ'ଣ ହେବ । ନିଜର ଭବିଷ୍ୟତ ତ ପୁଣି ଅଛି । ତମମାନଙ୍କ ଉପରେ ଆମେ ସବୁ ଆଶା ରଖିଥିଲୁ । ତମେ ଗଲ; ତମ ପଛେ ପଛେ ସେ ଝିଅଟା...ହଁ ମ, ସେ କ୍ଲାସରେ ଭଲ ପଢ଼ୁଥିଲା...

କିଏ ସାର୍ ? ···ଅଜନ୍ତା ?

ହଁ-ହଁ । ଅଜନ୍ତା, ...ଅଜନ୍ତା । ସେ ବି ପ୍ରାୟ ପନ୍ଦର ଦିନ ପରେ କଲେଜ ଛାଡ଼ିଛି । ତମ ଦିଁଆଙ୍କଟା ଉପରେ ମୋର ଗୋଟାଏ ଭଲ ଆଶା ଥିଲା । ତମେମାନେ ସବୁ ଏମିତି ହେଲେ ଚଳିବ ?

ହଠାତ୍ ଅଜନ୍ତାର ପାଠପଢ଼ିବା ଛାଡ଼ିବା କଥା ଶୁଣି ଅବାକ୍ ହୋଇଗଲା ଅରୁଣ । ଅଜନ୍ତା ପାଠ ଛାଡ଼ିଲା ! କାହିଁକି ?...କାହିଁକି ସେ ଶାନ୍ତି ନିକେତନ ଛାଡ଼ିବାକୁ ବାଧ୍ୟହୁ କରିନେଲା ? ତେବେ କ'ଣ ତା'ର ସର୍ବନାଶେ ?

ଅଜନ୍ତାର ଜୀବନ ଆକାଶରେ ଅଶୁଭ ଲଗ୍ନର ଚନ୍ଦ୍ର ଭଳି ଦେଖା ଦେଇଥିଲା ସେ । ତା' ମନରେ ମଧ୍ୟ ଅଦିନଆ ଝଡ଼ ସୃଷ୍ଟି କରିଥିଲା । ଖଣ୍ଡ ଖଣ୍ଡ କାମନାର ବାଦଲ ବିଗ୍ରାଇ ଦେଇଥିଲା ।

କିନ୍ତୁ ଏସବୁ ତ ସେ ଜାଣିଶୁଣି କରିନି । ଅଜନ୍ତା ପ୍ରଥମେ ଏସବୁକୁ ଆବାହନ କରିଥିଲା । ସେ କେବଳ ସ୍ୱାହା ମନ୍ତ୍ର ଗାଇଛି ମାତ୍ର । ନା, ଅଜନ୍ତା ତା' ଉପରେ ଅଭିମାନ କରି ଚାଲିଯାଇଛି । ବାସ୍ତବିକ ଅଜନ୍ତା ପ୍ରତି ସେ ଅନ୍ୟାୟ କରିଛି । ତା'ଠୁଁ ଏତେ ଦୂରେଇ ଯିବାଟା ସମୀଚୀନ ହୋଇନି । ଅନ୍ତତଃ ଯିବା ପୂର୍ବରୁ ତାକୁ କହିଦେଇ ଯିବାର ଥିଲା ।

ମାତ୍ର ସେ କହିଆନ୍ତା କାହାକୁ ?

ସେଇ ଅଜନ୍ତାଠୁଁ ତ ଦୂରେଇ ଯିବାପାଇଁ ସେ ଏତେ କଥା କରି ଥିଲା । ସେଇ ଅଜନ୍ତାକୁ ଭୁଲିବାପାଇଁ ତ ସେ କଲିକତା ଯାଇଥିଲା । ଅଜନ୍ତାର ରାକ୍ଷସୀ କାମନାକୁ ଉପେକ୍ଷା କରିବାପାଇଁ ତ ସେ ଯାଯାବର ଜୀବନ ବାଛି ନେଇଥିଲା । ତେବେ କହିଆନ୍ତା କାହାକୁ ?

ଆରେ, ତୁମେ ଏମିତି ଠିଆ ହେଇ ପଡ଼ିଲ କାହିଁକି ଅରୁଣ, ବସ । କ'ଣ କିଛି କାମ ଅଛି ?

ନା, ତଥାପି—

ତମେ କ'ଣ ଏଥର ପ୍ରସ୍ତୁତ ହେଇ ଆସିଛ ତ ?

ହଁ ସାର୍ ।

ହଠାତ୍ ଅଧ୍ୟକ୍ଷ ମହାଶୟ ଅରୁଣର ମୁହଁରୁ କ'ଣ ଲକ୍ଷ୍ୟ କରି କହି ଉଠିଲେ, ତଥାପି ତମଠୁଁ ଉଦାସୀନତା ଦୂର ହେଇନି ।

ହଁ, ଭୁଲିଯାଇଛି କହିବାକୁ, ଗୋଟାଏ ଭଲ ଖବର ତମପାଇଁ...ତମ ଅପହୃତ ଛବିଟି ମିଳିଛି । ତମେ ସେଇଟା ନେଇ ଯାଇପାର ।

ଅରୁଣ ଆଶ୍ଚର୍ଯ୍ୟ ହେଇ ପ୍ରଶ୍ନ କଲା, ମିଳିଛି ସାର୍ ? କେଉଁଠୁ ପାଇଲେ : କିଏ ନେଇଥିଲା ?

॥ ୧୦୧ ॥

ଅଧ୍ୟକ୍ଷ ହସୁ ହସୁ କହିଲେ ତମର ସହପାଠିନୀ, ଅଜନ୍ତା ।

ଅଜନ୍ତା... ! ! !

ଆଶ୍ଚର୍ଯ୍ୟରେ ଅରୁଣର ଚକ୍ଷୁ ବିସ୍ଫାରିତ ହୋଇଗଲା । ଅଜନ୍ତା ନେଇଥିଲା ସାର୍ ?

ନା, ସେ ନେଇ ନଥିଲା । ତେବେ ମୋଟାମୋଟି ତାରଠୁଁ ଛବିଟି ମିଳିଲା । ତମେ ଭାନୁ ବାବୁଠୁଁ ତମ ଛବିଟି ନେଇ ଯାଇପାର । ସେ ବି ତମକୁ ବିଶଦ ବିବରଣୀ ଦେଇ ପାରିବେ । ଯାଅ ତାଙ୍କ ପାଖକୁ ।

ଭାନୁ ବାବୁଙ୍କୁ କିଛି ପଚାରିବାକୁ ଭଲ ମନେ କରି ନଥିଲା ଅରୁଣ । ସେ କେବଳ ତା' ଛବିଟି ନେଇ ଆସିଥିଲା । ତାଙ୍କୁ ମଧ୍ୟ ଜଣାଇଥିଲା ଯେ ସେ ଫେରି ଆସିଚି ପୁଣି ପାଠ ପଢିବ । ଗତାନୁଗତିକ ଧାରାରେ ସେ ପୁଣି ତା'ର ସାଧନା ଆରମ୍ଭ କରିବ ।

ବସାକୁ ଫେରିଲା । ବନ୍ଧୁ ମହଲରେ କେତେ ଆନନ୍ଦ ନିରାନନ୍ଦର ଅଦଳ ବଦଳ ହେଲା । ସମସ୍ତଙ୍କର ସେଇ ଏକ ପ୍ରଶ୍ନ, ପଢ଼ାପଢ଼ି ପୁଣି କରିବୁ ତ ? ଅରୁଣ ହସି ହସି ଉତ୍ତର ଦେଲା, ହଁ—ଦେଖାଯାଉ ।

ନିଜର ପୂର୍ବ ପରିଚିତ ରୁମ୍‌କୁ ପଶିଯାଇ ଅରୁଣ ଟିକିଏ ଆଶ୍ୱସ୍ତି ବୋଧ କଲା । ତା'ର ମନେହେଲା, ସେ ଯେମିତି ଏଇ ଦୀର୍ଘଦିନ ଧରି ସ୍ୱପ୍ନରେ ସନ୍ତରଣ କରୁଥିଲା । ଆଜି ଆସି କୂଳରେ ଲାଗିଲା । ଆଃ ! କି ସୁନ୍ଦର ଲାଗୁଚି ଏଇ କୋଠରୀଟି ।

ଚାରିଆଡ଼କୁ ଆଖି ବୁଲାଇ ଆଣୁ ଆଣୁ ହଠାତ୍ ତା'ର ଆଖି ଅଟକିଗଲା ଖଣ୍ଡିଏ ଲଫାପା ଉପରେ । କିଏ ଦେଇଚି ଜାଣିବାପାଇଁ ଆଗ୍ରହରେ ଖୋଲି ବସିଲା । କିଏ ଦେଇଛି ? ମନରେ ଅନେକ ଆଗ୍ରହ ।

ଲେଖିଛି ଅଜନ୍ତା ।

ଦୀର୍ଘ ଚିଠି ।

ଲେଖିଚ ତା'ର ଜଣେ ବନ୍ଧୁ ଛବିଟିକୁ ପ୍ରଦର୍ଶନୀ ପ୍ରାଙ୍ଗଣରୁ ଚୋରାଇ ନେଇଥିଲା । ସେ ଜାଣେ, ମୁଁ ତୁମ ଛବିକୁ ଭଲପାଏ । ସିଏ ବିଚାରି ମନେ ମନେ ଭଲ ପାଉଥିଲା ମତେ । ତେଣୁ ମୋତେ ଖୁସି କରାଇବା ପାଇଁ ପ୍ରଦର୍ଶନୀରୁ ଛବିଟା ଚୋରାଇଥିଲା । ମାତ୍ର ମୋତେ ଦେବାକୁ ସେ ସାହସ କରି ନଥିଲା ସେତେବେଳେ । କାରଣ ସେ ଜାଣିଲା ଛବିଟି ପାଇଁ ମୁଁ ମଧ୍ୟ କମ୍ ଦୁଃଖିତ ନୁହେଁ ।

ଯେଉଁଦିନ ଛବିଟି ମୋ ହାତକୁ ଆସିଲା, ସେଦିନ ତମେ ଶାନ୍ତି ନିକେତନରେ ନ ଥିଲ । ସେଇ ଛବିକୁ ଧରି ଅନେକ କାନ୍ଦିଲି । ସେ କାନ୍ଦ ମୋ ଦୁର୍ବଳତା ନୁହେଁ, ମୋର ନାରୀତ୍ୱର ବିଳାପ । ଏବେ ମଧ୍ୟ ଶାନ୍ତି ନିକେତନର ବାୟୁମଣ୍ଡଳକୁ ଭାରାକ୍ରାନ୍ତ କରି ମୋ ମନ ପ୍ରତିଧ୍ୱନି କରୁଚି, ତମେ ନିଷ୍ଠୁର ଶିଳ୍ପୀ । ତମେ ଖୁବ୍ ନିଷ୍ଠୁର !

ମୁଁ ନିଷ୍ଠୁର କହିବାକୁ ସାହସ ବି କରନ୍ତିନି । ତମେ ସେ ସାହସ ମତେ ଦେଇଯାଇଛ । ତମେ ଯଦି ମୋ ପାଖରେ କେବେ ସରଳତା ପ୍ରଦର୍ଶନ କରି ନଥାନ୍ତ, ତମେ ଯଦି କେବେ ମୋ ନାରୀତ୍ୱର ଅନନ୍ତ କ୍ଷୁଧାକୁ ସାନ୍ତ୍ୱନା ଦେଇ ନ ଥାନ୍ତ, ତେବେ ମୁଁ କାହିଁକି ଏ ସାହସ କରିଥାନ୍ତି ? ଯେଉଁ କଠିନତାରେ ମୋତେ ସବୁଦିନେ ଆଘାତ ଦେଇ ଆସିଥିଲ, ସେଇ କଠିନତା ମୋତେ ସହନର ପନ୍ଥା ଶିଖାଇଥିଲା । ପ୍ରତିବାଦ କରିବାର ଶକ୍ତି ଦେଇଥିଲା । ମାତ୍ର ଯେଉଁଦିନ କଠିନତା ପରିବର୍ତ୍ତେ କୋମଳତାରେ ମୋ ମନ ପିଆଲାକୁ ଭରି ଦେଲ, ସେଇଦିନ ପ୍ରଥମେ ମୁଁ କାନ୍ଦିଲି ।

ତୁମର ସ୍ମୃତି ଶାନ୍ତି ନିକେତନକୁ ଅଶାନ୍ତ କଲା । ଶୟନେ, ସ୍ୱପନେ, ମୁଁ ଦେଖିଲି ତୁମର ସ୍ୱପ୍ନ । ଅବଚେତନ ଅବସ୍ଥାରେ ଶୁଣିଲି ତମର କଥା । ମୁଁ କେମିତି ପାଗଳ ହେଇ ନଥାନ୍ତି କହିଲ ? ମଣିଷ ପାଗଳ ହୁଏ ଆଉ କେତେବେଳେ ? ଯେତେବେଳେ ଚେତନ ଅବଚେତନର ସଂଘର୍ଷ ହୁଏ, ମନ ବିବେକର କଳି ଲାଗେ, ଆଉ କେଉଁଟିର ସମାଧାନ ହେଇ ପାରେନା, ସେତିକିବେଳେ ସେ ହୁଏ ପାଗଳ ।

ମୋର ପାଗଳ ହେବା ବେଶୀ ଦୂର ନଥିଲା । ତେଣୁ ତା' ପୂର୍ବରୁ ପାଠ ଗୁଡ଼ିକ । ଶିଳ୍ପୀ ! ତମେ ଏତେ ଚିତ୍ର ଆଙ୍କୁଚ, ଥରେ ମୋ ମାନସିକ ଅବସ୍ଥାକୁ ଅନୁଧ୍ୟାନ କରି ଗୋଟିଏ ଚିତ୍ର ଆଙ୍କିବ । ସତ କହୁଚି, ମୁଁ ଯେଉଁଠି ଥାଏନା କାହିଁକି, ଯେତେ ଟଙ୍କା ପଡ଼ୁ, ମୁଁ ନିଶ୍ଚୟ କିଣିବି । ଏଇଟା ମୋର ଶେଷ ଅନୁରୋଧ । ରଖିବ··· ?

ମୋର ଅନ୍ତରର ଆତୁରତାକୁ ସେ ବାୟୁମଣ୍ଡଳ ମାପି ରଖିଚି । ମୋର ବୁକୁଫଟା ଅଶ୍ରୁଳ ବେଦନାକୁ ସେଠିକାର ଗଛପତ୍ର ମନେ ରଖିଛନ୍ତି । ତମେ ଯେବେ ଶାନ୍ତି ନିକେତନ ଆସିବ, ସମସ୍ତଙ୍କୁ ପଚାରିବ । ସମସ୍ତେ କହିବେ ଏଇ ଚକୋରୀ ପ୍ରାଣର ଇତିକଥାକୁ । ଆଉ କେବେ ଯଦି ସୂର୍ଯ୍ୟାସ୍ତ ବେଳେ ସେ ଦିନର ସେଇ ବିସ୍ତୃତ ଶସ୍ୟକ୍ଷେତ୍ର ବାଟେ ଦେଇ ଆସୁଥାଅ, ତାଙ୍କୁ ବି ପଚାରିବ, ଅଜନ୍ତା କିଏ ? ସେ ତମକୁ କ'ଣ କହୁଚି ।

'ବିଜନେ କାନନେ'କୁ ଫେରି ପାଇ ଖୁସି ହେଉଥିବ । ଚିତ୍ରକର ତା'ର ମାନସୀ ଛବିକୁ ଫେରି ପାଇଲେ ଖୁବ୍ ଆନନ୍ଦିତ ହୁଏ । ମାତ୍ର ଶିଳ୍ପୀର କ'ଣ କେବେ ତା'ର ମଡ଼େଲ କଥା ମନେ ପଡ଼େ ? ମୋ' କଥା ମନେ ପଡ଼ିବ ? ମୁଁ ସେଇ ମଡେଲ...ଖାଲି ମଡେଲ ହୋଇ ରହିଗଲି ।

ନା, ମନେ ନ ପଡ଼ିପାରେ । କାରଣ ତମେ ସଦାବେଳେ ମତେ ଭୁଲି ଯିବାକୁ ଚାହୁଁଚ । କଳାଠୁଁ କାଳିମାକୁ ଦୂରେଇ ଦେବାକୁ ସମସ୍ତେ ଚାହାନ୍ତି । ଏଇଟା ହୁଏ ସ୍ୱାଭାବିକ । ମାତ୍ର କଳାକାର କ'ଣ କେବେ ତା'ର କଳାକୁ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କରିପାରେ ? ନା, କେବେ ନୁହେଁ । ହେଲେ ତମେ କରିବ । ତମେ ଜଣେ ହୃଦୟହୀନ ଶିଳ୍ପୀ ! ତମେ ନିଷ୍ଠୁର !...

ଅଜନ୍ତା !

ସ୍ତମ୍ଭିତ ହୋଇ ସେଇ ଚିଠିଟି ଆଡ଼େ ଚାହିଁଥିଲା ଅରୁଣ । ଏ କ'ଣ ହେଲା ? ଅଜନ୍ତା କେତେ କ'ଣ କହିଗଲା ଆସି । ଏ ଚିଠିଟା ତ ତା'ର ପ୍ରତିନିଧି । ସେଇ ପ୍ରତିନିଧି ସବୁକଥା କହିଗଲା । କହିଗଲା ଗୋଟାଏ ବିଦଗ୍ଧ ପ୍ରାଣର ବ୍ୟାକୁଳତା କଥା ।

ଅଜନ୍ତା ତାକୁ ଭଲ ପାଉଥିଲା । କାହିଁକି ତା'ର ଭଲ ପାଇବାର ଜାଲରେ ସେ ଧରା ପଡ଼ିଲା । କାହିଁକି ? ସେ ତ କିନ୍ତୁ ତା' ଭଲ ପାଇବାର

ପ୍ରତ୍ୟୁତ୍ତର ଦେଇ ନଥିଲା । ତଥାପି ଅଜନ୍ତା ତାକୁ ଭଲ ପାଇଥିଲା । ଦିନେ ନିଶ୍ଚିତ ତା'ର ତନୁ ମନକୁ ବିଷାକ୍ତ କରିଥିଲା ।

ଏକାନ୍ତ ଭାବେ ଅଜନ୍ତା ତାକୁ ନିଜର କରିଥିଲା । ବାସ୍ତବିକ ଅଜନ୍ତା ପ୍ରତି ସେ ଅନ୍ୟାୟ କରିଛି ଖୁବ୍ । ଅଜନ୍ତାର ପଢ଼ା ଛାଡ଼ିବାପାଇଁ ପ୍ରଧାନତଃ ଦାୟୀ ସେ ।

ଦୀର୍ଘ ନିଶ୍ୱାସ ଛାଡ଼ିଲା ଅରୁଣ । କ'ଣ ଏସବୁ ହୋଇଗଲା ।

ଭାବୁଥିଲା ବସି ଅରୁଣ । ରାତି ବଢ଼ୁଥିଲା ।

କାହିଁକି ସେ ଶାନ୍ତି ନିକେତନରେ ଆଉ ପଡ଼ି ରହିବ । ଶାନ୍ତି ନିକେତନ କ'ଣ ତାକୁ ଶାନ୍ତି ଦେଇ ପାରିବ ? ନା, ତା'ର ଗତ ଜୀବନର ପ୍ରେତମାନେ ତାକୁ ଅଥୟ କରିବେ । ଜୀର୍ଣ୍ଣ ଜୀବନ ପୃଷ୍ଠାର କଅଣିକା ଉପହାସ କରିବ । ସେମାନେ ସବୁ କହି ବସିବେ, ଏଇଠି ଅଜନ୍ତାକୁ ମଡ଼େଲ କରି ତମେ ସେ ଛବିଟି ଆଙ୍କିଥିଲ । ଏଇଠି ଅଜନ୍ତାର ଦେହକୁ ଦେହ ଲଗି ବସିଥିଲ ସେଦିନର ସେଇ ଘୂମନ୍ତ ସନ୍ଧ୍ୟାରେ । ଆଉ ଏଇଠି ଦୁହେଁ ସେଦିନ ମଧୁର ଆଳାପରେ ବ୍ୟସ୍ତ ଥିଲ । ଏଇ ହେଉଛି ସେଇ କୋଠରୀ ଯୋଉଠି ଦୁହିଁଙ୍କର ଜୀବନ କାହାଣୀ ଦୁହେଁ କହି ବସିଥିଲ । ନିଷ୍ଠୁର, ସବୁ ଭୁଲି ଯାଉଛ ?

ନା, ସେ ଭୁଲି ପାରିବନି ଅଜନ୍ତାର ସ୍ମୃତିକୁ । ସେ ବି ପାଗଳ ହୋଇଯିବ ଦିନେ । ପାଗଳ ହୋଇଯିବା ଭୟରେ ଅଜନ୍ତା ଶାନ୍ତି ନିକେତନ ଛାଡ଼ିଥିଲା । ସେ ବି ଛାଡ଼ିବ ।

ଶାନ୍ତି ନିକେତନ ଛାଡ଼ି ସେ ଯିବ କୁଆଡ଼େ ! ଘରକୁ ? କଲିକତା ? କାହିଁକି ଯିବ ସେ କଲିକତା ? ଯେଉଁ ବିପଦକୁ ଭୟକରି ସେ ଦୂରେଇ ରହିଥିଲା ଅଜନ୍ତାଠୁଁ, ସେଇ ବିପଦ ରହିଛି ସେଠି । ଗୋଟାଏ ଜୀବନକୁ ହୋମ-ହୁତାଶରେ ଜାଳିଦେଇ, ନିଜେ ପୁଣି ଜଳିପୋଡ଼ି ହେବାକୁ ଯିବ କାହିଁକି ?

ନା, ସେ ଘରକୁ ଯିବ । ଅନେକ ଦିନ ହେଲା ଗାଆଁ ମାଟିକୁ ସେ ଯାଇନି । ଗାଆଁର ମଧୁର ସ୍ମୃତି ଏବେବି ତା' ଆଖି ଆଗରେ ଝଲସିଯାଉଛି ।

|| ୧୦୫ ||

ନାଚ ଯାଉଚ ଦୁଃଖୀ ଅପାର ସେଇ ପାଣ୍ଡୁର କାକୁସ୍ଥ ମୁହଁଟା । ଶୁଭିଯାଉଚି ତା'ର ସେଇ କେଇପଦ ସ୍ନେହବୋଳା କଥା । ବାପା ! ମଝିରେ ମଝିରେ ଟିକେଟିକେ ଆସୁଥିବୁ ମ । ତତେ ନ ଦେଖିଲେ ମୋ ମନଟା ମୋଟେ ଅସ୍ଥ ହୁଏନା । ଆସୁଥିବୁରେ......

ଆଉ ଭୁଲିପାରିଲାନି ଅରୁଣ । ସେ ଘରକୁ ଫେରିଯିବ । ପାଠପଢ଼ା ଆଉ ତା' ଦେଇ ହେବନି । ସେ ଆଉ ଶାନ୍ତି ନିକେତନରେ ରହି ପାରିବନି । ରାତି ପାହିବା ଉପରେ । ଆଗରେ ଶୁଭ ସକାଳ । ଏଇ ନବୀନ ଉଷାର କିରଣ ମାଖି ସେ ନୂତନ ଜୀବନ ଆରମ୍ଭ କରିବ । ଜନ୍ମଭୂମିକୁ ଫେରିଯିବ । ତା'ପରେ କର୍ମ କରିବ ।

ଆଉ ବୀଣା ?

ନା, ସେ ବୀଣା କଥା ଭାବିବନି ।

ଗାଆଁରେ ପହଞ୍ଚି ଅରୁଣ ଗୋଟାଏ ନୂତନ ଉନ୍ମାଦନାରେ ନାଚିଗଲା । ସତେ ଯେମିତି ବହୁଦିନଧରି ଏ ଗାଆଁ ମାଟି ତାକୁ ଅପେକ୍ଷା କରିଥିଲା । ଅଭିସାରିକା ପ୍ରାଣର କାମନା ନେଇ ସେ ଯେମିତି ଜାଗର ଜାଗୁଥିଲା । ପ୍ରତୀକ୍ଷିତାର ପ୍ରାଣ ସନ୍ତୁଳ ହେଉଥିଲା ଯେମିତି ।

ଦୁଃଖୀ ଅପାର ଖୁସି ଦେଖେ କିଏ ! ତା' ଗୋଡ଼ ଆଉ ତଳେ ଲାଗୁ ନଥାଏ । ଛ' ତିଅଣ ନଅଭଜାରେ ସେ ବ୍ୟସ୍ତ । ଟିକିଏ ବି ଫୁରସତ୍ ନାହିଁ । ବାରଆଡ଼େ ଧାଁ-ଦଉଡ଼ ଚଲେଇଚି । କିଛି ଗୋଟାଏ ଭଲ ମନ୍ଦ ପଚାରିବାକୁ ବେଳ ନାହିଁ ।

ଦିନ ଗଲା, ରାତି ଗଲା ।

ଅରୁଣ ଗୋଟାଏ ପୂର୍ଣ୍ଣ ବିଶ୍ରାମ ନେଇଥିଲା ଏଇସମସ୍ତ ଭିତରେ ।

|| ୧୦୭ ||

ତହିଁଆରଦିନ ସକାଳୁ ରାଧୀଆଈ ଆସି ଯୋଗକୁ ପହଞ୍ଚିଲା । ହଠାତ୍ ଅରୁଣକୁ ଦେଖିପକାଇ କହି ଉଠିଲା, ଆରେ ନାତି ! ତୁ କୋଉଦିନ ଆଇଲୁ ?

ଅରୁଣ ଖୁବ୍ ସଂକ୍ଷେପରେ ଉତ୍ତର ଦେଲା, କାଲି ।

ଏମିତି କାହିଁକି ଝଡ଼ାଝାଡ଼ା ଯାଇଚୁ ?

ଦେହ ଭଲ ନ ଥିଲା ।

ହଠାତ୍ କଥା ମଝିରୁ ଖିଅଧରି ଦୁଃଖୀଅପା କହିଉଠିଲେ, ଦେଖୁନ ଖୁଡ଼ୀ, ପୁଅଟା କେମିତି କଳାକାଠ ପାଲଟି ଯାଇଚି । ପରୁଶଲାରୁ କହୁଚି ଦେହଭଲ ନଥିଲା; ଦୂର ବିଦେଶରେ ରହି ଲୋକେସବୁ ମୋଟା ହଉଛନ୍ତି । ଟୁନା ଆମର ଦିନକୁ ଦିନ ଶୁଖିଯାଉଚି । ଦେଖୁନା, ମୁହଁର ହନୁହାଡ଼ ଦିଶିଲାଣି ।

କଥାରେ ନବଜ ଭରି ଆଈ କହିଲେ, କରେ ଟୁନା ! ତମ ସିଆଡ଼େ କ'ଣ ଡାକ୍ତର କବିରାଜ ମରିଉଡ଼ି ଗଲେକି ? ତୁ ଟିକେ କାହାପାଖରେ ଦେହଟା ପରଖି ନଉନୁ । ଏମିତି ଦିହପ୍ରତି ଅକଷ ନଉଚୁ କାହିଁକି ?

ଦୁଃଖୀଅପା କହିଲା, ଟୁନା! ତୁ ଏବେ ପରା କେଇଦିନ କଲିକତାରେ ଥିଲୁ । କଲିକତାରେ ତ ଏତେ ଡାକ୍ତର । ଏ ଗାଁଇଜରେ ତ ଯୋଉ ରୋଗ ଭଲ ହଉନ, ସେମାନେ କଲିକତା ଯାଉଛନ୍ତି । ତୁ କାହାରିକି ଟିକିଏ ଧିଅ ଦେଖେଇ ପାରୁନୁ ?

କଲିକତା ନାଁ ଶୁଣି ହଠାତ୍ ରାଧୀଆଈ ପ୍ରଶ୍ନକଲେ, ଆରେ ଟୁନା ! କଲିକତାରେ ଆମ ବୀଣାକୁ କୋଉଠି ଦେଖିନୁ ? ଏତେ ସ୍ନେହଶରଧା ତମର । ସିଏ ସେଇଠି କୋଉଠି ଅଛି, ତୁ ଟିକେ ତା'ଖବର ନଉନୁ ।

ହଠାତ୍ ଗୁଉଁକିନା ଚମକି ପଡ଼ିଲା ଅରୁଣ ।

ବୀଣା !... !!......!!!

ବୀଣାକୁ ସେ ଦେଖିଚି ?...କେଉଁଠି ?...କେବେ ? ବୀଣାକୁ ସେ ସ୍ନେହଶରଧା କରେ । କଲିକତାରେ ତାକୁ ଦେଖିଚି ?

କି ଉତ୍ତର ଦେବ ଅରୁଣ , ମନାକରି ଦେବ ? ନା, ସେ ବୀଣାକୁ ଦେଖିନି । ବରଂ ଆଶ୍ଚର୍ଯ୍ୟହୋଇ ପଚାରିବ, ବୀଣା କଲିକତାରେ ରହୁଚି ? କାହିଁ, ନାହିଁତ, ମୁଁ ତ ତାକୁ କେବେ ଦେଖିନି !

ଏତେ ବଡ଼ ନିର୍ଲଜ୍ଜ ମିଛ କଥାଟାଏ କହିବ ? କହି ଲାଭ କ'ଣ ? ନା, ବରଂ ସେ ବୀଣାର ସବୁକଥା କହିଦେବ ଆଈ ଆଗରେ । ବୀଣା ଜୀବନର ଅଶ୍ରୁଳ କାହାଣୀ ସେ ସମସ୍ତଙ୍କୁ ଶୁଣାଇ ଦେବ । ସମସ୍ତେ ଜାଣନ୍ତୁ, କେମିତି ତାକୁ ଜାଳିପୋଡ଼ି ମାରିଦିଆ ହୋଇଛି । ସେ ତାକୁ ନୂଆ ଜୀବନ ଦେଇ ବଂଚେଇଚି । ଏକଥା ଶୁଣିଲେ ସଭିଏଁ ପ୍ରଶଂସା କରିବେ ତାକୁ !

ମାତ୍ର ତା' ପ୍ରତି ଅନାଦର କରିଛି ବୋଲି ଯଦି କିଏ ଜାଣେ ? ବଂଚେଇବାଠାରୁ ଅବହେଳା କରିବା ସବୁଠୁଁ ବଡ଼ ଦୋଷ । କ'ଣ ସେ କରିଛି । ତାକୁ ଏକୁଟିଆ କଲିକତା ଭଳି ସହରରେ ଛାଡ଼ି ସେ ଚାଲି ଆସିଛି ଗାଆଁକୁ ଶାନ୍ତିପାଇବା ଆଶାରେ । ଜଣକୁ ଚିରଦିନ ଅଶାନ୍ତିରେ ପକାଇ ସେ ଆସିଛି ଶାନ୍ତି ଖୋଜି !

ନିଜପ୍ରତି ନିଜର ଘୃଣା ଆସିଲା । ସେ କାହିଁକି ଏ ହତବୁଦ୍ଧି କଲା ! ବିଚାରୀକୁ ବିନା ଦୋଷରେ ଆହୁରି ଯନ୍ତ୍ରଣା ଖଞ୍ଜିଦେଲା ସିନା । ଭଗବାନ ! ସେ କ'ଣ କରିଚି···

କ'ଣ କରେ ନାତି, କିଛି କହୁନୁ କି ଆଁ ? କ'ଣ ତମର ସହି ଦେଖା ହଉଚନ୍ତି ସିଆଡ଼େ ? ମୋ ଆଗରେ କହିବାକୁ ଲାଜ ହଉଚୁ କିରେ ! ହେଇଥିବ, ଟୋକା କ'ଣ କମ୍ ଚତୁର ! ଏମିତି ଗେରସ୍ତ ସୁଆଗରେ ମଜ୍ଜି ଯାଇଛୁ ଯେ ଘଣ୍ଟେ ଚିଠି ଦବାକୁ ବେଳ ପାଉନୁ ।

ଏକା ନିଶ୍ୱାସରେ କହିଗଲେ ବୁଢ଼ୀ ଆଈ । ଅରୁଣ କିନ୍ତୁ ସେକଥା ଗୁଡ଼ା ଶୁଣି ଛାତିରେ କଙ୍କଡ଼ାବିଛା ଚାଲିଲା ଭଳି ବୋଧକରୁଥାଏ । ସ୍ୱାମୀ ସୁହାଗ ! ସ୍ୱାମୀ ସୁହାଗ କାହାକୁ କହନ୍ତି ସେ କଥା କ'ଣ ବୀଣା ଜାଣେ ? ଯା'ର ଜୀବନ ଯେ ଉନ୍ମୂଳ ହଉଚି, ସେ ପୁଣି ପାଇବ ସ୍ୱାମୀ ସୁହାଗ !

ହସି ଉଠିଲା ଅରୁଣ ପୁଣି ଥରେ । ହସିହସି କହିଲା, ନା ଲୋ ଆଈ, ମୋର ତା'ର ଦେଖା ହୁଏନା । କଲିକତା କେଡ଼େ ସହରଟାଏ । କିଏ

କେଉଁଠି ରହେ; କାହାକୁ କିଏ ଖୋଜୁଚି ? ସେ ସହରର ଏ ପାଖକୁ ସେ ପାଖକୁ ବୁଲି ବୁଲି ଗଲେ ତ' ଦିନ ଲାଗିବ ।

ସୁଧୀ ଆଈ ଉଠି ପଡ଼ୁ ପଡ଼ୁ କହିଲେ, ଏଥର ଗଲେ ଟିକଏ ସନ୍ଧାନ ନବୁରେ ନାତି । ତା' ଗେରସ୍ତ ନାଁ ମଦନ । କୋଉ ଚଟକଲରେ କାମକରେ । ପଚାରିଦେଲେ କହିବେ ମ ! ଉ ଟିକିଏ ମିହନ୍ତ କଲେ ପାଇଯିବୁ । ହଉ, ମୁଁ ଆସୁଚି ଲେ ଦୁଃଖୀ, ତେଣେ କେତେ କାମ ପଡ଼ିଚି । ସବୁ ମତେ କରିବାକୁ ହେବ । ଆଉ କିଏ ଅଛି ଯେ—

ସୁଧୀ ଆଈ ଚାଲିଗଲେ ।

ବସି ଭାବୁଚି ଅରୁଣ । କ'ଣ ହେଲା ? କାହିଁକି ସେ ଏତେ ବଡ଼ ମିଛ କଥାଟାଏ କହିଲା । କଲିକତାରେ ସେ କ'ଣ ବୀଣାକୁ ସତେରେ ଦେଖିନି ? ଦେଖିଚି । ତଥାପି ସେ କାହିଁକି ଏ ନିପଟ ମିଛ କହିଲା ?

ମିଛ !

ଅରୁଣ ମନେକଲା ସେ ଯେମିତି ନିଜକୁ ନିଜେ ମିଛ କହୁଛି । ବୀଣାକୁ ଯନ୍ତ୍ରଣା ପୁଷ୍କରିଣୀରେ ପକାଇ ଦେଇ ସେ ଗାଆଁକୁ ଆସିଛି । ବିଚାରି ଏକୁଟିଆ ଆଉ କେମିତି ଅତିଷ୍ଠ ହୋଇ ଉଠୁଥିବ । ଜଣେ ନାରୀର ଏଭଳି ନିଃସଙ୍ଗତା ମରଣଠାରୁ ବଳିଯାଏ । ପାଖରେ ପୁରୁଷ ବୋଲି କେହି ନାହିଁ । ସେଥିରେ ପୁଣି ସଂପୂର୍ଣ୍ଣ ନୂଆ ଜାଗାରେ ଜଣେ ନାରୀ ପକ୍ଷେ ରହିବା ପୂରାପୂରି ଅସମ୍ଭବ ।

ନାରୀ ସଦାବେଳେ ଚାହେଁ ପୁରୁଷର ସାହଚର୍ଯ୍ୟ । ଯେତେ ସ୍ୱାଧୀନ-ଚେତା, ଯେତେ ଆଧୁନିକା ହେଲେବି ଭାରତୀୟ ନାରୀ ଖୋଜେ ଜଣେ ପୁରୁଷର ଏକାନ୍ତ ସହାୟତା । ଯେତେ ପ୍ରଗତିବାଦୀ ହେଲେ ମଧ୍ୟ ତା' ଆଗରେ ସମାଜ ଅଛି । ସେ ସମାଜକୁ ଏଡ଼ି ଦେଇ ପାରିବନି । ପୁରୁଷକୁ ଛାଡ଼ି ନାରୀ ସ୍ୱାବଲମ୍ବିନୀ ହୋଇ ପାରିବନି । 'ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା'...

ଭାବନାଟା ପୁଣି ତା'ର କଜଳକୃଷ୍ଣ କାୟା ବିସ୍ତାରି ମାଡ଼ି ଆସିଲା । ଅରୁଣ ଭାବୁଛି, କ'ଣ କରିବ ? ସବୁ ଏକନିଷ୍ଠ ଚିନ୍ତାକୁ ମାଡ଼ି ଦଳି ପୁଣି

ହୃଦୟର ବଡ଼ଦାଣ୍ଡ ଧୂଳିରେ ଗଡ଼ିଯିବ । ବୀଣାକୁ ପୁଣି ସାହାଯ୍ୟ କରିବ । ତା' ସ୍ୱାମୀର ନିଷ୍ଠୁର ଅତ୍ୟାଚାରକୁ ଭୁଲାଇଦେବ । ତାକୁ ସୁଖୀ କରାଇବ । ଦୀର୍ଘ ଦିନର ଯନ୍ତ୍ରଣାରୁ ମୁକ୍ତ କରିବ ।

ହଠାତ୍ ଅରୁଣର ଭାବନା ଭାଙ୍ଗି ଦୁଃଖୀ ଅପା ପ୍ରଶ୍ନ କଲା, କ'ଣ ଏମିତି ବସି ଭାବୁଚୁ ? ପିଲାଟୁଆ ଦିହ ଖରାପ ନା କ'ଣମ । ଏମିତି ରାଇଜଟା କଥା ଭାବିଲା ଭଲ କ'ଣ ହଉଚୁ ?

ଅରୁଣ ଉଠି ପଡ଼ି ପ୍ରଶ୍ନ କଲା, ସେସପେଇ କୋଉଠାଏ ଗଲାଣି ଅପା ?

କାହିଁକି ? କୁଆଡ଼େ ଯିବୁକି ?

ଅରୁଣ କହିଲା, ହଁ, ମୁଁ କଲିକତା ଯିବ ?

କଲିକତା··· ? ? ?

ହଁ ····· ! !

ହଁ କଲିକତା !

ଏଠି କିଛି ଉନ୍ମାଦନା ନାହିଁ । ଚିର ଅଚଞ୍ଚଳ ସ୍ୱାଭାବିକତା କେବଳ । ନଦୁଆ ଉପଗଳି ବୁଢ଼ା ପ୍ରଳାପ କରୁଥାନ୍ତି । ରାତିର ଗମ୍ଭୀରତାକୁ ତାଙ୍କର ମୋଟେ ଲକ୍ଷ୍ୟ ରହେନା । ପ୍ରଳାପସବୁ ଏକ ବେଖିଆଲ ମନର । କେତେ କେତେ ରକମର ।

ରାତି ବଢ଼ିଛି ।

ଆଗରେ ସେଇ ଉପଗଳିଟା, ତା'ର ଖୁବ୍ ପରିଚିତ । ଏଇଠି ସେ କେତେଟା ଦିନ କାଟିଛି,ପୁଣି କାଟିବ । ବୀଣା ମନରେ ଗୋଟାଏ ସୁପ୍ତଚେତନା ଜାଗ୍ରତ କରିବ । ତା'ପରେ······

ତା'ପରେ ଘରକୁ ଦବ ଚଠି । ସୁଧୀଆଈକୁ ଲେଖିବ, ଦୁଃଖୀ ଅପାକୁ କହବ । ବୀଣାକୁ ଗାଁକୁ ଫେରେଇ ନବ । ବୀଣା ପୁଣି ଝିଅ ହୋଇଯିବ । ଭୁଲିଯିବ ତା'ର ଏଇ ଅନ୍ଧାରୁଆ ସପନର କାହାଣୀକୁ । ଝିଅ ହେବ ସେ । ସେଇ କୁନି ଝିଅ, ସେଇ ସ୍କୁଲଫେରନ୍ତା ଫ୍ରକ୍‌ପିନ୍ଧା ଝିଅ । ତା'ର ସେଇ ଗୋଲାପୀ ଗାଲରେ କାଳି ମେଞ୍ଚାଏ ଲାଗିଥିବ । ଅତ ନହୁନରେ ଆସି ଅନୁରୋଧ କରବ, ଆରେ, ଅରୁଣ ଭାଇ ! ଟିକେ ପୋଛୁ ଦଅନା...

ତା' ମୁହଁରୁ ସେ କାଳି ପୋଛୁବ ।

ଦନେ ପୋଛୁ ଦେଇଥଲା ଏଇ ଟିକେ ଦୁଆତର କାଳକୁ । ମାତ୍ର ଏ ଯେଉଁ କାଳ ବୀଣା ମୁହଁରେ ଲଗିଛୁ ତାକୁ କ'ଣ ସେ ପୋଛୁଦେଇ ପାରବ ? ଇଏ ତ ଅଲଭା ଦାଗ । ତାକୁ କ'ଣ ସେ ନଭେଇ ପାରବ ?

ହଁ ସେ ପାରବ । ମଣିଷର ମନ ହେଉଛୁ ପବତ୍ର ମହାପ୍ରସାଦ । ସେ ସବୁବେଳେ ନର୍ମଳ, ସେଇ ନର୍ମଳ ପବତ୍ରମନ ଉପରେ ଯାହାକୁ ଥୋଇବ ସେ ନର୍ମଳ, ଆଉ ପବତ୍ର ହେବ ନଶ୍ଚୟ । ମନ ଦୃଢ଼ତାରେ ସବୁ ଅଛୁ । ପାପ ପୁଣ୍ୟସବୁ ଧୋଇ ହେଉଛୁ ସେଇଠି । ତେଣୁ ମନଟା ସବୁଠୁ ବଡ଼ଜନଷ ଏ ସୃଷ୍ଟିରେ । ମନର ମୂଳେ ଏ ଜଗତ ।

ସେ ନଜ ମନକୁ ଆପ୍ଲୁତ କରବ । ସେଇ ପବତ୍ରତାରେ ସେ ବୀଣାର ଜୀବନଉପରେ ଲଦହୋଇ ପଡ଼ିଥିବା କାଳମାକୁ ପୋଛୁବ ।

ଭାବୁଥିଲା ଅରୁଣ ।

ଆଗରେ ତା'ର ପରଚତ ଉପକୂଳ, କନ୍ତୁ ଏ ପ୍ରଳାପ ପରଚତ ନୁହେଁ । ପ୍ରତ ରାତରେ ପ୍ରଳାପ ହୁଏ । କେତେ ରକମର ପ୍ରଳାପ-ଯାହାର କ ମୂଳ ଚୂଳ ନଥାଏ, ଆରମ୍ଭ ଶେଷ ନଥାଏ । କେତେବେଳେ ଆରମ୍ଭ ହୁଏ କେତେବେଳେ ଶେଷହୁଏ କେହ ଜାଣନ୍ତନ । ଇଏ ସେଇ ପ୍ରଳାପ । ଅବବେଚନ ନୁହେଁ, ଅଚେତନ ମନର ପ୍ରଳାପ । ଏ ପ୍ରଳାପ ଉପରେ ମନର ଅଧିକାର ନାହିଁ ।

ଉପକୂଳରେ ମଣିଷର ଯାତାୟାତ ନାହିଁ । ଶୂନ୍‌ସ୍ଥାନ । କେବଳ ସେଇ ବେଖିଆଲି ପ୍ରଳାପ । ଆଉ ସମସ୍ତେ ସୁପ୍ତ, ନଦ୍ରିତ । ଅରୁଣ ଦେଖିଲା, ତା'ର

ବସାଘର ସାମନା ବଉଳ ଗଛଟା ଏବେ ମଧ୍ୟ ଜହ୍ନରୁ ମହୁଆ ଶୋଷୁଛି। ତରଳ ଜ୍ୟୋସ୍ନା ଏବେ ବି ଲହଣି ଖେଳୁଛି ଗଛର ଶିରା ପ୍ରଶିରାରେ ।

ରାତି ଅନେକ ।

କବାଟରେ ଶବ୍ଦ କଲା ଅରୁଣ ।

କବାଟ ଖୋଲା ଅଛି ।

ଘରେ ଅନ୍ଧାର ।

କେଜାଣି କେତେ ଭାବନାକୁ ଠେଲି କରି ସେ ଘର ଭିତରକୁ ପଶିଲା । ମନରେ କେତେ ଚିନ୍ତା, କ'ଣ ହେଲା ? ଏତେ ରାତିରେ ବାଣୀ କାହିଁକି ଘର ମୁକୁଲା ରଖିଥିଲା । ତେବେ କ'ଣ······

କଚ୍ଛଡ଼ି ହୋଇପଡ଼ିଲା ଅରୁଣ । ସିମେଣ୍ଟ ଚଟାଣ ଉପରେ ତା' ଗୋଡ଼ା ଖସିଗଲା । ସେ ମାଡ଼ି ହୋଇ ପଡ଼ିଲା କାହା ଉପରେ ।

କିଏ ?···??······

ଚିତ୍କାର କରି ଉଠିଲା ଅରୁଣ । ତଥାପି ଏତେ ବଡ଼ ଘରଟା ମଉନ । ସବୁ ନିସ୍ତବ୍ଧ, ନିରୁତ୍ତର । ଲୁଗାପଟା ତା'ର ଓଦା ଲାଗିଲା । ମାତ୍ର ସେ ଅନ୍ଧାରରେ କିଛି ବାରି ପାରିଲାନି । ଖାଲି ଅନ୍ଧାର, ଅନ୍ଧାର ।

ଧୀରେ ଧୀରେ ଉଠିଲା ଅରୁଣ । ସୁଇଚ୍ ଟିପି ଦେଲା ଆଲୋକର । ହଠାତ୍ ସେ ଚିତ୍କାର କରି ଉଠିଲା ତଳକୁ ଚାହିଁ । ଆଃ······

ତଳେ ରକ୍ତାକ୍ତ ଗୋଟାଏ ପୁରୁଷର ଦେହ । ଛାତିରେ ଛୁରି ! ଅସମ୍ଭବ ବିକଟାଳଭାବେ ମୁହଁ ମେଲିଛି । ଆଖି ବିସ୍ଫାରିତ । ରକ୍ତର ଧାର ଏବେ ମଧ୍ୟ ଘର ଚଟାଣରେ ସଜାଗ । ସିମେଣ୍ଟ ଭେଦି କୁଆଡ଼େ ଯାଇନି ।

ଭୟରେ ଥରିବାକୁ ଲାଗିଲା ଅରୁଣ । ଦେହସାରା ତା'ର ରକ୍ତ । ଲୁଗା ପଟା ରକ୍ତାକ୍ତ । କିଛି ଭାବି ପାରିଲାନି ଆଉ । କ'ଣ କରିବ ?···କ'ଣ କରିବ ?···କ··ଣ········

ହଠାତ୍ ତା' ମୁଣ୍ଡକୁ ବୁଦ୍ଧି ପଶିଲା । ଯେମିତି ଆସିଥିଲା ସେମିତି ଏଠୁ ପଳାଇବ । ତା'ର ଆସିବା ତ କେହି ଜାଣନ୍ତି ନି । କିନ୍ତୁ କୁଆଡ଼େ ଯିବ ?

ନା, ଯୁଆଡ଼େ ହେଉ ଏଠୁ ପଳାଇବ । ଭୟାର୍ତ୍ତ ହୋଇ ସେ ଆଲୋକ ନିଭାଇ ଦେଲା । ଧୀରେ ଧୀରେ ପାଦ କାଢ଼ି ବାହାରି ଆସିଲା ବାହାରକୁ ।

## ॥ ୧୨ ॥

କିଏ ? କିଏ ଠିଆ ହୋଇଛ ବାହାରେ ?

ମଦନ ବୁଢ଼ା । ଜଣେ ପଡ଼ୋଶୀ । ହଠାତ୍ ମଦନ ବୁଢ଼ାକୁ ଦେଖି ଅରୁଣର ପାଦ ଚଳିଲାନି । କ'ଣ କରିବ ? ଗୋଟିପଣେ ବରଡ଼ା ପତ୍ର ପରି ଥରିବାକୁ ଲାଗିଲା ।

ଆଗରେ ମଦନ ବୁଢ଼ା । ସବୁ ଦେଖିଛି ବୋଧେ । କିନ୍ତୁ...

କିଏ ?

ପଚାରିଲା ମଦନ ବୁଢ଼ା । ଅରୁଣ ନିରୁତ୍ତର । ପାଟି ତା'ର ଖିଲ ମାରି ଯାଇଥାଏ । ଯେତେ କହିବାକୁ ଚେଷ୍ଟା କରୁଥିଲେ ମଧ୍ୟ କହି ପାରୁ ନ ଥିଲା ।

କିଏ, ଅରୁଣ ବାବୁ ?

ଖୁବ୍ ପାଖକୁ ଆସି ପଚାରିଥିଲେ ମଦନ ବୁଢ଼ା । ତଥାପି ଅରୁଣ ନିରୁତ୍ତର । କଣ୍ଠରେ ତା'ର ଭାଷା ନାହିଁ । ମନରେ ତା'ର ପ୍ରକାଶ କରିବାର ଶକ୍ତି ନାହିଁ ।

ଏଥର ମଦନ ବୁଢ଼ା କ'ଣ ଠଉରେଇ ପଚାରିଲେ, ଇଏ କ'ଣ ? ତମେ ଏମିତି ଥରୁଚ କ'ଣ ?

ନା...ନା...ନା...ମୁଁ...ମୁଁ...

ଆରେ ! ତମ ଦେହ ସାରା ରକ୍ତ ! ତମେ କ'ଣ ଖୁନ୍ କରିଛ ? ଅରୁଣ ବାବୁ ।

ହଠାତ୍ ଅରୁଣର ବୁଦ୍ଧି ବିବେକ ହଜିଗଲା ! କ'ଣ କରିବ କିଛି ଠିକ୍ କରି ପାରିଲାନି । ମନେହେଲା, ଆଉ କ୍ଷଣକ ପରେ ସେ ଧରା ପଡ଼ିଯିବ । ପ୍ରମାଣ ହୋଇଯିବ ସେ ଖୁନ୍ କରିଛି । ଗୋଟାଏ ମଣିଷ ମାରିଛି ।

କ'ଣ କ-ରି-ବ ?

କ-ଅ-ଣ...କ-ରି-ବ...??

ହଠାତ୍ ଦଉଡ଼ିବା ଆରମ୍ଭ କରିଦେଲା ଅରୁଣ ।

ଚିତ୍କାର କରିଉଠିଲା ମଦନ ବୁଢ଼ା । ଆଉ ଗୋଟାଏ କିଏ କୋଉଠି ଆଇ ପାଟି କରିଉଠିଲା, ଚୋର, ଚୋର ।

ଧାଉଁଛି ଅରୁଣ । ଗଳି ଉପଗଳିରେ 'ଗ୍ୱେର' ଗ୍ୱେର' ଧ୍ୱନି ଉଚ୍ଛୁଳୁଛି । ତଥାପି ଧାଉଁଛି ସେ । ଉପଗଳି ଛାଡ଼ି ଗଳିରେ, ଗଳି ଟପି ପ୍ରଧାନ-ରାସ୍ତାରେ—।

ହଠାତ୍ ତା'ର ମୁହଁ ଉପରେ ଆଲୋକ ବର୍ଷାଇ ଗୋଟାଏ ଗାଡ଼ିଆସି ଅଟକିଗଲା ତା' ଆଗରେ । ଚିତ୍କାର କରି ଉଠିଲା ଅରୁଣ ।

ଆଃ !...ଆ...!!

ପଛରୁ ଚିତ୍କାର ଶୁଭିଲା, ପୋଲିସ, ପୋଲିସ !

ଖୁବ୍ ଜୋରରେ ଅରୁଣବାବୁଙ୍କୁ ହଲାଇ ଦେଲା ସ୍ୱନା । କହିଉଠିଲା, ଆରେ ଇଏ କ'ଣ ? ଆପଣ ଏଠି ଏମିତ ବସି ରହି ଚିତ୍କାର କରୁଛନ୍ତି କାହିଁକି ?

ପ୍ରକୃତିସ୍ଥ ହେଲେ ଅରୁଣ ବାବୁ । ହଠାତ୍ ନିଜର ଆଖିମଳି ସେ ପ୍ରଶ୍ନକଲେ, ପ୍ରଥମାର୍ଦ୍ଧ ଶେଷହେଲା ବୋଧେ ସ୍ୱନା ?

ସ୍ୱନା ତା'ର ସେଇ ଚଞ୍ଚଳ କଣ୍ଠରେ କହିଉଠିଲା, ହଁ ! କିନ୍ତୁ ଆପଣ ଏଠି ବସି ରହି କ'ଣ ଏତେ ଭାବୁଛନ୍ତି? ଥିଏଟର ତ ଦେଖିଲେନି, ଘରକୁ ବି ଗଲେନି । ଅଥଚ ଏଠି ବସିରହି କ'ଣ ଗୁଡ଼ାଏ ଖାଲି ଭାବୁଛନ୍ତି ?

ଅରୁଣ ବାବୁ ହସି ହସି କହିଲେ, ସ୍ୱନା, ଭାବନାହିଁ ଲେଖକର ସମ୍ବଳ । ବିନା ଚିନ୍ତାରେ ସେ ଧାଡ଼ିଏ ସୁଦ୍ଧା ଲେଖି ପାରିବନି । ଚିନ୍ତାହିଁ ଆମର ଖାଦ୍ୟ ।

ଘରକୁ ଯାଇ ଚିନ୍ତା କରିଥିଲେ ହେଉ ନଥାନ୍ତା ?

ଘର ? ହସି ଉଠିଲା ଅରୁଣ । ଘରେ ମୋର କିଏ ଅଛି ଯେ ତାକୁ ଦେଖି ଚିନ୍ତାର କଡ଼ ମୁକୁଳାଇ ବି ବସି ।

ଆଶ୍ଚର୍ଯ୍ୟରେ ସୀନା ପ୍ରଶ୍ନ କଲା, ମାନେ ? ଆପଣଙ୍କର ପୁଅ ଝିଅ···ସ୍ତ୍ରୀ କେହି ସାଙ୍ଗରେ ନାହାନ୍ତି ?

ମୁଁ ତ ମୋଟେ ବିବାହ କରିନି ।

ହସି ହସି ଅରୁଣ କହିଲା ।

ଦୁନିଆରେ କ'ଣ ଆପଣଙ୍କର କେହି ନାହାନ୍ତି ? ଘରବାଡ଼ି ଆପଣଙ୍କର କିଛି ନାହିଁ ? କେ···ଏ···ହି···ଇ··· ?

ଅରୁଣ ଉତ୍ତର ଦେଲା, ମୋ ଛଡ଼ା ମୋ ସଂସାରରେ କେହି ନାହାନ୍ତି । ଜମି ବାଡ଼ି ଘରଦ୍ୱାର ମୋର ସବୁ ଅଛି । କିନ୍ତୁ ସେସବୁ ଭୋଗ କରିବ କିଏ ? ମୁଁ ଯେମିତି ସ୍ୱାଧୀନ, ମୋର ଜମି ବାଡ଼ି, ଘରଦ୍ୱାର ସମସ୍ତେ ସେମିତି ସ୍ୱାଧୀନ ।

ଆପଣ ମୋତେ ଝିଅ କରି ନେଇ ନାହାନ୍ତି । ମୁଁ ସବୁ ବୁଝିଛନ୍ତି । କିଛି କିଛି ହସି ଉଠିଲା ସୀନା । ପୁଣି କହିଲା, କିନ୍ତୁ ଗୋଟିଏ ସର୍ତ୍ତରେ···? ଆପଣଙ୍କୁ ମୁଁ ଶାସନ କରିବି । ମୁଁ ଯାହା କରିବି ଆପଣ ମାନିବେ । ଏ ଖାମ-ଖିଆଲି ମିଡ ଚଳିବନି ମୋ ପାଖରେ ?

କେମିତି ଗୋଟାଏ ଅଜଣା ଆନନ୍ଦରେ ବୁଲୁଲ ଉଠୁ ଉଠୁ ଅରୁଣ କହିଲା, ତମେ ଝିଅ ହେଇ ନ ଯାଇ ମୋର ମାଆ ହେଇଯିବା ଉଚିତ । ନ ହେଲେ ମତେ ଶାସନ କରିବ କେମିତି ?

ଦୁହେଁ ହସି ଉଠିଲେ ଜୋରରେ ।

ଘଣ୍ଟା ବାଜି ଉଠିଲା ।

ମଧ୍ୟାନ୍ତର ଶେଷ ।

ସୀନା ହଠାତ୍ ଚଢ଼ି ଉଠିଲା ଭଙ୍ଗୀରେ କହି ଉଠିଲା, ଯାଃ ! ସବୁ ବୋର୍ କରିଦେଲା । ଆଚ୍ଛା, ଆପଣ ବସିବେ ତ ଅରୁଣ ବାବୁ ?

ଅରୁଣ କହିଲା, ହଁ, ମୁଁ ଅଛି । ତମେ ଯାଅ ।

ଏବେ ନିଶ୍ଚୟ । ଆଜି ମୋ ସାଙ୍ଗରେ ଟିଫିନ୍ ଖାଇବାକୁ ପଡ଼ିବ । ମାଆ ସାଙ୍ଗରେ ଆଳାପ ଜମାଇବାକୁ ହେବ । ଏବେ ନିଶ୍ଚୟ । ନିଶ୍ଚେ···

ହଉ, ଯା—

ଚାଲିଗଲା ଗୀନା । ତା'ର ଯିବା ବାଟକୁ ଚାହିଁ ହସି ଉଠିଲା ଅରୁଣ । ଆଃ, କି ସୁନ୍ଦର ଏ ପିଲାଟାର ବ୍ୟବହାର ! କେଡ଼େ ସରଳ ! ସେ କିନ୍ତୁ ନିଜ ପିଲାଦିନେ ଏମିତି ଥିଲା କି ନା ସନ୍ଦେହ ।

ନିଜେ ଖଟୁଚି, ନିଜକୁ ପୋଷୁଚି । ଆଉ ପୋଷୁଚି ତା'ର ମାଆକୁ । କିନ୍ତୁ ସେ···? ସେ କ'ଣ କଲା ? ଯିଏ ତାଙ୍କୁ ପାଠ ପଢ଼ାଇବାକୁ ସାହସ ଦେଇଥିଲା, ଘରର ହାନିଲାଭ ବାପ ମଲା ପରେ ବୁଝୁଥିଲା । ତା'ଠୁ ଛଳନା କରି ଦୂରେଇ ଆସି ଶେଷରେ ଜେଲ ଗଲା । ବଦନାମ୍ ହେଲା । ସାରା ଜୀବନକୁ ଜାଳି ପୋଡ଼ି ପାଉଁଶ କରିଦେଲା । ଇସ୍ ! ଅତୀତଟା କି ପଙ୍କିଳ ! ଅତୀତର ସେଇ ବୁଢ଼ୀ ଆଣୀ କାଳକୁଣା ଭାବନା···

ଜେଲ ଗଲା ଅରୁଣ । ସେ ଖୁନ୍ ନ କରିଛି ବୋଲି ପ୍ରମାଣ କିଛି ମିଳିଲାନି । ତା'ର ବସାରୁ ଶବ ବାହାରିଲା । ତା'ର ଲୁଗା ରକ୍ତାକ୍ତ ହୋଇଥିଲା । ଆଉ କି ପ୍ରମାଣ ଦରକାର । ମଣିଷ ମାରି ସେ ପୁଣି ଲୁଚି ଲୁଚି ଧାଇଁ ପଳାଉଥିଲା । ଧରା ପଡ଼ିଲା ।

ଶେଷରେ ଜେଲ ଭୋଗିଲା ।

ବିଚାର ଚାଲିଥିଲା ।

କୋର୍ଟକୁ ଟଣା ହୋଇଗଲା ଅରୁଣ । ଶହ ଶହ ଜନତା ଆଗରେ ବିଚାର ଚାଲିଲା । ସେ ଖୁନୀ ଆସାମୀ । ଦର୍ଶକମାନଙ୍କର ଭିଡ଼ ବେଶୀ । କାଠ ଅଡ଼ା ଭିତରେ ଠିଆ ହୋଇ ଅରୁଣ ଜାଣିବାକୁ ଚାହିଁ ନ ଥିଲା ଏଇ ଦର୍ଶକମାନଙ୍କ ଭିତରେ ତା'ର ପରିଚିତ କିଏ ଅଛି କି ନା । କିଏ ତାଙ୍କୁ ସାହାଯ୍ୟ କରିବ, ତାହା ବି ସେ ସନ୍ଧାନୀ ନ ଥିଲା । ସେ କେବଳ ଜାଣିବାକୁ ଚାହୁଁଥିଲା, ଆଉ କି ଦଣ୍ଡ ତା'ପାଇଁ ବ୍ୟବସ୍ଥା ହୋଇପାରେ ।

ପ୍ରଥମ ଦିନର ବିଚାରାଳୟ ।

॥ ୧୧୬ ॥

ଆସାମୀ ଅଡ଼ାରେ ଠିଆ ହୋଇଚି ଅରୁଣ । ଅବିଚଳିତ ମନ । କେବଳ ମୁହଁରେ ଘୋଡ଼ାଏ ଗମ୍ଭୀରତା ବସା ବାନ୍ଧିଚି । ଦର୍ଶକ ମେଳରେ ବନ୍ଧୁ ପାଟିଗୁଣ୍ଡ ଚାଲିଛି । ଏଥର ବିଚାର ଆରମ୍ଭ ହେବ ।

ବିଚାର ଆରମ୍ଭ ହେଲା ।

କଳା ଧଳା ପୋଷାକଧାରୀ ବୁଦ୍ଧିଜୀବୀ ଜଣେ ବାହାରି ଆସିଲେ ଆଗକୁ । ତାଙ୍କ ପୋଷାକ ତାଙ୍କର କାମର ପରିଚୟ ସତେ ଯେମିତି ବାଢ଼ୁଥିଲା । କଳା ଆଉ ଧଳା । ସେ ଧଳାକୁ କଳା କରି ପାରନ୍ତି । କଳାକୁ ମଧ୍ୟ ଧଳା ପ୍ରମାଣ କରି ଦେଇ ପାରନ୍ତି । କଥାର ବ୍ୟବସାୟୀ ସେମାନେ । ଯୁକ୍ତି ବାଢ଼ି ସେମାନେ ପଇସା ନିଅନ୍ତି ।

ସତ୍ୟ ପାଠ କରାଇବାକୁ ଆଗେଇ ଆସିଲେ ସେ । କୁହ, ମୁଁ ଧର୍ମକୁ ସାକ୍ଷୀ ରଖି କହୁଚି, ବିଚାରାଳୟରେ ଯାହା କହିବି, ସତ କହିବି । କୁହ...'

ହଠାତ୍ ଗମ୍ଭୀରତା ଭାଙ୍ଗି ଅରୁଣ କହିଲା, ମୋର ମୋଟେ କହିବାର କିଛି ନାହିଁ । ତେଣୁ ସତ ମିଛର ପ୍ରଶ୍ନ ମୋଟେ ଉଠୁନି ।

ତା'ହେଲେ ତମେ ମହାବୀର ନାମକ ବ୍ୟକ୍ତିକୁ ଛୁରୀ ଭୁଷି ହତ୍ୟା କରିଛ ?

ମହାବୀର ?

ଚମକି ପଡ଼ିଲା ଅରୁଣ ! ତେବେ କ'ଣ ମୃତ ବ୍ୟକ୍ତିଟି ବୀଣାର...

ଓକିଲ ଜଣକ ହଠାତ୍ ଭୂଲିପଡ଼ି ଆରମ୍ଭ କଲେ, ମିଃ ଲର୍ଡ ! ଆସାମୀ ସତ୍ୟପାଠ କରିବାକୁ ମନା କରିବା ସଙ୍ଗେ ସଙ୍ଗେ ସ୍ୱାଭିମତ ଅଭିନୟ ଖେଳିବା ଆରମ୍ଭ କଲଣି । ସେ ଯେମିତି କହିବାକୁ ଚାହେଁ ଯେ, ସେ ମହାବୀରକୁ ଜାଣେ, କିନ୍ତୁ ସେ ତାକୁ ହତ୍ୟା କରିନି ।

ଅରୁଣ କହି ଉଠିଲା, ଆପଣଙ୍କ ଭାବନା ଅମୂଳକ । ମୁଁ ମହାବୀରକୁ ବ୍ୟକ୍ତିଗତ ଭାବେ ନ ଜାଣିଲେ ବି ତା' ନାଁ ସହିତ ମୁଁ ପରିଚିତ । ଏଇ ହତ୍ୟାକାଣ୍ଡ ସହିତ ମୁଁ ସଂପୃକ୍ତ କିନା, ତା'ର ଥରେ ମାତ୍ର ସୂଚନା ଦେଇଛି ।

ଓକିଲ ଜଣକ ଯୁକ୍ତି ଆରମ୍ଭ କଲେ, ତା' ଅର୍ଥ ତମେ ଯେ କୌଣସି ଉପାୟରେ ହେଉ ମହାବୀରକୁ ଚିହ୍ନ ଏବଂ ଏ ହତ୍ୟାକାଣ୍ଡ ବିଷୟରେ କିଛି ଜାଣିଛ—

ଅରୁଣ ଗମ୍ଭୀର କଣ୍ଠରେ କହିଲା, ମୁଁ ଏ ବିଷୟରେ କିଛି କହିବାକୁ ଚାହେଁନା । ଆପଣଙ୍କର ଯାହା ଇଚ୍ଛା ହେଉଛି ତାହା କରି ପାରନ୍ତି ।

ଯୁକ୍ତି ଆରମ୍ଭ କରି ଓକିଲ କହିଲେ, ମି: ଲର୍ଡ ! ଆସାମୀ ମୃତ ବ୍ୟକ୍ତିକୁ ଜାଣେ; ଅଥଚ ସେ ବିଷୟରେ କିଛି କହିବାକୁ ଚାହେଁନା । ଇଏ ଅଦାଲତକୁ ଫାଙ୍କିବାର ଏକ ଅଦ୍ଭୁତ ଉପାୟ ।

ବିଚାରପତି ଆଗେଇବାକୁ ଆଦେଶ ଦେଲେ । ଓକିଲ ପୁଣି ଜେରା ଆରମ୍ଭ କଲେ । ମାତ୍ର ଆସାମୀ ନୀରବ । ଟିକିଏ ଚଢ଼ି ଉଠି ଓକିଲ କହି ଉଠିଲା, ତମେ ଚୁପ୍ ରହିଲେ ବିଚାରାଳୟ ଚୁପ୍ ରହିବନି କେବେ ।

ଏଥର ଅରୁଣ କହିଲା, ମୁଁ ମୋ ମତ ଦେଇ ସାରିଛି । ମୋର ଯାହା କହିବାର କଥା କହିସାରିଛି । ବିଚାରାଳୟ ମତେ ଅପେକ୍ଷା କରିବାକୁ ବି ମୁଁ କହୁନି । ମୋର ବିଚାର ଯେତେ ଶୀଘ୍ର ହେଇଯିବା ଭଲ ।

ଆସାମୀ ପକ୍ଷର ଓକିଲପାଇଁ ଖୋଜା ପଡ଼ିଲା । ଅରୁଣର ସେଇ ନିର୍ଦ୍ଦିଷ୍ଟ ଉତ୍ତର, ମୋ ଓକିଲ ମୁଁ ନିଜେ ।

ବିଚାରପତି ଆକସ୍ମିକ ଭାବେ ବିଚାର ଅନୀଦିନକୁ ସ୍ଥଗିତ ରଖି ଉଠିଲେ । ଅରୁଣକୁ ପୁଣି ନିଆଗଲା ଜେଲଖାନାର ଅନ୍ଧାର ମୁଲକକୁ । ଜେଲ ଭ୍ୟାନ୍ ଆଗରୁ ଅପେକ୍ଷାରତ । ପୋଲିସ ଜମୁଆଳ ଭିତରେ ସେ ଚାଲିଛି ଗାଡ଼ି ପାଖକୁ । ହଠାତ୍ କାହାର ଡାକରେ ସେ ଚମକି ପଡ଼ିଲା ।

ଅରୁଣ ବାବୁ !

ଚମକି ପଡ଼ିଲା ଭଙ୍ଗୀରେ ଅରୁଣ ଚାହିଁଲା ପଛକୁ । ବାସ୍ତବିକ ସେ ଏଥର ଚମକି ପଡ଼ିଲା । ଆଶ୍ଚର୍ଯ୍ୟମିଶା କଣ୍ଠରେ କହିଲା, ଅଜନ୍ତା ! ତମେ...

ହଁ, ମୁଁ ।

ତମେ ଏଠି କାହିଁକି ?

ବିଚାର ଶୁଣିବାକୁ ଆସିଥିଲି !

ଗୋଟାଏ ରୁକ୍ଷ ହସ ହସି ଅରୁଣ କହିଲା, ଶୁଣିଲ ତ ?

ଅଜନ୍ତା ଏଥର ବିସ୍ମିତ ହୋଇ ପ୍ରଶ୍ନ କଲା, କିନ୍ତୁ ଏ କ'ଣ ହେଲା ଆପଣଙ୍କର ? ଆପଣ କ'ଣ ସତେରେ ହତ୍ୟା କରିଛନ୍ତି ?

ସତ ମିଛ ବୁଝିବାକୁ ଭଗବାନ ଅଛନ୍ତି ଅଜନ୍ତା, ସେ ବୁଝିବେ । ହେଲେ ମୋର ଏ ମଣିଷଙ୍କ ବିଚାର ପ୍ରତି ଆସ୍ଥା ନାହିଁ । ମୁଁ ମାରିଛି, କି ନ ମାରିଛି କେହି ତା'ର ସାକ୍ଷୀ ନାହାନ୍ତି । ଏକମାତ୍ର ଜଣେ ସାକ୍ଷୀ, ସେଇ ଭଗବାନ, ଯିଏ ବନଗିରି କରୁଛି । ଆଉ ଯିଏ ମୋ'ପାଇଁ ସେ ବନର ସେଇ ବିଭୀଷିକା-ମୟୀ ରାତ୍ରିକୁ ନେଇ ଆସିଥିଲା ।

ଅଜନ୍ତା ଦୁଃଖରେ ବିବ୍ରତ ଥିଲା ଭଳି ସ୍ୱରରେ କହିଲା, ସେଇଥିପାଇଁ ବୋଧହୁଏ ଆପଣ କୋର୍ଟରେ କିଛି କହିଲେ ନ ।

ଅରୁଣ ସେମିତି ନିର୍ଗଣରେ ହସି ହସି କହିଲା, କାହିଁକି ନ ହଅନ୍ତି ?

ହଠାତ୍ ପୋଲିସ ଦଳ ବିରକ୍ତ ହୋଇ ଉଠିଲେ । ପଶୁକୁ ହାଣକୁ ନେଲାଭଳି ଭିଡ଼ିବାରୁ ଅରୁଣ ଆଉ ଗୋଟାଏ ମିନଟ୍ ଅପେକ୍ଷା କରିବାକୁ ଅନୁରୋଧ କଲା । ସେ ପୁଣି ଅଜନ୍ତାକୁ ପ୍ରଶ୍ନ କଲା, ଆଉ ତମ ବିଷୟରେ କିଛି କହିଲ ନି ତ ?

ମୁଁ ? ···ମୁଁ ବେଏଶ୍ ଭଲ ଅଛି ।

ଅରୁଣ ଉପଲବ୍ଧି କଲା, ସତେ ଯେମିତି ଏଇକଥା ଭିତରେ ଅନେକ ଦରଦ ଉଙ୍କି ମାରୁଚି । ଏଇକଥା ପଦକରେ ଯେମିତି ଅସଂଖ୍ୟ ହତାଶର ଝଡ଼ ପ୍ରବାହିତ ହେଉଛି । ହଠାତ୍ ଅଜନ୍ତାର ସୀମନ୍ତରେ ସିନ୍ଦୂର ଟୋପା ଦେଖି ସେ ପ୍ରଶ୍ନ କଲା, ଓ, ଏ୍ୟା ଭିତରେ ତା'ହେଲେ ବିବାହ ସରି ଯାଇଛି ।

ଅଜନ୍ତା ଦୀର୍ଘଶ୍ୱାସ ଗ୍ରୁଡ଼ି କହିଲା, ହଁ ··· ।

ଏଇ ସମୟରେ ବିରକ୍ତ ହୋଇ ପୋଲିସ ଦଳ ତାକୁ ଭ୍ୟାନ୍ ଭିତରକୁ ଟାଣିନେଲେ । ଅଜନ୍ତା ପଛରୁ ଅପଲକ ନୟନରେ ଚାହିଁ ରହିଥିଲା । ଭ୍ୟାନ୍‌ରେ ବସି ସାରିଲା ପରେ ଅରୁଣ କହିଲା, ତମେ ଯାଅ ଅଜନ୍ତା, ମୁ ଯାଉଚି ।

ଗାଡ଼ି ଗ୍ରୁଲିଗଲା ।

ଗୁଡ଼ାଏ ଧୂଆଁ ର କୁହେଳି ସୃଜି ଗାଡ଼ି ତା' ଆଗରୁ ଅନ୍ତର୍ହିତ ହୋଇ-ଗଲା । ଦୂରେଇଗଲା ଅରୁଣ । ଠିଆ ହେଇ ଏକ ଲୟରେ ସେଇଆଡ଼କୁ ଗ୍ରହିଁଥିଲା ଅଜନ୍ତା ।

|| ୧୧୯ ||

କେବଳ ଏତକ ନୁହେଁ, ଏଥରେ ମଧ୍ୟ ଅରୁଣ ଖେଳୁଥିଲା ନିଜ ନିଦାରୁଣୀ ଅତୀତର କଥା । ତେବେ ସେ ମୃତବ୍ୟକ୍ତି ହେଉଛି ମନ୍ଦିର ! ମନ୍ଦିରକୁ କିଏ ହତ୍ୟା କଲା ? କାହିଁକି ? ବୀଣା କୁଆଡ଼େ ଗଲା ? ଶେଷରେ ସେ ଧରାପଡ଼ିଲା । ହତ୍ୟା ଅପରାଧରେ ଦଣ୍ଡିତ ହେଲା ।

ଆଃ ! କେତେ ସୁନ୍ଦର ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖୁଥିଲା ସେ । ବିବାହ କରିବନି । ବାହ୍ୟିକ ବନ୍ଧନ ଭୁଲି ସେ କଳାର ସେବା କରିବ । ଜୀବନରେ ନିଜକୁ ପରୀକ୍ଷା କରି ଦେଖିବ ଯେ କଳାକୁ ବୃତ୍ତି କରି ଜଣେ ଲୋକ ବଞ୍ଚି ପାରିବ କି ନା । କିନ୍ତୁ ଏ କ'ଣ ହେଲା ? ତା' ଜୀବନର ଗତି ହଠାତ୍ ଏମିତି ପରିବର୍ତ୍ତିତ ହେଲା କେମିତି ?

ମନ୍ଦିରକୁ ହତ୍ୟା କରାଗଲା ତା'ରି ବସାରେ । ଆଉ ବୀଣା ? ବୀଣାକୁ ସମ୍ଭବତଃ ଜୋର ଜବରଦସ୍ତି କରି ନେଇଯାଇ ନିଆଯାଇଛି । ଦୁନିଆରେ ଦୁର୍ବୃତ୍ତଙ୍କ ସଂଖ୍ୟା କିଛି କମ୍ ନୁହେଁ । ପ୍ରତି ମଣିଷ ଗୋଟିଏ ଗୋଟିଏ ଦୁର୍ବୃତ୍ତ । ମାତ୍ର ଅନେକଙ୍କର ଏଇ କୁବୃତ୍ତି ତାଙ୍କ ମାନବିକତାର ଖୋଳପାକୁ ଭେଦି ଉପରକୁ ଉଠି ପାରେନା । ତେଣୁ ସମାଜ ତାଙ୍କୁ କହେ ଭଦ୍ରମାନବ । ସେମାନେ ସାମାଜିକ ଜୀବ । କିନ୍ତୁ ଯେଉଁମାନଙ୍କର କୁପ୍ରବୃତ୍ତି ଉପରେ ତାଙ୍କ ମାନବିକତାର ହାତ ନାହିଁ, ସେମାନେ ହେଲେ ଦୁର୍ବୃତ୍ତ, ଅସାମାଜିକ ପ୍ରାଣୀ ।

ଏଇ ଧରଣର ଅସାମାଜିକ ପ୍ରାଣୀ ଏ ସମାଜରେ ଅଭାବ ନାହାନ୍ତି । ସେମାନେ ସୁବିଧା ସୁଯୋଗ ଖୋଜି ପ୍ରଳୟ କରି ବସନ୍ତି । ମନ୍ଦିରକୁ ହତ୍ୟା କରି ଯେଉଁ ଝଡ଼ ସୃଷ୍ଟି କରିଦେଲେ ତା' ଦ୍ୱାରା ଅରୁଣର ଜୀବନର ଗତିଧାରା ବଦଳିଗଲା । ଭାଙ୍ଗିଗଲା ତା'ର ସମସ୍ତ କଳ୍ପନାର ରାଶି ରାଶି ସ୍ୱପ୍ନ ।

ବୀଣାକୁ ନେଇଗଲେ । ଆଃ, ବିଚାରୀ ତା' ଜୀବନରେ ଟିକିଏ ସୁଖ ପାଇ ପାରିଲା ନାହିଁ । ଯେଉଁମାନଙ୍କ ଡରରେ ସେ ଆତ୍ମହତ୍ୟା କରିବାକୁ ଆଗେଇ ଆସିଥିଲା, ପୁଣି ସେଇମାନଙ୍କ ହାତରେ ପଡ଼ିଲା । ତାକୁ ବଞ୍ଚେଇ ରଖି ବଡ଼ ଭୁଲ୍ କଲା ସେ । ତା ଜୀବନରେ ସେଇ ପରମ ପରିଣତିକୁ ସେ ପରିବର୍ତ୍ତିନ କରିଦେଲା । ପୁଣି ତାକୁ ଟାଣି ଆଣିଲା ଏଇ ପାପ-ପଙ୍କିଳ ପୃଥିବୀକୁ ।

କେବଳ ସେତିକି ନୁହେଁ, ତାକୁ ନିଃସହାୟ ଭାବେ ଛାଡ଼ି ଯାଇ ସେ କ'ଣ ଭୁଲ କରିନି । ଏକୁଟିଆ ରହିବାରୁ ସିନା ଏତେ କାଣ୍ଡ ଘଟିଲା । ହଠାତ୍ ଅରୁଣର ଚିନ୍ତାରାଶିକୁ ଭେଦ କରି ଗୋଟାଏ ବିରାଟ 'କିନ୍ତୁ' ଉପରକୁ ମୁଣ୍ଡ ଟେକିଲା ।

କିନ୍ତୁ ମନ୍ଦିରା କେମିତି ଜାଣିଲା ବୀଣା ଏଠି ଅଛି ବୋଲି ?

ଆଚ୍ଛା, ମନ୍ଦିରା ତ ସେଇମାନଙ୍କ ଦଳର । ତେବେ ତାକୁ ହତ୍ୟା କରାଗଲା କାହିଁକି ? କିଏ ତା' ଛାତିରେ ଛୁରୀ ଭୁଷିଲା ? ମନ୍ଦିରାକୁ ମାରି ବୀଣାକୁ ନେଇଯିବାର ଅଭିଳାଷ ଯଦି ସେମାନଙ୍କର ଥିଲା, ତେବେ ସେଇଠି ଛାଡ଼ି ଦେଲେନି କାହିଁକି ?

ନା, ଶେଷରେ ତାକୁ ଗୋଟାଏ କଳଙ୍କ-କାଳିମାରେ ଜଡ଼ିତ କରିବା ଥିଲା ଭଗବାନଙ୍କର ଲକ୍ଷ୍ୟ । ସେ ଉଦ୍ଦେଶ୍ୟ ତାଙ୍କର ସାଧିତ ହୋଇଛି । ସୁଦୂର ଗାଆଁ ମାଟିରୁ ତାକୁ କଲିକତାକୁ ଆକର୍ଷିତ କରିବା ମୂଳରେ ରହିଛି ସେଇ ଗୋଟିଏ ଲକ୍ଷ୍ୟ । ସେ ପୁଣି ଅନ୍ୟ କେଉଁଦିନ ନ ଆସି, ଆସିଲା ଠିକ୍ ଏଇଦିନ ।

ଆସିଲା ସେଇ ହତ୍ୟାକାଣ୍ଡ ଘଟିଥିବା ଦିନ । ପୁଣି ଅସମ୍ଭବ ଭାବେ ରକ୍ତରଞ୍ଜିତ ହେଲା । ଶେଷରେ ନିଜର ବୁଦ୍ଧିବୃତ୍ତି ଭୁଲି ସେ ଧାଇଁଲା ନିଜକୁ ରକ୍ଷା କରିବାକୁ । ମାତ୍ର ପରିଣତି ତ ତାକୁ ଅପେକ୍ଷା କରିଥିଲା । ତା'ର ଆଶା ଶେଷରେ ପୂରଣ ହେଲା ।

ଅରୁଣ କଇଦୀ ହେଲା ।

ଜେଲଖାନାର ଅନ୍ଧାରୁଆ ଘର ଭିତରେ କେତେବେଳେ ରାତି ଯାଇ ଦିନ ଅସେ, ସେ ଜାଣି ପାରେନା । ଦିନରେ ଶୋଇ ରାତିରେ ଉଠି ଭାବେ ।

ସମସ୍ତର ମାପକାଠିକୁ ସେ ଯେମିତି ଏକ ବନ୍ଦୀ ହେଲାବେଳେ କୋଉଠି ହଜେଇ ଦେଇଛି । ଦିନେ ଦିନେ ମହମବତୀଟି ଜାଳି ସେ ଛବି ଆଙ୍କି ବସେ । ବନ୍ଦୀ ନେହେରୁ, ନେତାଜୀ, ଗାନ୍ଧୀ । ଅନେକ ଛବି ସେ ଆଙ୍କିଚି ଏଇ ଜେଲଖାନାରେ ।

ଦରୁଆନଙ୍କୁ ଦଶ ପନ୍ଦର ପଇସା ପାନଖିଆ ଦେଇ ମହମବତୀ, ସିଗାରେଟ ମଗାଏ । ନିଜର ତୁଳୀ ଆଉ କାଳିକୁ ସେ ପାଖେଇ ଆଣିଥିଲା । ସାଙ୍ଗରେ କାଗଜ ଆଉ ଆବଶ୍ୟକୀୟ କେତେକ ଛବି ସରଞ୍ଜାମ ଧରି ସେ ଆସିଥିଲା ଏଠିକି ।

ବନ୍ଦୀଶାଳାରେ ଶିଳ୍ପୀ ମନୋନିବେଶ କରି ଛବି ଆଙ୍କିବାରେ ଲାଗିଚି । ସେ ସବୁରେ ମୁଖ୍ୟ ହେଉଛି ବିପ୍ଳବୀଙ୍କ ଛବି କେତେଟା । ସତେ ଯେମିତି ବନ୍ଦୀ ପ୍ରାଣର ଏଇ ବିପ୍ଳବ ମୂର୍ତ୍ତି ରୂପ ନେଇଛି ନିର୍ଜୀବ କାଗଜ ପୃଷ୍ଠାରେ । ଅନେକ ସମୟରେ ଅରୁଣ ନିଜ ଛବି ଆଡ଼କୁ ଚାହିଁରହେ । ଏକ ଲୟରେ ଚାହିଁ ରହି ହସି ଉଠେ ଜୋରରେ । ଯେତେବେଳେ ସେ ସେଥିରୁ ବିରତ ହୁଏ, ସେ ଜାଣି ପାରେନା, କାହିଁକି ହସିଥିଲା ।

ଏଇ ଜେଲଖାନାର ଦୀର୍ଘ ଅନୁଭୂତି ଭିତରେ ଅରୁଣ ମନେ କରି ନେଇଛି, ସବୁ ତିଥିଗୁଡ଼ାକ ଅମାବାସ୍ୟା । ଆଉ ସବୁଦିନ ଗୁଡ଼ାକ ମେଘାଚ୍ଛନ୍ନ ଆକାଶର ଛାୟା ମାତ୍ର । ତା' ପାଇଁ ଶ୍ରାବଣୀ ଆକାଶ କାନ୍ଦେନା, ଆଶ୍ୱିନର ଶାରଦୀୟ ଶଶୀ ହସେନା, କି ପଉଷର ଶୀତୁଆ ରଜନୀ ଲୋତକ ଢାଳେନା । ସବୁ କେବଳ ସାବଧି ଅମାବାସ୍ୟାର ମେଘ ଅନ୍ଧାର ପଟୁଆର ।

ତା' ଜୀବନ ସହିତ ବାହାର ପ୍ରକୃତି ଠିକ୍ ତାଳ ଦେଇଛି ବୋଲି ଅରୁଣ ଭାବେ । ନିଜ ଭାଗ୍ୟ ରୂପୀ ମହମବତୀଟି କେବଳ ତା' ଅନ୍ଧାରୀ ଜୀବନର ସାଥୀ । ଅରୁଣ ଯେମିତି ଜୀବନରେ ଆଉ କିଛି ଚାହେଁନା । ସେ ଚାହେ କେବଳ ବିନ୍ଦୁଏ ଆଲୋକ, ଆଉ ମେଞ୍ଚେ କାଗଜ ଏବଂ ତା'ର ଚିର ସାଥୀ ତୁଳୀ ଓ କାଳିକୁ । ସାରା ଜୀବନ ଏମିତି ବନ୍ଦୀଶାଳାରେ ରହିଲେ ବି ତା'ର ଆପତ୍ତି ନାହିଁ ।

॥ ୨୨ ॥

ଆପତ୍ତି କାହିଁକି କରିବ ? କିଏ ଅଛି ତା'ର ଏ ଦୁନିଆରେ ଯିଏ କି ତା'ପାଇଁ ଲୁହ ଢ଼ାଳିବ । କିଏ ତା'ର ଅନୁପସ୍ଥିତି ଉପଲବ୍ଧି କରି ଦୁଃଖି ହେବ । କେହି ନାହିଁ । ସେ ଏ ଦୁନିଆକୁ ଏକା ହୋଇ ଆସିଚି । ନିଃସଙ୍ଗ ହୋଇ କଳାର ସାଧନା କରିବ ବୋଲି ସେ ଶପଥ କରିଥିଲା । ଭଗବାନ ତା'କଥା ଶୁଣିଛନ୍ତି । ସବୁ ଜଞ୍ଜାଳରୁ ବଞ୍ଚିତ କରି ତାକୁ ତା' ଲକ୍ଷ୍ୟ ସାଧନ ପାଇଁ ଛୁଟି ଦେଇଛନ୍ତି । ସେ କାହିଁକି ତା' କର୍ତ୍ତବ୍ୟ ଭୁଲିବ ?

ଏଇ କାରାଗାର ତା'ର ସାଧନାପୀଠ ପାଲଟିଛି । ସେ ଜଣେ ନୀରବ ସାଧକ । ନୀରବରେ ବସି ସାଧନା କରିବ । ଛବି ଆଙ୍କିବ । ଏଠି ବୀଣା କି ଅଜନ୍ତାର ପ୍ରତିବନ୍ଧକ ନାହିଁ । ସେ ବନ୍ଦୀଶାଳାରେ ବି ମୁକ୍ତ । ହଁ, ସେ ଏକବାରେ ମୁକ୍ତ । ସବୁ ବନ୍ଧନରୁ ମୁକ୍ତ ।

ଚିଠି ଲେଖିବ । ସମସ୍ତଙ୍କ ପାଖକୁ ଚିଠି ଲେଖିବ । ଶିଳ୍ପୀ ଅରୁଣ ଛବି ଆଙ୍କିବ । ତା' ସାଧନା ଅପରିପକ୍ୱ ନୁହେଁ । ବସି ଭାବିଗଲା ଅରୁଣ । କାହା ପାଖକୁ ଚିଠି ଲେଖିବ ? ଅଜନ୍ତା ପାଖକୁ ଲେଖିବ ? ଲେଖିଲେ ଭଲ ହୁଅନ୍ତା । ହୁଏତ ସେ ଅନେକ ଅର୍ଡର ସଂଗ୍ରହ କରିପାରନ୍ତା ।

ନା, ସେ ଅଜନ୍ତାର ସାହାଯ୍ୟ ନେବନି । ଅଜନ୍ତାଠୁଁ ସାହାଯ୍ୟ ନେବନି ବୋଲିତ ସେ ଏତେ ବଡ଼ ବିପଦକୁ ବରଣ କରିନେଲା । ଅଜନ୍ତାକୁ ଯଦି ସେ ସ୍ୱୀକାର କରି ନେଇଥାନ୍ତା, ତେବେ ଶାନ୍ତି ନିକେତନ ଛାଡ଼ିଥାନ୍ତା କାହିଁକି ? କାହିଁକି ବୀଣାକୁ ବଞ୍ଚାଇଥାନ୍ତା ? ବୀଣା ଆତ୍ମହତ୍ୟା କରିଥିଲେ ତ ସେ ମନ୍ଦରର ହତ୍ୟା କେଶରେ ଆସାମୀ ହୋଇ ନଥାନ୍ତା ।

ନା, ସେ ଅଜନ୍ତାକୁ ଜଣାଇବନି ।

ତେବେ ?

ଗୋଟି ଗୋଟି ଭାବିଗଲା ଅରୁଣ । କାହାକୁ ଜଣାଇବ ? ହଠାତ୍ ତା'ର ମନେ ପଡ଼ିଲା ନାସ୍ତିକ କବି ମିତା ଦାସ କଥା । ବହୁତ ଦିନ ତଳେ ସେ ଥରେ ତା'ଠାରୁ ଛବି ଆଙ୍କିବାକୁ ଅନୁରୋଧ ପାଇଥିଲା । ମାତ୍ର ନିଜର ଅକ୍ଷମତା ଜଣାଇ ସେ ମନା କରିଥିଲା । ଆଜି କିନ୍ତୁ ଲେଖିବ ସେ ଛବି କରିବାକୁ ପ୍ରସ୍ତୁତ । ଏଥର ତମର ଯଦି କିଛି ବହି ପ୍ରକାଶ ପାଇବାକୁ ଥାଏ ତେବେ ମତେ ଜଣେଇବ । ବାସ୍ !

ପ୍ରଥମ ଚଠିଟି ଶେଷ କରି ପୁଣି ବସି ଭାବିଲା, ଆଉ କାହାକୁ ଜଣାଇବ ।···କାହାକୁ···? ନା, ଆଉ କାହାକୁ ଜଣାଇବା ଆବଶ୍ୟକ ନାହିଁ । ସେ ଦୁଇ ଉନଂଶା ମାସିକ ସାହିତ୍ୟ ପତ୍ରିକାର ପ୍ରଚ୍ଛଦପଟ ପାଇଁ ଛବି ପଠାଇବ ।

ପେନ୍‌ସିଲ୍ ଧରିଲା ଅରୁଣ ।-ସ୍କେଚ୍ ଆରମ୍ଭ କଲା । ବୋଧହୁଏ ଶିଳ୍ପୀର ଛବି ରୂପ ଦେବା ଏଇ ଏକ ଚରମ ଆଗ୍ରହର ମୁହୂର୍ତ୍ତ । ଆଙ୍କି ଚାଲିଛ ସେ ।

ଗୋଟିଏ ଖାଡା ନାରୀର ପୂର୍ଣ୍ଣ ଅବୟବ । ଆଖିରେ ଅଶ୍ରୁର ଉଦ୍‌ବେଳନ । ଝରକାରୁ ନଅନ୍ ଆଲୋକ ଦୂରରୁ ଆସି ପଡ଼ୁଛି ତା'ର ମୁହଁରେ । ଘରର ଦ୍ୱାରଦେଶରେ କବାଟକୁ ଆଉଜି ଠିଆ ହୋଇଛି ସେ । ବାହାରକୁ ଚାହିଁଛି । ଗୋଟିଏ ହାତ କଂପିତ ଅଧରର ଉପକଣ୍ଠରେ ଜଡ଼ିତ । ଅନ୍ୟଟି ମୋଡ଼ି ହୋଇ ଧରିଛି କବାଟର ପ୍ରାନ୍ତ ଦେଶକୁ । ମୁହଁରେ ଅସୁମାର ବ୍ୟଥାର କାହାଣୀ । ପାଦତଳେ ଅନ୍ଧାରୁଆ ପୃଥିବୀ । ଘର ଭିତରର ଆଉ କୌଣସି ଜିନଷ ଦିଶୁନି ସେଇ ଅନ୍ଧାର୍‌ରେ ।

ଛବିଟିକୁ ଆଙ୍କି ସାରି ଥରେ ନିରେଖି ଚାହିଁଲା ଅରୁଣ । ହଠାତ୍ ଚମକି ପଡ଼ିଲା ସ୍ୱରରେ ସେ ଆପଣା ଛାଏଁ କହି ଉଠିଲା, କିଏ ? କିଏ ଇଏ ?...ବୀଣା ?···ନା-ନା, ସେ ବୀଣାର ଛବି ଆଙ୍କି ଭୁଲ୍ କରିଛି । ଭୁଲ୍ କରିଛି ପୁଣି ସେ ଜୀର୍ଣ୍ଣ ଅତୀତକୁ ସ୍ମୃତି ପୃଷ୍ଠାକୁ ଆଣି ।

ଇଏ ବୀଣାର ଛବି । ଏମିତି ବୀଣା ଠିଆ ହୋଇ ସେ ଦିନ ସନ୍ଧ୍ୟାରେ ତା'ର ଅଶ୍ରୁଳ କାହାଣୀ ଶୁଣେଇଥିଲା । ବାହାରେ ନଅନ୍ ଆଲୋକ ବଉଳ ଗଛର ଶିରି ପ୍ରଶିରି ଭେଦ କରି ଆସି ପଡ଼ୁଥିଲା ତା'ରି ମୁହଁ ଉପରେ । ଆଉ ଅନତି ଦୂରରେ ବସି ଶୁଣୁଥିଲା ସେ ତା'ରି କଥା ।

ନା-ନା, ସେ ବୀଣାକୁ ସ୍ମୃତି ପୃଷ୍ଠାରେ ରଖିବନି । ନା-ନା···

କହୁ କହୁ ଉତ୍ୟକ୍ତ ହୋଇ ସେ ଛବିଟିକୁ ଚିରି ଦେଉଥିଲା । ମୋଡ଼ି ମକଚି ଧରିବାବେଳେ, ବାହାରୁ କିଏ ପାଟି କରି ଉଠିଲା, ଅରୁଣବାବୁ !

ଚମକି ପଡ଼ିଲା ଅରୁଣ । କିଏ, କିଏ ତାକୁ ଡାକିଲା ? ବାହାରକୁ ଚାହିଁ ଦେଖେତ ଆଗରେ ଠିଆ ହୋଇଛି ଅଜନ୍ତା ।

ଅଜନ୍ତା ପୁଣି କହି ଉଠିଲା, ଆପଣ ଏ କ'ଣ କରୁଛନ୍ତି । କେତେ କଷ୍ଟରେ ଛବିଟିକୁ ଆଙ୍କି ଶେଷରେ ଚିର ଦେଉଛନ୍ତି । ନିଜେ ସ୍ରଷ୍ଟା ହୋଇ ସୃଷ୍ଟିକୁ ଧ୍ୱଂସ କରିବାରେ ସତ ବଳୁଚି ?

ଅରୁଣ ପ୍ରତିବାଦ କଣ୍ଠରେ କହିଲା, ନା-ନା, ତମେ କିଛି ଜାଣନା ଅଜନ୍ତା । ଏ ଛବିଟା ଆଙ୍କି ସାରିଲା ପରେ ମୋର ଯେମିତି ମନେ ହେଉଛି, ଏଇ ଛବିର ରୂପଟା ଗୋଟାଏ ରାକ୍ଷସୀ ମୂର୍ତ୍ତି ଧରି ମୋତେ ଗ୍ରାସ କରିବାକୁ ଧାଇଁଚି । ତେଣୁ...

ଅରୁଣ ବାବୁ ! ମୁଁ ଦିନେ ଆପଣଙ୍କୁ କହିଥିଲି ନା, ଆପଣ ବାସ୍ତବିକ୍ ଖୁବ୍ ଦୁର୍ବଳ । ଛବିଟା କେବେ କ'ଣ ବାସ୍ତବ ରୂପ ନେଇପାରେ । ତା'ର ଜୀବନ ଆସିବ କୁଆଡ଼ୁ ? ସେଇଟା ଆପଣଙ୍କ ମନର ବିକାର । ଗୋଟାଏ ଅସ୍ପଷ୍ଟ ଭୟ ଆପଣଙ୍କ ସ୍ନାୟୁମନକୁ କାବୁ କରି ସାରିଲାଣି ।

ଅରୁଣ ଅଣ୍ଟା ପଡ଼ିଯାଇଥିଲା ଅଜନ୍ତାର କଥାରେ । ସେ ଛବିଟାକୁ ଖୋଲି ଅଜନ୍ତା ଆଗରେ ଥୋଇଦେଲା । ଭୟ ମିଶ୍ରିତ ଧୀର କଣ୍ଠରେ ସେ କହିଲା, ଅଜନ୍ତା ! ତମେ କି ଭୟ କରନ୍ତ ଏ ମୂର୍ତ୍ତିକି ? ଯଦି ତମେ ମୋ ପରିସ୍ଥିତିରେ ଥାନ୍ତ ।

ଅଜନ୍ତା ଛବିଟି ଦେଖିସାରି ହଠାତ୍ କହି ଉଠିଲା, କାହିଁକି ଆପଣ ଏ ନିର୍ଜୀବ ଛବିକୁ ଏତେ ଭୟ କରୁଛନ୍ତି ? ବିଶେଷତଃ ଇଏ ଗୋଟାଏ ନାରୀର ଛବି । ନାରୀକୁ ଭୟ କରିବା ତ ପୁରୁଷ ପକ୍ଷେ ଉଚିତ ନୁହେଁ । ଯେତେହେଲେ ନାରୀ ଦୁର୍ବଳା ।

ଅଜନ୍ତାର କଥା ଉପରେ ଗୁପା ଦେଇ ଅରୁଣ କହି ଉଠିଲା, ନା-ନା ଅଜନ୍ତା ! ତମେ ଭୁଲ୍ ବୁଝୁଛ । ନାରୀକୁ ପୁରୁଷର ସଦାବେଳେ ଭୟ । ଯୁଗ ଯୁଗ ଧରି ପୁରୁଷ ନାରୀକୁ ଭୟ କରି ଆସିଛି । ବିଶେଷତଃ ଏଇ ଯେଉଁ ମୂର୍ତ୍ତିକୁ ତମେ ଛବିରେ ଦେଖୁଛ, ତାକୁ ଭୟ କରିବାର ମୋର ଯଥେଷ୍ଟ କାରଣ ଅଛି । ତା'ର ସକାଶେ ମୁଁ ମିଥ୍ୟା ହତ୍ୟା ଦୋଷରେ ଜଡ଼ିତ ହେଲି । ତା'ର ସକାଶେ ମୁଁ ମୋର ସାଧନା ପଥ ଛାଡ଼ିଲି ।

ଅଜନ୍ତା ସ୍ତମ୍ଭିତା ହୋଇ ପ୍ରଶ୍ନ କଲା, ମାନେ ?

ମାନେ ତମକୁ ଭୟ କରି ମୁଁ ଶାନ୍ତି ନିକେତନ ଛାଡ଼ିଥିଲି । ଆଉ ଦିନେ ଏଇ ବୀଣାକୁ ଭୟକରି ମୁଁ କଲିକତା ଛାଡ଼ି ଯାଇଥିଲି ତୁମକୁ ଖୋଜି । ସେଠୁ ନିରାଶ ହୋଇ ଫେରି ମୁଁ ଶେଷରେ······

ହଠାତ୍ ଅରୁଣର କଣ୍ଠସ୍ୱର ନରମି ଆସୁଥିଲା । ଅଜନ୍ତା ଆଶ୍ଚର୍ଯ୍ୟମିଶା କଣ୍ଠରେ ପଚାରିଲା, ବୀଣା କିଏ ?

ଅରୁଣ ନୀରବତା ଭାଙ୍ଗି କହିଲା, ଶୁଣିବ, ସେ ଇତିହାସ । ଶୁଣ ।

ସବୁ ଶୁଣି ସାରି ଦୀର୍ଘ ନିଶ୍ୱାସ ଛାଡ଼ିଲା ଅଜନ୍ତା । ଦୀର୍ଘ ମଉନତା ଭାଙ୍ଗି ସେ ପଚାରିଲା, ଆପଣ ବିଚାରାଳୟରେ ମିଛ କାହିଁକି କହିଲେ ଅରୁଣ ବାବୁ ? ଆପଣ କାହିଁକି ନିଜେ ନିଜେ ପୁଣି ଭୁଲ୍ କରି ବସିଲେ ।

ଅରୁଣ ଶୁଷ୍କ ହସ ହସି ଉତ୍ତର ଦେଲା, ମୁଁ ବିଚାର ଚାହେଁନା ଅଜନ୍ତା । ମୁଁ ଚାହେଁ ଏଇ ଅବିଚାର । ଏଇ ଅବିଚାରଟା ମୋ ପକ୍ଷେ ଆଶୀର୍ବାଦ । ମୁଁ ମନେ କରୁଛି, ଏଇ ଜେଲଖାନାରେ ମୁଁ ଖୁବ୍ ଆନନ୍ଦରେ ଅଛି । ମୋର ସ୍ୱାଧୀନତା, ମୁକ୍ତ ଜୀବନ ମୁଁ ଏଠି ବେଶୀ ପାଉଚି ।

ମିଛ ! ଆପଣ ନିଜ ପ୍ରତି ଚରମ ଅବିଚାର କରି ଏ କଥା କହୁଛନ୍ତି ।

ଅରୁଣ ହଠାତ୍ କଥାରେ ଖିଅ ବଦଳେଇ କହିଲା, ଛାଡ଼ ଅଜନ୍ତା, ସେ ସବୁ ମୋର ବ୍ୟକ୍ତିଗତ କଥା । ତମ କଥା ତ କିଛି କହିଲନି । ବିବାହ କରି ସ୍ୱାମୀ ସହ ସୁଖରେ ଅଛ ତ ?

ଅଜନ୍ତା କହି ଉଠିଲା, ସ୍ୱାମୀ ସହିତ ସୁଖରେ କି ଦୁଃଖରେ ଅଛି ଆପଣ ଅନୁଭବ କରି ପାରିବେନି । କାରଣ ଆପଣ ବିବାହ କରି ନାହାନ୍ତି ।

ତମେ ଏଠିକି କେମିତି ଆସିବାକୁ ମନ କଲ ?

କାହିଁକି ଆସିବାରେ କିଛି ବାରଣ ଥିଲା କି ?

॥ ୨୭ ॥

ଅରୁଣ ହସି ହସି କହିଲା, ନା ଯେ ! ତଥାପି ବିବାହର କେଇ ମାସ ପରେ ସ୍ୱାମୀର ବିନାନୁମତିରେ ଅନ୍ୟ ଜଣେ ପୁରୁଷକୁ ଭେଟିବା···

ଭେଟିବା କ'ଣ ଦୋଷାବହ ?

ଦୋଷାବହ ଯଦିଓ ନୁହେଁ, ତଥାପି ରୁଚିଶୀଳ ନୁହେଁ । କାରଣ ମୁଁ ତ ତମର ଜ୍ଞାତି ନୁହେଁ ।

ଅଜନ୍ତା କହିଲା, ମୁଁ ସ୍ୱାମୀ ହିସାବରେ ଯାହାଙ୍କୁ ପାଇଛି ସେ ଏତେ ଅବୋଧ ନୁହଁନ୍ତି । ବିଶେଷକରି ସେ ମୋତେ ଆପଣଙ୍କ ପାଖକୁ ପଠାଇଛନ୍ତି । ମୋ ମନକୁ ମୁଁ ତ ଆସିନି ।

ଆଶ୍ଚର୍ଯ୍ୟ ହୋଇ ଅରୁଣ ପ୍ରଶ୍ନ କଲା, ତମ ସ୍ୱାମୀ ପଠେଇଛନ୍ତି ??···

ହଁ ।

ଟିକିଏ ଅଟିଯାଇ ଅଜନ୍ତା ଆରମ୍ଭ କଲା, ମୋ ସ୍ୱାମୀ ହେଉଛନ୍ତି ଜଣେ ଆଡ଼ଭୋକେଟ୍ । ଯେଉଁଦିନ ଆପଣଙ୍କ ପ୍ରଥମ ବିଚାର ଥିଲା, ସେଦିନ ତାଙ୍କର ଗୋଟାଏ ମାମଲା ସେଇ କୋର୍ଟରେ ମଧ୍ୟ ଥିଲା । ମୁଁ ଆଗ୍ରହରେ ଦେଖିବାକୁ ଆସିଥିଲି । ତା'ପରେ ଆକସ୍ମିକ ଭାବେ ଆପଣଙ୍କ ସହିତ ମୋର ଦେଖା ହେଲା ।

ଆପଣଙ୍କଠାରୁ ବିଦାୟ ନେଇ ଫେରିଲାବେଳେ ସେ ମୋତେ ସବୁ କଥା ପଚାରିଲେ । ମୁଁ ଗୋଟି ଗୋଟି କରି ସବୁ କଥା କହିଦେଲି ।

କଥା ମଝିରେ ଅରୁଣ ହଠାତ୍ କହି ଉଠିଲା, ଏଥିରେ ତ ତୁମକୁ ଏଠାକୁ ପଠାଇବାରେ କୌଣସି କାରଣ ନାହିଁ ।

ଅଛି ।

ଅଛି ?

ଅଜନ୍ତା କହିଲା, ହଁ ଅଛି । ଆଡ଼ଭୋକେଟ୍ ବାନାର୍ଜି ଚାହାନ୍ତି ଏ କେସ୍‌କୁ ନିଜ ହାତକୁ ନେବାପାଇଁ ।

ତମେ ତା'ହେଲେ ଭୁଲ୍ କଲ ଅଜନ୍ତା । ତମର ସ୍ପଷ୍ଟ କହିଦେବା ଉଚିତ ଥିଲା ମୁଁ ଏ କେଶ୍‌ର ବିଚାର ଚାହେଁନା । ମୁଁ ମୋ ପାଖରୁ ଓକିଲ କାହାକୁ ନିଯୁକ୍ତ କରିବାକୁ ଇଚ୍ଛା କରେନା ।

ଅଜନ୍ତାର ଅନୁରୋଧମିଶା ସ୍ୱରର ଯୁକ୍ତି, ଆପଣ ଓକିଲ ନିଯୁକ୍ତ ନ କରି ପାରନ୍ତି । ଆପଣ ତାଙ୍କୁ ନିଜ ପକ୍ଷର ବୋଲି ସ୍ୱୀକାର କରନ୍ତୁ । ମୋର ଅନୁରୋଧ...

ଅଜନ୍ତା !

ଆପଣଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଅରୁଣ ବାବୁ । ଅନ୍ତତଃ ମୋ ପାଇଁ...। କୌଣସି କଥା ନ ଲୁଚାଇ ଆପଣ ସବୁ କଥା କହିବେ । ସତ କହିବେ ।

ନା-ନା ଅଜନ୍ତା ! ମୁଁ ମୋଟେ ମୁକ୍ତି ଚାହେଁନା । ଏଇ କାରାବାସ ମୋତେ ବେଶ୍ ଆରାମ ଆଣି ଦେଇଛି । ସମସ୍ତଙ୍କର ଖାଦ୍ୟ ସାଜିଛି ମୁଁ । କାଳି ତୁଳିରେ ମୁଁ ମୋ ନିଜତ୍ୱକୁ ରଙ୍ଗ ଦେଇ ଶେଷରେ ନିଃଶେଷ ହୋଇଯିବି । ମୋ ଦେହର ସମସ୍ତ ଖାଦ୍ୟ ଖାଇ ଏ ସମସ୍ତ କେବଳ ଜୀର୍ଣ୍ଣ କଙ୍କାଳଟାକୁ ଫିଙ୍ଗି ଦେବ । ଦେଉ, ମୁଁ କେବଳ ସେତିକ ଚାହେଁ । ମୁଁ ଆଉ କିଛି ଚାହେଁନା । ଏକ ପିଞ୍ଜରାବଦ୍ଧ ପଶୁଭଳି ଅବଶିଷ୍ଟ ଜୀବନଟାକୁ କଟେଇ ଦେବାକୁ ଚାହେଁ । ମୁଁ ବାହାର ଦୁନିଆର ଅହମିକା ପୁଳାଏ ଧରି ବଞ୍ଚିବାକୁ ଚାହେଁନା ।

ଅଜନ୍ତା କହି ଉଠିଲା, ନା-ନା ଅରୁଣବାବୁ ! ଆପଣଙ୍କୁ ବଞ୍ଚିବାକୁ ହେବ । ନିଜର କଳାପାଇଁ ବାହାର ଦୁନିଆରେ ଅହମିକା ଧରି ବୁଲିବାକୁ ପଡ଼ିବ । ଆପଣ ନିଜପାଇଁ ନ ବଞ୍ଚି ଅନ୍ୟପାଇଁ ବଞ୍ଚନ୍ତୁ । ଅନେକେ ଆପଣଙ୍କ ବଞ୍ଚିବାକୁ ଚାହାନ୍ତି ।

ଅଜନ୍ତା !

ଆଶ୍ଚର୍ଯ୍ୟ ହୋଇ ଅଜନ୍ତାର ମୁହଁକୁ ଚାହିଁଥିଲା ଅରୁଣ । ତଳକୁ ମୁହଁକରି ଏକ ନିଶ୍ୱାସରେ କହି ଯାଉଥିଲା ଅଜନ୍ତା । କି ଯୁକ୍ତି ଯୋଗାଇ ଆଉ ତାକୁ ନିବୃତ୍ତ କରିବ, କିଛି ଠିକ୍ କରି ପାରିଲାନି ସେ । କେବଳ ଅବାକ୍ ହୋଇ ଚାହିଁଥିଲା ତାକୁ ।

ମଉନତା ଭାଙ୍ଗି ମୁହଁ ଉପରକୁ ଟେକି ଅଜନ୍ତା କହିଲା, ଆପଣ ବିଶ୍ରାମ ନିଅନ୍ତୁ । ମୁଁ ଆଜି ଫେରିଯାଉଛି । ମୋର ବିଶ୍ୱାସ, ଆପଣ ନିଜକୁ ଅସ୍ୱୀକାର କରିବେନି । ଆଡ଼ଭୋକେଟ୍ ବାନାର୍ଜୀ ଆପଣଙ୍କ କେସ୍‌କୁ ଆଜିଠାରୁ ହାତକୁ ନେଲେ । ଆସୁଚି, ନମସ୍କାର...

॥ ୨୮ ॥

ଆଉ କିଛି ଉତ୍ତରକୁ ଅପେକ୍ଷା ନକରି ଚାଲିଗଲା ଅଜନ୍ତା । ନିର୍ବାକ ଚିତ୍ରପ୍ରତିମା ଭଳି ତା'ର ଫେରିଯିବା ବାଟକୁ ଚାହିଁ ରହିଥିଲା ଅରୁଣ । କ'ଣ କହିବ ? ହଁ, ସେ କହିଦେବ, ନା-ନା ଅଜନ୍ତା ! ମୁଁ ମୁକ୍ତି ଚାହେଁନା, ମୁଁ ଚାହେଁ ବନ୍ଧନ । ଏ ବନ୍ଧନରୁ ମୁକ୍ତ ହେଲେ ପୁଣି ମତେ କିଏ ବାନ୍ଧି ନେଇ-ପାରେ । ତମେ ମତେ ସବୁଠାରୁ ଉଦ୍ଧାର କରି ପାରିବନି ଅଜନ୍ତା । ତମେ ସେ ପଥରୁ ଓହରି ଆସ ।

ଅଜନ୍ତା !

ଅଜନ୍ତାର କାୟା ଅନେକ ଦୂରରେ ହୁଏତ କେଉଁ ଜନଗହଳି ରାସ୍ତାରେ ହଜିଯିବଣି । ତଥାପି ବିସ୍ମୟବିମୂଢ଼ ନେତ୍ରରେ ଚାହିଁ ରହିଥିଲା ଅରୁଣ । କାହିଁକି ଅଜନ୍ତାର ଏତେ ଆତୁରତା ?

ସେ ବିବାହ କରିଛି । ସ୍ୱାମୀ ପାଇଛି । ଆଡ୍‌ଭୋକେଟ୍ ସ୍ୱାମୀ । ସାମାନ୍ୟ ଜଣେ ସହପାଠୀ ପାଇଁ ତା'ର କାହିଁକି ଏତେ ଦରଦ ? କାହିଁକି ?

ନିଜ ମନ ପୁଣି ଯୁକ୍ତି ଆରମ୍ଭ କଲା ତା' ପାଖରେ । ନିଜକୁ ସେ କ'ଣ ଅଜନ୍ତାର ସାମାନ୍ୟ ସହପାଠୀ ବୋଲି କହି ପାରିବ ? ଅଜନ୍ତା ତା'ର ଜଣେ ସାଧାରଣ ସହଧ୍ୟାୟିନୀ କେବେ ହୋଇ ନ ପାରେ । ଅଜନ୍ତା ତା' କଳାର ଉପାସିକା । ସେ ତା' ଛବିକୁ ଭଲପାଏ । ତା' ଛବିର ସ୍କେଚ୍ ନିଜେ କଳ୍ପନା କରି କହିଛି । ମନର ବିରସତାରେ ସରସତା ଭରି ହାତରେ ତୁଳି ଧରାଇ ଦେଇଚି । ହସିଚି, ହସାଇଚି । ଆତ୍ମୀୟତାର ପ୍ରଲେପ ଦେଇ ସେ ଅନେକ ଉଚ୍ଚକୁ ତାକୁ ଉଠେଇ ନେଇଚି ।

ମାତ୍ର ଗୋଟାଏ ମୁହୂର୍ତ୍ତକୁ ଦ୍ୱାହି ଦେଇ ସେ ତାକୁ ଛାଡ଼ିଥିଲା । ତା'ଠୁ ଦୂରେଇ ଆସିଥିଲା । କିନ୍ତୁ ନିଜ ମନକୁ ତ ସେ ତା' ପାଖରୁ ଦୂରେଇ ଆଣି ପାରି ନଥିଲା । ତା'ଠୁ ଦୂରକୁ ଯାଇ ବରଂ ତାକୁ ବେଶୀ ମନେ ପକାଇଥିଲା ।

ଅଜନ୍ତାକୁ ସେ ଫାଙ୍କି ଦେଇଚି । କଳାର ଦ୍ୱାହି ଦେଇ ତା'ର ସବୁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଚି । ମାତ୍ର ପୁଣି ତ ଦିନେ ଶାନ୍ତି ନିକେତନ ଛୁଟି

ଯାଇଥିଲା ତାକୁ ଖୋଜି । ଅଜନ୍ତାର ଶେଷପର୍ବ ଏବେବି ତା' ଆଗରେ ଗୋଟାଏ ଦରଦୀ ପ୍ରାଣର ବେଦନା ବାନ୍ଧି ବସେ । ଅଜନ୍ତା ପ୍ରତି ସେ କରୁଛି କ'ଣ ? ବରଂ ଅରକ୍ଷୁ ଅର ତାକୁ ଆଘାତ ଦେଉଛି । ତା'ର ନାରୀସୁଲଭ କୋମଳ ପ୍ରାଣରେ ଜ୍ୱାଳାର କାରଖାନା ସୃଜିଚ । ତଥାପି···

ତଥାପି ଅଜନ୍ତା ତା'ଠୁ ଦୂରେଇ ଯାଇନି । ବରଂ ଏମିତିଆ ବେଳରେ ଧାଇଁ ଆସିଥିଲା ତା'ଠାରୁ ସତ କଥା ଆଦାୟ କରିବାକୁ । ତାକୁ ବଞ୍ଚି ରହି-ବାର ପ୍ରେରଣା ଦେବାକୁ । ତାକୁ ବଞ୍ଚିବାକୁ ପଡ଼ିବ । ଅଜନ୍ତା କହିଗଲା, ଅନେକେ ତା'ର ବଞ୍ଚି ରହିବାକୁ ଚାହାନ୍ତି ।

କିଏ ଚାହେଁ ?

ଅନେକେ ନୁହନ୍ତି, ସେ ଏକା । ସେଇ, ସେଇ ଏକାକୀ ଚାହେଁ ଅରୁଣ ବଞ୍ଚି ରହୁ । କଳାର ସାଧନା କରୁ । କିନ୍ତୁ କାହିଁକି ? କାହିଁକି ଅରୁଣ ପୁଣି ମୋହ ମମତାର ନିଶା ପିଇ ଦୁନିଆ ଦାଣ୍ଡରେ ନାଚିବ ? ଅଜନ୍ତା କ'ଣ ତା'ର ନାଚ ଦେଖି ଖୁସି ହେବ ? ସେ ତ ବିବାହିତା । ତା'ର ସ୍ୱାଧୀନତା ଆସିଲା କୁଆଡୁ ! ତେବେ କାହିଁକି ସେ 'ଅନେକେ' କଥା କହିଗଲା ?

ସେ 'ଅନେକେ' କିଏ ?

ବୀଣା ?···?···

ନା, ବୀଣା ନୁହେଁ । ବୀଣା କେବେ ତା'ର କଳାପାଇଁ ପରଶର ସୃଷ୍ଟି କରିନି । ବରଂ ତା' କଳାକୁ ମାରି ଦେଇଛି । ବିବାହ ପୂର୍ବର ବୀଣା, ଆଉ ତା'ପର ବୀଣା ଭିତରେ ରହିଛି ଆକାଶ ପାତାଳ ତଫାତ୍ । କୁମାରୀ ବୀଣା ତା' ଛବିର ମଡ଼େଲ ହେଉଚି । ତା' ଛବିକୁ ତାରିଫ୍ କରିଚି । ତା'ଠାରୁ ଦୂରେଇ ଆସିଲେ ଆଖିରୁ ଲୁହ ଝାରିଚି । ମାତ୍ର ବିବାହିତା ବୀଣା ଚାହିଁଚି ଆତ୍ମସଂରକ୍ଷଣ । ସେ ଇଚ୍ଛା କରିଚି ନିଜର ଭବିଷ୍ୟତକୁ । ସେ ତା' କଳାକୁ ଚାହିଁନି । ବରଂ ନିମନ୍ତ୍ରଣ କରି ଦେଇ ଯାଇଛି କାଳିମାକୁ ।

ସେ ଦୂରେଇ ଯାଇଛି ଅରୁଣଠୁଁ । କୁଆଡ଼େ ଯାଇଛି ସେ ଜାଣେନା । ଏଇ ହତ୍ୟାକାଣ୍ଡ ଯେମିତି ବୀଣା ଆଉ ଅରୁଣ ଭିତରେ ଗୋଟାଏ କୁହେଲି ସୃଷ୍ଟି କରି ଦେଇଛି ।

ତେବେ କିଏ ବୃହେ ଅରୁଣର ବଞ୍ଚି ରହିବାଟାକୁ ।

ବୀଣା ନା ଅଜନ୍ତା ।

ଜଣେ ତା'ଠାରୁ ଦୂରେଇ ଯାଇଛି । ଅନ୍ୟ ଜଣକଠାରୁ ସେ କିନ୍ତୁ ଦୂରେଇ ଯାଇଥିଲା । ଅରୁଣ ଯେତେ ଦୂରେଇଗଲେ ବି ସେ ଜଣକ ତା' ପାଖକୁ ସେତେ ନିକଟେଇ ଆସିଚି । କାହାପାଇଁ ସେ ବଞ୍ଚିବାର ଆସନଟା ମାଡ଼ି ବସିବ ! ଏଇ ଦୁହିଁଙ୍କ ପାଇଁ ? ନା, ଆଉ କାହାପାଇଁ ?

ନା, ସେ ବଞ୍ଚିବ । ଏ ଦୁହିଁଙ୍କ ପାଇଁ ବଞ୍ଚି ନ ପାରେ । ତା' କଳାପାଇଁ ସେ ବଞ୍ଚିବ । କଳାପାଇଁ ସେ କାଳିମାକୁ ଭୁଲିଯିବ ।

କଳା ଆଉ କାଳିମା ।

କଳା ତା' ପାଖରେ । ତା' ତୂଳୀ କଲମରେ । କାଳିମାକୁ ସେ କୋଟରେ ହାଜର କରାଇଲା । କଳା ଧଳା ମିଶି କାଳିମାକୁ ଖଣ୍ଡନ କରିବାକୁ ଲଢ଼େଇ କଲେ । ଆଡ଼ଭୋକେଟ୍ ବାନାର୍ଜୀ ଅରୁଣ ପକ୍ଷରୁ ଲଢ଼ିଲେ ।

କଳାକୁ ଏକାନ୍ତ ନିଜର କରି ରଖିଲା ଅରୁଣ । ଗଭୀର ରାତିରେ, ତନ୍ଦ୍ରାର ଚରମ ମୁହୂର୍ତ୍ତରେ ସେ ଆଙ୍କି ଚାଲିଲା ଅନେକ ଛବି । ବିଭିନ୍ନ ପତ୍ରପତ୍ରିକାରେ ଅନେକ ପ୍ରକାଶିତ ହେଲା । ମିତା ଦାସଠାରୁ ସେ ପାଇଥିଲା ବହିର ପ୍ରଚ୍ଛଦପଟ୍ଟ ଅର୍ଡର । ଖୁବ୍ ଶୀଘ୍ର ସେ କାମ ସାରି ପଠାଇ ଦେଇଚି । ଅନେକ ଆଉ ଏଇ ସନ୍ଧାନରେ ଚିଠିପତ୍ର ଆସିଲା ।

ଜେଲର ବାବୁ ମିଃ ସେନ୍ ଅରୁଣର ପ୍ରତିଭା-ଆଲୋକର ସନ୍ଧାନ ପାଇ ସାରିଥିଲେ । ଖୁନୀ ଆସାମୀ ଭଳି ସେ ରହୁଥିଲେ ମଧ୍ୟ, ବ୍ୟବହାର ସେଭଳି କରାଯାଉ ନଥିଲା । ବିଶେଷତଃ ମିଃ ସେନ୍ଙ୍କର ଗୋଟାଏ ଶ୍ରଦ୍ଧାଭାବ ଥିଲା ଅରୁଣ ଉପରେ । ତେଣୁ ତା'ର ଚିଠି ପତ୍ରରେ କୌଣସି ଆଟକ ନଥିଲା ।

ଛବିଗୁଡ଼ିକ କ୍ରମେ ଜନସାଧାରଣରେ ପ୍ରଶଂସମୁଖର ହୋଇ ଉଠିଲା । ପତ୍ରପତ୍ରିକାରେ ଉଚ୍ଚକୋଟୀର ଅନୁକୂଳ ମତାମତ ପ୍ରକାଶ ପାଇଲା । ମାତ୍ର ଶିଳ୍ପୀର ସେ ଆଡ଼କୁ ଲକ୍ଷ୍ୟ ନାହିଁ । ନିନ୍ଦା ପ୍ରଶଂସାକୁ ସେ ତା'ର କଳାର ପାଥେୟ କରି ନଥିଲା । ତା'ର ସାଧନା ପଥରେ ସେ ଅବିରତ ଆଗେଇ ଚାଲିଥିଲା । ଛବିଗୁଡ଼ିକ ଛଦ୍ମନାମରେ ପ୍ରକାଶିତ ହେଉଥିଲା । ନିଜର ନାଆଁ ପାଇଁ ସେ ବ୍ୟାକୁଳ ନୁହେଁ । ବ୍ୟାକୁଳ ତା'ର କଳାପାଇଁ ।

ଜେଲର ବାବୁ ଥରେ ଥରେ ଆସି ତା' କୋଠରୀ ସାମ୍ନାରେ ଠିଆ ହୁଅନ୍ତି । କିଛି କହିବାକୁ ମନେକରି ସେ ଆସନ୍ତି । ତା'ର ବ୍ୟକ୍ତିଗତ ବିଷୟରେ ଜାଣିବାକୁ ସେ ଆଗ୍ରହୀ ହୋଇ କିଛି ପଚାରିବାକୁ ଆସନ୍ତି; କିନ୍ତୁ କେବେ ପଚାରି ପାରନ୍ତିନି ।

ଜେଲର ଭାବରେ ସେ ସାତ ବର୍ଷ କଟାଇଲେଣି । ମାତ୍ର କେବେ ତାଙ୍କର କୌଣସି କଏଦୀ ପ୍ରତି ଏତେ ଆନ୍ତରିକତା ଆସି ନଥିଲା । ସେ କାହାରି ବ୍ୟକ୍ତିଗତ ବିଷୟ ପ୍ରତି କେବେ ଆଗ୍ରହୀ ହୋଇ ନଥିଲେ । ନିଷ୍ଠୁରତାକୁ ସମ୍ବଳ କରି ସେ ସଦାବେଳେ ତାଙ୍କ କର୍ମମୟ ଜୀବନ ବିତାଇ ଦେଇ ଆସିଛନ୍ତି ।

ମାତ୍ର ସେ ହଠାତ୍ ଏଇଠି ସୃଷ୍ଟି କରିଛନ୍ତି ବ୍ୟତିକ୍ରମ । ଅରୁଣପାଇଁ ସେ କୌଣସି କଠୋର କାନୁନ୍ କାଢ଼ି ନାହାନ୍ତି । ମାତ୍ର କେଇଟା ସପ୍ତାହ ପରେ ସେ ଆପେ ତା' କଳାକୃତିରେ ମୁଗ୍‌ଧ ହୋଇ ପଡ଼ିଛନ୍ତି । ଅନେକ ସମୟରେ ଆସି ତା' କୋଠରୀର ଝରକା ପାଖରେ ଠିଆ ହୋଇ ଶିଳ୍ପୀର ଏକନିଷ୍ଠତାକୁ ଲକ୍ଷ୍ୟ କରିଛନ୍ତି । କେତେ କଥା ପଚାରିବାକୁ ଚାହିଁ ପଚାରି ପାରନ୍ତିନି ।

ଶିଳ୍ପୀ କେବେ ମୁହଁ ଉଠାଇ ଚାହିଁ ଦିଏତ, ବାସ୍ ସେଇ ଯଥେଷ୍ଟ । ଆଉ କିଛି ପଚାରେନା । କିମ୍ବା ନିଜର ଅସୁବିଧା ସୁବିଧା ବାଢ଼ି ବସେନା । ପୁଣି ତଳକୁ ମୁହଁ କରି ନିଜ କାମରେ ବ୍ୟସ୍ତ ରହେ । ନୀରବତାକୁ ନିଜର କରି ସେ ତୂଳୀ ଚଳାଏ ।

॥ ୧୩ ॥

ସେଦିନ ଅନେକ ବେଳଯାଏ ବାହାରେ ଠିଆ ହୋଇ ଅରୁଣର ଛବି ଆଙ୍କିବାକୁ ଲକ୍ଷ୍ୟ କଲେ ମିଃ ସେନ୍। ଅରୁଣ ଛବି ଆଙ୍କି ଚାଲିଥାଏ। ଏକ ଦୃଷ୍ଟିରେ ଚାହିଁଥାନ୍ତି ମିଷ୍ଟର ସେନ୍। କେତେକ ସମୟ ପରେ ଅରୁଣ ମୁଣ୍ଡ ଟେକି ଚାହିଁଲା ବାହାରକୁ। ଛବିଟି ତା'ର ସଂପୂର୍ଣ୍ଣ ହୋଇ ଯାଇଥିଲା।

ଛବିଟି ଗୋଟିଏ ଅବଗୁଣ୍ଠନାବତୀ ନାରୀର। ହାତରେ ଦୀପାଳୀ। ଦୀପ ଆଲୋକରେ ନାରୀର ମୁହଁଟି ସ୍ପଷ୍ଟ ଦିଶୁଛି। ଦିଶୁଛି ତା' ମଥାର ଅସଂଯତ ଅଳକ କେଇଟି, କପାଳ ଉପରକୁ ନଇଁ ଆସିଛି। ଆଖି ଦୁଇଟିରେ କାହାକୁ ନିରେଖିବାର ତେରଛ ଚାହାଣି। ଅଧରରେ ଅବିକଶିତ ହସର ମୁଦ୍ରା। ମାତ୍ର ସେ ହସ ବିକଶିତ ହେବାର ଉତ୍କଣ୍ଠା ଧରି ରହିଛି। କାହାକୁ ଚାହିଁଛି, କିଏ ତା' ନେତ୍ରପଟରେ ନାଚୁଛି, ଛବିରେ ନାହିଁ। ତଳ ଅନ୍ଧାର। ଊର୍ଦ୍ଧ୍ୱକଟି ଅବୟବର ଏକ ନିଖୁଣ ଛବି।

ଚିତ୍ରଟିରେ ସେଇ ଯୁଗାନ୍ତକାରୀ ଚାହାଣି। ଏ ଚାହାଣି କେତେ ଯେ ଅକୁହା କାହାଣୀ କହୁଛି ମିଷ୍ଟର ସେନ୍ ତାହା କଳନା କରି ପାରିଲେନି। ଅରୁଣ ମିଷ୍ଟର ସେନ୍‌ଙ୍କୁ ଚାହିଁଦେଲା ମାତ୍ରେ ସେ କହି ଉଠିଲେ, ଛବିଟି ସଂପୂର୍ଣ୍ଣ ବୋଧେ ?

ହଁ, ତଥାପି ଶାଢ଼ୀର ଧାରରେ କେଇଟି ରଙ୍ଗ ତୁଳୀ ରେଖା ଚାଲିବ। ଛବିଟି ଏକରକମ ସମାପ୍ତ। କାହିଁକି, ଆପଣଙ୍କୁ କ'ଣ ଛବି ଭଲ ଲାଗେ ଜେଲର ବାବୁ ?

ମିଷ୍ଟର ସେନ୍ କହିଲେ, ପ୍ରତି ମଣିଷର ରୁଚିବୋଧ ଅଛି ଅରୁଣବାବୁ। କଳା ମାତ୍ରେଇ ଆକର୍ଷଣ ଧର୍ମୀ ଏକ ଚୁମ୍ବକ ପଥର। ସାହିତ୍ୟିକର ସାହିତ୍ୟ, ଚିତ୍ରକରର ଚିତ୍ର, ଯେ କୌଣସି ପ୍ରାଣକୁ ଅଳ୍ପେ ବହୁତେ ଆକର୍ଷଣ କରିବ। ମାତ୍ର ଜୀବନ୍ତ ଚିତ୍ରର ଶିଳ୍ପୀ ସମସ୍ତଙ୍କୁ ଟାଣି ପାରିବ।

ଅରୁଣ କହିଲା, ସମ୍ଭବତଃ ତାହାହିଁ କାଳି ଆଉ ତୁଳୀର ମୁଖ୍ୟଧର୍ମ।

ହଠାତ୍ ମିଷ୍ଟର ସେନ୍ ପ୍ରଶ୍ନ କଲେ, ତମର ଏଇ ଛବିଟି କାହାର ଅର୍ଡ଼ର ନା, ବିକ୍ରିପାଇଁ ?

ଟିକଏ ଦୃଢ଼ ସ୍ୱରରେ ଅରୁଣ କହି ଉଠିଲା, ସବୁ ଛବିପାଇଁ ଅର୍ଡ଼ର ଦିଆ ହୋଇ ନଥାଏ, ଆଉ ସବୁ ଛବି ମଧ୍ୟ ବିକ୍ରି ପାଇଁ ନଥାଏ।

ମାନେ ?

ମାନେ ଏ ଛବିଟି ଅର୍ଡ଼ର ନୁହେଁ କି ବିକ୍ରି ପାଇଁ ନୁହେଁ।

ଇଏ ତମର ଗୋଟାଏ ଖିଆଲ। ସବୁକଥା ସବୁଦିନେ କେହି ପାଖରେ ରଖି ପାରନ୍ତିନି। ତମେ କ'ଣ ଭାବୁଛ ଏ ଛବିଟିକୁ ନିଜ ପାଖରେ ରଖି ପାରିବ ?

ଅରୁଣ କହିଲା, ରଖି ନ ପାରେ। ତଥାପି ଯେତେଦିନ ପାଖରେ ରହିବ, ସେତେଦିନର ତ ଗୌରବ ଅଛି। ମନଟରେ ଆନନ୍ଦ ବି ରହିବ। ଯେଉଁଦିନ ଯିବ, ଯିବ। ଯାହା ଯିବାର ଥିବ ତାକୁ କେହି ଅଟକାଇ ପାରିବେନି।

ଠିକ୍ ଅଛି। ଆଚ୍ଛା, ତମେ ମୋ'ପାଇଁ ଗୋଟାଏ ଛବି ଆଙ୍କି ଦେଇ ପାରିବ ? ଅବଶ୍ୟ ଅର୍ଡ଼ର ନେଇ।

ଚେଷ୍ଟା କରିବି।

ଚେଷ୍ଟା କରିବ ମାନେ ?

ଅରୁଣ କହିଲା, ସବୁ ଛବି ଆଙ୍କିବାକୁ ଶିଳ୍ପୀ ବାଧ୍ୟ ନୁହେଁ। ତା'ର ତ ପୁଣି ଅଭିରୁଚି ଅଛି। ଯାହାକୁ ସେ ନିଜର ଆତ୍ମା ସହିତ ଏକାଭୂତ କରି ରୂପ ଦେଇ ପାରିବ, ସେଇଭଳି ଅର୍ଡ଼ର ନେବ।

ମିଷ୍ଟର ସେନ୍ ହସି ଉଠିଲେ ଅରୁଣ କଥାରେ। ସେ ହସୁ ହସୁ କହିଲେ, ଆଚ୍ଛା ହଉ, ଚେଷ୍ଟା କର।

ମିଷ୍ଟର ସେନ୍ ଫେରିଗଲେ। ଅରୁଣ ବାହାରକୁ ଚାହିଁଥିଲା। ଜୁଆଁଖିଆ ଚାନ୍ଦିନୀ ସହିତ ଅନ୍ଧାର ବାହାରେ ଖେଳୁଥିଲା। ଅଦୃଶ୍ୟ ଆକାଶରୁ ଝରୁଥିଲା ତରଳ ରୂପା ରଙ୍ଗର ମମତା। ସେ ମମତା ମାଟି ଆଉ ଅନ୍ଧାରକୁ ଆପଣାର କରିବାକୁ ଚାହୁଁଥିଲା। ମାଟି ଧରା ପଡ଼ୁଚି; ମାତ୍ର ଅନ୍ଧାର ଯୋଜନ ଯୋଜନ ଦୂରକୁ ପଳାଇ ଯାଉଛି।

ଅରୁଣ ଦେଖିଥିଲା, ଆଉ ମନେ କରୁଥିଲା, ଏଇ ଅନ୍ଧାର ଯେମିତି ତା'ର ଏକଜିଦିଆ ମନର ରୂପାନ୍ତର । ଏଇ ରୁପେଲି ଚନ୍ଦ୍ରକିରଣ ସାରା ଦୁନିଆ ଵାକର ମାୟା ମମତା! । ନା, ସେ କାହାରି ମାୟା ମମତାକୁ ସ୍ୱୀକାର କରିବନି । କାହାରି ଦୟା ଉପରେ ସେ ଆଉ ନିର୍ଭର କରିବନି ।

ସେ ଦୟା ଉପରେ ଆଉ ନିର୍ଭର କରିନି । ମାତ୍ର ତା'ର ପରିସ୍ଥିତି ନିର୍ଭର କଲା । ଆଡ୍‌ଭୋକେଟ୍ ବାନାର୍ଜି ତାକୁ ସାହାଯ୍ୟ କଲେ । ଅଜନ୍ତା ତାକୁ ବାଧ୍ୟ କଲା । ସେ କାହାରି ସାହାଯ୍ୟ ଚାହେଁନା । ଅଥଚ ସେ ସାହାଯ୍ୟ ପାଇଲା । ସେ କାହାରିକୁ ତା' ଜୀବନରେ ଘଟି ଯାଇଥିବା ପ୍ରକୃତ କଥା ଜଣାଇବାକୁ ଚାହୁଁ ନ ଥିଲା । ମାତ୍ର ତା' କଥା ସବୁ ଯିଏ ଜାଣିବା କଥା ଜାଣିଲେ ।

ବିଚାର ଚାଲିଲା । ଅକ୍ଲାନ୍ତ ପରିଶ୍ରମ କଲେ ଆଡ୍‌ଭୋକେଟ୍ ବାନାର୍ଜି । ଘାଣ୍ଟି ଘାଣ୍ଟି ଲାଗି ସେ ଆଇନର ଦଫା ଖୋଜିଲେ । ବିଚାରାଳୟରେ ଯୁକ୍ତି ବାଢ଼ିଲେ । ମାସ ମାସ ଧରି ଚାଲିଲା ବିଚାର । ବର୍ଷ ବର୍ଷ ବି ବିତିଲା । ତଥାପି ଆଡ୍‌ଭୋକେଟ୍ ବାନାର୍ଜି ଅକାଟ୍ୟ ।

ଅନେକ ସମଧର୍ମୀ ବୁଦ୍ଧିଜୀବୀ ଆଡ୍‌ଭୋକେଟ୍ ବାନାର୍ଜିଙ୍କୁ ପ୍ରଶଂସା କଲେ । ଅନେକେ ମୋଟା ଧରଣର ପାରିଶ୍ରମିକ ମିଳିଥିବାର କଳ୍ପନା କଲେ । ମାତ୍ର ବାନାର୍ଜି ସମସ୍ତଙ୍କୁ ହସି ହସି ଶୁଣାଉଥିଲେ, ନା, ମୁଁ ଗୋଟିଏ ପଇସା ଏ କେସ୍‌ରେ ନେବିନି ବୋଲି ପଣ କରିଛି ।

କିଏ କହିଲା, ମିଛ କଥା ।

ଆଉ କିଏ କହିଲା, ନା, ଇଏ ଲୋକ-ଦେଖାଣିଆ କଥା । ଆରେ ବିନା ପଇସାରେ ତୋ ସ୍ୱରରେ ଉତ୍ତେଜନା ଆସିବ କୁଆଡୁ ? ବିନା ପଇସାର ଡାକ୍ତର, ବିନା ଦକ୍ଷିଣାର ବ୍ରାହ୍ମଣ, ଆଉ ବିନା ଟଙ୍କାର ଓକିଲଙ୍କ ସ୍ୱର

କେବେ ଦୁଢ଼ ନୁହେଁ । ବିନା ପଇସାରେ ଡାକ୍ତର କିଛି ନ ଜାଣିଲା ଭଲ ପରାମର୍ଶ ଦେବେ, ଭଗବାନଙ୍କ ଉପରେ ପଇସା ରଖ । ଦକ୍ଷିଣା ନ ପାଇଥିବା ବ୍ରାହ୍ମଣ କଣ୍ଠର ମନ୍ତ୍ର ଅନ୍ତଃସଳିଳା ନଦୀ ଭଳି ବହିଯିବ । ଆଉ ବୁଦ୍ଧିଜୀବୀଙ୍କ କଥା ଛାଡ଼ । ଆମେ ତ ସବୁ ଅଙ୍ଗେ ନଭୋଗୁଚୁ । ବିନା ପଇସା କଥା ଛାଡ଼, କମ୍ ପଇସା ପଡ଼ିଥିଲେ ସ୍ୱର ଧିମେଇଯାଏ ।

ଆଡ଼ଭୋକେଟ୍ ବାନାର୍ଜୀ ଯୁକ୍ତି କରି କହିଲେ, ତମେ ସବୁ ମୋ'କଥା ବିଶ୍ୱାସ କରନ୍ତୁ ନିନା; କିନ୍ତୁ ମୁଁ ଯାହା କହୁଚି ସତ । ହୁଏତ କୋର୍ଟରେ ମିଛ କହୁଥାଇ ପାରେ । ଆରେ କୋର୍ଟରେ ମିଛ ନ କହିଲେ ଚଳିବ ? ଆମମାନଙ୍କର ଧର୍ମ ହେଉଛି ବିଚାରାଳୟରେ ନିଜ ବାପକୁ ମଧ୍ୟ ଫାଙ୍କି ଦେବା । ଦରକାର ପଡ଼ିଲେ ଯୁକ୍ତି ବାଢ଼ି କହିବୁ, ଇଏ ମୋର ବାପ ନୁହଁ । କିନ୍ତୁ ମୁଁ ଏଠି ମିଛ କହିବାରେ କି ଲାଭ ଅଛି । ତମେ ଜାଣନା, ସେ ମୋ ସ୍ତ୍ରୀଙ୍କର ବନ୍ଧୁ । ତେଣୁ ମୋତେ ଏତେ ବଡ଼ ତ୍ୟାଗ କରିବାକୁ ପଡ଼ୁଚି । ତମେସବୁ ଦେଖିଥିବ, ଇଏ କେଶ୍ ଯେଉଁଦିନ ପଡ଼ୁଚି ଅଜନ୍ତା ସେଦିନ ବିଚାରାଳୟରେ ଉପସ୍ଥିତ ରହୁଛି ।

ଜଣେ ତାଙ୍କ ଭିତରୁ କହି ଉଠିଲେ, କିଏ ଜାଣେ ଏ କଥାର ଅସଲ ରହସ୍ୟ ! କେବଳ ଭଗବାନଙ୍କୁ ଜଣାଥିବ ।

ସମସ୍ତେ ହସି ଉଠିଲେ ।

ବାର ରୁମରୁ ବାହାରକୁ ଆସିଲା ବେଳେ ଆଡ଼ଭୋକେଟ୍ ବାନାର୍ଜୀ ହଠାତ୍ ଦେଖିଲେ ବାହାରେ ଅଜନ୍ତା ଆଉ ଅରୁଣ ଆଳାପରେ ବ୍ୟସ୍ତ । ଇତ୍ୟବସରରେ ସେ ତାଙ୍କର ଜଣେ ସହକର୍ମୀ ବନ୍ଧୁଙ୍କୁ ଡାକି ଦେଖାଇ ଦେଲେ । କହିଲେ, ମିଛ ବୁଝୁଥିଲ ପରା । ଦେଖ୍, ସେ ଦୁହେଁ ଗପ କରୁଛନ୍ତି ଠିଆ ହୋଇ ।

ଅଜନ୍ତା ଆଉ ଅରୁଣ ଗପ କରୁଥିଲେ ।

ଅଜନ୍ତା କହିଲା, ଆଉ ଗୋଟାଏ ଦୁଇଟା ତାରିଖରେ କେଶ୍ ଛାଡ଼ିଯିବ । ମୋର ବିଶ୍ୱାସ ଆଉ କୌଣସି ପ୍ରତିବନ୍ଧକ ଆପଣଙ୍କୁ କଇଦୀ କରି ଅଟକାଇ ପାରିବନି ।

ଅରୁଣ କ୍ଷୀଣ ହସ ହସି କହିଲା, କିଏ ଜାଣେ କୋଉ ମୁହୂର୍ତ୍ତରେ ପୁଣି କ'ଣ ହୋଇଯିବ ।

ନା, ଯାହା ହେବାର ଥିଲା ହୋଇ ଯାଇଛି । ଯେତେବେଳେ ଆପଣଙ୍କ ସୁନାମ ଆପଣଙ୍କୁ ଅନୁସନ୍ଧାନ କଲାଣି, ସେତେବେଳେ ଆଉ ବିପଦ ଆସିବାକୁ ସୂଚନା ନାହିଁ ।

ଅରୁଣ କହିଲା, ଏ ସୁନାମକୁ ମୁଁ ଗ୍ରହଣ କରି ନ ଥିଲି ଅଜନ୍ତା; ବରଂ ଗ୍ରହଣ ତମେ । 'ସନ୍ଧ୍ୟାଲୋକର ତଳେ' ଛବିଟିକୁ ମୁଁ ତୁମକୁ ଉପହାର ଦେଇଥିଲି । କାରଣ ତମେ ଛବିକୁ ଭଲ ପାଅ । ମୋ ଛବିକୁ ଅନେକ ଦିନୁ ପ୍ରଶଂସା କରି ଆସିଛ । ତା'ପରେ ମୋର କଳାକାର ଜୀବନ ବସ୍ତୁ ରହୁ, ଏଥିପାଇଁ ତମେ ସଚେଷ୍ଟ । ତମର ଲାଗି ଯେଉଁ ଛବିଟି ଆଙ୍କି ମୁଁ ଉପହାର ଦେଲି, ତମେ ତାକୁ ପ୍ରଦର୍ଶନୀକୁ ପଠାଇ ଦେଲ । ସବୁ ହେଲା ପୁଣି ମୋ ଅଜାଣତରେ । ଛବିଟା ପ୍ରଥମ ବିବେଚିତ ହୋଇ ପୁରସ୍କୃତ ହେଲା । ସେ ବିଷୟ ମୁଁ ଆଉ ମୁଣ୍ଡ ଖେଳେଇନ । ଯେଉଁଦିନୁ ଛବିଟିକୁ ତୁମକୁ ଦେଇଛି, ସେଇଦିନୁ ସେଇଟା ତମର ।

ଅଜନ୍ତା ସ୍ମିତ ହସ ହସି କହି ଉଠିଲା, ଛବିଟା ସିନା ମୋର; ମାତ୍ର ଛବି ନିର୍ମାତାପାଇଁ ତ ପୁରସ୍କାରଟା । ମୁଁ ତ ଚିତ୍ରକାର ନୁହେଁ ଯେ ପୁରସ୍କାରଟା ଆବୋରି ବସିବି ।

କିନ୍ତୁ ମୁଁ ତ ପ୍ରତିଯୋଗିତାପାଇଁ ପଠାଇ ନ ଥିଲି । ପୁରସ୍କାର ମୁଁ ବା କାହିଁକି ନେବି ?

ହଠାତ୍ କଥାର ମୋଡ଼ ବଦଳାଇ ଅଜନ୍ତା ପ୍ରଶ୍ନ କଲା, ଆପଣଙ୍କ ମୁଣ୍ଡରେ ଏ ଅଦ୍ଭୁତ ପରିକଳ୍ପନା ଜୁଟିଲା କେମିତି ! ଛବିଟିରେ ମୋତେ ପୁରାପୁରି ଗାଉଁଲି ଝିଅଟିଏ ସଜାଇ ଦେଇଛନ୍ତି !

ଅଜନ୍ତା !

ଚମକି ଉଠିଲା ଏକରକମ ଅରୁଣ । ତମେ କେଉଁ ଛବି ବିଷୟରେ କହୁଛ ଅଜନ୍ତା ?

ସେଇ 'ସନ୍ଧ୍ୟାଲୋକର ତଳେ'...

ସେଇଟା ତ ତମ ଛବି ନୁହେଁ !

ନୁହେଁ ? ଆପଣ ଫାଙ୍କି ଦେଇ ପାରିବେ ?

ହଠାତ୍ ମୂକତାକୁ ନଜର କରି ବସିଲା ଅରୁଣ । ସତେ ତ, ସେଦିନ ସେ ଛବି ଆଙ୍କିଲାବେଳେ ଅଜନ୍ତାକୁ ଆଖି ଆଗରେ ରଖି ସେ ଚିନ୍ତା କରିଛି । ଅଜନ୍ତାକୁ ଦେବ ବୋଲି ମନସ୍ଥ କରିଥିଲା । ତେଣୁ ଜେଲର ବାବୁଙ୍କୁ ଦେଇ ନ ଥିଲା ସେ ଛବିଟିକୁ । ତା’ ଅଜାଣତରେ ଅଜନ୍ତାରେ ରୂପରଙ୍ଗ ରୂପାୟିତ ହୋଇଛି ସେ ଛବିଟିରେ । କିନ୍ତୁ ସେ ଅଜନ୍ତାକୁ ଏକ ଗାଉଁଲି ନାରୀ ରୂପେ ରୂପାୟିତ କରି ପାରିଲା କେମିତି ? ନା, ଏ ଛବିରେ ଆଉ କାହାର କଳ୍ପନାର ଭୂତ ପଶିଛି ।

କାହାର ?

ତେବେ କ’ଣ ବୀଣା ଆଉ ଅଜନ୍ତାଙ୍କ ଦ୍ୱୈତ ରୂପ ସେଇଟା ! ଅସମ୍ଭବ ନୁହେଁ । ମଣିଷ ମନରେ ଅନେକ ସମୟରେ ଦ୍ୱନ୍ଦ୍ୱ ଜାଗେ । ସେଇ ଦ୍ୱନ୍ଦ୍ୱର ସମ୍ମିଳିତ ଚିନ୍ତାଧାରାକୁ ସେ ଏକୀଭୂତ କରି ବସେ । ସେ ବି ସେଇଆ କରିଛି । ତେଣୁ…

କିଛି କହିଲେ ନି ଯେ ? ଅଜନ୍ତା ପ୍ରଶ୍ନ କଲା ।

ନା, ଫାଙ୍କି ଦେଇ ହେବନି । ତଥାପି ସେ ଛବିରେ କେବଳ ତମେ ରହିନ ଅଜନ୍ତା । ମୁଁ ଅଛି, ବୀଣା ଅଛି, ଆଉ ଅନ୍ଧ ତମେ ।

ଅଜନ୍ତା ସରାଗ ମିଶା କଣ୍ଠରେ ପ୍ରଶ୍ନ କଲା, ଆପଣ ଅଛନ୍ତି ?

ଅରୁଣ କହିଲା, ହଁ, ମୁଁ ଅଛି । ମୁଁ ହେଉଛି ସେଇ ଛବିର ସ୍ତରପଟେ ଘେରି ରହିଥିବା ଅନ୍ଧକାର । ଆଉ ସେ ନାରୀ ମୂର୍ତ୍ତିଟା ହେଉଛି ବୀଣାର । କିନ୍ତୁ ମୁହଁ ହାତ ଗୃହାଣି ଆଦି ତମର । ତମ ଦୁହିଁଙ୍କର ମନର ସତ୍ତ୍ୱଗତକ ସେ: ଦୀପର ଆଲୋକ ହୋଇ ଜଳୁଚି । ଆଉ ମୁଁ, ତମ ଆଗରୁ ଦୂରେଇଯାଇ ପଛରେ ସ୍ତୁପୀକୃତ କାମନା ଧରି ପଡ଼ି ରହୁଚି ।

ଅଜନ୍ତା ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା, ଆପଣ ସବୁ କଥାରେ ଜୀବନକୁ ଅତି ରୁକ୍ଷ ମନେ କରୁଛନ୍ତି । ଆପଣ କାହିଁକି ଭାବୁଛନ୍ତି ଆଲୋକକୁ ଅନ୍ଧାର ଅନୁସରଣ କରୁଚି ବୋଲି ! ମୋ ମତରେ ଅନ୍ଧାରକୁ ସଦାବେଳେ

ଅନୁସରଣ କରୁଛି ଆଲୋକ । ଅନ୍ଧାର ନ ଥିଲେ ତ ଆଲୋକର ସତ୍ତା ବାରି ହୁଅନ୍ତା ନି ।

ଅଜନ୍ତା ! ତମେ ଭୁଲ କହି ବସୁଛ ।

ଗୋଟାଏ ଉଦାସିଆ କଣ୍ଠରେ ଅରୁଣ ଜବାବ ଦେଲା ।

ନା, ମୁଁ ଠିକ୍ କହୁଛି । କହିଲା ଅଜନ୍ତା । ଆପଣ କେବେ ମତେ ଖୋଜି ବୁଲି ନାହାନ୍ତି; ବରଂ ମୁଁ ସବୁବେଳେ ଖୋଜୁଛି ଆପଣଙ୍କୁ ।

ଅଜନ୍ତା ! ତମେ ଏ କ'ଣ କହୁଛ ? ଗୋଟାଏ ଭଙ୍ଗା କଣ୍ଠରେ ଅରୁଣ ପ୍ରଶ୍ନ କରିଥିଲା ଅଜନ୍ତାକୁ ।...ତମେ ଏବେ ମଧ୍ୟ ସ୍ମରଣ କର ଆମର ଶାନ୍ତି ନିକେତନର ଶପଥକୁ । କେହି କାହାରି ବ୍ୟକ୍ତିଗତ ଚିନ୍ତାକୁ ଉପ-ସ୍ଥାପିତ କରିବାନି । ବାସ୍...ସେଇ ଶପଥ ଆଜି ବି କାମ କରୁ ।

ଅରୁଣ ବାବୁ !

ଅଜନ୍ତା ଆଖିର ଚାହାଣିରେ ଅରୁଣକୁ ଅଧ୍ୟୟନ କରୁଥିଲା ।

ଅରୁଣ କହିଲା, ତମେ ମୋତେ ବୁଝିବାକୁ ଚେଷ୍ଟା କର ଅଜନ୍ତା । ତମେ ତ ମୋତେ କହିଛ ମୋ ବନ୍ଧୁ ରହିବାକୁ ଅନେକେ ଚାହାନ୍ତି । ସେ ଚାହିବା ଭିତରେ ରହିଛି କେବଳ ସେ କଳା ସାଧନା ପ୍ରତି ଆତ୍ମୀୟତା । ମୋର ଅନୁରୋଧ ସେଇ ଆତ୍ମୀୟତାର ଡୋରି ଧରି କେହି ମତେ ନିଜର ନ କରନ୍ତୁ ।

ଏଇ ସମୟରେ ଜେଲ ଭ୍ୟାନ୍ ଭିତରରୁ ଜଣେ କଇଦୀକୁ ପୋଲିସ ଘେରି ଭିତରେ ଅଣାଗଲା । ତା'ପଛରେ ଏକ ଗେରୁଦ୍ୟମାନା ନାରୀ । ପଣତ ତା'ର ଲୋଟୁଛି ଭୂଇଁରେ । କାଖରେ ଦର୍ପକର ଛୁଆଟା ରାହା ଧରିଛି ଉଚ୍ଚରେ । ସେଇ ନାରୀର କ୍ରନ୍ଦନ ଧ୍ୱନିରେ ସାରା ବାୟୁମଣ୍ଡଳ କରୁଣାକ୍ତ ହୋଇ ଉଠିଲା । ଅଜନ୍ତା ବୁଲିପଡ଼ି ସେ ଆଡ଼କୁ ଚାହିଁଲା । ପୁଣି ଥରେ ଚାହିଁଲା ଅରୁଣ ଆଡ଼କୁ ।

ଅରୁଣ ଅଜନ୍ତାକୁ ଲକ୍ଷ୍ୟ କରି କହିଲା, କ'ଣ ଭାବୁଛ ଏତେ ଅଜନ୍ତା ? ତମେ ବୋଧେ ଭାବୁଛ ଏଇ କଇଦୀଟି ଭଳି ମୁଁ ଯଦି ଆଜୀବନ ସଶ୍ରମ କାରାବରଣ କରେ ତେବେ ମୋପାଇଁ କାନ୍ଦିବାକୁ କେହି ନାହିଁ ।...କେହି

ନ ଆସୁ । ଏଇ କାଢବାଟା ଆହୁରି ଦୁଃଖ ଦିଅନ୍ତା ମନରେ । ଦମ୍ଭ ଭାଙ୍ଗି ଦିଅନ୍ତା ।

ଅଜନ୍ତା କିଛି କହିବା ପୂର୍ବରୁ ଅରୁଣକୁ ପୋଲିସ ଜଗୁଆଳ ଜଣକ ଭ୍ୟାନ୍ ଭିତରକୁ ନେଇଗଲା । ଅରୁଣ ଯିବାବେଳେ ଅଜନ୍ତାକୁ ଥରକପାଇଁ ଫେରି ଚାହିଁଲା । ବୋଧହୁଏ ସେ ଜାଣିବାକୁ ଚାହୁଁଥିଲା, ଅଜନ୍ତାର ମତିଗତିକୁ ।

କିଛି ଜାଣି ପାରିଲାନି ସେ । ନିପଲକ ନୟନରେ ଅଜନ୍ତା କେବଳ ଚାହିଁଥିଲା ତାକୁ । ଅରୁଣ ଭ୍ୟାନ୍ ଭିତରେ ଥାଇ ଦେଖିଲା ଆଡ୍‌ଭୋକେଟ୍ ବାନାର୍ଜିଙ୍କୁ ଅଜନ୍ତା ପାଖରେ । ଅଜନ୍ତା କାନ୍ଧରେ ହାତ ପକାଇଛନ୍ତି ସେ । ମାତ୍ର ଅଜନ୍ତା ହସୁଚି ତା'ର ଆଡ଼କୁ ଚାହିଁ ।

ଅଜନ୍ତା ହସୁଚି ।

ହସୁଚି ?

ନା, ତାକୁ ଉପହାସ କରୁଚି ।

ବହି ଖଣ୍ଡିଏ ପାଇଲା ଅରୁଣ । ମିତା ଦାସର ଲେଖା । ପ୍ରଚ୍ଛଦପଟ ତା'ନିଜର । କବିତା ବହି । ବେଶ୍ ସୁନ୍ଦର ଛପା ହୋଇଥିଲା । ଶିଳ୍ପୀ ହିସାବରେ ନିଜ ଛବିର ସ୍ୱରୂପ ଦେଖି ଅରୁଣ ବିଭୋର ହୋଇଗଲା । ବାଃ, ଚମତ୍କାର ତ ହୋଇଚି !

ଛବିଟି କେଇଟି ମାତ୍ର ସର୍ପିଳ ରେଖାରେ ସୃଷ୍ଟି । ଭୂପତିତ ଗୋଟାଏ ମାନବର ବିଭୋରିତ ଦୃଶ୍ୟ । ତାକୁ ପୁରୁଷ କି ନାରୀ ସହଜେ ଚିହ୍ନି ହୁଏନା । ତେବେ ବେଶୀ ପରିମାଣରେ ନାରୀ ଛବି ବୋଲି କଳ୍ପନା କରାଯିବ । ଉପରେ ବିସ୍ତୀର୍ଣ୍ଣ ଆକାଶ । ସର୍ବାଙ୍ଗରେ ତା'ର ଅସୁମାର ନୀଳିମା । ମାତ୍ର ସେ

ମାଳମାକୁ ଫିକା କରି ଦେଇଚ ଧୀର ଶୀତଳ ଚନ୍ଦ୍ର । ଚନ୍ଦ୍ରକୁ ଚୁହିଁଚ ସେ । ସେଇ ମୂର୍ତ୍ତିଟି ।

ବାଃ ! ବଡ଼ ସୁନ୍ଦର ହେଇଚ ଛବିଟି । ନିଜ କଳ୍ପନାରେ ସେ ଛବିଟିକୁ ତ ଏତେ ରୂପ ଦେଇ ନ ଥିଲା । ଏଇ ପିପାସିତ ଛବି ପ୍ରାଣରେ ଏତେ ଆକୁଳ ଆବେଦନ ସେ ଲକ୍ଷ୍ୟ କରି ନ ଥିଲା । ସେ କ'ଣ ଭାବିଥିଲା ଛବିର ପ୍ରତିମାକୁ ସେ ସ୍ୱତନ୍ତ୍ର ଭଳି କରି ଗଢ଼ିବ ? ମାତ୍ର ହେଇ ଯାଇଚ ।

ବହିଟିକୁ ଆଉଥରେ ଭଲ କରି ଦେଖି ବସିଲା ଅରୁଣ । ହଁ, ଏଇ ତା'ର କଳ୍ପନା । କଳ୍ପନାରେ ସେ ନିଜକୁ ଥୋଇଚ ଛବିରେ । କବି କଳାକାରମାନେ ନିଜ ସୃଷ୍ଟି ଭିତରେ ନିଜକୁ ସାଧାରଣତଃ ଥୋଇଆନ୍ତି । ମୁଁ ନିଜେ ଏ ଛବି ଭିତରକୁ ଆସିବାକୁ ଚେଷ୍ଟା ନ କରିଥିଲେ ମଧ୍ୟ, ମୋ ଅବଚେତନ ମନ ଆଣି ଥୋଇଚ । ଏଇ ସ୍ୱତନ୍ତ୍ର ହେଉଛି ମୁଁ ନିଜେ । ମୁଁ ପିପାସିତ ଦୃଷ୍ଟିରେ ଚୁହିଁଚ ଚନ୍ଦ୍ରକୁ । ଦୂରରେ ଇଏ ଗୌରବର ଚନ୍ଦ୍ର । ମାତ୍ର ମୁଁ ତାକୁ ଚୁହିଁବା ମାତ୍ରେ ସେ ହେଇଚ କଳଙ୍କମୟ ।

ଚନ୍ଦ୍ର କଳଙ୍କଧାରୀ । ଚନ୍ଦ୍ରର ବ୍ୟକ୍ତିତ୍ୱ କଳଙ୍କିତ । ଆଉ କଳଙ୍କିତ ମୋର ବ୍ୟକ୍ତିସର୍ବସ୍ୱ । ଶେଷରେ ଅସହାୟଭାବେ ଭୂପତିତ ହୋଇ ଚୁହିଁଚ ସେଇ ଚନ୍ଦ୍ରକୁ; ଯାହା ଥିଲା ଦିନେ ମୋର ସ୍ୱପ୍ନରେ, ମୋର କଳ୍ପନାରେ । ତେଣୁ ମୁଁ ସ୍ୱତନ୍ତ୍ର ପୁଣି ନ ହୋଇ ପାରି ସ୍ୱତନ୍ତ୍ରତା ବି ସାଜିଛି ଅନେକାଂଶରେ ।

ଭାବନା ଭାଙ୍ଗି ଦୀର୍ଘ ନିଶ୍ୱାସ ପକାଇଲା ଅରୁଣ । ମଣିଷ ମନରେ ସତେ କେତେ ଚିନ୍ତା, ଆଉ କେତେ ବ୍ୟଥା । ଏଇ ରକ୍ତ ମାଂସର ଦେହ ଭିତରଟା କେବଳ ଚିନ୍ତା-କଳ୍ପନାର ଗନ୍ତାଘର । ଏ ଗନ୍ତାଘର ଦିନେ ଖାଲି ହୁଏନା; ବରଂ ଦିନକୁ ଦିନ ବଢ଼େ ।

ଆଉ ଭାବି ପାରିନି ଅରୁଣ । ବହିଟି ଖୋଲାଇ ବସି ନିଜକୁ ଭୁଲି ଯିବାକୁ ଚେଷ୍ଟା କଲା । ହଠାତ୍ ସେ ଉତ୍ସର୍ଗ ପତ୍ରଟିକୁ ଦେଖି ଅଟକି ଗଲା । ଉତ୍ସର୍ଗ ହେଇଚ ଏକ ଅଜଣା ଶିଳ୍ପୀକୁ । ତାହାର ନାଆଁ ନାହିଁ । ଶେଷରେ କେବଳ କବି ।

ପଢ଼ିଗଲା ଅରୁଣ ।

ଶିଳ୍ପୀ !

ସ୍ରଷ୍ଟାର ସୃଷ୍ଟି କେଡ଼େ ବିରାଟ । ଦୃଷ୍ଟି ପୁଣି ଅପରିସୀମ । ଏତେ ବିରାଟ ଆଉ ଅପରିସୀମ ପରିକଳ୍ପନାକୁ ତମେ କିନ୍ତୁ ରୂପ ଦିଅ ଗୋଟିଏ କାଗଜରେ । ସବୁ ଚିନ୍ତାକୁ ଠୁଳ କରି ଗୋଟିଏ ପୃଷ୍ଠାରେ । ଲେଖକ ଯାହା ଶହ ଶହ ପୃଷ୍ଠାରେ କଳ୍ପନା କରି ବି ଶେଷ କରି ପାରେନା, ତମେ ତାକୁ ଗୋଟାଏ ପୃଷ୍ଠାରେ ଥୋଇଦିଅ । ହେ କଳାକାର ! ତମର ସେଇ ସୃଜନଶୀଳ ତୂଳୀ ପାଖରେ ମୋ ଲେଖନୀ ହାର ମାନୁଚି । ଆଜିର ଏଇ ଶୁଭ ପ୍ରତ୍ୟୁଷରେ ମୁଁ ମୋର ଏ କବିତା ଗୁଚ୍ଛଟି ତମରି ହାତକୁ ଟେକି ଦଉଚି ।

—କବି

ହସି ଉଠିଲା ଅରୁଣ । ବାସ୍ତବିକ ଏଇଟି ହାରମାନେ ସବୁରି ଦୁର୍ବଳ ମନ । ଶିଳ୍ପୀ ଭାବେ, ମୋ ଚିତ୍ରଟି ମତେହିଁ କେନ୍ଦ୍ର କରିଛୁ । ସ୍ରଷ୍ଟାଭାବେ ମୋ ସୃଷ୍ଟିକୁ ଭକ୍ତି କରିଚି । ପାଠକ ଭାବେ ମୋ ଅଙ୍ଗେ ନିଭେଇବା କଥାଟା ରୂପ ନେଇଚି । ଚମତ୍କାର ! ଏଇତ ସୃଷ୍ଟିର ସାର୍ଥକତା ।

ହଠାତ୍ ବାହାରେ ଗଣ୍ଡଗୋଳ ଶୁଣି ଉଠି ପଡ଼ିଲା ଅରୁଣ । ଭାବନା ତା'ର ଭାଙ୍ଗିଗଲା । ଦୁଇଜଣ କଇଦୀ କାମ କରୁଥିଲା ବେଳେ ପିଟାପିଟି କରିଛନ୍ତି ଜଣେ ଓ୍ୱାର୍ଡ଼ରକୁ । ଖାଇବା ପିଇବାରେ ସେମାନେ ଅସନ୍ତୁଷ୍ଟ ଭଲକରି ଖାଇବାକୁ ନ ଦେଲେ ଦେଖିନବୁ ବୋଲି ଧମକ ଦେଇଥିଲେ ତା'ରି ପରିଣତି ଇଏ ।

ମିଷ୍ଟର ସେନ୍ ଘଟଣା ସ୍ଥଳରେ ଆସି ପହଞ୍ଚିଥିଲେ । ଓ୍ୱାର୍ଡ଼ର ବିଚାରର ସାମାନ୍ୟ ମୁଣ୍ଡ ଫାଟି ଯାଇଚି । ସେ ତଳେ ବସି ପଡ଼ିଛୁ । ଆଉ କେତେ ଜଣ ତାକୁ ଘେରି ରହିଛନ୍ତି । ମାତ୍ର କଇଦୀ ଦ' ଜଣ ଠିଆ ହେଇ ସେମିତି ଗର୍ଜୁଛନ୍ତି । ଅଭଦ୍ର ଭାଷାରେ ବି ଗାଳି ଦେଉଛନ୍ତି ତାକୁ ।

ମିଷ୍ଟର ସେନ୍ ପହଞ୍ଚିବାରୁ ସମସ୍ତେ ଏକରକମ ଚୁପ୍ ହେଇଗଲେ । ସେ ଘଟଣା ସ୍ଥଳରୁ ସମସ୍ତଙ୍କୁ ଦୂରେଇ ନେବାକୁ ଆଦେଶ ଦେଲେ । ଓ୍ୱାର୍ଡ଼ରକୁ ଚିକିତ୍ସାପାଇଁ ପଠାଇ ଦେଲେ । କଇଦୀ ଦୁଇ ଜଣକୁ ଗୋଟାଏ ଘରକୁ ନେଇଯିବାକୁ କହି ନିଜେ ଆଗେ ଆଗେ ଚାଲିଗଲେ ।

॥ ୧୪୨ ॥

ଅରୁଣ ସବୁ ଦେଖୁଥିଲା ।

ଏବେ ଶାନ୍ତ ପରିବେଶ । କଇଦୀମାନେ ଏବେ ଚୁପ୍‌ଚାପ କାମ କରିବାରେ ଲାଗି ଗଲେଣି । ନନ୍ଦନଆ କଇଦୀଖାନାର ପରିବେଶ ଭିତରୁ ଏସବୁ ଅନ୍ୟତମ । କିଏ ଜାଣେ କଇଦୀ ଦୁଇଜଣ ପ୍ରତି ଆଉ କି ଦଣ୍ଡ ବ୍ୟବସ୍ଥା ହେବ ।

ସେ ଜାଣିଛି ମିଷ୍ଟର ସେନ୍ ଖୁବ କଡ଼ା । କାହିଁ, ଉନେ ତ ତା' ପ୍ରତି କିଛି କଡ଼ା ଆଦେଶ ଜାହିର କରିନାହାନ୍ତି । ବରଂ ଛବି ଖଣ୍ଡିଏ ନେବାପାଇଁ କେତେ ନମ୍ରଭାବେ ଅର୍ଡର ଦେଇଛନ୍ତି । ନେବାବେଳେ ଅନେକ ପ୍ରଶଂସା ବି କରି ଯାଇଛନ୍ତି ।

ମଣିଷର ପ୍ରକୃତି ମଣିଷକୁ ଦଣ୍ଡ ଦିଏ । ମଣିଷର କୃତି ମଣିଷକୁ ପୂଜା କରାଏ । ଆଉ ତା'ର ଭାଗ୍ୟ ତାକୁ ବାଟ କଢ଼ାଏ । କିନ୍ତୁ ତା'ଭାଗ୍ୟ ତା' ପାଇଁ ଦଣ୍ଡବିଧାନ କରେଇଚ । ପ୍ରକୃତି ଏଠି କାମ କରିନି । ଅଦୃଶ୍ୟର ଇଙ୍ଗିତରେ ସବୁ ହେଇଯାଇଛି । ମଣିଷର ସକଳ କର୍ମ ପଛରେ ସେଇ ଅଦୃଶ୍ୟ ଶକ୍ତି ରହିଛି, ନିଷ୍ପତ୍ତି ରହିଛି ।

ଅଦୃଶ୍ୟ ଶକ୍ତି ବିଚାର କରିଦେଲା । ସତ୍ୟପାଇଁ ବିଜୟ ନିଶ୍ଚିତ ରହିଛି । ନ୍ୟାୟର ନିକଟ ଅନ୍ୟାୟକୁ ସମର୍ଥନ କରିନି । ମୁଁ ବହୁତ ଆଗରୁ ଯାହା କହୁଥିଲି, ଆଜି ତାହା ଫଳବତୀ ହେଲା । ଭଗବାନ ଆପଣଙ୍କୁ ଯେଉଁ ମହତ ଉଦ୍ଦେଶ୍ୟରେ ପଠାଇଥିଲେ, ଏବେ ତା'ର ପଥ ସଫା କରିଦେଲେ ।... ଅଜାନ୍ତା ଏକ ନିଶ୍ୱାସ ସହ କହିଗଲା ଏତକ ।

ଆଡ୍‌ଭୋକେଟ୍ ବାନାର୍ଜୀ କହିଲେ, ପ୍ରତିବନ୍ଧକ ବିନା ପ୍ରତିଭାର ବିକାଶ ହୁଏନା ଅରୁଣ ବାବୁ । ଆପଣଙ୍କ କଳା ସାଧନାରେ କେହି କାଳିମା ଲେପି କଳଙ୍କିତ କରିପାରିବେନି ।

ମୋ ମନ କିନ୍ତୁ କଳଙ୍କିତ ହୋଇଗଲା ବାନାର୍ଜି ବାବୁ । ମ୍ଳାନ ମୁହଁରେ ନିରାଶତାର ମୁଦ୍ରା ଆଙ୍କି କହିଲା ଅରୁଣ । ସତ୍ୟର ବିଜୟ ହେବ ନ ହେବ, ମୁଁ ସେ କଥା ଚିନ୍ତି ନ ଥିଲି । ଯାହା ଅନାଶାପୂର୍ବୀ ତାହା ଆସିଲା । ମତେ କଳଙ୍କିତ କଲା । ଆଜି ପୁଣି ଚାଲିଗଲା । ଏ ଯିବା ଆସିବାରେ କି ଲାଭ ଥିଲା ?

ଆଡ୍‌ଭୋକେଟ୍ ବାନାର୍ଜି ଗୌରବର ହସ ହସି କହିଲେ, ବିପଦ ଆସିବାକୁ ଥିଲେ ଲାଭକ୍ଷତିର ହିସାବ ପଡ଼େନି । ଯାହା ହେବାର ଥିବ ହେବ । ତାକୁ କେହି ଅଟକାଇ ପାରିବେନି । ମାତ୍ର ଯେଉଁ ବିପଦ ଆପଣଙ୍କ ଉପରକୁ ନଇଁ ଆସିଥିଲା, ଆଜି ତାକୁ ଘୁଞ୍ଚାଇ ପାରି ମୁଁ ଆନନ୍ଦ ଅନୁଭବ କରୁଛି ।

ଅଜନ୍ତା କହିଲା, ଅରୁଣ ବାବୁଙ୍କୁ ବିପଦରୁ ଉଦ୍ଧାର କରାଇପାରି ମୁଁ କମ୍ ଖୁସି ନୁହେଁ ।

ତମେ ଖୁସି ନିଶ୍ଚୟ ହେବ ଅଜନ୍ତା । କାରଣ ତମେ ତମ ବନ୍ଧୁଙ୍କୁ କାରାମୁକ୍ତ କରିଚ । ଆଉ ମିଷ୍ଟର ବାନାର୍ଜି ଗର୍ବ କରିବେ ନିଶ୍ଚୟ; କାରଣ ମୋତେ ସେ ଏକ ଅନ୍ଧାର ଗହ୍ୱରରୁ ଉଦ୍ଧାର କରିପାରିଛନ୍ତି । ତାଙ୍କ ଯୁକ୍ତି ନିକଟରେ ସତ୍ୟତା ଜୟ ଜୟକାର ତୋଳିଛି; କିନ୍ତୁ ମୁଁ କାହିଁକି ଖୁସି ହେବ ? ମୋର ସେଇ ଅନ୍ଧାରୁଆ ଜେଲଖାନା ବରଂ ଶତଗୁଣେ ଭଲ ଥିଲା ! ଏ ଦୁନିଆରେ ମୋର କିଏ ଅଛି ? କୁଆଡ଼େ ଯିବ ମୁଁ ।

ଆଡ୍‌ଭୋକେଟ୍ ବାନାର୍ଜି କହିଲେ, କାହିଁକି ? ଆମ ଘରକୁ ଚାଲନ୍ତୁ । ସେଇଠି ରୁହନ୍ତୁ । ଜଣେ କଳାକାରକୁ ସମସ୍ତ ସମ୍ମାନ ଦେବାକୁ ଆମ ପରିବାର କେବେ ପଛେଇବନି ।

ଯୁକ୍ତି ବାଢ଼ି ଅରୁଣ କହିଲା, ନା-ନା ! ମୋତେ ଭୁଲ ବୁଝିବେନି ମିଷ୍ଟର ବାନାର୍ଜି । ମୁଁ କାହାରି ଦୟା ଉପରେ ବଞ୍ଚିବାକୁ ଚାହେଁନା । କାରଣ ଜୀବନରେ ମୋର ପଣ ରହିଛି, ମୁଁ କଳାରେ ବଞ୍ଚିବ । ବଞ୍ଚିବାକୁ ଚେଷ୍ଟା କରିବ । କାହିଁକି କଳାକୁ ଜୀବିକା କରି ଜଣେ ବଞ୍ଚି ପାରିବନି !

ଏ ଥରକ ଖୁବ୍ ଜୋରରେ ହସି ଉଠିଲେ ଆଡ୍‌ଭୋକେଟ ବାନାର୍ଜି । ଅଜନ୍ତା ଅରୁଣ ଉପରୁ ଦୃଷ୍ଟି ଫେରାଇ ନେଇ ଚାହିଁଲା ତା'ର ସ୍ୱାମୀ ଆଡ଼େ ।

ହସି ହସି ମିଷ୍ଟର ବାନାର୍ଜି କହିଲେ, ମୁଁ ଦେଖୁଛି ଆପଣ ଜଣେ ଖିଆଲି ଲୋକ । କେବଳ ଆପଣ କାହିଁକି ପ୍ରତି କବି, କଳାକାରଙ୍କର ଏମିତି ଗୋଟାଏ ଖିଆଲ ଥାଏ ।

ଅଜନ୍ତା ହଠାତ୍ ବାନାର୍ଜିଙ୍କ କଥା ଉପରେ ପ୍ରଶ୍ନ କରି ଉଠିଲା, ଆପଣ କୁଆଡ଼େ ଯିବାକୁ ଠିକ୍ କରିଛନ୍ତି ଅରୁଣ ବାବୁ ?

ଠିକ୍ କରିନି । ତେବେ ଆଖି ଯୁଆଡ଼େ ଟାଣିବ ସେଇଆଡ଼େ ଯିବି । ଅରୁଣ କହିଲା ।

ଗାଆଁକୁ ଯିବେ ?

ଯାଇପାରେ ।

ଆଡ଼ଭୋକେଟ୍ ବାନାର୍ଜି କହିଲେ, ଆପଣ ଯୁଆଡ଼େ ଯାଆନ୍ତୁ ନା କାହିଁକି, ଅନ୍ତତଃ ଆଜି ଦିନକପାଇଁ ଅଜନ୍ତାର ଆତିଥ୍ୟ ସ୍ୱୀକାର କରନ୍ତୁ । କାରଣ ସେ ବହୁ ପରିଶ୍ରମ କରି ଆପଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛି । ତେଣୁ ..ହଠାତ୍ କଥାର ଢଙ୍ଗ ବଦଳାଇ କହିଲେ, କ'ଣ ଅରୁଣ ବାବୁ, ଆପଣଙ୍କ ମତ ?

ଅଜନ୍ତା ଯୁକ୍ତି ବାଢ଼ିଲା, ମତ ଆଉ କ'ଣ ? ତାଙ୍କୁ ଯିବାକୁ ହେବ ନିଶ୍ଚୟ । ନ ହେଲେ ମୁଁ ମନ ଦୁଃଖ କରିବି ଏକା ।

ଅଜନ୍ତାର କଥାରେ ଦୃଢ଼ତା ଦେଖି ଅରୁଣ ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲା ନି । କାହିଁକି ତା'ର ଏତେ ଆନ୍ତରିକତା ? କାହିଁକି ? ଇଏ କ'ଣ ଅଜନ୍ତାର ବନ୍ଧୁଚର୍ଯ୍ୟା, ନା ପୂର୍ବର ସେଇ ଦୁର୍ବଳତା ? ବିବାହ ପରେ କ'ଣ ନାରୀମାନଙ୍କ ମନରେ ପୂର୍ବ ଦୁର୍ବଳତା ବଞ୍ଚି ରହେ ?

ଅଜନ୍ତା ତ ଶେଷ ଚିଠି ଲେଖିଥିଲା ତା' ପାଖକୁ ଶାନ୍ତି ନିକେତନରେ । ସେ ଚିଠି ଲେଖିସାରି ସେ କ'ଣ ତା' ମନକୁ ବୁଝେଇ ପାରିଲାନି ? ପୁଣି କାହିଁକି ଥରକୁ ଥର ସେ ତା'ର ଦୁର୍ବଳତାକୁ ବାଢ଼ି ବସୁଛି । ଆଗରେ ତା'ର ସ୍ୱାମୀ ଠିଆ ହୋଇଛି । ଅଥଚ ଖୁବ୍ ସ୍ପଷ୍ଟଭାବରେ ଗେହ୍ଲେଇ ହୋଇ ସେ କହୁଛି, ନ ହେଲେ ମୁଁ ମନ ଦୁଃଖ କରିବି ।

ତେବେ ଇଏ କ'ଣ ତା' ମନର ଦୁର୍ବଳତା ନୁହେଁ ?

ନ ହୋଇପାରେ । ସବୁବେଳେ ମଣିଷର ମନ ଏକା ନ ଥାଏ । ସେ ହୁଏତ ତା'ର ବନ୍ଧୁ ତା ଖାତିରରେ କହି ଥାଇପାରେ । ମୁଁ କାହିଁକି ଏ କଥା ଭାବୁଚି । ନା, ଅଜନ୍ତା ମନଠାରୁ ତା' ମନ ଆହୁରି ଦୁର୍ବଳ । ସେ ଅଯଥା ଘୁଡ଼.ଏ କଥା ଚିନ୍ତା କରୁଚି ଅଜନ୍ତାର ଆନ୍ତରିକତାକୁ ଦେଖି ।

ଅଜନ୍ତାର ବନ୍ଧୁତ୍ୱ ପବିତ୍ର । ସେ ତାକୁ ଜେଲଖାନାରୁ ମୁକ୍ତ କରିଚି ପୂର୍ବର ପରିଚିତ ଖାତିରରେ । ଆଜି କେଡ଼େ ଆଗ୍ରହରେ ସ୍ୱାମୀ ସ୍ତ୍ରୀ ତାଙ୍କ ଘରେ ଅତିଥି ହେବାପାଇଁ ଅନୁରୋଧ କରୁଛନ୍ତି, ଏଡ଼ିଦେବ କାହିଁକି ? ଯେଉଁମାନେ ଏତେ ଉପକାର କଲେ ତାଙ୍କ ପ୍ରତି ଅନ୍ତତଃ ଟିକେ ଆନ୍ତରିକତା ପ୍ରକାଶ କରି ହେବ ତ ?

ଆଉ ଏତେ ଭାବୁଛନ୍ତି କ'ଣ ? ଅଜନ୍ତା ପ୍ରଶ୍ନ କଲା ।

ନାଇଁ ଯେ···

ଆଡ଼ଭୋକେଟ୍ ବାନାର୍ଜି କହିଲେ, ନା ଆଉ କିଛି ଶୁଣିବନି ଅଜନ୍ତା ଆପଣଙ୍କ କଥା । ଆଜି ଭଲ ଖୁସି ଦିନରେ ଆପଣ ଆମ ସହିତ ମିଶି ଖୁସି କରିବା ଉଚିତ । ଅଜନ୍ତା ! ତମେ ଅରୁଣ ବାବୁଙ୍କୁ ନେଇ ଗାଡ଼ିରେ ଆଗରେ ଯାଅ । ମୁଁ ଠିକ୍ ଅଧ ଘଣ୍ଟା ଭିତରେ ପହଞ୍ଚୁଛି । ଯାଆନ୍ତୁ ଅରୁଣ ବାବୁ ଗାଡ଼ିକୁ । ଆରେ, ଯାଆନ୍ତୁ···

ଅଜନ୍ତା ଡାକିଲା, ଆସନ୍ତୁ ।

ଅରୁଣ ଆଉ କିଛି ନ କହି ଯାଇ ଗାଡ଼ିରେ ବସିଲା । ଅଜନ୍ତା ଗାଡ଼ିରେ ବସୁ ବସୁ ବାନାର୍ଜି ବାବୁଙ୍କୁ କହିଲା, ଶୀଘ୍ର ଆସିବ ।

ଅଜନ୍ତାଠାରୁ ବିଦାୟ ନେଇ ପାରିଲାନି ଅରୁଣ ।

କିନ୍ତୁ କଲିକତା ସହର ଛାଡ଼ିଲା । ପଛରେ ବିରାଟ ସହରଟାକୁ ଛାଡ଼ି ସେ ଚାଲିଲା ଆଗକୁ । ଆଗରେ ନୂତନ ସ୍ୱପ୍ନ । ପୁରାତନ କାଲିମାମୟୀ

ରାତ୍ରିକୁ ସେ ବିଦାୟ ଜଣାଇଲା । ରାତି ପାହୁଛି । ମାତ୍ର ଅନ୍ଧକାର ଦୂରେଇନି । ଚାଲିଛି ଅରୁଣ ।

ଆଜି ସେ ହେଉଚି ଶିଳ୍ପୀ ଅରୁଣ; କଇଦୀ ଅରୁଣ ନୁହେଁ । ସେ ଅନ୍ଧକାରକୁ ଛାଡ଼ି ଆଲୋକର ସନ୍ଧାନ କରି ଚାଲିଛି । ମାତ୍ର ସେ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କରିଛି ତା'ର ଆଲୋକର ଆବାହିକାକୁ । ଅଜନ୍ତାକୁ ।

ଅଜନ୍ତା ତା'ପାଇଁ ଆପ୍ରାଣ ଚେଷ୍ଟା କଲା । ସ୍ୱାମୀଙ୍କୁ ନିଯୁକ୍ତ କରି ତାକୁ କାରାମୁକ୍ତ କଲା । ସ୍ୱାମୀ ସ୍ତ୍ରୀ ଦୁହେଁ ବାଧ୍ୟ କରି ତାକୁ ଅତିଥି କରି ଟାଣିଲେ । ଅତିଥି ହେଲା ସେ ଦିନକପାଇଁ । ମାତ୍ର ଦିନେ ଗଲା, ଦି'ଦିନ ଗଲା, ପାଞ୍ଚ ଦିନଗଲା; ତଥାପି ଆତିଥ୍ୟରୁ ମୁକ୍ତ ନାହିଁ । ଅରୁଣ ମନେ କଲା, ସେ ଗୋଟାଏ ବନ୍ଦୀଘରୁ ମୁକ୍ତ ଲାଭ କରି ଆଉ ଗୋଟା ଜାଗାରେ ବନ୍ଦୀ ହେଉନି ତ ?

ହଁ ସେ ବନ୍ଦୀ ହେବାକୁ ଯାଉଛି । ଅଜନ୍ତାର ସ୍ନେହରୂପୀ ଶୃଙ୍ଖଳ ତାକୁ ଆବଦ୍ଧ କରିବାକୁ ପାଖେଇ ଆସୁଚି । ନା, ସେ ଜୀବନସାରା ମୁକ୍ତିକାମୀ । ଚିରଦିନ ଶୃଙ୍ଖଳହୀନ, ବନ୍ଧନହୀନ । କାହିଁକି ସେ ଏଠି ପୁଣି ବାନ୍ଧି ହେବ ? କିନ୍ତୁ ଅଜନ୍ତା ତାକୁ ବାନ୍ଧି ରଖିବାକୁ ଚାହେ ।

ପ୍ରଥମଦିନ ଆନନ୍ଦ ଉତ୍ସବରେ ବିଭୋର ରହିଲେ ବାନାର୍ଜୀ ଦମ୍ପତି । ଏ ଆନନ୍ଦର ପ୍ରଧାନ କାରଣ ହେଉଛି, ମିଷ୍ଟର ବାନାର୍ଜୀ ଗୋଟାଏ ତଥ୍ୟହୀନ ଘଟଣାରେ କାଳ୍ପନିକ ତଥ୍ୟ ଆଣି ଜୟ କରି ପାରିଛନ୍ତି । ସେ କୋର୍ଟରେ ଜୟ କରିଛନ୍ତି ଏଇ ହେଉଛି ଆନନ୍ଦ । ଅରୁଣର ଉପସ୍ଥିତିପାଇଁ ନୁହେ । ଅରୁଣପାଇଁ ଖୁସି ହେବାରେ ମିଷ୍ଟର ବାନାର୍ଜୀଙ୍କର ତ କିଛି କାରଣ ନାହିଁ । ମାତ୍ର ଖୁବ୍ ଖୁସି ହେଉଥିଲା ଅଜନ୍ତା । ବାରମ୍ବାର ସେ ଅରୁଣ ପାଖକୁ ଛୁଟି ଆସୁଥିଲା । ବେଳେବେଳେ ପଚାରି ବସୁଥିଲା, ଆରେ ! ଆପଣ ଏମିତି କାଙ୍ଗାଳଙ୍କ ଭଳି ବସିଛନ୍ତି କ'ଣମ !

ହସିଦିଏ ଅରୁଣ । ସେ ଆଉ ଏ ପରିବାର ଭିତରେ କ'ଣ କରି ପାରିବ ? ସମସ୍ତେ ଯେତେବେଳେ ଆନନ୍ଦରେ ବିଭୋର, ସେ କ'ଣ ସମସ୍ତଙ୍କ ସାଙ୍ଗରେ ପାଗଳଭଳି ନାଚିବ । ଭାବନା ବଦଳାଇ ଅରୁଣ କହିଲା, ଅନେକ

ଦିନ ଜେଲଖାନାରେ ରହିବା ଫଳରେ ମୋର ମନପ୍ରାଣ ଶୁଷ୍କ ହେଇଯାଇଛି ଅଜନ୍ତା । ତେଣୁ ଏମିତି ହେବା ସ୍ୱାଭାବିକ ।

ଅଜନ୍ତା ମୁହଁରେ ଅଭିମାନ ଭରି ମୃଦୁ କହେ, ହେଲେ ଏ ଆନନ୍ଦ ତ ଆପଣଙ୍କପାଇଁ । ଆପଣ ଯଦି ଏମିତି ସବୁବେଳେ ହେବେ···

ମୋ'ପାଇଁ ଆନନ୍ଦିତ ହେବାର ତ କୌଣସି କାରଣ ନାହିଁ ତମର । ଅତି ମାମୁଲି ଭାବରେ ଉତ୍ତର ଦେଲା ଅରୁଣ ।

ଅରୁଣ ବାବୁ !

ବୋଧହୁଏ ଆଘାତ ପାଇଲା ଅଜନ୍ତା । ତା' ଆଖିରେ ଠୁଳକରା ଅଭିମାନ ଗୁଡ଼ା ଲୁହ ସାଜି ବହି ଆସିବ ବୋଧେ । ନା, ତା' ପୂର୍ବରୁ ଅଜନ୍ତା ଅରୁଣ ପାଖରୁ ଦୂରେଇଗଲା ।

ସେଦିନ ଆଉ ଅରୁଣ ସହିତ ଅଜନ୍ତାର ଦେଖା ହେଇନି । ଗତାନୁଗତିକ ଭଲ ମିଷ୍ଟର ବାନାର୍ଜି ପରଦିନ କଟେଜ୍ ଯାଇଛନ୍ତି । ଅରୁଣ ଚାଲି ଆସିବାର ପ୍ରସ୍ତାବ ଥୁଏ । ମାତ୍ର ଅଜନ୍ତା ଅଭିମାନ ମିଶା କଣ୍ଠରେ କହିଲା, ମୁଁ ଜାଣେ ଆପଣଙ୍କୁ ଏ ସ୍ଥାନ କେବେ ଭଲ ଲାଗିବନି । କାରଣ ଏଠି ତ କେହି ଆପଣଙ୍କର ନିଜର ନାହାଁନ୍ତି ।

କାହିଁକି ତମେ ? ତମେ କ'ଣ ମୋ ନିଜର ନୁହଁ ? ତା' ନ ହେଇଥିଲେ ମୁଁ ଏଠିକି ଆସିଥାନ୍ତି କାହିଁକି ? ଯିବାକୁ ଅନୁମତି ମାଗନ୍ତି କାହିଁକି ? ହସି ହସି ପ୍ରଶ୍ନ କରୁଥିଲା ଅରୁଣ ।

ଅଜନ୍ତା ମୁହଁରେ ସେଇ ଗମ୍ଭୀରତା ବଜାୟ ରଖି କହିଲା, ନା, ଏଇଟା ଆପଣଙ୍କ ମତରେ ଗୋଟାଏ ଧର୍ମଶାଳା । ଧର୍ମଶାଳାରେ ଯେମିତି ଯାତ୍ରୀ ଗୋଟାଏ ରାତି ପାଇଁ ରୁହନ୍ତି, ପରଦିନ କାମ ସାରିଲେ ଚାଲିଯାଆନ୍ତି, ତାହାର ସହିତ ମାୟାବନ୍ଧନ ନାହିଁ । ବାସ୍ ! ଚାଲିଯିବେ ନିଜ ଇଚ୍ଛାରେ, ସେମିତି ଆପଣ । ଆପଣ କାହାର ଆନ୍ତରିକତାକୁ ସ୍ୱୀକାର କରନ୍ତିନି ।

ଅରୁଣ କହି ଉଠିଲା, ଅଜନ୍ତା ! କେବଳ ତମର ଘର ନୁହେଁ, ସାରା ପୃଥିବୀଟାକୁ ମୁଁ ଗୋଟାଏ ଧର୍ମଶାଳା ମନେ କରେ । ଏଇ ବିରାଟ ଧର୍ମଶାଳାରେ ଅନେକ କକ୍ଷ ଅଛି । ଆମେ ସବୁ ସେଇ କକ୍ଷମାନଙ୍କର ଗୋଟିଏ

ଗୋଟିଏ ଘର୍ଷିର ଯାତ୍ରୀ । ଘଣ୍ଟ ପାଡ଼ିବ । ପୁଣି ସେ ଯାତ୍ରା କାମରେ ଚାଲି ଯିବ । ଯେଉଁ କ୍ଷଣିକ ଆନ୍ତରିକତା ସେଇ ଘଡ଼ିକ ଭିତରେ ଆସେ, ତାକୁ କେହି କେହି ଭୁଲି ଯାଆନ୍ତି । ଯିଏ ନ ଭୁଲିପାରେ, ଜଣେ ଚାଲିଗଲେ ଯେଉଁ ଜଣକ ବାହୁନି ହୁଏ, ତାକୁ ପାଗଳ ଛଡ଼ା ଅନ୍ୟ କ'ଣ କୁହାଯିବ ?···ମୁଁ କିନ୍ତୁ ସବୁ ଭୁଲିଛି । ତେଣୁ ମୁଁ କାହାର ସହିତ ଆନ୍ତରିକତା ରଖିବାପାଇଁ ଚାହେଁନା ।

ଗୋଟାଏ ଉଦାସିଆ କଣ୍ଠରେ ଅଜନ୍ତା ପ୍ରଶ୍ନ କଲା, ସବୁ କଥାକୁ କ'ଣ ମଣିଷ ଦୂରେଇ ଦେଇପାରେ ?

ଚେଷ୍ଟାକଲେ ପାରିବ ।

ନା—

ନିଶ୍ଚୟ ପାରିବ ।

ଆପଣ ତ ପାରି ନାହାନ୍ତି ।

ଅଜନ୍ତା ! ଶିହରି ଉଠିଲା ଅରୁଣ । ଅଜନ୍ତା କ'ଣ କହିବାକୁ ଚାହେଁ । ସେଇ ମୃତ ଅତୀତର ଶବକୁ ପୁଣି ସେ କ'ଣ ଉପସ୍ଥିତ କରିବାକୁ ଚାହେଁ ! ଅଜନ୍ତା ପାଖରେ ତା'ର ଦୁର୍ବଳତା ଧରା ପଡ଼ିଥିଲା । ସେ ନିଜେ ଖୁବ ଦୁର୍ବଳ ବୋଲି ସେଇଦିନ ପରିଚୟ ଦେଇଥିଲା । ସେଇ କଥାକୁ······

କିଛି ନ କହି ଚୁପ୍ ହୋଇଗଲେ ଯେ ?

ବାସ୍ତବିକ ମୁଁ ପାରିନି ଅଜନ୍ତା । ଆଜି ବି ମୋର ମନେ ପଡୁଛି, ମୁଁ ଅରକପାଇଁ ଗୋଡ଼ ଖସାଇଥିଲି ବୋଲି ସିନା କଳଙ୍କ କାଳିମାରେ ପଡ଼ି ଜଡ଼ସଡ ହେଲି । ସେଇଦିନ ଯଦି ମୁଁ ଏତେ ତଳକୁ ଓହ୍ଲେଇ ଯାଇ ନ ଥାନ୍ତି, ତେବେ ବୀଣା ସହିତ ମୋର ଦେଖା ହୋଇଥାନ୍ତା କାହିଁକି ? କାହିଁକି ମୁଁ ଜେଲଖାନାର ଅନ୍ଧାରୁଆ କଣରେ ସଢ଼ିଥାନ୍ତି ? ମାତ୍ର ମୁଁ କହିବି, ତମେ କ'ଣ ସେଥିପାଇଁ ଦାୟୀ ନୁହଁ ଅଜନ୍ତା ? ତମେ ଯଦି ଏତେ ତଳକୁ ମୋତେ ଟାଣି ନେଇ ନଥାନ୍ତ······

ତା' କଥା ଉପରେ ଚାପା ଦେଇ ଅଜନ୍ତା କହିଉଠିଲା, ମୁଁ କ'ଣ ଆପଣଙ୍କୁ ଟାଣି ନେଇ ପାରିଥାନ୍ତି ! ଯଦି ଆପଣ ନିଜେ ଚାହିଁ ନଥାନ୍ତେ,

ସେ ଦିନର ସେ ଘଟଣା କ'ଣ ସମ୍ଭବ ହୋଇ ପାରିଥାନ୍ତା । ମୋର ଏବେ ମଧ୍ୟ ବିଶ୍ୱାସ ହୁଏ, ଆପଣ ସେଦିନ ମୋତେ ଟାଣି ନେଇଥିଲେ, ଆଉ ଆଜି ବି ମୋତେ ଆକର୍ଷଣ କରୁଛନ୍ତି ।

ଅଜନ୍ତା !

ପାଟିକରି ଉଠିଲା ଅରୁଣ । ତମେ ଏକଥା କହି ପାରୁଛ ? କଳ୍ପନା କରିପାରୁଛ ?

କହି ପାରୁନଥିଲି; କିନ୍ତୁ ଆଜି ଆପେ କହି ହୋଇଗଲା । ମାତ୍ର କଳ୍ପନା କରୁଥିଲି ସେଇ ପ୍ରଥମ ବ୍ୟବଧାନ ସୃଷ୍ଟି ହେବା ଦିନୁ ।

ଅଜନ୍ତା ! ତମେ···

ଆଶ୍ଚର୍ଯ୍ୟ ହୋଇ କେବଳ ଚାହିଁ ରହିଲା ଅରୁଣ । ଆଉ କିଛି କହି ପାରିଲାନି ।

ହଁ, ମୁଁ ! ମୁଁ ଅବଶ୍ୟ ଆଶ୍ଚର୍ଯ୍ୟ । କାରଣ ଜଣେ ନାରୀ ହୋଇ ନିଜର ମନ କଥା ନିର୍ଲଜ୍ଜ ଭଳି ଜଣେ ପୁରୁଷ ପାଖରେ ବାଢି ଦେଇଚି । ମାତ୍ର ମୋ ଆଖିରେ ମୋଠୁଁ ବଡ଼ ଆଶ୍ଚର୍ଯ୍ୟ ହେଉଛନ୍ତି ଆପଣ । କାରଣ ଜଣେ ନାରୀର ଆତ୍ମୀୟତାକୁ ଅସ୍ୱୀକାର କରିବା କ'ଣ ଗୋଟାଏ ପୁରୁଷ ପକ୍ଷେ ଆଶ୍ଚର୍ଯ୍ୟର ପରିଚୟ ନୁହେଁ ? ଆପଣ ପୁରୁଷର ପୂର୍ଣ୍ଣ ପୌରୁଷ ପାଇବାର ହକ୍‌ଦାର ନୁହନ୍ତି ।

ଅଜନ୍ତା !

ଅରୁଣ ନିଜ ଅଜାଣତରେ କେମିତି ଚିତ୍କାର କରି ଉଠିଥିଲା । ବିସ୍ଫାରିତ ନୟନରେ ନିରୀକ୍ଷଣ କରୁଥିଲା ଅଜନ୍ତାକୁ । ଅଜନ୍ତାର ଅଧରରେ ଅସୁମାର ସ୍ପନ୍ଦନ । ସେ ଆହୁରି କ'ଣ କହିବାକୁ ଚାହେଁ । ସେ ଯେମିତି କିଛି ପ୍ରକାଶ କରି ପାରନି । ଆଗ୍ନେୟଗିରିର ଅଗ୍ନି ଉଦ୍‌ଗୀରଣର ପୂର୍ବାଭାସ ଦେଉଚି ।

ଚାହିଁ ପାରିଲାନି ଅରୁଣ । ନିଜ ଆଖିକୁ ସେ ଫେରାଇ ନେଲା । କ'ଣ କେଜାଣି ଭାବି ଅଜନ୍ତା ସେଠୁ ଚାଲିଗଲା । ସେଦିନ ତମାମ୍ ସେ ଆଉ ଅରୁଣ ପାଖକୁ ଆସିନି । ଆଉ କିଛି ପଚାରିନି । ମିଷ୍ଟର ବାନାର୍ଜୀ ସେଦିନ

ଶୀଘ୍ର ଫେର ନଥିଲେ ଅରୁଣ ନିଜ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ପାରି ନ ଥାନ୍ତା ।

ଦିନ ପରେ ରାତି ଆସିଲା । ପୁଣି କଏ ପୁରୁଣାକୁ ବଦାୟ ଦେଇ ନୂତନକୁ ହାତକୁ ବଢ଼ାଇଲା । ଚତୁର୍ଥ ଯାଇ ଆସିଲା ପଞ୍ଚମ ।

ପାଞ୍ଚଦିନ ବିତିଗଲା ଅରୁଣର ଅଜନ୍ତା ଘରେ ।

କିନ୍ତୁ ବିବାହିତା ଅଜନ୍ତାକୁ ମୋଟେ କଳନା କରି ପାରୁ ନ ଥିଲା ଅରୁଣ । ଠିକ୍ ଏକ ପ୍ରଗଲ୍‌ଭା ନାରୀ ଭଳି ସେ ତା'ର ସାଧାରଣ ଜୀବନ ନେଇ ବଢ଼ିଯାଉଥିଲା । କେତେବେଳେ ଏତେ ସ୍ୱାମୀ ଅନୁରକ୍ତା ଜଣାଯାଏ ଯେ ଦେଖିଲେ ଯେ କୌଣସି ଲୋକର ତା' ପ୍ରତି ଭକ୍ତି ଆସିବ । ଆଉ କେତେ-ବେଳେ ସେ ଜଣାଇ ଦେଉଥିଲା ସତେ ଯେମିତି ସେ ତା'ର ବିବାହିତ ଜୀବନରେ ସୁଖୀ ନୁହେଁ । କେତେବେଳେ ଛଳ ଛଳ ମୁଖର ତଟିନୀ ତ କେତେବେଳେ କୂଳଲଙ୍ଘିନୀ ସ୍ରୋତସ୍ୱିନୀ ।

ଅରୁଣ ଦେଖୁଥିଲା, ବେଳେବେଳେ ସେ ତା' ମନଇଚ୍ଛା କଥା କହି ଚାଲିଯାଉଥିଲା । ଆଖିରେ ଆଖିଏ ଅଭିମାନଭରା ଚାହାଣିକୁ ତାର ଉପରେ ଅଜାଡ଼ି ଦେଇଥିଲା । ସେ ମୁହୂର୍ତ୍ତରେ ଅରୁଣର ମନେ ହେଉଥିଲା ବୋଧହୁଏ ଅଜନ୍ତା ରାଗିଗଲା । ମାତ୍ର ଦୁ'ଘଣ୍ଟା ପରେ ପୁଣି ଆସି ଗପ ଜମେଇ ଦିଏ । ତା'ର ଅଭିମାନ ଖୁବ୍ ଜୋରରେ ମିଷ୍ଟର ବାନାର୍ଜୀ ଆସିବାଯାଏ ରହେ । ତା'ପରେ ସିଏ ପୁରୁଣା ହୋଇଯାଏ ।

ଗ୍ରେଟ ଶିଶୁଭଳି ସେ ତା' ସ୍ୱାମୀ ଗଳାରେ ହାତ ଛନ୍ଦି ପ୍ରଶ୍ନ କରେ, ଏତେ ଡେରି କରି ଦେଲନା ! ମୋତେ ମୋଟେ ଘରେ ଏକୁଟିଆ ଭଲ ଲାଗୁନି ।

ମିଷ୍ଟର ବାନାର୍ଜୀ କହନ୍ତି କାହିଁକି ଅରୁଣ ବାବୁ ତ ଅଛନ୍ତି ? ତାଙ୍କ ସାଙ୍ଗରେ ଗପସପ କଲନି କଣି !

ସିଏ ପରା ମୋ ସହିତ କଥା ଆଉ କହିବେନି ବୋଲି ପଣ କରିଛନ୍ତି । ତେରଛା ଚାହାଣି ପକାଇ କହେ ଅଜନ୍ତା ।

ହସି ପକାନ୍ତି ମିଷ୍ଟର ବାନାର୍ଜି । ହସି ଉଠେ ଅରୁଣ । ସେ କିନ୍ତୁ ହସେନା । ମୁହଁରେ ଗମ୍ଭୀର ଭାବ ରଖି କହେ, ଚାଲନା ଖାଇବ । କ'ଣ ଅରୁଣ ବାବୁ ! ଆଉ ରାଗ ନାହିଁ ତ ?

କାହିଁ ମୁଁ ତ ମୋଟେ ରାଗିନ !

ହସୁ ହସୁ କହେ ଅରୁଣ ।

ମିଷ୍ଟର ବାନାର୍ଜି କହନ୍ତି, ତା'ହେଲେ ତମେ ମିଛ କହୁଥିଲ ଅଜନ୍ତା ! କାହିଁ ଅରୁଣ ବାବୁ ତ ରାଗି ନାହାନ୍ତି ତମ ଉପରେ ।

ନ ହେଲା ନାହିଁ । ମୁଁ ମିଛୁଆ ହେଲେ ହେଲି । ଚାଲବଟି ଖାଇବ ।

ଏତକ କହୁ କହୁ ସେ ସ୍ୱାମୀର ଟାଇ କୋର୍ଟ ଖୋଲି ବସେ । ହାଙ୍ଗରରେ ନେଇ ଝୁଲାଏ । ପୁଝାଗୁଡ଼ାକୁ ଅଟକାଇ ଦିଏ ପାଣି ଜଳଖିଆ ଆଣି ଦୁହିଁଙ୍କୁ ଦିଏ । ଏଇ କେଇଟା ଦିନ ଭିତରେ ଅରୁଣ ଅଜନ୍ତାର ଗୃହସ୍ଥ ଜୀବନକୁ ବେଶ୍ ଅନୁଭବ କରି ନେଇଛି ।

ପ୍ରାଚୁର୍ଯ୍ୟର ସତ୍‌ସ୍ୱରୂପ ଏଇ ଅଜନ୍ତା । ଅଭାବ ତା'ର କେଉଁଥିରେ ଅଛି, ଅରୁଣ ଜାଣି ପାରିଲାନି । ଅଗଣିତ ବସନ ଭୂଷଣ । ଦିନେ ସେ ସବୁକୁ ଦେଖିବାକୁ ସେ ସୁଯୋଗ ପାଇଥିଲା । ଗୋଟି ଗୋଟି କରି ଚହଲାଇ ଦେଉଥିଲା ଅଜନ୍ତା ଅରୁଣକୁ । ଇଏ ମୋର କଲେଜ ପଢ଼ିଲା ବେଳର ପୋଷାକ । ସତରେ ଅରୁଣ ବାବୁ, ଏ ସବୁକୁ ଖୋଲି ଦେଖିଲେ ଦଣ୍ଡେ ଅଟ୍‌କା ମାରି ମୁଁ ବସି ପଡ଼େ । ସେଇ ଅତୀତ ମନେପଡ଼େ । ମନହୁଏ ପୁଣିଥରେ ମୁଁ ଛୋଟ ଶିଶୁଟିଏ ହେଇ ଯାଆନ୍ତି କି ? ପୁଣିଥରେ ଏଇ ହଜିଲା ଦିନଗୁଡ଼ିକ ଫେରି ପାଆନ୍ତି କି ?

ଇଏ ହେଉଚି ମୋ' ବିବାହ ବାସର ଶାଢ଼ୀ । ମୋଟେ ଦୁଇଥର କି ତିନିଥର ପିନ୍ଧିଛି । ପ୍ରତି ବିବାହ ବାର୍ଷିକୀକୁ ମିଷ୍ଟର ବାନାର୍ଜି ନୂଆ ପୋଷାକ ନ ପିନ୍ଧାଇ ଛାଡ଼ନ୍ତି ନି । ଆଉ ମୋର ଜନ୍ମଦିନର ପୋଷାକ ଗୁଡ଼ାତ ସେମିତି ଥାକମରା ହେଇ ଥୁଆ ହେଇଚି । ସେଇ ଜନ୍ମଦିନକୁ ହୁଏ । ସେଇ ଦିନ ପିନ୍ଧା ହେଇ ଥୁଆ ହୁଏ । ତା' ଭିତରେ ଆଉ ଦ୍ୱିତୀୟଥର ବ୍ୟବହାର ହେବା ଖୁବ୍ ଡେରରେ ଆସେ । ଅନେକଥର କେଉଁଟା କେଉଁ ଦିନ ହେଇଥିଲା, ଗୋଳମାଳ ହୁଏ । ଆଗ ପଛ ହେଇଯାଏ । ମୁଁ ଠିକ୍ କରି ପାରେନା ।

ଠିକ୍ କରି ପାରିଲାନି ଅରୁଣ । ଯେତେ ବସନ ଭୂଷଣ ଜମାହୋଇଛି ତାକୁ ଯଦି ଅଜନ୍ତା ସାରାଜୀବନ ବ୍ୟବହାର କରେ ତେବେ ବି ସରିବ କି ନା ସନ୍ଦେହ । ତଥାପି ପ୍ରତି ଜନ୍ମଦିନକୁ, ଦୁର୍ଗା ପୂଜାକୁ, ବିବାହ ବାର୍ଷିକୀକୁ ନୂତନ ପୋଷାକ ହୁଏ । ମିଷ୍ଟର ବାନାର୍ଜୀ ଜାଣନ୍ତି ନାରୀମାନେ ବସନ ଭୂଷଣ ପ୍ରିୟ । ସେଥିପାଇଁ ଯେମିତି ଅଜନ୍ତାର ଦିନେ ମନଦୁଃଖ ନହେବ, ଆଗରୁ ସେଇଲାଗି ସଜାଗ ଥିଲେ ।

ତଥାପି ମନଦୁଃଖ କରିଥିଲା ଅଜନ୍ତା । ସେ ଦୁଃଖ ବସନ ଭୂଷଣପାଇଁ ନୁହେଁ, କି ବାହ୍ୟିକ ଅଭାବ ଅସୁବିଧାପାଇଁ ନୁହେଁ । ଗୋଟାଏ ମାନସିକ ଚିନ୍ତାରେ ପଡ଼ି ସେ ଯେମିତି କ'ଣ ଖୋଜି ଥିଲା । ତା'ର ଚିତ୍ତକେନ୍ଦ୍ର ଆନ୍ଦୋଳିତ ହୋଇ ଯାଇଥିଲା । ଦୋଳାୟିତ ମନରେ ଅନେକ ସପନ ବସି ଟୁଲଣ ଖେଳୁଥିଲେ ।

ତା' ସପନର ସାଥୀରୂପେ ଦିନେ ସେ ଅରୁଣକୁ ବାଛିଥିଲା । ମନେ ମନେ ଠିକ୍‌କରି ନେଇଥିଲା । ମାତ୍ର ଅରୁଣ ସେ ସବୁକୁ ଦୂରେଇ ଦେଇ ଚାଲିଆସିଥିଲା କଲିକତା ସହରକୁ । ଏଇ କଲିକତା ସହର ତା'ପାଇଁ ଯାତନାନଗର ସାଜିଲା । ବୀଣା ତା'ର ହୃଦୟଧାରିକା ହେଲା । ମାତ୍ର ଦିନେ ସେ ଯାତନାରୁ ଉଦ୍ଧାର କଲା ଅଜନ୍ତା...

ଉଦ୍ଧାର ପରେ ପାଞ୍ଚଦିନ...

ପଞ୍ଚମଦିନ ରାତିରେ ଅଜନ୍ତା ଘର ଛାଡ଼ିଲା ଅରୁଣ । ଏଇ ରାତିହିଁ ତାକୁ ପଳାଇ ଯିବାପାଇଁ ମନ୍ତ୍ର କହିଲା । ସ୍ୱାଧୀନ ଭ୍ରମଣପାଇଁ ପ୍ରେରଣା ଦେଲା ।

ମିଷ୍ଟର ବାନାର୍ଜୀ ଅସୁସ୍ଥ ଥିଲେ । ତାଙ୍କର ପାଖରେ ଅନେକ ରାତିଯାଏ ଜଗି ରହିଲା ଅରୁଣ । ଅଜନ୍ତା ସେବା ଶୁଶ୍ରୂଷା ଭିତରେ କେଜାଣି କାହିଁକି ବାରମ୍ବାର ଦେଖୁଥାଏ ଅରୁଣକୁ । ହସୁଥାଏ ବେଳେବେଳେ । ଖାପଛଡ଼ା ହସ । ଅରୁଣ କିଛି ବୁଝି ପାରେନା ।

ଡାକ୍ତର ଆସି କହିଥିଲେ ଜର ହୋଇଛି । ବିଶେଷ କିଛି ନୁହେଁ । ଋତୁ ପରିବର୍ତ୍ତନ ହୋଇଛି ନା, ଏଇ ସମୟରେ ଅନେକଙ୍କୁ ଜ୍ୱର ହୋଇପାରେ । ଆପଣମାନେ ବ୍ୟସ୍ତ ହୁଅନ୍ତୁ ନି ।

କେହି ବ୍ୟସ୍ତ ଥିଲେ ଭଳି ଜଣା ବି ପଡ଼ୁ ନଥିଲେ । ତଥାପି ଅନେକ ସମୟ ବାନାର୍ଜୀବାବୁଙ୍କ ପାଖରେ ବସିରହି ଅରୁଣ ଶୋଇବାଘରକୁ ଫେରିଲା; କିନ୍ତୁ ଶୋଇ ପାରିଲାନି । ଆଖିକୁ ମୋଟେ ନିଦ ଆସିଲାନି । ଶେଯ ଉପରେ ପଡ଼ିରହି ସେ ଭାବୁଥିଲା ତା'ର କଥା । କେତେଦିନ ଏମିତି ଏଠି ବସି ରହିବ ? କାହିଁକି ବସିବ ? ନା, କାଲି ସକାଳୁ ସେ ବାହାରି ପଡ଼ିବ ।

ମାତ୍ର ମିଷ୍ଟର ବାନାର୍ଜୀ ତ ଅସୁସ୍ଥ । ଏଭଳି ଅବସ୍ଥାରେ ସେ ଚାଲିଯିବା … । ଅଜନ୍ତା କ'ଣ ଭାବିବ ? କ'ଣ ଭାବିବେ ମିଷ୍ଟର ବାନାର୍ଜୀ ? ତେବେ …ତେବେ ଏ ବନ୍ଦୀଶାଳାରୁ ମୁକ୍ତି କେବେ ? …କେବେ…? ?

ରାତି ବଢ଼ୁଚି ।

ଘରେ ବାହାରେ ନୀରବତାର ହିରନମ ।

ମନରେ ଭାବନା… ସୀମାହୀନ ଚିନ୍ତା ।

ଅସୁମାର ପ୍ରଶ୍ନବାଚୀ । ବୀଣା ଗଲା କୁଆଡ଼େ ? କ'ଣ ହେଲା ତା'ର ? କିଏ ତା' ମଦ୍ୟପ ସ୍ୱାମୀକୁ ହତ୍ୟାକଲା ? ତେବେ କ'ଣ ଗୁଣ୍ଡାମାନଙ୍କ ହାତରେ ବୀଣା ପଡ଼ିଛି । ତା'ହେଲେ ତ ସେ ‥ । ଇସ୍ ! ଆଗକୁ ଆଉ କଳ୍ପନା କରି ପାରିଲାନି ଅରୁଣ ।

ଆଃ ! କି ଜଘନ୍ୟ ସେ ବୃତ୍ତି ! କି ଅସାମାଜିକ କାର୍ଯ୍ୟ ସେ ! ଯାହାକୁ ସେ ଡରୁଥିଲା, ଶେଷରେ ସେଇଆ କ'ଣ ତା' ଭାଗ୍ୟରେ ଜୁଟିଲା ! ବିଚାରୀ କି ହୀନକପାଳୀ ।

ଶିରର ରକ୍ତ ହୋଇ ଉଠିଲା ଅରୁଣର । ମନ କଷାୟିତ ହୋଇଗଲା । ମୁଣ୍ଡ ହୋଇଗଲା ଗରମ । ବିଛଣାରୁ ଉଠିପଡ଼ିଲା ସେ । ବାହାରେ ଅସ୍ତ ଚନ୍ଦ୍ରର ହସ । ସେ ବାହାରକୁ ଯିବ । ଅନ୍ତତଃ ଟିକିଏ ଖୋଲା ପବନରେ ବୁଲିଲେ ନିଦ ଆସିଯାଇ ପାରେ ।

କବାଟ ଖୋଲି ବାହାରକୁ ଆସିଲା ଅରୁଣ । ହଠାତ୍ ଅଜନ୍ତାକୁ ଆଗରେ ଦେଖି ଚମକି ପଡ଼ିଲା ଏକରକମ ସେ । ଆଗରେ ମାସ୍ଥାବଳୀ ରାତି ଭଳି ଠିଆ ହୋଇଚି ସେ । ମିଷ୍ଟର ବାନାର୍ଜୀଙ୍କ ଶୋଇବାଘର ଦ୍ୱାର ବାହାରୁ ବନ୍ଦ । ଭିତରେ ଟେବୁଲ ବିଜୁଳିବତୀଟିଏ ଜଳୁଚି । କାଚଭିତର

ଦେଇ ଦେଖା ଯାଇଚ ମିଷ୍ଟର ବାନାର୍ଜୀ ସୁପ୍ତ । ବାହାରେ ଅଜନ୍ତା ଠିଆ ହୋଇଚ ।

ଅଜନ୍ତା ?

ହଁ ।

ତମେ ଏ ଯାଏ ଶୋଇନା ?

'.........'

କିଛି ନକହି ନୀରବ ରହିଲା ଅଜନ୍ତା । ନୀରବତାକୁ ଭାଙ୍ଗି ଅରୁଣ କହିଲା, ଓ ! ବୁଝିଲି, ମିଷ୍ଟର ବାନାର୍ଜୀଙ୍କ ପାଇଁ ତମେ ବିବ୍ରତ । ହେବା ମଧ୍ୟ ସ୍ୱାଭାବିକ । ହେଲେ ଡାକ୍ତର ତ କହିଥିଲା ବ୍ୟସ୍ତହେବାର କିଛି କାରଣ ନାହିଁ । ତମେ ଶୋଇବ ଯାଅ ।

ଆପଣଙ୍କୁ କ'ଣ ନିଦ ହେଉନି ?

ଅଜନ୍ତା ମୁହଁରେ ସ୍ମିତ ହସ ଫୁଟାଇ ପ୍ରଶ୍ନକଲା ଅରୁଣକୁ ।

ଅରୁଣ କହିଲା, ନା,...ମୋର ନିଜକଥା ସବୁ ମନେ ପଡ଼ୁଚି । ମୁଁ ଆଜି ଶେଯରେ ପଡ଼ିରହି ଖାଲି ଭାବୁଚି, ମୁଁ କାହିଁକି ତମଘରେ ପଡ଼ି ରହିଚି । କେତେଦିନ ଏଠି ଏମିତି ପଡ଼ି ରହିବି ।

ଏଠି ଆପଣଙ୍କୁ ଭଲ ଲାଗୁନି ନିଶ୍ଚୟ ?

ଅରୁଣ କହିଲା, ଅନେକଥର ତା' ଉତ୍ତର ମୁଁ ଦେଇ ସାରିଛି ଅଜନ୍ତା । ଆଜି ପୁଣି ସେ ପ୍ରଶ୍ନର ପୁନରାବୃତ୍ତି କାହିଁକି ? ମୋତେ ଏଠି ଭଲ ଲାଗୁନି, ତଥାପି ମୁଁ ପଡ଼ି ରହିଛି । କାରଣ ମିଷ୍ଟର ବାନାର୍ଜୀ ମନରେ, ଆଉ ତମ ମନରେ କଷ୍ଟ ହେବ ବୋଲି ।

ଆପଣ କ'ଣ ମୋ ମନରେ କଷ୍ଟଦେଇ ନାହାନ୍ତି ? ଅନେକଥର ଦେଇଛନ୍ତି । ଏବେ ମଧ୍ୟ ଦେଉଛନ୍ତି । ସେ କଷ୍ଟ, ସେ ବେଦନାର ସୀମା କଳ୍ପନା କରାଯାଇ ପାରିବନି ।

ଅଜନ୍ତା !

ମୁଁ ଆପଣଙ୍କ ଆଗରେ କିଛି କେବେ ଲୁଚାଇନି ଅରୁଣ ବାବୁ ! ମୁଁ ଏବେ ମଧ୍ୟ କହୁଚି, ମୁଁ ସେଇ ଚିର ବିଦଗ୍ଧା ।

ଅରୁଣ ଉପଦେଶ ଦେବା କଣ୍ଠରେ କହିଲା, ଅଜନ୍ତା ! ତମେ ବିବାହିତା, ତମର ସ୍ୱାମୀ ଅଛନ୍ତି । ତମେ ତ ଆଉ ସେଇ କୁମାରୀ ଅବସ୍ଥାରେ ନାହିଁ । କୁମାରୀ ମନରେ ଦୁର୍ବଳତା ସ୍ୱାଭାବିକ । ପୁରୁଷ କି ନାରୀର ସେ ଦୁର୍ବଳତାକୁ କେହି କେବେ ଧରି ବସେନା । ବିବାହିତର ସାଇନପରେ ହିନ୍ଦୁ ଧର୍ମର ଦୁର୍ଲଙ୍ଘ୍ୟ ସମାଜ ଆଖି ଆଗରେ ଠିଆ ହୁଏ । ତମେ କ'ଣ ସେ ସମାଜକୁ ମୋଟେ ଭୟ କରନା ଅଜନ୍ତା ? ତମର ଏଇ ସାମାନ୍ୟତମ ଦୁର୍ବଳତାକୁ ତମେ ଲୁଚିରଖି ପାରୁନା !

ଅଜନ୍ତା ଏକ ଆର୍ଦ୍ରକଣ୍ଠରେ ଜବାବ ଦେଲା, କେହି ପାରିବେନି··· ଅରୁଣବାବୁ, କେହି ପାରିବେନି । ଆଖି ଆଗରେ ପାଚିଲା ଫଳରଖି ଖାଇବାକୁ ଯେତେ ମନାକଲେ, ସେ ଖାଇବା ଲାଳସାରୁ କେହି ନିବୃତ୍ତ ହୋଇ ପାରିବେନି । ବାହାରକୁ ସଂଯମୀ ଦେଖେଇ ହେଉଥିଲେ ମଧ୍ୟ ଭିତରେ ପ୍ରାଣଟା ଲାଳସାରେ ଛଟପଟ ହେଉଥିବ । ଆପଣ କୁହନ୍ତୁ, ମୁଁ କ'ଣ ଦିନେ ଆପଣଙ୍କୁ ନେଇ କରି ସ୍ୱପ୍ନ ଦେଖୁ ନଥିଲି ? ଆପଣଙ୍କୁ ପାଇବି ବୋଲି କଳ୍ପନା କରୁ ନଥିଲି । ସେ କଳ୍ପନାର ସ୍ତୂପ ଏତେ ଶିଘ୍ର କ'ଣ ମୋ ମନ ଉପରେ ରହିନି ?

ଅଜନ୍ତା ! ତମେ ଏ କ'ଣ କହୁଚ ?

ମୁଁ କ'ଣ ଭୁଲ କହୁଛି ?

ନା, ଭୁଲ ନୁହେଁ—କି ଠିକ୍ ନୁହେଁ । ତମେ ଠିକ୍ କରୁନା । ମୁଁ ଜାଣି ନଥିଲି, ତମେ ମୋତେ ମୁକ୍ତ କରିବା ପଛରେ ଏତେ କାମନା ରଖି ଯାଇଥିଲ । ତମେ କପଟ ମିଛ ସବୁ କହୁଥିଲ ମୋ ଆଗରେ । ମୋ' ମୁକ୍ତିକୁ ଏ ଦେଶ ଚାହିଁନି, ଏ ଜାତି ଚାହିଁନି; ବରଂ ଚାହୁଁଚ ତମେ । ତମେ... !

ଅଜନ୍ତା କହିଲା, ଆପଣଙ୍କର ମୁକ୍ତି ଚାହିଁବା କ'ଣ ମୋ ପକ୍ଷରେ ଉଚିତ ନୁହେଁ । କୁହନ୍ତୁ, ମୁଁ କ'ଣ କିଛି ଭୁଲ କରିଛି ? ମୁଁ ଆପଣଙ୍କ ମୁକ୍ତି ଚାହିଁଥିଲି ଜଣେ ସାଧାରଣ ପ୍ରେମିକା ହିସାବରେ । ପ୍ରେମପାଇଁ ତ ବିରହିଣୀ ରାଧା ଜାତି କୁଳ ମାନ ନ ଥିଲା । ରାଧା ଜଣଙ୍କୁ ବିବାହ କରିଥିଲା । କିନ୍ତୁ ଭଲ ପାଉଥିଲା ଆଉ ଜଣଙ୍କୁ । ତାଙ୍କୁ ଭଲ ପାଇବାକୁ ଯେତ ଦୁନିଆ ପରୱାସ୍ତି କହି

ସମ୍ମାନ ଦେଇ ପାରନି, ମୋ ପ୍ରେମ ମୂଲ୍ୟାୟନ ହେବ କାହିଁକି ? ଭୁଲ ହେବ କାହିଁକି ?

ତମେ ଶୋଇବ ଯାଅ ଅଜନ୍ତା ; ତମ ଭୁଲ ଠିକ୍ ବାଛିବାର ଶକ୍ତି ଏବେ ମୋର ନାହିଁ । ମୋତେ ଟିକେ ବିଶ୍ରାମ ଦିଅ । ତମେ ଯାଅ ।

ଆଉ କିଛି କହି ପାରିଲାନି ଅରୁଣ । କୋଠରୀ ଭିତରକୁ ଫେରିଯାଇ କବାଟ ବନ୍ଦ କରିଦେଲା । ସେ ଅନୁଭବ କଲା ତା' ଦେହରେ ସତେ ଯେମିତି କିଏ ଗୋଟାଏ ବିଷାକ୍ତ ଇଞ୍ଜେକ୍‌ସନ ଫୋଡ଼ି ଦେଲା । ସାରା ଦେହଟା ତା'ର ବିଷାକ୍ତ ହୋଇଗଲା । ସେ ବିଛଣାରେ ଶୋଇ ପାରିଲାନି, କି ଚଉକିରେ ବସି ରହି ପାରିଲା ନି । କେବଳ ଗୋଟାଏ ଅବ୍ୟକ୍ତ ଅନ୍ତର୍ଜ୍ୱଳନରେ ସେ ଛଟପଟ ହେବାକୁ ଲାଗିଲା ।

ନିରୁଜ କୋଠରୀରେ ବସି ବସି ଅତିଷ୍ଠ ହୋଇ ପଡ଼ିଲା । ନା, ସେ ମୁକ୍ତି ଲୋଡ଼େ । ସେ ବାହାରକୁ ଯିବ । ବାହାରେ ଶୀତଳ ରାତ୍ରିର ନରମ ତନୁର ପରଶ ଅଛି । କିନ୍ତୁ······ଯଦି ବାହାରେ ଅଜନ୍ତା ଥିବ ? ପୁଣି, ପୁଣି ସେଇ କଥାର ସୂତ୍ରପାତ ହେବ । ପୁଣି ସେ ବାନ୍ଧି ବସିବ ଗୋଟାଏ କ୍ଷୁଧିତ ପ୍ରାଣର ଆବେଦନାକୁ ।

ଝରକାର ପରଦା ଟେକି ବାହାରକୁ ଚାହିଁଲା ଅରୁଣ । ଆଃ ! ଏଇ ପରଦାଟା ଟେକି ଦେଲାପରେ ସାରା ଜଗତଟା ଦିଶୁଚି । ମାତ୍ର ଏଇ ସାମାନ୍ୟ ପରଦା ଆଢୁଆଳରେ ଏତେ ଯନ୍ତ୍ରଣା, ଏତେ ଜ୍ୱଳନ ! ବାହାରେ ତାମସୀ ରାତ୍ରିର ଫୁଲିଲା ଗୁନ୍ଥରେ କଳା ଘୁମର ବେହରଣ । ଚାହାଣିର ସୀମାନ୍ତ ପର୍ଯ୍ୟନ୍ତ କେବଳ ସେଇ କାଳିମା । ଅନ୍ଧକାର । ବାହାରେ ଅନ୍ଧାର, ଘରେ ଅନ୍ଧାର । ବାହାର ଅନ୍ଧାର ପ୍ରଚୁର, ସୀମାହୀନ । ମାତ୍ର କୋଠରୀର ଏଇ ସୀମିତ ଅନ୍ଧାର ଏତେ ବେଦନାଭରା କାହିଁକି ?

ତେବେ କ'ଣ ପ୍ରାଚୁର୍ଯ୍ୟରେ ପ୍ରଗଳ୍‌ଭତା ନଥାଏ ? ନା, ଥାଏନା । ପ୍ରଥମ ଯୌବନ ପ୍ରାଣରେ ଯେଉଁ ଉଚ୍ଛୃଙ୍ଖଳତା, ଯେଉଁ ପ୍ରବଣତାର ହାଲୁକା-ହେଉଠେ, ପୂର୍ଣ୍ଣ ଯୌବନରେ ତାହା ନ ଥାଏ । ଅଳ୍ପଶିକ୍ଷିତ ଲୋକ ଆଗରେ ବଡ଼ିମାର ଯେତେ ଲହରୀ ଉଠେ, ପୂର୍ଣ୍ଣ ଶିକ୍ଷିତ ପାଖରେ ତାହା ନ ଥାଏ ।

ଗଭୀର ଜଳ ସ୍ଥିର, ନିସ୍ତରଙ୍ଗ । ମାତ୍ର ଅଜନ୍ତାର ମନ ସର୍ବଦା ତରଙ୍ଗାୟିତ ହେଉଥିଲା । ସେ ତରଙ୍ଗ ଦୁର୍ବଳ କାମନାର ତରଙ୍ଗ ।

ଭୟ ହେଲା ଅରୁଣର । ଅଜନ୍ତା ମନର ତରଙ୍ଗ ତା' ଉପରକୁ ବାରମ୍ବାର ମଥା ଉନ୍ନତ କରି ମାଡ଼ି ଆସିଚି । ମାତ୍ର ଗ୍ରାସ କରିନି । କୌଣସି ମୁହୂର୍ତ୍ତରେ ଗ୍ରାସ କରି ପିବନି ତ ?

ଅସମ୍ଭବ ନୁହେଁ । ଥରେ ଏପରି ପ୍ରବଳ ବେଗରେ ମାଡ଼ି ଆସି ତାକୁ ଗ୍ରାସ କରିଥିଲା । ତା'ର ଫଳରେ ସେ ଶାନ୍ତି ନିକେତନ ଛାଡ଼ିଥିଲା । ନିଜ ଜୀବନର ଚରମ ବିପତ୍ତିକୁ ବରି ନେଇଥିଲା । ସାଧନା ପଥରୁ ବିଚ୍ୟୁତ ହେଲା । ପୁଣି, ପୁଣି ସେଇ ତରଙ୍ଗ ପ୍ରବଳ ବେଗରେ ମଥା ଟେକି ମାଡ଼ି ଆସୁଚି । ଯଦି କେତେବେଳେ ଗିଳି ଦିଏ ! ନା, ସେ ମୁକ୍ତି ଗ୍ଭହେ । ସେ ତା'ର ନିଜକୁ ବଞ୍ଚାଇ ରଖିବାକୁ ଗ୍ଭହେ ।

ବାହାରକୁ ନିରେଖି ଗ୍ଭହିଁଲା ଅରୁଣ ।

ଅନ୍ଧାର, ଖାଲି ଅନ୍ଧାର । ସେଇ ଅନ୍ଧାର ଭିତରେ ସେ ଲକ୍ଷ୍ୟ କଲା ତାକୁ ଯେମିତି କିଏ ହାତଠାରି ଡାକୁଚି । ଗ୍ଭଲିଆ, ଗ୍ଭଲିଆ । ସେ ବନ୍ଧନ ଛିଣ୍ଡେଇ ଗ୍ଭଲିଆ । ମୁଁ ତୋର ପ୍ରିୟା କଳା । କାଳିମାକୁ ସନ୍ତରଣ କରି ମୋ ପାଖକୁ ଗ୍ଭଲିଆ । ଆ···

ଆଃ ! ଅଧୀର ହୋଇ ଚିତ୍କାର କରି ଉଠିଲା ଅରୁଣ ।

ବାହାରେ ଗ୍ଭହିଁ ।

ମାରବତା ଡାକୁଚି ଘଣ୍ଟା କଣ୍ଟାର ଶବ୍ଦ ସହିତ । ସେ ବି କହୁଚି ଗ୍ଭଆଲେ···ଗ୍ଭଲେ···ଗ୍ଭଲ୍···

ତେବେ ସେ ଗ୍ଭଲିପିବ ଏଠୁ । କିନ୍ତୁ ଏମିତି ଅବସ୍ଥାରେ ଗ୍ଭଲିଗଲେ ଅଜନ୍ତା ଭାବିବ କ'ଣ ? ମିଷ୍ଟର ବାନାର୍ଜି କ'ଣ ମନେ କରିବେ ? ନା, ସେ କାଲି ପିବ । ଅଗାମୀ କାଲି ନିଶ୍ଚୟ । ଅନୁମତି ନେଇ ସେ ପିବ ।

ଶୋଇବାକୁ ଚେଷ୍ଟା କଲା ଅରୁଣ । ଖଟ ଉପରେ ନିଜକୁ ଲମ୍ବାଇ ଦେଲା । ଗୋଡ଼ ହାତକୁ ମୁକ୍ତ ଭାବେ ଖେଳାଇ ଦେଲା । ହଠାତ୍ ଚମକି

ପଡ଼ିଲା ସେ । ତା'ର ମନେ ହେଲା ତା' ଶେଯରେ ଯେମିତି କିଏ ଗୋଟାଏ ଶୋଇଛି । ଗୋଟାଏ କ୍ଷୁଧିତା ନାରୀ ନିଶ୍ଚୟ, ଅଜାତ ହୋଇ ସେ ମିଶି ଯାଇଛି ଶଯ୍ୟା ସହିତ । କିଏ, କିଏ ସେ ? ଅଜନ୍ତା ? ତା'ର ଦୁର୍ବଳ ହୃଦୟଟା ଥରି ଉଠିଲା ଭୟରେ । ଦୂରରେ ଠିଆ ହୋଇ ଅତି ସନ୍ତର୍ପଣରେ ହାତ ବଢ଼ାଇଲା ଶଯ୍ୟାକୁ ସେ । ନା, ତାର ଚଦରଟା । ଗରମ ଯୋଗୁଁ ତାକୁ ଗୋଟାପାଖିଆ କରି ପକାଇଥିଲା । ସେଇ ଚଦରଟା ।

ପୁଣି ଯାଇ ଖଟ ଉପରେ ବସି ପଡ଼ିଲା ଅରୁଣ । ଖଟଟା ଗୋଟାଏ ଅସ୍ପଷ୍ଟ ଚିତ୍କାର କରି ଉଠିଲା । ଅରୁଣର ମନେ ହେଲା ଅଜନ୍ତା ଯେମିତି ତାକୁ ଉପହାସ କରୁଚି । ତାକୁ ପରିହାସ କରି କହୁଚି, ଭୀରୁ ! ନପୁଂସକ ! ତମର ପୁରୁଷତ୍ୱ ନାହିଁ । ତମେ ଗୋଟାଏ ନାରୀକୁ ଏତେ ଭୟ କରୁଚ ?

ବାସ୍ତବିକ ଭୟ କରୁଚି ଅରୁଣ । ସେ ନାରୀକୁ ଭୟ ନ କରି ଭୟ କରୁଚି ତାଙ୍କ କାଳିମାକୁ । ପ୍ରଜାପତି ଭଳି ରଙ୍ଗିନ୍ ଲୋଭିଲା ରୂପ ଧରି ସେମାନେ ଉଡ଼ି ଆସି ଆଗରେ ବସନ୍ତି । ତାଙ୍କୁ ଦେଖି ଲୋଭ ଜନ୍ମେ । ଧରି ରଖିବାକୁ କାମନା ଜାଗି ଉଠେ । ହାତରେ ଧରିଲେ ମେଞ୍ଚାଏ ସେଇ ରଙ୍ଗିନ୍ ମହୁଆ ନିଶା ବୋଳି ସେମାନେ ଉଡ଼ି ଯାଆନ୍ତି । ଶେଷରେ ସାର ହୁଏ ସେଇ ରଙ୍ଗିନ୍ ଦିଶୁଥିବା କାଳିମାଗୁଡ଼ା ।

କାଳିମା, ଦୂରରୁ ଯାହା ରଙ୍ଗିନ ଦିଶେ । ପାଖରେ ଯାହା ଲୋଭ ବଢ଼ାଏ । ପରେ ଯାହା କଳା ଦିଶେ । ସେଇ କଳଙ୍କମୟ କାଳିମା । ତାକୁ ବି ମାୟା ମମତା କୁହନ୍ତି, ତା'ର ପୁଣି ଟିକେ ହେଲେ ମୂଲ ନାହିଁ । ପରିବା ଭଳି ସେଗୁଡ଼ାକ । ଯେଉଁ କ୍ଷଣିକ ପରଶରେ ଅଛି ସେତିକି ସାର । ପଛୁ ଜଣା ପଡ଼ିଲେ ଫୋପଡ଼ା ହେଉଛି । ସବୁ ମୋର, ପୁଣି କିଛି ନିଜର ନୁହେଁ । ସବୁ ମୋରଟା ହେଲା ମାୟା । ସେଇ ମାୟାକୁ ଜନ୍ମାଏ ଏଇ ନାରୀ ଜାତିଟା । ତାଙ୍କରି ପାଖରେ ଥାଏ ସେଇ ପ୍ରଜାପତିଆ କାଳିମା ।

ନା, ତା'ର କଳାକୁ ସେ ବଞ୍ଚାଇ ରଖିବ । କାଳିମାକୁ ଛାଡ଼ିଯିବ । ଅନେକ ଦିନରୁ ତ ସେ ଶପଥ କରିଛି, କଳା ହେବ ତା'ର ଜୀବନର ପାଥେୟ । ସେ ଯିବ । ଏ ବନ୍ଧନକୁ ତୁଟାଇ ଚାଲିଯିବ ।

ଅତି ଧୀରେ କବାଟ ଖୋଲିଲା ଅରୁଣ । ନା, ଅଜନ୍ତା ନାହିଁ । ପୁଣି ସତର୍କତା ସହିତ କବାଟ ବନ୍ଦ କଲା । ଧୀରେ ଧୀରେ ପାଦ ବଢ଼ାଇ ଚାଲିଲା ଆଗକୁ । ଫାଟକ ଆସି ଖୋଲିଲା । ଫାଟକ ବନ୍ଦ କରିବା ପୂର୍ବରୁ ସେ ଥରେ ଫେରି ଚାହିଁଲା ସେଇ ତମସାଚ୍ଛନ୍ନ କୋଠାଘରଟି ଆଡ଼େ ।

ଦୀର୍ଘ ନିଶ୍ୱାସ ଛାଡ଼ିଲା ଅରୁଣ । ଆଃ ! ତା'ର ମନେହେଲା ସତେ ଯେମିତି ଆଜି ସେ ଜେଲଖାନାରୁ ମୁକ୍ତ ହେଲା । ସେଦିନ ସେ ମୁକ୍ତି ପାଇ ନଥିଲା । ଆଜି ପାଇଲା । ଆଖି ବୁଜି ହୋଇ ଆସିଲା ଆନନ୍ଦରେ ତା'ର । ଦୁଇ ହାତ ଯୋଡ଼ି ତା'ର ଉଦ୍ଦେଶ୍ୟରେ ଗୋଟାଏ ନମସ୍କାର ପକାଇଲା ଅରୁଣ ।

ଅରୁଣ ବାବୁ !

ଚମକି ପଡ଼ିଲା ଅରୁଣ । ପୁଣି ସେଇ ସ୍ୱର । ସେଇ କ୍ଷୁଧିତ ପ୍ରାଣର ଚିତ୍କାର । କାହିଁ, କେଉଁଠି ସେ ?

ଏଥର ଆଶ୍ଚର୍ଯ୍ୟ ନହୋଇ ରହି ପାରିଲାନି ଅରୁଣ । ଆଗରେ ଧୋଧେ କୃଷ୍ଣ ବସ୍ତ୍ରାବୃତ ସେଇ ନାରୀ, ଅଜନ୍ତା । ହଠାତ୍ ତାକୁ ଆଗରେ ଦେଖି ଥରାଟିପଣ ଥରିବାକୁ ଲାଗିଲା ଅରୁଣ । ପାଟିରୁ କଥା ଫୁଟିଲାନି । କ'ଣ କହିବ ? ପୁଣି ସିଏ ପଚାରି ବସିବ, କୁଆଡ଼େ ଯାଉଛନ୍ତି ଆପଣ ? ଅନ୍ତତଃ ଆଉ ଦୁଇଦିନ ରହନ୍ତୁ ଏଠି । ତା'ପରେ ଆପଣଙ୍କ ଇଚ୍ଛାନୁସାରେ ଚାଲିଯିବେ । କେହି ଆପଣଙ୍କୁ ଅଟକାଇ ପାରିବେନି ।

ନା, ସେ ଆଜି ଆଦୌ ଅଟକିବନି । ସେ ଯିବ । ଆଉ କିଛି ଭାବିବା ପୂର୍ବରୁ ଏକମୁହାଁ ହୋଇ ଚାଲିଲା ଆଗକୁ । ପଛରୁ ଯେମିତି କେବଳ ଚିତ୍କାର ଶୁଭୁଥିଲା, ଅରୁଣବାବୁ ! ଶୁଣି ଯାଆନ୍ତୁ । ଥରେ…ଅରୁଣ…ବା…ବୁ…!!!…

ଆଉ ଶୁଣିନି ଅରୁଣ । ଜନପଥର ଧାରେ ଧାରେ ସେ ତା'ର ଚାଲିବାକୁ ବନ୍ଧ୍ୟବନ୍ଧ୍ୟ ଧାଇଁଚି ଆଗକୁ । ଆଗରେ ତରୁଣୀ ଉଷା । ତା'ର ଗଳାରେ ସେ ଆଜି

ତା' ମୁକ୍ତି ଜୟମାଲ୍ୟ ପିନ୍ଧାଇ ଦେବ । ତାଙ୍କୁ ଏକାନ୍ତଭାବେ ଅନୁରୋଧ କରିବ, ଊଷା ! ତମକୁ ମୋର ଶତ ସହସ୍ରବାର ଅନୁରୋଧ । ତମେ ମୋ ଜୀବନ-ଧରିତ୍ରୁ ଏ କାଳିମାକୁ ଦୂରେଇ ଦିଅ । କାଳିମା ବୋଝରେ ମୋ କଳା ବଞ୍ଚି ପାରିବନି । ତାକୁ ନୂତନ ଜୀବନ ଦିଅ । ତାକୁ ମୁକ୍ତି ଦିଅ ।

ଓଃ ! ଦୀର୍ଘ କାଳିମାମୟୀ ରାତି ପାହୁଚି । ଆଗରେ ନୂତନ ସୂର୍ଯ୍ୟ ତୂର୍ଯ୍ୟ ଫୁଙ୍କି ଆସୁଚି । ଅରୁଣ ଭାବିଲା, ସେ ଟିକେ ଆଲୋକ ଭିକ୍ଷା କରିବ । ଜୀବନର ଏ ଅପରିସୀମ କାଳିମା ଲଦି ହୋଇ ସେ ଜଡ଼ସଡ଼ ହୋଇଗଲାଣି । ସୂର୍ଯ୍ୟଙ୍କୁ ଅନୁରୋଧ କରିବ, ହେ ସୂର୍ଯ୍ୟ ! ତମେ ଆଞ୍ଜୁଳାଏ ଆଲୋକ ଦିଅ । ମୁଁ ନିଜ ଦେହରେ ତାକୁ ବୋଳି ହୋଇ ନିଜକୁ ଦେଖିବ । ନିଜକୁ ଚିହ୍ନିବାକୁ ଚେଷ୍ଟା କରିବ ।

କଲିକତା ସହର ଛାଡ଼ିଲା ଅରୁଣ । ସହର ଛାଡ଼ି ସେ କୁଆଡେ ଯାଉଚି ସେ ଜାଣେନା । ଷ୍ଟେସନକୁ ଆସି କେଉଁଠିକି ଯିବାକୁ ଟିକେଟ କଲା ସିଏ ବି ଜାଣେନା । ସମସ୍ତେ ଯାଉଛନ୍ତି ସିଏ ଯିବ । ସମସ୍ତେ କିଣୁଛନ୍ତି, ସେ ବି କିଣିବ । ଆ'ଗ ପଛ ବିଚାର କରିବାର ଆଉ ବେଳ ନାହିଁ । ସେ ନୂତନ ଊଷାର ଆଲୋକପିଆସୀ ।

ଯାତ୍ରୀର ଯାତ୍ରା ଆରମ୍ଭ ।

ଅରୁଣ ମନେକଲା, ତା' କାନ ପାଖରେ କିଏ ଯେମିତି କହିଯାଉଛି, ହେ ଯାତ୍ରୀ ! ତୋ ଯାତ୍ରାର ଇଏ ଆରମ୍ଭ ମାତ୍ର । ରୁ ଖିଆଲ୍ । ଆଗରେ ତୋର ଉଜ୍ଜ୍ୱଳ ଦିବସ । ଇଏ ତୋର ଶୁଭ ପ୍ରଭାତ ମାତ୍ର ।

ଉତ୍‌ଫୁଲ୍ଲ ଆବେଗରେ ଅରୁଣର ଚିର ଅବଦମିତ ମନ ନାଚି ଉଠୁଥିଲା । ଦୀର୍ଘଦିନର ପିଞ୍ଜରାବଦ୍ଧ ପକ୍ଷୀ ମୁକ୍ତି ପାଇଲା ଭଳି ସେ ସେଇ ମୁକ୍ତି ଆନନ୍ଦରେ ନାଚି ଯାଉଥିଲା ।

ଏ କ'ଣ ? ଏ ପ୍ରଭାତଟା ଏତେ ସୁନ୍ଦର କେମିତି ହେଲା ? ଇସ୍ ! କି ମନୋହର ଦୃଶ୍ୟ ! ଠିକ୍ ଗାଡ଼ି ବାହାରେ ଧା-ଦଉଡ଼ କରୁଛନ୍ତି । ଏଭଳି ସୁନାର ସକାଳ ତ ସେ ତା' ଜୀବନରେ କେବେ ଦେଖି ନ ଥିଲା । ତେବେ

ଏଇଟା କେଉଁ ଋତୁ ? କେଉଁ ମାସ ? କେଉଁ ବାର ? କେତେ ତାରିଖ ? ଆଜି......

କିଛି ମନେ ପଡ଼ିଲାନି ଅରୁଣରେ । ଏହା ଭିତରେ ଯେ ସବୁ ଭୁଲି ଯାଇଛି । ବାହାରେ ବସନ୍ତ ଋତୁ ବୋଧହୁଏ ଖେଳୁଚି । ହଁ, ବସନ୍ତ ନିଶ୍ଚୟ । ଗଛଲତାରେ ପେନ୍ଥା ପେନ୍ଥା ଫୁଲ । ବୃଦ୍ଧ ଜୀର୍ଣ୍ଣ ଗଛଗୁଡ଼ାକରେ ବି କୋମଳ ପତ୍ରର ମଧୁ ସମ୍ଭାର । ଅଃ, କି ଚମତ୍କାର ! ସବୁରି ପ୍ରାଣରେ ଉନ୍ମାଦନା । ସବୁରି ମନରେ ଆନନ୍ଦ ।

ବସନ୍ତ ଆସିଛି । ଫୁଲ ପତ୍ରରେ ସୁରଭି ବାଣ୍ଟି ବସନ୍ତ ଆସିଛି । ପୃଥିବୀ ହସୁଚି । ଆକାଶ ଆଖିମିଟିକା ମାରୁଚି । ଅରୁଣର ମନେ ହେଉଚି ସତେ ଯେମିତି ସାରା ଆକାଶଟାକୁ କିଏ ନୀଳ ରଙ୍ଗର ଅଏଲ ପେଣ୍ଟ କରିଯାଇଛି । ଦୂର ବାଦାମି ରଙ୍ଗର ପାହାଡ଼ଟା ବି ସବୁଜ-ସମ୍ଭାର ଧରି ନାଚୁଚି ଆନନ୍ଦରେ ।

ଅରୁଣ ଅଭିବାଦନ ଜଣାଇଲା ସେ ସମସ୍ତଙ୍କୁ । ସତେ ଯେମିତି ଅତି ପ୍ରିୟ ଏଇ ଋତୁସମ୍ଭାର ତାକୁ ଅନେକ କାଳ ଧରି ଅପେକ୍ଷା କରିଥିଲେ । ତା'ର ମୁକ୍ତି ସାଙ୍ଗେ ସାଙ୍ଗେ ଆଜି ଆନନ୍ଦରେ ବିଭୋର ହୋଇ ପଡ଼ିଥିଲା । ବସନ୍ତ ତା'ର ପ୍ରିୟ । ଅତି ପ୍ରିୟ ଋତୁ । ଏଇ ବସନ୍ତ ଋତୁରେ ଛୁଟି ପାଇ ସେ ଗାଆଁକୁ ଆସୁଥିଲା । ତା'ର ଘର ପାଖର ସେଇ ଘନ ଗମ୍ଭୀର ଆମ୍ବ-ବାଟିକାରେ ସେ ତା' ଛବିପାଇଁ ପ୍ରାକୃତିକ ଷ୍ଟୁଡ଼ିଓ କରୁଥିଲା । ଆଉ ସେ ଛବିଗୁଡ଼ିକର ମଡେଲ ହେଉଥିଲା ବୀଣା !

ବୀଣା !

ଚମକି ପଡ଼ିଲା ତା'ର ଚିତ୍ତ । ପୁଣି ପର ମୁହୂର୍ତ୍ତରେ ମନରେ ଦୟା ସଞ୍ଚାର ହେଲା । ଅହା, ବିଚାରୀର ଅବସ୍ଥା କ'ଣ ହୋଇଥିବ ସତେ ! ତା'ର ଏ ଅବସ୍ଥାପାଇଁ ସେ କ'ଣ ଦାୟୀ ନୁହେଁ ? ସିଏ ଯଦି ତାକୁ ଏକୁଟିଆ ଛାଡ଼ିଯାଇ ନ ଆନ୍ତା ତେବେ ଏତେ ବଡ଼ କାଣ୍ଡ ହୋଇଥାନ୍ତା କାହିଁକି ? କାହିଁକି ସେ ଅବା ଜେଲ ଯାଇଥାନ୍ତା ? କାହିଁକି ଅଜନ୍ତା ସାଙ୍ଗରେ ତା'ର ଦେଖା ହୋଇଥାନ୍ତା ।

॥ ୧୭ ॥

ବିଗୃଷ୍ଣ ଖାଣା ପ୍ରତି ସେ ଅବିଶ୍ୱାସ କରିଚି । ତା'ର ଫଳ ଭୋଗ କରିବା ପାଇଁ ସେ ଜେଲଦଣ୍ଡ ପାଇଚି । ଆଉରି ମଧ୍ୟ ପ୍ରାୟଶ୍ଚିତ୍ତ କରିଛି ଯାଇ ଅଜନ୍ତା ଘରେ । ଅଜନ୍ତା !······ !!······

କେଜାଣି କାହିଁକି ମନଟା ଅମିକି ଉଠିଲା । ଅଜନ୍ତା ତା'ର ସହପାଠିନୀ । ତା'ର କଳାର ପ୍ରେମିକା । ପୁଣି...... ଅଜନ୍ତା ଅରୁଣର ପ୍ରେମିକା । ଏଇ ଗଳ୍ପ ଘଟଣାରେ ସେ ସ୍ପଷ୍ଟ କରି ଦେଲା, ସେ ପ୍ରେମିକା । ଅଜନ୍ତା ହେଉଚି ପ୍ରେମ-ବିରହିଣୀ ରାଧା । ରାଧା ଭଳି ସେ ବିବାହ କରିଛି ଜଣକୁ, ଆଉ ଭଲ ପାଉଚି ଅନ୍ୟ ଜଣକୁ । ଇଏ ତା'ର ପରକୀୟା ପ୍ରୀତି ।

ସେ ଭଲ ପାଇଚି ଜଣକୁ; ମାତ୍ର ଜଣକୁ । ବାସ୍, ଏଇଠି ଅଟକି ରହିଲା ପରକୀୟାର ସମସ୍ତ ଶଙ୍କା । ସେ ରାଧା ଭଳି ପରମ ପ୍ରେମିକା । ସେ ଏକାନ୍ତ ଭାବେ ତା'ର ପ୍ରେମକୁ ନିବେଦିଛି ଅରୁଣ ଉଦ୍ଦେଶ୍ୟରେ : ଅରୁଣ ତା'ର ମନ-ବୃନ୍ଦାବନର କୃଷ୍ଣଚନ୍ଦ୍ର; କିନ୍ତୁ ଅଜନ୍ତାର ସ୍ୱାମୀ କ'ଣ ଚନ୍ଦ୍ରସେଣା ? ସେ କ'ଣ ଚନ୍ଦ୍ରସେଣା ଭଳି ନପୁଂସକ ? ଅସମ୍ଭବ !

ତେବେ ଅଜନ୍ତା ରାଧା ହେବ କେମିତି ? ରାଧା ତ ଦେହ ଜଣକୁ ଦେଇ ମନ ଆଉ ଜଣକୁ ଦେଇ ନ ଥିଲେ । ସେ ତାଙ୍କର କାୟ ମନ ସର୍ବସ୍ୱ ଅର୍ପଣ କରିଥିଲେ ସେଇ ପରମ-ପୁରୁଷ କୃଷ୍ଣଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ । ଅଜନ୍ତା ଏକ ତାମସୀ ରାଧା, ଯିଏ ନକଲି କୃଷ୍ଣଚନ୍ଦ୍ର, ଆଉ ମିଷ୍ଟର ବାନାର୍ଜି ପୁରୁଷତ୍ୱ-ମୁକ୍ତ ଚନ୍ଦ୍ରସେଣା ।

ନା, ସେ କୃଷ୍ଣଚନ୍ଦ୍ର ନୁହେଁ । ସେ ବି କାହାରି ପ୍ରେମିକ ନୁହେଁ । ଅଜନ୍ତା ମିଛ କହିଥିଲା । ତାହା ମିଛ ! ଅରୁଣ କାହାରିକୁ ପ୍ରେମ କରେନା । ତା' ହୃଦୟରେ ପ୍ରେମ ନାହିଁ । ଅଜନ୍ତାକୁ ପ୍ରେମିକା ହେବାକୁ ଅଧିକାର ଦେଲା କିଏ ? କାହିଁକି ସେ ତାକୁ ପ୍ରେମ କଲା ?

ଆଉ ଭାବି ପାରିଲାନି ଅରୁଣ । ମଥା ତା'ର ଭାରାକ୍ରାନ୍ତ ହୋଇ ପଡ଼ିଲା । ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ସେ ବାହାରକୁ ଚାହିଁଲା । ବାହାରେ ସୂର୍ଯ୍ୟକିରଣର ମହୋତ୍ସବ; ଆଉ ନୂଆ ରଙ୍ଗଦିଆ ହସନ୍ତ ପୃଥିବୀ । ତା'ର ଛବିର ସଂଖ୍ୟାହୀନ ସ୍କେଚର ନମୁନା ।

ଅନେକ ସ୍କେଚ୍, ଛବି ତିଆରି କଲା ଅରୁଣ । ସମୁଦ୍ରର ବେଳାଭୂମିରେ ବସି କେତେ ସନ୍ଧ୍ୟା ସକାଳକୁ ରୂପ ଦେଲା । କଲିକତା ଛାଡ଼ି ଆସିବା ପରେ ସେ ଅନେକଗୁଡ଼ିଏ ଛବି ତିଆରି କଲାଣି । ସମୁଦ୍ର କୂଳରେ ଗୋଟିଏ ଫ୍ଲେଟ ଏକବଖରିଆ ଘରଟିଏ ଭଡ଼ା ନେଇଥିଲା । ସେଇ ଘର ତା'ର ହେଲା ଆର୍ଟ ଷ୍ଟୁଡ଼ିଓ । ସେଇ ତା'ର ସାଧନା ମଣ୍ଡପ ।

ସାଧନା ଆରମ୍ଭ କରିଦେଲା ଅରୁଣ । କଳାକୁ ଜୀବିକା କରି ମଣିଷ ବଞ୍ଚିପାରିବ କି ନାହିଁ, ପରୀକ୍ଷା କରି ବସିଲା । ଓଡ଼ିଶା କଳାତୀର୍ଥ । ଅନେକ କଳା ପୂଜାରୀଙ୍କର ଜନ୍ମ ହୋଇଛି ଏଇ ମାଟିରେ । ତଥାପି ଏ ଜାତି କଳାକାରକୁ ସମ୍ମାନ ଦିଏନା । କଳା ଜୀବିକା ହୋଇ ପାରିବ ନ ବୋଲି ଭାବେ । ସେଇସ୍ଥା ପରୀକ୍ଷା କରିବ ସେ ।

ମନପ୍ରାଣ ଦେଇ ସେ ଛବି ଆଙ୍କିବାରେ ଲାଗିଗଲା । ଫ୍ଲେଟ କୋଠରୀଟିରେ ତା'ର ସବୁ କିଛି ଥାଏ । ନିଜର ଶୋଇବା ବସିବାର ଆସବାବ୍‌ଠାରୁ ଆରମ୍ଭ କରି ତୁଳୀ କାଳି ଯାଏ । ଛବି ଅଙ୍କା ଟେବୁଲ ଅଲଗା । ସେଇ ଟେବୁଲ ଖଣ୍ଡେ ସେ କରାଇ ନେଇଛି । ଫ୍ଲେଟ ଘର ଭିତରେ ତିନୋଟି ବତି ଲଗାଇଛି । ଟେବୁଲ ଉପରେ ଗୋଟାଏ । ଘରର ଠିକ୍ ମଝିରେ ଗୋଟାଏ ସାଦା ନଳବତି । ଫଟୋ ଷ୍ଟାଣ୍ଡ ପାଖରେ ଆଉ ଗୋଟାଏ । ସେ କାମ କଲାବେଳେ ଟେବୁଲ-ବତିଟା ଜାଳେ । ଷ୍ଟାଣ୍ଡରେ ଛବି ଥିବା ବେଳେ ସେ ଅନ୍ୟ ଦୁଇଟି ବତି ଲଗାଏ ।

ଏଇ କେଇଦିନ ଭିତରେ ସେ ଅନେକ ଛବି କଲାଣି । କେତେ ଅର୍ଡର ନେଇ ତିଆରି କରି ଦେଲାଣି । ହୋଟେଲ ଆଉ ସୋ-ରୁମ୍ ସଜାଇ ଭଲ ସୁନାମ ପାଇଲାଣି । ଖୁବ୍ କମ୍ ଦିନ ଭିତରେ ତା'ର ପ୍ରଚାର ବଢ଼ିଗଲାଣି ।

ଅରୁଣ ଛବି ଅଙ୍କା ଅପେକ୍ଷା ହୋଟେଲ ଆଉ ସୋ-ରୁମ ସଜ୍ଜାରେ ବେଶ୍ ଦୁଇପଇସା ପାଏ । ସେଇ ଧନ ତାକୁ ଛବି ଅଙ୍କିବାକୁ ପ୍ରେରଣା

ଦିଏ । ପୁଣି ସହର ଛବିପାଇଁ ଉପାଦାନ ଯୋଗାଏ । ପୁଣି ସହର ଟପି ଦିନେ ତା'ର ସୁନାମ କଟକ ଆଡ଼କୁ ମାଡ଼ି ଆସିଲା । ଆଗରୁ ଓଦା ଥିବା ମାଟି ଉପରେ ପାଣି ସହଜରେ ମାଡ଼ିଯିବା ଭଳି, ଆଗର ଖ୍ୟାତି ଉପରେ ଏ ସୁନାମ ତେଣୁ ସ ଜ ଆଗକୁ ଟାଣି ନେଲା ।

ଦିନେ ଗୋଟାଏ ଅଳଙ୍କାର ଦୋକାନକୁ ସଜାଇବାପାଇଁ ସେ କଟକ ଆସିଲା । ଦୁଇ ହଜାର ଟଙ୍କା ନେବାର ଚୁକ୍ତି କରି ସେ ଆସିଲା । ଅନ୍ତତଃ କେତେ ମାସପାଇଁ ଛବିକୁ ବିଶ୍ରାମ ଦେଇ ଏଇ କାମରେ ଲଗିବାକୁ ପଡ଼ିଲା । ଦୋକାନୀର ଚୁକ୍ତି ଥିଲା, କଟକର ଅନ୍ୟାନ୍ୟ ଦୋକାନଠାରୁ ଏଥିରେ ସ୍ୱାତନ୍ତ୍ର୍ୟ ରହିବ ନିଶ୍ଚୟ ।

ଚୁକ୍ତି ସରିଲା । କାମ ଚାଲିଲା । କାମ କଲାବେଳେ ଅରୁଣ ଖାଇବା ପିଇବା କଥା ଭୁଲିଯାଏ । ଅନେକ ସମୟରେ ସେ ନିଜକୁ ଭୁଲି କାମ କରେ । ଦିନ ବାର ମାସ ଋତୁ ହିସାବ କରିବା ତ ପଛ କଥା । ଏହି କାମ-ବେଳେ ତାକୁ ଜଣେ ସହକର୍ମୀ ମିଳିଲା । ନାଁ । ତା'ର ପ୍ରମୋଦ ।

ପ୍ରମୋଦ ଅବଶ୍ୟ ଅଳ୍ପ ବହୁତେ ଏ କାମ ଜାଣିଥିଲା । ବିଭିନ୍ନ ଶିଳ୍ପୀଙ୍କ ପାଖରେ କାମ କରି ତା'ର ଗୋଟିଏ ବାହ୍ୟ ଦୃଷ୍ଟିକୋଣ ଥିଲା । ସେ ଭାରି ଅନୁସନ୍ଧିତ୍ସୁ । ଭାରି ନମ୍ର । ଦିନ କେତୋଟି ଭିତରେ ଅରୁଣକୁ ସେ ଏକବାର ନିଜର କରି ନେଲା । ତା'ର ପାଖରେ ରହି ଅନ୍ୟାନ୍ୟ କାମ ଶିଖିବାକୁ ପ୍ରସ୍ତାବ ଥୋଇଲା । ଅରାଜି ହେଲାନି ଅରୁଣ ।

ଏଇ କାମ ଚାଲିଥିବା ଭିତରେ ଅରୁଣ ଦେଖିଲା, ସେ ନ ଖାଇବା ଯାଏ ପ୍ରମୋଦ ଖାଉନି । ସେ ନ କହିବାଯାଏ ପ୍ରମୋଦ ଶୋଇବାକୁ ଯାଉନି । ଅରୁଣ କାମ କରୁଥିବାଯାଏ ସେ କାମ କରୁଚି । ଦିନେ ଦିନେ ଅରୁଣ ବିଶ୍ରାମ ନେଲାବେଳଯାଏ ସେ କାର୍ଯ୍ୟବ୍ୟସ୍ତ ଥାଏ ।

ଆକଟିଲା ସ୍ୱରରେ ଅରୁଣ କହେ, ଶୋଇବ ଯାଅ ପ୍ରମୋଦ । ରାତି ବେଶୀ ହେଲାଣି । ଆଉ ଖଟନା । ଦେହ ଖରାପ ହେଇ ପ ରେ ।

କାମ ଉପରେ ସେମିତି ଆଖି ରଖି ମୁହଁରେ ହସ ଫୁଟାଇ ପ୍ରମୋଦ ଉତ୍ତର ଦିଏ, ଆଉ ମିନିଟିଏ ସାର୍ ! ଏଇ ଗୋଟାକ ସରିଗଲେ ଯାଇ ଶୋଇବି ।

ପ୍ରମୋଦ କିଏ, ତା' ଘର କେଉଁଠି, ଦୁନିଆରେ ତା'ର ଆଉ କିଏ ଅଛନ୍ତି, କାହିଁକି ସେ କଳା ପ୍ରତି ଏତେ ଆଗ୍ରହୀ, ଏ କଥା ଆଜଯାଏ ଅରୁଣ ପଚାରି ପାରିନଥିଲା । ପଚାରିବା ମନେକରି ନ ଥିଲା ସେ । ହଠାତ୍ ସେଦିନ ଏଇ ଅବସରରେ ପଚାରି ବସିଲା ସେ । ତମର ଘରେ ଆଉ କିଏ ଅଛନ୍ତି ପ୍ରମୋଦ ?

ଘରେ ବାପା, ମା ଆଉ ମୋ ସ୍ତ୍ରୀ ଅଛି ।

ସ୍ତ୍ରୀ ଅଛି ?

ହଁ ।

ମୁହଁରେ ଗାମ୍ଭୀର୍ଯ୍ୟ ରଖି ଅରୁଣ ପଚାରିଲା, ତମେ ଅନ୍ୟ କିଛି କାମ ନ କରି ଏ କାମ ଶିଖିବାକୁ ଏତେ ଆଗ୍ରହ ପ୍ରକାଶ କଲ କାହିଁକି ?

ପିଲାଦିନୁ କଳାପ୍ରତି ମୋର ଆଗ୍ରହ ଅଛି ।

ମାତ୍ର କଳାକୁ ବେଉସା କରି ତମେ ତମ ସ୍ତ୍ରୀ ପରିବାରକୁ କି ପୋଷି ପାରିବନି । କଳାପ୍ରତି ଆଗ୍ରହ ରଖିଲେ କ'ଣ ହେବ । ଏବେ ସିନା ବାପ-ମା ଅଛନ୍ତି, ଚଳିଯାଉଛି । ସେମାନେ ତ ଆଉ ସବୁଦିନେ ବସି ରହିବେନି । ଦିନେନା ଦିନେ ତମକୁ ସେ ଦାୟିତ୍ୱ ବହନ କରିବାକୁ ପଡ଼ିବ । ଏଇ କାମ କରି ତମେ କ'ଣ ନିଜକୁ ପୋଷି ପାରିବ ?

ପ୍ରମୋଦ କାମରୁ ମୁହଁ ନ ଟେକି ଉତ୍ତର ଦେଲା, ପୋଷି ପାରିବି ବୋଲି ମୋର ବିଶ୍ୱାସ ହେଉଛି ।

ଅରୁଣ କହିଲା, କେବଳ ବିଶ୍ୱାସ ରଖିଲେ ଚଳିବନି ପ୍ରମୋଦ । ସେତେବେଳେ ହାତରେ ସମ୍ବଳ ନ ଥିବ, ଘରୁ ପତ୍ନୀଙ୍କର ବିରକ୍ତମିଶା ସଳାପ ଶୁଣୁଥିବ, ସେତେବେଳେ ଏ ବିଶ୍ୱାସ ମୃଗତୃଷ୍ଣା ଭଳି ଆଗରେ ନାଚିବ । ଆଉ ଏ ଖିଆଲ ମଗଜଚକା ଭଳି ମନେ ହେବ ।

କାମରେ ଶେଷ ଦୃଷ୍ଟି ଦେଇ ହଠାତ୍ ହଠାତ୍ ପ୍ରମୋଦ କହିଲା, ଏ ପୃଥିବୀଟାରେ କେତେ ଦମ୍ପତି କେବଳ ଉପାସରେ ଜୀବନ ବିତାଉଛନ୍ତି ସାର୍ । ଯେଉଁମାନେ ଦିନମଜୁରିଆ, ସେମାନେ ତ ପୁଣି ପିଲାଛୁଆ ଧରି ପୁରୁଷ-ପୁରୁଷର ସ୍ୱପ୍ନ ଦେଖୁଛନ୍ତି । ସେମାନେ ତ ପୁଣି ପ୍ରାଣପ୍ରାଚୁର୍ଯ୍ୟରେ

ଝୁଲନ୍ତି । ମୁଁ ସେମିତ ନିଜକୁ ଗୋଟାଏ ଦିନମଜୁରିଆ ଭାବି ନେବି । ସେଇଁଦିନ ପାଖରେ ପଇସା ଥିବ ଖାଇବି, ନ ଥିଲେ ଉପାସ କଟାଇବି ।

ପ୍ରମୋଦର ଏଇ ଯୁକ୍ତିକୁ କାଟିବାକୁ ଅରୁଣ ଆଉ କିଛି ଯୁକ୍ତି ପାଇ-ଲାନି । ସେ ଭାବିଲା, ବାସ୍ତବିକ କଳାକୁ ଜୀବିକା କରି ବଞ୍ଚିବାର ସ୍ୱପ୍ନ ଦେଖିଲେ ଘର ସଂସାର ତ କିଛି ଅଡୁଆ ନୁହେଁ । ଭାରତରେ ଲକ୍ଷ ଲକ୍ଷ ଲୋକ ଦିନ ମଜୁରି ଲାଗି ଚାଲୁଛନ୍ତି । ନିଜର ପିଲାଙ୍କୁ ଚୁମ୍ବ ଯାଉଛନ୍ତି । ସେ କାହିଁକି ପାରି ନ ଥାନ୍ତା ' ସେ ଘରଦ୍ୱାର ଛାଡ଼ିଲା ? ଦୁଃଖୀ ଅପା ତ କିଛି ଦୋଷ କରି ନ ଥିଲା ! ସେ ଘରକୁ ଫେରି ନ ଯାଇ······

କାହିଁକି ଘରକୁ ଯାଇଥାଆନ୍ତା । ତା'ର ବିବେକ ପୁଣି ତା'ର ପାଖରେ ଯୁକ୍ତି ଆରମ୍ଭ କଲା । ଘରକୁ ଫେରିଯାଇ ସେ କ'ଣ କହିଥାନ୍ତା ! ଦୁଃଖୀ ଅପା ନିଶ୍ଚୟ ପଚାରନ୍ତା, ଆଜଯାଏ ତୁ କୁଆଡ଼େ ଥିଲୁରେ ! ସେ କି ଉତ୍ତର ଦେଇଥାନ୍ତା ? ସେ ଜେଲ୍‌ରେ ଥିଲା ବୋଲି କ'ଣ କହିଥାନ୍ତା··· ଇସ୍ : ଜୀବନରେ ସେଭଳି ଲାଜ ଆଉ କ'ଣ ହୋଇ ପାରନ୍ତା ।

ସୁଧୀ ଆଉ ପଚାରିଥାନ୍ତା, ନାନା ! ବୀଣାକୁ କଲିକତାରେ ପାଇଲୁ ? କେମିତି ଅଛି ସେ ? ତା' ଗେରସ୍ତ ପାଖରେ ସୁଖରେ ଚାଲୁଛି ତ ?··· କ'ଣ ସେ ଉତ୍ତର ଦେଇଥାନ୍ତା ? ସେ କ'ଣ କହି ପାରିଥାନ୍ତା ମୁଁ ବୀଣାକୁ ଦେଖି ନ ବୋଲି ? ? ···ଅସମ୍ଭବ ।

ଅସମ୍ଭବ ହୋଇଥାନ୍ତା ତା' ପକ୍ଷେ କଳା ଆଉ କାଳିମା ଉଭୟଙ୍କୁ ଦୁଇ ହାତରେ ଧରି ଆଲିଙ୍ଗନ କରିବାକୁ । ଛବି ଆଉ ନାରୀ ଦୁଇଟି ମେରୁ ଭଳି । ଦୁହେଁ ବିପରୀତଧର୍ମୀ । ତାଙ୍କର ସମନ୍ୱୟ ସେ କରି ପାରିଥାନ୍ତା କେମିତି ? କେମିତି ସେ ଲକ୍ଷ୍ମଣ ରେଖାର ଭୂମିକା ବାଛି ନେଇ ପାରନ୍ତା ! ! ସେତେହେଲେ ରକ୍ତମାଂସରେ ତା'ର ଶରୀର ଗଢ଼ା । ସେ ମଣିଷ । ମଣିଷ ତ କେବେ ଦେବତା ହୋଇ ଯିବ ନି ।

ବିଚାର ନ କରିବାଟା ତାଁ'ର ଗୋଟାଏ ଖିଆଲ । ଆଉ ଏ ଖିଆଲଟା ସୃଷ୍ଟି କରି ଦେଇଛି ବୀଣା । ବୀଣା ଯଦି ତା' ପ୍ରାରମ୍ଭିକ ଯୌବନରେ ଦେଖା ଦେଇ ପରିପକ୍ୱ ଯୌବନରେ ଆକସ୍ମିକ ଭାବେ ଦୂରେଇ ଯାଇ

ନ ଆନ୍ତା, ତେବେ ହୁଏତ ଅରୁଣର ଜୀବନ-ରଥଟା ଅନ୍ୟ କେଉଁ ରାଜ-ରାସ୍ତାରେ ଚାଲିଆନ୍ତା । ସେ ଆଜି ଏମିତି ଦଣ୍ଡା ଗୋହିରିରେ ପଶି ଅମଡ଼ା ମାଡ଼ି ଚାଲି ନ ଆନ୍ତା......

ସାର୍ !

ପ୍ରମୋଦ ଡାକରେ ଚମକି ପଡ଼ିଲା । ଆଗରେ ଠିଆ ହୋଇ ପ୍ରମୋଦ କହିଲା, ଆପଣ ଏଥର ବିଶ୍ରାମ ନିଅନ୍ତୁ । ରାତି ଆସି ଗୋଟାଏ ହେଲାଣି ।

କର୍ମମୟ ଜୀବନର ଆରମ୍ଭ ।

ସହକର୍ମୀ ହିସାବରେ ପ୍ରମୋଦ ବି ଜାଣିଛି ବାସ୍ତବିକ ଏଇଠୁ ହେଲା ତା'ର କର୍ମମୟ ଜୀବନର ଆରମ୍ଭ । ଅରୁଣ ସହିତ କେବଳ ସେଇଠି କାହିଁକି, ଭାରତର ବିଭିନ୍ନ ଅଞ୍ଚଳ ଅର୍ଡର ପାଇ ସେ କାମ କରିବାକୁ ଯାଇଛି । ଅରୁଣ ଭଲ ସେ ବି ନିଜକୁ ସଂସାରଛଡ଼ା କରି ନେଇଚି । ପ୍ରମୋଦ ଆଜି ଅରୁଣ । ଦୁହିଁଙ୍କର କଳା କୃତି ଆତ୍ମପ୍ରକାଶ କରେ ଅରୁଣ ନାମରେ । ଶିଳ୍ପୀ ଅରୁଣ ।

କେବେ ଗ୍ରୀଷ୍ମ ଆସି ତା'ର ଅବହିତ କରିଯାଏ, ଅରୁଣ ତା'ର ହିସାବ ରଖେନା । ଶ୍ରାବଣର ମେଘମଲ୍ଲାର ସ୍ୱରରେ ସେ ତା'ର ତପସ୍ୟା ଭାଙ୍ଗେନା । ଶରତର ଫୁଲପକା ଆକାଶକୁ ଦେଖି ଆଙ୍ଗୁଠି ଅଗରେ ନିଜ ଜୀବନର ବର୍ଷମୁହାଁଣି ମନେ ପକାଏନା । ଶୀତର ମରମଛୁଆଁ ପରଶରେ ତା' ହାତର ତୂଳି କେବେ ଥରି ଉଠେନା । ଫୁଲସମ୍ଭାର ନେଇ ବସନ୍ତ ଆସିଲେ ତା' ସହିତ ସେ ମଧୁର ସମ୍ଭାଷଣ କରେ ନା ।

ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶରତ ହାତ ଧରାଧରି ହୋଇ ଆସନ୍ତି । ହସି ଖୁସି ହୋଇ, ଗୀତ ନାଚ କରି ସେମାନେ ଚାଲି ଯାଆନ୍ତି । ଅରୁଣ କେବେ କାହାକୁ ହାତଠାରି ଅଟକାଇବା ଇଙ୍ଗିତ ଦିଏନା । ଜୀବନର ସେଇ ମୂଲ୍ୟବାନ୍ ବହିଗ୍ରର ମୁହୂର୍ତ୍ତକୁ ମନେ ପକାଇ ସେ କେବେ

ଗାଇନ, ଅରକୁ ଅର ବସନ୍ତ ଅ.ସୁଚ । ବଣ ବଗିଚ୍ଚରେ ଫୁଲର ଢଢ଼ି ଫୁଟି ହୁଠୁଛୁ । ସେମିତ ତମ ସ୍ମୃତି ମୋ ମନରେ ଚହ୍ଲି ଉଠୁଚ ।

ନା, କାହାର ସ୍ମୃତି ତା' ମନରେ ଆଉ ଚହ୍ଲିନି । ସେ ଆଉ ଲଳିତ ମଧୁର କଣ୍ଠସ୍ୱର ନ ଶୁଣି ଶୁଣିଛୁ ଉଦ୍ରାମି ମିଶା ଏକ ଶୁଷ୍କ କଣ୍ଠର ଡାକ, ସାର୍ ! ଏଇ 'ସାର୍' ଡାକଟା ତା'ର ଦଶବର୍ଷର ପରିଚିତ । ବର୍ଷ ପରେ ବର୍ଷ ବିତେ । ପ୍ରମୋଦ ଦିନେ ଦିନେ ଆସି କହେ, ସାର୍ ! ଆପଣଙ୍କ ସାନ୍ନିଧ୍ୟ ପାଇବାର ଆଜକୁ ମୋର ସାତବର୍ଷ ହେଲଣି;···ଆଠବର୍ଷ···ନଅବର୍ଷ··· ଦଶବର୍ଷ ହେଲଣି !

ଦୀର୍ଘ ନିଃଶ୍ୱାସ ଛାଡ଼ି ଅରୁଣ ଉତ୍ତର ଦିଏ, ସେ ଦିନ ବାରର ତାଲିକା ରଖି, ହିସାବ-ନିକାଶ କରିବାରେ ଲାଭ ନାହିଁ ପ୍ରମୋଦ । ଆମେ ଏ ପୃଥ୍ୱୀରେ ଜନ୍ମିଛେ କର୍ମ କରିବାକୁ ! ଆମେ କର୍ମ କରିଯିବା । ଭଲ ମନ୍ଦର ଦାୟିତ୍ୱ ସେଇ ଜଣକ ଉପରେ, ଯିଏ ଏ ସଂସାର ଚଳାଉଚି ।

ନୀରବ ହୁଏ ପ୍ରମୋଦ ।

ପ୍ରମୋଦ ଅରୁଣର ଘର ବିଶ୍ୱସ୍ତ । ଟଙ୍କା ପଇସାର ହିସାବ-ନିକାଶ ଦାୟିତ୍ୱ ତା' ଉପରେ । ଅରୁଣ ଖାଏ, ପିଏ, ଶୁଏ...ବାସ୍ । ଆଉ କିଛି ସେ ବୁଝେନା । ପ୍ରମୋଦ କିନ୍ତୁ ସବୁବେଳେ ଦୃଷ୍ଟି ରଖିଥାଏ ଅରୁଣ ଉପରେ । ସେ ଯେମିତି ଅରୁଣର ରକ୍ଷକ, ଆଉ ପାଳନକର୍ତ୍ତା ।

ଦିନେ ଅରୁଣ ନିକଟରେ ପ୍ରମୋଦ ଗୋଟିଏ ପ୍ରସ୍ତାବ ଥୋଇଲା । ଅତି ନିଉନସ୍ୱରରେ ସେ କହିଲା, ସାର୍ ! କେତେଦିନ ଆପଣ ପର ଉପରେ ଆଶା ରଖି ଚଳିବେ । ନିଜର ଖଣ୍ଡିଏ ଆଶ୍ରୟସ୍ଥଳ କରନ୍ତୁ ।

ହସି ଉଠିଲା ଅରୁଣ । ପ୍ରମୋଦ ମନେ କଲା ସତେ ଯେମିତି ଅରୁଣର ଏଇ ହସସ୍ରୋତ ଭିତରେ ସେ ବୁଡ଼ିଯିବ । ଖୁବ୍ ଉଚ୍ଚ ଥିଲା ସେ ହସର ଲହରୀ । ହସ ଶେଷରେ ସେ କହି ଉଠିଲା, ଆରେ, ମୋର ଗୋଟାଏ ଆଶ୍ରୟସ୍ଥଳ କ'ଣ ହେବ ? ମୋର ଆଗ ଅଛି, ନା ପଛ ଅଛି । ମୁଁ ନିଜେ ଯେଉଁଠି ଘଡ଼ିଏ ରହିଲି ସେଇ ମୋର ଆଶ୍ରୟସ୍ଥଳ । ସେଇ ମୋର ଘର ।

ଅମାନିଆ ଛୁଆ ଭଳି ପ୍ରମୋଦ ଯୁକ୍ତି କଲା, ନା ସାର୍ ! ଆପଣଙ୍କର କେହି ନାହାନ୍ତି କାହିଁକି ? ସମସ୍ତେ ଅଛନ୍ତି । ଆପଣଙ୍କର ଛୁଆପିଲା କ'ଣ

ଆପଣଙ୍କର ପୁଅ ଝିଅ ନୁହଁନ୍ତି । ଏଇମାନଙ୍କୁ ସେଇ ଆଶ୍ରୟସ୍ଥଳରେ ଆଶ୍ରୟ ଦେବେ । ଆବଶ୍ୟକ ସମୟରେ ନିଜେ ଆଶ୍ରୟ ନେବେ ।

ପ୍ରତିବାଦ ଛଳରେ ଅରୁଣ କହିଲା, ନା ବାବା, କାହିଁ ମତେ ଆଉ ସେ ଗୋଲକ ଧନ୍ଦାରେ ପକାଉଛ । ମୁଁ ଯେମିତି ଅଛି ସେମିତି ଭଲ ।

ପ୍ରମୋଦ କିନ୍ତୁ ନ ମାନେ ଆଉ । ତା'ର ଏକା ଜିଦ୍, ନା ସାର୍ ! ଆପଣଙ୍କ ଘର ତିଆରି ହେବ ଏଇ ସହରରେ । ତା'ର ସବୁ ଦାୟିତ୍ୱ ମୁଁ ନେଲି ! ଆପଣ ଖାଲି ହଁ କରନ୍ତୁ ।

ଅଗତ୍ୟା 'ହଁ' ଭରିଥିଲା ଅରୁଣ ।

ପ୍ରମୋଦ ଆଉ କେବେ ସେ ବାବଦରେ କିଛି କହିନି ଅରୁଣକୁ । କାମ ଶେଷରେ ଅରୁଣ ଜାଣିଲା, ତା'ର ଗୋଟାଏ ଘର ହୋଇଛି । ସିଜ ଛଆସ ଭଳି ଘର । ସେ ଘରର କାନ୍ଥମାନଙ୍କରେ ତା'ର ବିଭିନ୍ନ ଚିତ୍ର ଆଶ୍ରୟ ନେଇଛନ୍ତି, ସେଇମାନେ ହେଉଛନ୍ତି ଅରୁଣର ପୁଅ ଝିଅ, ସନ୍ତାନ-ସନ୍ତତି । ଆଉ ପ୍ରମୋଦ ହେଉଛି ସେମାନଙ୍କର ପରିଚାଳକ ।

ପ୍ରମୋଦର ସେଇ ଚିର ପରିଚିତ 'ସାର୍' ଡାକଟା ହିଁ ହେଲା ସେଇମାନଙ୍କର ସ୍ୱର । ଏଇ ସ୍ୱର ଅରୁଣକୁ ଦଶ ବରଷ ହେଲା ନିଜର କରି ଆସିଛି । ଜୀବନର ପ୍ରଭାତରୁ ମଧ୍ୟାହ୍ନ ଭିତରେ 'ଅରୁଣ ଭାଇ' ଅରୁଣ ବାବୁ ଡାକ ସେ ଆଉ ଫେରି ପାଇନି । ଆଉ ସେ ଶୁଣିବାକୁ ଇଚ୍ଛା କରିନି ଅଜନ୍ତାର 'ଅରୁଣ ବାବୁ' ଡାକ ଏବଂ ବୀଣାର ଚିର କୋମଳ ଡାକ, 'ଅରୁଣ ଭାଇ' ।...

ଅରୁଣ ଭାଇ !

ସ୍ୱଁକନା ଶବ୍ଦନାଟା ଝଙ୍କି ଗଲା ଅରୁଣର । କିଏ, କିଏ ଡାକୁଛି ତାକୁ । ନିଜକୁ ବିଶ୍ୱାସ କରି ନ ପାରି ଭଲ କରି ଆଖି ମଳି ନେଲା ସେ । ନା, ଥିଏଟର ସରିନି । ଏବେ ବି ଦର୍ଶକ ମଞ୍ଚରେ କୋଳାହଳ ଭରି ରହିଛି । ଶେଷ ଅଙ୍କର ଉତ୍କଣ୍ଠା ଏବେ ମଧ୍ୟ ଫଳକବତ । ବୀଣାର ଅଭିନୟ ଶେଷ

ହେଇନ । ତଥାପି ତାଙ୍କ ଆଗରେ ବନ୍ଧୁ ଆଗରୁ ଗୋଟାଏ ମୂର୍ତ୍ତି ଦଣ୍ଡାୟମାନା ।

ମତେ ଚିହ୍ନି ପାରୁଚ ଅରୁଣ ଭାଇ ?

ଏଥର ବିଶ୍ୱାସ ନ କରି ରହି ପାରିଲାନି ଅରୁଣ । ଝାପ୍‌ସା ଆଲୋକରେ ଯାହାକୁ ସେ ତା'ର ମାନସ-ମଞ୍ଚର ଅଭିନେତ୍ରୀ ବୋଲି ମନେ କରୁଥିଲା; ସେ କିନ୍ତୁ ବାସ୍ତବରେ ତାଙ୍କ ଆଗରେ ଦଣ୍ଡାୟମାନା ।

କିଏ, ବୀଣା ?

ନା, ଅରୁଣ ଭାଇ ! ତମ ବୀଣା ଆଜିକୁ ତେର ବର୍ଷ ତଳେ ଆତ୍ମହତ୍ୟା କରି ମରିଛି । ମୁଁ ତା'ର ପ୍ରେତାତ୍ମା । ମୁଁ ମାୟା କେବଳ ମାୟାଦାସ ।

ମା-ୟା-ଦା-ସ...... !

ହଁ, ମାୟା ଦାସ । ଗୋଟାଏ ବ୍ୟଭିଚାରିଣୀ, କଳଙ୍କିନୀ ନାରୀ । ଦୁନିଆରେ ଯାହାର ଜଣକୁ ସ୍ୱାମୀ ବୋଲି କହିବାର ଅଧିକାର ନାହିଁ । ସେ ସହସ୍ର ଶଯ୍ୟାର ନାୟିକା ।

ବୀଣା...!...!!......

ମିଛ କହୁନି ଅରୁଣ ଭାଇ । ତମ ଆଗରେ ମିଛ କହି ମୁଁ କି ଲାଭ ପାଇବି । ଜୀବନରେ ତମ ପାଖରେ ମୁଁ କିଛି ଲୁଚାଇ ରଖିନି । ସବୁ କହୁଚି । ହେଲେ ଅରୁଣ ଭାଇ, ଯେଉଁ କଳଙ୍କରୁ ମୁକ୍ତି ଲାଭ କରିବି ବୋଲି ମୁଁ ସବୁଠାରୁ ବଡ଼ ପାପକାମ କଲି, ଶେଷରେ ସେଥିରେ ସମୂଳ ହେଇ ମଲି । ନିଜକୁ ଶହ ଶହ ଲୋକଙ୍କ ଆଗରେ ବାଢ଼ି ଦେଲି ।

କ୍ଷଣିକପାଇଁ ନୀରବ ହୋଇଗଲା ସେ । ଆଉ କିଛି କହି ପାରିଲା ନି । ଆଖିରେ ଲୁହ ତା'ର ଜମି ଆସିଲା ।

ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ିଲା ଅରୁଣ । ବୀଣାର ଏଇ କଥା ଶୁଣି ସେ ମନେ କଲା, ବୀଣା ଯେମିତି ତାକୁ ଆଘାତ ଦେଉଚି । ଆଉ କହି ଦେବାକୁ ଚାହୁଁଚି, ମୋର ଏ ଅଧୋଗତିପାଇଁ ତମେ ଦାୟୀ ଅରୁଣ ଭାଇ, ତମେ ହିଁ ଦାୟୀ ।

ଅରୁଣ ଆଉ କିଛି କହିବା ପୂର୍ବରୁ ବୀଣା ଆରମ୍ଭ କଲା, ତମେ ଶାନ୍ତି ନିକେତନ ଚାଲିଗଲ । ନିଜକୁ ଖୁବ୍ ସଜାଗରେ ରଖି ମୁଁ କଲିକତା ସହରରେ ଚଳିଲି ଦୁଇଦିନ ଦୁଇରାତି । ତୃତୀୟ ଦିନ ଆସିଲା । ଘରେ ପଇସାପତ୍ର କିଛି ନ ଥିଲା । କେବଳ ଭାତ ଦି'ଟା କରି ରଖିଥାଏ । ବାହାରକୁ ଯିବାକୁ ଭୟ ଲାଗୁଥାଏ । ଝରକାର ପରଦା ଉହାଡ଼ରୁ ମୁହଁ ଗଳାଇ ମୁଁ ତମ ଫେରିବା ବାଟକୁ ଚାହିଁଥାଏ ।

ଚାହିଁ ଚାହିଁ ଆଖିରୁ ପାଣି ମଲା; ତମେ କିନ୍ତୁ ଫେରିଲନି । ସେଦିନ ସେମିତି କେବଳ ଭାତମୁଠାଏ ଚୋବାଇ ପାଣି ଟୋପେ ପିଇ ଶୋଇଲି । ରାତିରେ ବି ନିଦ ହେଉ ନ ଥାଏ । କେଉଁଠି ଟିକିଏ ଶବ୍ଦ ହେଲେ ଧଡ଼କିନା ନିଦ ଭାଙ୍ଗି ଯାଉଥାଏ । ବାହାରୁ ଅସମୟର ପାଟିଗୋଳ ଶୁଭୁଥାଏ । ମୋ ଛାତି ଛଟପଟ ହେଉଥାଏ । ଗୋଟା ଗୋଟା ରାତି ମତେ ଯୁଗ ଯୁଗ ଭଳି ଜଣା ପଡ଼ୁଥାଏ ।

ତା' ପର ଦିନ ସକାଳ— ଘରେ ଲୁଣ ଟିକେ, କି ତେଲ ଟିକେ ନ ଥାଏ । କ'ଣ କରିବି କିଛି ଭାବି ପାରିଲିନି । ମନ ହେଉଥାଏ ବାହାରକୁ ଯାଇ ନିଜେ କିଣି ଆଣିବି । ପୁଣି ନିଜ ମନ ନିଜକୁ ଜାଇଲି କରୁଥାଏ । ବାହାରକୁ ଯିବ, ଆଜି କ'ଣ ସବୁ ହେଇଯାଏ । ନା, ଯିବି ନି । ଏମିତି ଅନେକ ଭାବ ଚିନ୍ତା ପଡ଼ି ରହିଲି । ଭୋକ ଉପାସରେ ପେଟ ଅଉଣ୍ଡି ହେଉଥାଏ । ଦିନ ଯାଇ ସଞ୍ଜ ହେଲା ।

ଆଉ ନିଜକୁ ସମ୍ଭାଳି ରଖି ପାରିଲିନି । ନିଜେ ଜିନିଷପତ୍ର କିଣିବାକୁ ବାହାରି ପଡ଼ିଲି । ମୁହଁଅନ୍ଧାର ହେଇଥାଏ । ସବୁ ଜିନିଷ କିଣିଲାବେଳେ ତମ ଉପରେ ଭାରି ରାଗ ହେଉଥାଏ । ଦିନକୁ କହି ଏତେଦିନ ରହିଲ ସିଅଡ଼େ । ମୁଁ ଆଉ କରନ୍ତି କ'ଣ ଯେ ?

କିନ୍ତୁ ଭୋଗ ଥିଲା ଓଲଟା । ଯାହା ହେବାର ଥିବ ତାକୁ କେହି ଅଟକାଇ ପାରିବେ ନି । ଫେରିଲାବେଳେ ତାଙ୍କ ସହିତ ମୋର ଦେଖା ହେଇଗଲା ।

କାହାର, ମଦନର ସହିତ ଦେଖା ହେଲା ?

ଆଗ୍ରହ ଅଧୈର୍ଯ୍ୟମିଶା କଣ୍ଠରେ ପ୍ରଶ୍ନ କଲା ଅରୁଣ ।

ହଁ ।

ତା'ପରେ...ତ

ତା'ପରେ ମୁଁ ଏକରକମ ଧାଇଁ ଧାଇଁ ଘରକୁ ପଳାଇ ଆସିଲି । ସେ କିନ୍ତୁ ଆଉ ନ ଗୁଡ଼ନ୍ତି । ମୋ ପଛେ ପଛେ ଆସିଲେ । ମୁଁ ଭିତର କବାଟ ବନ୍ଦ କରି ଦେଇଥାଏ । ସେ ଆସି କବାଟ ପିଟିଲେ । ପାଟିକରି ଡାକଲେ । ଶେଷରେ ପୋଲିସ ଡାକିବାର ଧମକ ଦେଲେ ।

ରାଗରେ ସେତେବେଳକୁ ମୋ ଦେହ ଜଳୁଥାଏ । କେଜାଣି କ'ଣ ନାଇଁ କ'ଣ କରିପକାଇବାକୁ ମନ ହେଉଥାଏ । ଶେଷରେ କବାଟ ଖୋଲିଲି । ଘରଭିତରକୁ ସେ ପଶି ଆସିଲେ । ଜିଦଧରି ବସିଲେ ମତେ ନେଇଯିବାକୁ । ମୁଁ ମନା କଲି । ସେଠିକି କେମିତି ଯାଇଥିଲି ତାଙ୍କୁ କହିଲି । ସେ କିନ୍ତୁ ବିଶ୍ୱାସ କଲେନି । ହସରେ ଉଡ଼େଇଦେଲେ । ମତେ ଯିବାକୁ ବାଧ୍ୟ କଲେ ।

ସେଦିନ ବି ସେ ପ୍ରଚୁର ମଦ ପିଇଥିଲେ । ତାଙ୍କ ପାଟିରୁ ଉତ୍କଟ ଗନ୍ଧ ବାହାରୁଥାଏ; କିନ୍ତୁ ହୋସ୍ ଥିଲା । ମୁଁ ଯେତେ ମନା କଲି ମାନିଲେନି । ମୁଁ କହିଲି, ସେଠିକି ଗଲେ ମୁଁ ଜୀବନ ହାରିଦେବି । ପଣ୍ୟ ଦ୍ରବ୍ୟ ଭଳି ନିଜକୁ ବିକିପାରିବି ନି ବୋଲି କହିଲି । ସେ କିନ୍ତୁ ବଳପୂର୍ବକ ମୋତେ ଭିଡ଼ି ଭିଡ଼ି ନେବାକୁ ଚେଷ୍ଟାକଲେ । ଶେଷରେ ଅନନ୍ୟୋପାୟ ହୋଇ ମୁଁ ସବୁଠାରୁ ହୀନ କାମ କରିବସିଲି ।

ଚମକି ପଡ଼ିଲା ସ୍ୱରରେ ଅରୁଣ କହିଲା ତା' ମାନେ ତୁ... !

ହଁ, ମୁଁ ମୋ ସ୍ୱାମୀଙ୍କୁ ହତ୍ୟା କଲି ।

ବୀଣା !

ହଁ ଅରୁଣ ଭାଇ ! ସେତେବେଳେ ମୁଁ ମନେକଲି ଏ ଭଳିଆ ସ୍ୱାମୀକୁ ହତ୍ୟା କଲେ ଦୋଷ ନାହିଁ । କିନ୍ତୁ ମନକୁ ଦୋଷ ଆପେ ମାଡ଼ିଆସିଲା । ବିବେକ 'ପାପ' 'ପାପ' ବୋଲି ଚିତ୍କାର କଲା ।

ସେଇଥିପାଇଁ ସେଠୁ ଦେହଛପା ଦେଇ ତୁ ଚାଲିଆସିଲୁ ?

ଚାଲିଆସିକି ବି ମୁଁ ମୁକ୍ତି ପାଇପାରିଲିନି ଅରୁଣ ଭାଇ । ଭଗବାନ୍ ମଣିଷକୁ ଯେଉଁ ପେଟ ଟିକେ ଖଣ୍ଡିଏ ଦେଇଛନ୍ତି ନା, ତା'ରି ସକାଶେ ସେ ସବୁ

କୁକାର୍ଯ୍ୟ ମଧ୍ୟ କରିପାରେ । ସେ ଘର ଛାଡ଼ି ଆସିଲାପରେ ମୁଁ ବୁଝିଲି ସ୍ୱାମୀ ମୋର କିଛି ଭୁଲ୍ ତ କରି ନ ଥିଲେ । କେବଳ ପେଟପାଇଁ ସିନା ସେ ଏତେ ତଳକୁ ଓହ୍ଲେଇ ଗଲେ ।

ମୁଁ ବି ଓହ୍ଲେଇଗଲି ଖୁବ୍ ତଳକୁ । ଆଖିପକାଇ ଚାହିଁଲି, ଆଉ ତଳକୁ ପାହାଚ ନାହିଁ । ଏଇ ମଣିଷଲାଗି ଦଣ୍ଡ ଜୀଇଁ ପଡ଼ି ରହିବାପାଇଁ ସେଇଟା ହେଉଛି ଶେଷ ପାହାଚ । ସେଇ ପାହାଚଟା ମତେ ଜଳଜଳ କରି ଡାକିଲା । ପରିସ୍ଥିତି ବି ମୋ ମନକୁ ଲେଭେଇ ନେଲା, ମୁଁ ଓହ୍ଲେଇଗଲି ।

ବଳେ ବଳେ ମୁଁ ସେଠିକି ଚାଲିଯାଇ ନା । ମତେ ଏଇ ସମାଜ ଠେଲି ଦେଲା ସେଠିକି । କଲିକତା ସହର ଛାଡ଼ି ମୁଁ ସିଧା ଚାଲିଆସିଲି ଏଇ ସହରକୁ । ଭୋକ ଉପାସରେ ଛଟପଟ ହୋଇ ମୁଁ ବାରଦୁଆରେ ମୁହଁ ଖୋଲିଲି । ବାବୁ, ମା ! ମୋତେ ଦି’ପାଇଟି କରିବାକୁ ଦିଅ, ବଦଳରେ ମୁଠିଏ ଖାଇବାକୁ ଦିଅ । ବାସ୍, ମୁଁ ଏତିକି ଚାହେଁ ।

ଅନେକେ ମନା କରିଦେଲେ । କେହି କେହି ସ୍ନେହ ଶରଧା ଜଣାଇ କାମ ଦେବାକୁ ରାଜି ହେଲେ । ଅରୁଣ ଭାଇ ! ବାହାରକୁ ଯେଉଁମାନେ ଏତେ ଭଦ୍ର, ଏତେ ସରଳ ଜଣା ଯାଆନ୍ତି, ଭିତରେ ସେମାନେ ଯେ କେମିତିଆ ମୁଁ ଜାଣନ୍ତି କିପରି ? ମଣିଷର ବାହାର ରୂପ ଦେଖି ସମସ୍ତେ ଚାହାଁନ୍ତି, ସ୍ନେହ କରନ୍ତି, ଭକ୍ତି ଦେଖାନ୍ତି, ମାତ୍ର ଭିତର ରୂପ ଦେଖିବ କିଏ ? କେମିତି ଅବା ଦେଖିବ ?

ମାତ୍ର ମୁଁ ଜଣ ଜଣ କରି ଅନେକଙ୍କୁ ଦେଖିଥିଲି । ସବୁଠି ଦେଖିଲି ସେଇ ଗୋଟାଏ ପିପାସା, ସମସ୍ତେ ଏଇ ନିଶା ଖାଇ ମରୁଆଳି ହେବାକୁ ଚାହାନ୍ତି । ଅନେକ ମନା କଲି । କେତେ କାକୁତି ମିନତି କଲି । କେହି ଶୁଣିଲେ ନା । କେହି ଛାଡ଼ିଲେ ନା । ନାରୀ, ଅବଳା ମୁଁ । କେତେଦିନ ଆଉ ସମାଜ ଶତ୍ରୁଙ୍କରେ ସଂଗ୍ରାମ କରି ପାରିଥାନ୍ତା ।

ଏ ସମାଜ ଚିରଦିନ ସେକଳ । ଅନ୍ୟର ଅସହାୟରେ ସେ କ୍ଷୁଧା ପୁଣି ଆହୁରି ତୀବ୍ର ହୋଇପଡ଼େ । ବାଧାବନ୍ଧନ ମାନେନା । କାକୁତି ମିନତି ଶୁଣେନା । ମୁଁ ମନେକଲି ଏଇ ଅନନ୍ତ କ୍ଷୁଧାରେ ଦିନେ ମୁଁ ହଜିଯିବି । ମୁଁ ଅସହାୟଭାବେ ଦଗ୍ଧ ହୋଇଯିବି ।

## ॥ ୧୭୪ ॥

ସାହା ଭରସା ଖୋଜି ମୁଁ ଗୋଟିଏ ନୀଡ଼ରୁ ଅନ୍ୟ ନୀଡ଼କୁ ଉଡ଼ିଯାଇଛି; କିନ୍ତୁ କେଉଁଠି ନିସ୍ତାର ପାଇନି । ଧନର ଖତମୁଠାକୁ ସ୍ୱଚ୍ଛରେ ସମସ୍ତେ ହର୍ଷ ପ୍ରକାଶ କରନ୍ତି । ତଥାପି ମୁଁ କେଉଁଠି ସ୍ଥିର ହେଇପାରେନା । ସ୍ଥିର ହେବାକୁ ଇଚ୍ଛା କରି ବି ହେଇ ନି ।

ଦିନ କେଇଟାରେ ସବୁ କଥା ଭୁଲିଯାଏ । ପୁଣି ମୁଁ ମୋ ଯୋଡ଼ା ଜୀବନକୁ ଧରି ଆଗକୁ ଛୁଟେ । ନୀଡ଼ହରା ପକ୍ଷୀଭଳି ମୁଁ ଖାଲି ଆଶ୍ରୟ ଖୋଜେ, ଯାହା ଦିନେ ଏମିତି ସମୟ ଆସିଲା, ମୁଁ ଆଉ କୁଆଡ଼େ ଯାଇ ପାରିଲିନି । ମୁଁ ମୋ ଦେହରେ ଆଉ ଜଣକର ସତ୍ତା ସନ୍ଧାନିଲି । ଯାହାକୁପାଇ ଦିନେ ମୁଁ ହଜାଇ ଦେଇଥିଲି, ପୁଣି ତାକୁ ଫେରି ପାଇଲି । ଦୁନିଆ ଜାଣିଲା ମୁଁ ଅନ୍ତଃସତ୍ତ୍ୱା।

ଅରୁଣ ଭାଇ ! ମୁଁ ନିଜେ କହିପାରିବିନି, କାହାର ପୁରୁଷତ୍ୱକୁ ମୁଁ ନିଜ ଦେହରେ ବଞ୍ଚାଇ ରଖିଲି । ମୁଁ ନିଜେ ଜାଣେନା, କିଏ ଥିଲା ମୋର ଏଇ ଅନ୍ଧକାର ଭବିଷ୍ୟତର ଆବାହକ ।

ବୀଣା !

ଆଶ୍ଚର୍ଯ୍ୟରେ ଚିତ୍କାର କରିଉଠିଥିଲା ଅରୁଣ । ଲକ୍ଷ୍ୟ କରି ସେ ଦେଖିଥିଲା ବୀଣା ଆଖିରେ ଅଶ୍ରୁର ବାଦଲ ନୃତ୍ୟରତ ।

ହଁ, ଅରୁଣ ଭାଇ ! ଏ ଦୁନିଆସାରା ମୋର ପତି ହୋଇ ପାରନ୍ତି; କିନ୍ତୁ ମୁଁ କାହାର ପତ୍ନୀ ହେଇପାରିନି । କାହାର ସତ୍‌ସାହସ ନାହିଁ, ମୋତେ ତା'ର ପତ୍ନୀ କରିପାରିବ । ନବଘନବାବୁ, କେଦାରବାବୁ, ସ୍ୱରଲାଲ, ଶ୍ୟାମ ସିଂ···ସମସ୍ତଙ୍କ ଆଖି ଆଗରେ ମୁଁ ଅଛି; କିନ୍ତୁ ମୋ ଆଖି ଆଗରେ କେହି ନାହାନ୍ତି ।

ହଠାତ୍ ନରମ ସ୍ୱରରେ ଅରୁଣ ପଚାରିଉଠିଲା, ତେବେ ପିଲାର ବାପ ବୋଲି ପରିଚୟ ଦେବାକୁ···

ନା, କେହି ନାହିଁ । ମୁଁ ଯେମିତି ଜଣକର ସ୍ତ୍ରୀ ନୁହେଁ ସେ ସେମିତି ଜଣକର ଝିଅ ନୁହେଁ । ଏ ଦୁନିଆବାଲାଙ୍କ ଝିଅ ସେ । ସେ ବିଶ୍ୱ-କନ୍ୟା । ତାକୁ ନେଇ କେହି ଜଣେ ଗର୍ବ କରି ପାରିବେ ନି ।

ଅରୁଣ ଭାଇ ! ଜୀବନସାରା ମୁଁ କାନ୍ଦିଛି । ଆଜି ମୋର ମନେ ନାହିଁ, ସେ କେଉଁ ମଳୟ ଅଜ୍ଞାତରେ ତମ ସାଙ୍ଗରେ ସତ କେବେ କେଉଁଠି ହସିଥିବି । ତା'ପରେ ଆଉ କେବେ ହସିନି । ସ୍ୱାମୀ ମୋ ଦେହରେ ଚଳବୁଲ କଲାବେଳେ ମତେ କେହି କେଉଁଠି ଆଶ୍ରୟ ଦେଲେନି । ଶେଷରେ ଦିନେ ଏଇ ଥିଏଟର୍ ପାର୍ଟିରେ ଆଶ୍ରୟ ନେଲି । ଏଇ ହେଲା ମୋର ପରବର୍ତ୍ତୀ ଜୀବନର ପୀଠଭୂମି ।

ସେଇ ଅସହାୟ ମୁହୂର୍ତ୍ତରେ ମୁଁ ପ୍ରାର୍ଥନା କରି ଥିଏଟର ପାର୍ଟି ମ୍ୟାନେଜରଙ୍କୁ କହିଲି, ମୁଁ ଭଲ ନାଚ କରି ଜାଣେ । ଗୀତ ବୋଲେ । ମତେ ଟିକେ ଆଶ୍ରୟ ଦିଅ । ମୁଁ ଏଇଠି ରହିବି । ଆଉ କୁଆଡ଼େ ପଳାଇ ଯିବିନି । ତମର ସାଙ୍ଗରେ ରଙ୍ଗ ମାଖି ହେବି, ନାଚ କରିବି, ଗୀତ ଗାଇବି ।

ଅରୁଣ ଭାଇ ! ସ୍ୱାମୀ ପାଖରେ ଥାଇ, ମଦ୍ୟପଙ୍କ ଆଗରେ ମୁଁ ଯେଉଁ ନାଚ କରିବା ଶିଖିଥିଲି, ସେଇ ହେଲା ମୋର ଭବିଷ୍ୟତ ଜୀବନର ପାଥେୟ । ତମର ଆଦର୍ଶ ମନେ ପକେଇ, ତମର ଭଲ କଳାକୁ ଜୀବିକା କରି ମୁଁ ବଞ୍ଚିଲି ।

ବୟସ ବଢ଼ିଲା । ତା' ସାଙ୍ଗେ ସାଙ୍ଗେ ମୋର ଶାରୀରିକ ଅସୁସ୍ଥତା ବଢ଼ିଲା । ମାନସିକ ଚିନ୍ତା ବଢ଼ିଲା । ସ୍ୱାମୀ ହେଲା ମୋର ମାନସିକ ଚିନ୍ତାର କେନ୍ଦ୍ରବିନ୍ଦୁ । ତାକୁ କେମିତି ମଣିଷ କରିବି, ସେଇ ହେଲା ମୋର ଭାବନା । ମୋର ପାପ-ପଙ୍କିଳ ଜୀବନ ତା'ର ପରିଚୟ ନ ହେଉ, ଏଇଆ ମୋର ଇଚ୍ଛା, ମାତ୍ର ସେ ଇଚ୍ଛାକୁ ମୁଁ ବାସ୍ତବରେ ପରିଣତ କରି ପାରିଲିନି ।

ଶେଷରେ ମୁଁ ଆଉ ଥିଏଟର ପେଣ୍ଡାଲରେ ନାଚି ପାରିଲି ନି । କଣ୍ଠ ପଡ଼ିଯିବାରୁ ଗୀତ ଗାଇ ପାରିଲି ନି । କ୍ରମେ ସମସ୍ତଙ୍କର ଅବହେଳାର ପାତ୍ରୀ ହେଇ ପଡ଼ିଲି । ସମସ୍ତଙ୍କଦ୍ୱାରା ସମାଲୋଚିତ ହେଲି । ଦିନେ ମନରେ ବିତୃଷ୍ଣା ବଢ଼ିବାରୁ ଥିଏଟର ଛାଡ଼ିଦେଲି । ବିତୃଷ୍ଣା ବଢ଼ିଲା ମ୍ୟାନେଜରର ବିରକ୍ତି ସକାଶେ ।

ଆଉ ଏ ପେଣ୍ଡାଲ ମାଡ଼ିବିନି ବୋଲି ପଣ କରିଥିଲି, ମାତ୍ର ସ୍ୱାମୀ ମଡ଼ାଇ ଦେଲା । ଜୀବନରେ ମୁଁ ଅବା କେତେ ପଇସା ସଞ୍ଚିଥାନ୍ତି । ତୁହେଁ

ଖାଇବୁ, ପିଇବୁ, ପିନ୍ଧିବୁ, ସବୁ ସେଇଥିରୁ । ପୁଣି ସ୍ୱପ୍ନାର ପାଠପଢ଼ା ଅଛି । ତଥାପି ଯାହା ବଞ୍ଚେଇ ରଖିଥିଲି, ମାସ କେଇଟାରେ ଶେଷ । ଦୁଃଖ ଯନ୍ତ୍ରଣାରେ ଛଳବଳ ହୋଇ ଆତ୍ମହତ୍ୟା କରିବାକୁ ଅନେକ ଥର ଆଗେଇ ଯାଇଛି; କିନ୍ତୁ ପାରିନି । ସେତିକିବେଳେ ସ୍ୱପ୍ନା କଥା ମନେ ପଡ଼ି ମତେ ସବୁଥିରୁ ବଞ୍ଚିତ କରେ ।

ଦିନେ ସ୍ୱପ୍ନା ଥିଏଟରରେ ପାର୍ଟ କରିବ ବୋଲି ମୋତେ କହିଲା । ତା' କଥା ଶୁଣି ମୋ ହୋସ ଉଡ଼ିଗଲା । ସ୍ୱପ୍ନା ମୁଣ୍ଡରେ ଏ କଥା ଢୁକିଲା କାହିଁକି ? କାହିଁକି ସେ ଏ କଥା ଚିନ୍ତା କଲା ? ତେବେ କ'ଣ ସେ ସବୁ ଦୁଃଖକୁ ମୋର ଜାଣି ପାରୁଚି । ଏତେ ଗ୍ରେଟ ଝିଅଟା । ସେ ପୁଣି ଗୋଟାଏ ଛି ପାର୍ଟ ଅବା କରିବ ! କିଛି ଚିନ୍ତା କରି ପାରୁ ନ ଥିଲି । ସେତେବେଳେ ଖାଲି ମନେ ପଡ଼ୁଥିଲା, ଏ ଅଭିନେତ୍ରୀମାନଙ୍କର ଭବିଷ୍ୟତ ଜୀବନ କ'ଣ ସତେ ?

ବୟସ ଅଛି, ରୂପ ଅଛି ତ ଆଦର ଅଛି । ରୂପ ବୟସ ଗଲେ ସବୁ ଗଲା । ଆଉ କେହି ପଚାରିବେ ନି । ଶୁଖି ଶୁଖି ମରି ଯାଉଥିଲେ ବି ପାଣି ଟୋପାଏ ଦେବାକୁ କେହି ନ ଥିବେ । ଭବିଷ୍ୟତରେ ମୁଁ କ'ଣ କରିବ ।

କିନ୍ତୁ ସବୁ ପାଇବାର ପନ୍ଥା ତମେ ଖୋଲି ଦେଇଥିଲ ଅରୁଣ ଭାଇ । ତମେ ହିଁ ଅଦୃଶ୍ୟରେ ଆସି ମୋତେ ଅଧିକ ଚିନ୍ତାରେ ପକାଇ ଦେଲ । ସ୍ୱପ୍ନାପାଇଁ ଗୋଟାଏ ରୋଲ ଲେଖି ତମେ ତାକୁ ବଳେ ଟାଣି ଆଣିଲ ଏଇ ରଙ୍ଗମଞ୍ଚକୁ । ଅରୁଣ ଭାଇ ! ମୁଁ ସ୍ୱପ୍ନାକୁ ଯାହା କରିବାକୁ ଚାହିଁ ନ ଥିଲି, ତମେ ତାହାହିଁ କରେଇ ଦେଲ । ମଞ୍ଚ-ନାୟିକାର ଅନୁଭୂତି ନିଜେ ଅଙ୍ଗେ ନିଭେଇ ମୁଁ କେମିତି ମୋର ଦେହଗଢ଼ା ପିଲାକୁ ସେଇବାଟରେ ଛାଡ଼ି ଦେବାକୁ ରାଜି ହୁଅନ୍ତି ?

ବୀଣା !

ତମେ କିନ୍ତୁ ମୋର ରାଜି ଅରାଜିକୁ ଅପେକ୍ଷା କଲନି ଅରୁଣ ଭାଇ ! ତମେ ମୋ ସ୍ୱପ୍ନାକୁ ଆଣି ଗୋଟାଏ ବାରନାରୀର କନ୍ୟା ସଜାଇଲ । ତମେ ମୋର ଲୁଚି ଯାଉଥିବା ଅତୀତକୁ ପଦାରେ ପକାଇଲ । ତମେ...

ଆଉ କହି ପାରିଲା ନି ବୀଣା । ଭେଁ-ଭେଁ ହୋଇ କାନ୍ଦି ଉଠିଲା । ଗ୍ରେଟ ଅରୁଣଙ୍କ ପିଲାଙ୍କ ଭଳି ବିଳପି ଉଠିଲେ ।

ବୀଣା : ତୁ ମତେ ଦୋଷ ଦଉଚୁ ? ମୁଁ ତ ତୋ କଥା କେବେ ଲେଖିବାକୁ ଚାହିଁ ନ ଥିଲି । ଦୀର୍ଘ ଦିନଧରି କାଳି ତୁଳି ସହିତ ବନ୍ଧୁତା କରି ଆସି ମତେ ଭଲ ଲାଗିଲାନି । ମନ ହେଲା ନିଜ ଜୀବନକୁ କଲମ କାଗଜରେ ରୂପଦେବାକୁ । ମୁଁ ମୋ ନିଜ ଜୀବନକୁ ରୂପାୟିତ କରିଛି ମାତ୍ର । ତମ ବିଷୟରେ ଲେଖିବା କଥା ଆଦୌ କଳ୍ପନା କରିନି ।

ଭୁଲ : ମିଛ !! ବାନ୍ଧୁ ବାନ୍ଧୁ ପାଟି କରି ଉଠିଲା ବୀଣା । ସେ ଆଉ କ'ଣ କହିଲା ଶୁଣିବା ପୂର୍ବରୁ ଅରୁଣ ଥିଏଟରର ଅନ୍ତିମ ବେଲ୍ ଶୁଣିଲା । କରତାଳି, ଗଣ୍ଡଗୋଳଭିତରେ ସେ ଅନ୍ୟମନସ୍କ ହୋଇଗଲା ।

ହଠାତ୍ ତା' ମନକୁ ଚିନ୍ତା ଆସିଲା, ସତେରେ ସେ କ'ଣ ଏଇ ନାଟକ ଲେଖି ଭୁଲ୍ କରିଚି ?

ହଁ, ଭୁଲ କରିଚି । ସେ କ'ଣ ଜାଣେନା ଯେ ତା'ର ଜୀବନ-ନଦୀର କୂଳେ କୂଳେ ସ୍ମୃତିଚିତ୍ରିତ ବାଲୁକାରାଶି ଉପରେ ବୀଣାର ପଦଚିହ୍ନ ଚିର-ଦିନ ସୁସ୍ପଷ୍ଟ । ସେ ଜାଣିଥିଲା ସବୁ; କିନ୍ତୁ ଭାବି ନ ଥିଲା ଦିନେ ପରିଣତି ଏମିତି ହେବ ବୋଲି ।

ସେ କ'ଣ ଜାଣିଥିଲା ବୀଣା ବଞ୍ଚିଚି ବୋଲି ? ସେ କ'ଣ ଦିନେ ଭାବି ପାରିଥିଲା, ବୀଣାର ଠିକ୍ ସେମିତି ଗୋଟିଏ ଝିଅ ଥିଲା ବୋଲି । ନା, ଏସବୁ ତା'ର ଅଜବ କଳ୍ପନା । ସେ କଳ୍ପନାର ପ୍ରଲେପ ଦେଇ ତା' ଜୀବନର ବାସ୍ତବ ଚିତ୍ର ଆଙ୍କିଥିଲା । ବାସ୍ତବ ସାଙ୍ଗରେ କଳ୍ପନା ମିଶି, କଳ୍ପନା ଯେ ବାସ୍ତବ ହେବ ଏହା କେହି କେବେ କଳନା କରି ପାରିବନି । ନା, ସେ ବୀଣାକୁ ବୁଝାଇଦେବ, ଏସବୁ କଳ୍ପନା । ନିପଟ କଳ୍ପନା···

ବୀଣା ! ···ଅରେ, ବୀଣା କୁଆଡ଼େ ଗଲା ?

ଅରୁଣ ବାବୁ !

କିଏ ? ମୀନା···

ହସି ହସି ମୀନା ଆରମ୍ଭ କଲା, ଆଜ୍ଞାଧୀନ ଗୃହଟି ଭଳି ଆପଣ ଏଇଠି ବସିଛନ୍ତି ନା ? ରହନ୍ତୁ, ମୁଁ ମାଆକୁ ଡାକି ଆଣେ । ଆଜି ମୋ ସକାଶେ ଆପଣ ବହୁତ କଷ୍ଟ କଲେଣି । ଏତେଗୁଡ଼ାଏ ସମୟ ନଷ୍ଟ କରିଦେଲି ବୋଲି ରାଗିଲେକି ?

ଅରୁଣ ନିର୍ବାକ ହୋଇ ଚାହିଁଥିଲା ସ୍ୱାନା ମୁହଁକୁ । କ'ଣ କହିବ କିଛି ଠିକ୍ କରି ପାରୁନଥିଲା । କ'ଣ କହିବ ? ମାଆ ତା'ର ଚାଲିଗଲାଣି ବୋଲି କହିଦେବ । ମାତ୍ର···

କିଛି କହୁନାହାନ୍ତି ଯେ ? କ'ଣ ହୋଇଛି ଆପଣଙ୍କର ?

ବାସ୍ତବକୁ ଫେରିଆସି ଅରୁଣ କହିଲା, ନାଁ କିଛି ନାହିଁ ଯେ, ହେଲେ ତମ ମାଆ···

ଓଃ, ମୋ ମାଆ କଥା କହୁଛନ୍ତି ? ଆପଣ ଆଉ ମିନିଟିଏ ବସନ୍ତୁ । ମୁଁ ତାକୁ ଡାକି ଆଣୁଚି । ବସନ୍ତୁ ନା...

କହୁ କହୁ ଦର୍ଶକ-ମଞ୍ଚ ଭିତରକୁ ପଶିଗଲା ସ୍ୱାନା । ବାହାରେ ଦର୍ଶକଙ୍କ ଭିଡ଼ କମିନି । ତଥାପି ଅନେକାଂଶ ଚାଲିଗଲେଣି । ସ୍ୱାନା ତା'ର ଭିତରେ ପଶିଗଲା ତା'ର ମାଆକୁ ଖୋଜି ଖୋଜି । ସ୍ତମ୍ଭିତ ହୋଇ ଅରୁଣ ଚାହିଁ ରହିଥିଲା ସେଇଆଡେ ।

ଏଇ ସ୍ୱାନା, ଗୋଟିଏ ଛନ୍ଦ-ଚପଳା କିଶୋରୀ । ସେ ବି ଜାଣେନା କାହାର ରକ୍ତ ତା'ର ଧମନୀରେ ଖେଳୁଚି । କେଉଁ ନଦୀର ସରୁ ଧାରଟିଏ ବହି ଆସି ତା' ଦେହକୁ ସୃଷ୍ଟି କରିଚି । ସେ ଜାଣେନା ସେ କେଉଁ ନଦୀର ଶାଖାନଦୀ । କିଏ ତା'ର ଜନକ ।

ସ୍ୱାନା ମଣିଷର ସନ୍ତାନ । ତା' ଦେହରେ ମଣିଷର ରକ୍ତ ପ୍ରବାହିତ ହେଉଚି । ମଣିଷ ଭଳି ସେ ହସୁଚି, ଖେଳୁଚି, ନାଚୁଚି, ପାଠ ପଢ଼ୁଚି । ତଥାପି...ମଣିଷ ସଭ୍ୟତାଠାରୁ ସେ ଦୂରରେ । ସମାଜର ଅନ୍ତରାଳରେ ତା'ର ଜନ୍ମ । ତା' ଜନ୍ମସୂତ୍ରର ବୈଧତା ନାହିଁ । ସମାଜ ତା' ଉଦ୍ଦେଶ୍ୟରେ ନାସିକା କୁଞ୍ଚନ କରେ ।

ହେଲେ ତା'ର ଦୋଷ କ'ଣ ? ସେ କ'ଣ ଯୋଡ଼ହସ୍ତରେ ସ୍ରଷ୍ଟାଙ୍କୁ ପ୍ରାର୍ଥନା କରିଥିଲା, ମତେ ଖତଗଦାରେ ଜନ୍ମ ଦିଅ । ସେ କ'ଣ ଚାହିଁଥିଲା ପୃଥିବୀରେ ପ୍ରଥମ ଆଲୋକ ଦେଖିବାକୁ ଥିଏଟର-ପାର୍ଟିର ଅନ୍ଧାରୁଆ କୁଟ୍‌କୁଣେ କୋଠରୀରେ ?

ନା, କଦାପି ନୁହେଁ ।

ମଣିଷ ଯାହା ସବୁ ଇଚ୍ଛା କରେ ପାଏନା । ଯାହା ପାଏ ତାହାସବୁ ଇଚ୍ଛା ଆଉ କଳ୍ପନାର ବାହାରେ । ସେ ଯେମିତି ଯାହା ଇଚ୍ଛା କରିଥିଲା,

ସମ୍ଭବତଃ ତାକୁ ନ ପାଇ ତା'ର ବିପରୀତ ଜିନିଷ ପାଇଛି । ତଥାପି ରୀନା ପବିତ୍ର । ପବିତ୍ର ସୂର୍ଯ୍ୟ-ସନ୍ତାନ ।

ହଠାତ୍ ଅରୁଣର ଭାବନାକୁ ଚୂରମାର କରି ରୀନା ଆସି କହିଲା, ମାଆ କୁଆଡ଼େ ଚାଲିଗଲାଣି । ସେ ତ ନିଶ୍ଚୟ ଅପେକ୍ଷା କରିବା କଥା । ପ୍ରତିବର୍ଷ ରେ ସେ ଏଇ ଷ୍ଟେଟର ହଲ୍ ଆଗରେ ଆସି ଠିଆ ହୋଇ ମତେ ଅପେକ୍ଷା କରେ । ଆଜି କାହିଁକି କୁଆଡ଼େ ଚାଲିଯାଇଚି । ଛାଡ଼ନ୍ତୁ ନ ସେକଥା । ଆପଣ ଦେଖିବେ, ସେ ଯୁଆଡ଼େ ଯାଉ, ନିଶ୍ଚୟ ଆସି ପହଞ୍ଚିବ । ଆପଣ ଜାଣନ୍ତି ନ, ତା'ର ମୋ ଉପରେ ଭାରି ଶ୍ରଦ୍ଧା । ମୋତେ ନ ଖୋଇଲାଯାଏ ସେ ମୋଟେ ଖାଇବ ନି । ଆଉ ମୁଁ କ'ଣ କମ୍ ସ୍ନେହରଙ୍କୁଣୀ କି ? ମାଆଠୁଁ ଦି'ପଦ ଗେହ୍ଲାଳିଆ କଥା ନ ଶୁଣିବାଯାଏ ମୋଟେ ଖାଏନା । କେତେ ବାହାନା କାଢ଼େ ।

ଅରୁଣ କହି ଉଠିଲା, ତମେ ମାଆର ସ୍ନେହ ପାଇ ଆଉ କାହାରିକୁ ଖୋଜନା ରୀନା ? ତମର ବାପାଙ୍କ କଥା ଦିନେ ମାଆଙ୍କୁ ପଚାରିଚ ?

ପଚାରିଚ; କିନ୍ତୁ ପଚାରିଲେ ସେ କିଛି କହେନା । ଚୁପ୍ ମାରି ବସେ । ଜିଦ କରି ଥରେ ପଚାରିଲି ଯେ, ସେ କାନ୍ଦି ଉଠିଲା । ଏତେ କାନ୍ଦିଲା ଯେ, ମୁଁ ବି କାନ୍ଦି ପକାଇଲି । ଅନେକ ସମୟ ପରେ ସେ କାନ୍ଦ ବନ୍ଦ କରି ମୋତେ କୁଣ୍ଢାଇ ଧରିଲା । ମୁଁ ସେଇଦିନୁ ସେକଥା ଆଉ କେବେ ପଚାରେନା ।

ଅରୁଣ ଆଉ କିଛି ପଚାରିବା ପୂର୍ବରୁ ରୀନା ପ୍ରଶ୍ନ କଲା, କାହିଁକି ଆପଣ ମୋତେ ଏ କଥା ପଚାରିଲେ ? ଆପଣଙ୍କର ତ ବାପ ମା' କେହି ନାହାନ୍ତି ବୋଲି କହୁଥିଲେ । ଆପଣ କ'ଣ କାହାରିକୁ ଖୋଜୁ ନାହାନ୍ତି ?

ହଁ ଖୋଜୁଚି ।

ଖୋଜୁଚନ୍ତି ?

ହଁ । ଆଉ ମୁଁ ଠିକ୍ କରି ନେଇଚି ତମକୁ ମୁ ମୋ ମାଆ ବୋଲି ଡାକିବି ।

ଅରୁଣବାବୁ !

ତମେ କ'ଣ ରାଜି ନୁହଁ ରୀନା ? ତମେ ମୋର ଘରେ ରହିବ— ଖାଇବ, ପିଇବ, ପାଠ ପଢ଼ିବ । ମତେ ଶାସନ ବି କରିବ । ଆଉ ହଁ, ତୁମକୁ କିନ୍ତୁ ଆଉ ଏ ଷ୍ଟେଟର ପେଣ୍ଡାଲ ମାଡ଼ିବାକୁ ହେବନି ।

ଚିର ହସକୁଳୀ ସ୍ୱାନା ମୁହଁରୁ ସତେ ଯେମିତ କିଏ ହସସବୁ ଚୋରି କରି ନେଇ ଯାଇଛି । ସେ ମୋଟେ ହସି ପାରିଲା ନ । ଫୁଲ ଭଳି କଅଁଳ ମୁହଁଟିକୁ ଗମ୍ଭୀର କରି ସେ କହିଲା, ହେଲେ ମୋ ମାଆ ?

ତୋ ମାଆ ବି ସେଇଠି ରହିବ । ସିଏ ତ ତା' ଘର ?

ମାନେ ?

ମାନେ ତୁମ ମାଆର ଘର ଆଉ ମୋ ଘର ଗୋଟାଏ । ପିଲାଦିନ ଢ଼ିଲା-ଖେଳବେଳୁ ଆମେ ଦୁହେଁ ଏକାଠି ଘର କରି ଆସିଚୁ । ଏକାଠି ଖୁଦ ତରକାରି ରାନ୍ଧିଚୁ । ଦୁହେଁ ସାଙ୍ଗ ହେଇ ଖାଇଚୁ । ସେଇଦିନୁ ଆମେ ଘରର ସ୍ୱପ୍ନ ଦେଖିଚୁ; କିନ୍ତୁ ମଝିରେ ସେ ସ୍ୱପ୍ନ ଦିନେ ଧୂମାୟିତ ହେଇଗଲା । ନିର୍ମମ ଝଡ଼ଭିତରେ ଆମେ ଦୁହେଁ ଅଲଗା ହେଇ ଯାଇଥିଲୁ ।

ଅରୁଣବାବୁ

ଆଶ୍ଚର୍ଯ୍ୟ ହେଇ ଅରୁଣ ମୁହଁକୁ ଚାହିଁ ରହିଥିଲା ସ୍ୱାନା । ଅରୁଣ ଏକ ଲୟରେ, ଏକ ସ୍ରୋତରେ କହି ଯାଉଥିଲା । ପୁଣି ସେ କହି ଉଠିଲା, ରାତି ବେଶୀ ହେଲାଣି ସ୍ୱାନା । ଚାଲ ତମର ଘରକୁ ଯିବା । ଆଜି ରାତି ବି ସେଠି କଟାଇବାକୁ ହେବନି । ଏଇ ରାତିର ଶେଷ ହେବ ନୂତନ ସୂର୍ଯ୍ୟ ଦର୍ଶନରେ ଆଉ ତମେ ହେବ ସେ ନୂତନ ସୂର୍ଯ୍ୟର ଆବାହିକା । ଚାଲ୍, ଚାଲ୍ ମା ।

ରାତି ବଢ଼ୁଥିଲା ।

ସ୍ୱାନା ଆଉ ଅରୁଣ ଦୁହେଁ ଗୋଟିଏ ଗୋଟିଏ ଆଗକୁ ବଢ଼ୁଥିଲେ । ଦୁହେଁ ନୀରବ । ଗପୁଡ଼ି ସ୍ୱାନାର ପାଟି ଯେମିତ କିଏ ଚାପି ଧରିଛି । ସେ ବି କିଛି ନ କହି ଆଗେ ଆଗେ ଚାଲିଛି ।

ଗଳି ପରେ ଉପଗଳି ।

ଘର ପରେ ଘର ।

ଭଙ୍ଗାଘର ।

ଗୋଟାଏ ଭଙ୍ଗାଘର ଭିତରଦେଇ ଦୁହେଁ ଭିତରକୁ ପଶିଲେ । ସାବଧାନ ହେଇ ଯାଉ ଯାଉ ଚାଳରେ ଅରୁଣର ମୁଣ୍ଡ ବାଜିଲା । ତଥାପି

ଦୁହେଁ ନୀରବ । ସୀନା ପାଟିରେ ସହାନୁଭୂତିର ପ୍ରଲେପ ବି ନାହିଁ । ଅରୁଣ କଣ୍ଠରେ ଯନ୍ତ୍ରଣାର 'ଓଁ'କାର ନାହିଁ । ଦୁହେଁ ଆଗେଇଛନ୍ତି ।

ଗୋଟାଏ କୋଠରି ପାଖରେ ଅଟକିଗଲା ସୀନା । ସାରା ପରିବେଶଟା ଶୁନଶାନ । କେହି କୁଆଡ଼େ ନ ଥିଲା ଭଳି ଜଣା ପଡ଼ୁଛି । ଚାରିଆଡ଼କୁ ଆଖି ବୁଲାଇ ଚାହିଁଲା ଅରୁଣ । ଗୋଟାଏ ମାୟାବୀ ନାରୀ ତନ୍ଦ୍ରାରେ ବିଭୋର ହୋଇ ଘୁମେଇ ପଡ଼ିଥିବା ଭଳି ଜଣା ପଡ଼ୁଥିଲା ।

ଗୋଟାଏ କବାଟ ଖୋଲି ଭିତରକୁ ପଶିଗଲା ସୀନା । ଭିତରେ ଗୋଟିଏ ଭଙ୍ଗା ଲଣ୍ଠନ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ସୀନା ଯାଇ ସେ ଲଣ୍ଠନକୁ ଟିକିଏ ତେଜି ଦେଲା । ଭଙ୍ଗା କାଚମାନଙ୍କୁ ଭେଦି ମଳିଆ ଆଲୋକ ଘରର ଚାରିଆଡ଼େ ବିସ୍ତ ହୋଇ ପଡ଼ିଲା । କାନ୍ଥ ଦେହରେ ଘୁମେଇ ପଡ଼ିଥିବା ଦୁଇ ତିନିଟା ଅଧା ଲଙ୍ଗୁଡ଼ଚୁଣ୍ଡା ଝିଟିପିଟି ପାଟି କରି ଉଠିଲେ,
ସତ୍···ସତ୍···ସତ୍ !

ସୀନା ଡାକିଲା, ମାଆ !

ଘରର ଚାରିଆଡ଼କୁ ଭଲ କରି ଚାହିଁଲା ଅରୁଣ । କାହିଁ, କେହି ତ ନାହିଁ । ବୀଣା କୁଆଡ଼େ ଗଲା ! ବୀଣା !···

ନୀରବ ନ ଥାଇ ବାତାବରଣ ହିଁ କେବଳ ପ୍ରତିଧ୍ୱନି ତୋଳିଲା । ଆଉ କେହି ନାହିଁ । କିଛି ଶବ୍ଦ ନାହିଁ । ସୀନା ପୁଣି ଥରେ ପାଟି କରି ଉଠିଲା, ମାଆ କୁଆଡ଼େ ଗଲୁ ? ମାଆ·····

ଅରୁଣ ବୀଣାକୁ ସେଇ ଝାଣ୍ଟି ଘରର ଛକେ ଛକେ ସନ୍ଧାନୁଥିଲା । କାହିଁ, ବୀଣା କାହିଁ ? ଏଇତ, ତା' ଘରର ହାଣ୍ଡି-କୁଣ୍ଡେଇ ଏବେ ମଧ୍ୟ ତାକୁ ଚାହିଁଛନ୍ତି । କନାଧଡ଼ିରେ ଲଟକା ହୋଇଥିବା ବାଉଁଶର ଅଲଗୁଣୀ ଏବେ ମଧ୍ୟ ତା' ଲୁଗାର ଭାର ବହନ କରିବାକୁ ପ୍ରତୀକ୍ଷିତ । କାହିଁ, ବୀଣା କାହିଁ ? ଏଇତ ତା'ର ଆଲୁଳାୟିତ ଶଯ୍ୟା······

ଶଯ୍ୟା ପାଖରେ ଦୃଷ୍ଟି ଅଟକିଗଲା ଅରୁଣର । ଖଣ୍ଡିଏ କାଗଜ ଉପରେ ଗୋଟାଏ ପଥରଖଣ୍ଡ । ତଳେ ଆତ୍ମ ଗୋପନ କରିଚ । ଅରୁଣର ମନେ ହେଲା, ସେଇ କାଗଜଖଣ୍ଡିକ ତାକୁ ଯେମିତି ବହୁତ କିଛି କହିବାକୁ ଅପେକ୍ଷା କରିଛି । ସେ ହଠାତ୍ ସେ ଖଣ୍ଡିକ ଉଠାଇଆଣି ଦେଖିଲା, ସେଇଟି ଖଣ୍ଡେ ଚିଠି । ବୀଣା ଚିଠି ଲେଖିଛି ତା' ପାଖକୁ ।

କ'ଣ ହେଲା ଅରୁଣ ବାବୁ ? ସେଇଟା କ'ଣ ?···

ଚିଠି ?

ଚିଠି ? କିଏ ଲେଖିଛି ? ମାଆ ?

ହଁ ।

ଦିଅନ୍ତୁ ପଢ଼େ, କ'ଣ ଲେଖିଛି ।

ଚିଠି ଖଣ୍ଡିକ ସ୍ୱନାକୁ ବଢ଼ାଇ ଦେଲା ଅରୁଣ । ସ୍ୱନା ପଢ଼ିଲା ।

ଅରୁଣ ଭାଇ !

ମୁଁ ଜାଣେ, ତମେ ନିଶ୍ଚୟ ସ୍ୱନା ସାଥୀରେ ଆସିବ । ତମ ପାଖରେ ମୁଁ କିଛି ଲୁଚାଇନି । ଆଜି ବି ଲୁଚାଉନି । ସ୍ୱନା ତମକୁ ଲାଗିଲା । ମତେ ଯେଉଁ ସ୍ନେହ ଦେଇ ତମେ ଗଢ଼ି ଆଣିଥିଲ, ସ୍ୱନାକୁ ଆମର ସେଇ ସ୍ନେହ-ମମତାର ପୁଷ୍ପ ବୋଲି ମନେ କରିବ । ସ୍ୱନା ଦେହରେ ତମର ରକ୍ତ ନ ଥାଇ ବି, ମୁଁ ମନେ କରେ ସେ ତମରି ସ୍ନେହ-ମମତାର ପ୍ରତିମା ।

ଜୀବନରେ ବହୁତ ଅଭିନୟ କରିଚି । ଏକ ମଞ୍ଚ ଉପରେ ଅନେକ ନାୟିକାର ଭୂମିକା ନେଇଛି । ହେଲେ ଆଉ ନୁହେଁ । ପିଲାଦିନୁ ମୁଁ ତମକୁ ଭଲ ପାଇଚି, ଏବେ ମଧ୍ୟ ସେ ଭଲ ପାଇବାର ଧାରା ମୋର ଅତୁଟ ରହିଛି । ମୁଁ ଜୋର୍‌କରି କହିବି, ତମରି ସ୍ନେହ ପାଖରେ ମୁଁ ନିଜେ ବି ହାରିଯାଇଛି । ମୋ ଜୀବନର ହାର୍-ଜିତ୍‌ର ଫଳ ସ୍ୱନା । ସ୍ୱନାକୁ ତମକୁ ଦେଇଗଲି । ମୁଁ ଜାଣେ ସେ କେବେ ହତାଦର ହେବନି ।

ସ୍ୱନା ଲୋ, ଯାଉଛି । ମତେ ଆଉ ଖୋଜିବୁନି । ଖୋଜିଲେ ବି ପାଇବୁନି । ମୋ ଲାଗି ଦୁଃଖ କରିବୁନି । ସୁନାଟା ପରା ! ଅବୁଝା ହେବୁନି । ଯାଉଛି···

ତୋର
ମାଆ

ମାଆ !

ବିକଳରେ ଚିତ୍କାର କରି ଉଠିଲା ସ୍ୱନା । ସ୍ତମ୍ଭ ଭଳି ଠିଆ ହୋଇ ସବୁ ଶୁଣି ଯାଉଥିଲା ଅରୁଣ । ସ୍ୱନାକୁ କ'ଣ କହି ବୁଝାଇବ, କିଛି ଭାବି ପାରୁ ନ ଥିଲା ସେ ।

ସ୍ୱନା କାନ୍ଦୁଥିଲା ।

ନିର୍ଜୀବଙ୍କ ଭଳି ଠିଆ ହୋଇଥିଲା ଅରୁଣ ।

ରାତି ବଢ଼ୁଥିଲା ।

ଅନେକ ସମୟ ପରେ ନୀରବତା ଭାଙ୍ଗି ଅରୁଣ କହିଲା, ରାତି ବେଶୀ ହେଲାଣି ମା, ଚାଲ ଯିବା ଏଥର ।

ଆଖି ମଳି ମଳି ଲୁଚୁଲି ଲୁଚୁଲି କାନ୍ଦୁଥିଲା ସ୍ୱନା । ଅରୁଣ ତା'ର ନରମ ବାହୁଟିକୁ ଧରି ପୁଣି ଥରେ କହିଲା, ରାତି ଗଡ଼ିବାକୁ ବସିଲାଣି ମା ! ଚାଲ ଯିବ । କାନ୍ଦିଲେ କ'ଣ ହେବ ? ସ୍ୱନା ! ତମେ ମୋର ମାଆ ହେବାକୁ କହିଥିଲ ପରା । ମୋ କଳାର ଜନନୀ । ଛବି ଟେବୁଲ ଉପରେ ମୁଁ ଯେମିତି ମୋ ତୂଳୀର ବିଭିନ୍ନ ରଙ୍ଗ ପରଖି ନେଇ ତାକୁ ବିଚିତ୍ର ରୂପ ଦେଇଚି, ତମେ ସେମିତି ମୋ ଜୀବନର ରଙ୍ଗ ହେବ । ତମେ ହେବ ମୋର ଜୀବନ-ଗୋଧୂଳିର ରଙ୍ଗ-ତୂଳି । ମୋ ମନରେ, ଆଖିରେ ଆଉ କଳ୍ପନାରେ ଖାଲି ହସର ରଙ୍ଗ ମାଖିବ ।

କହୁ କହୁ ସ୍ୱନାକୁ ଦୁଇ ହାତରେ ଭିଡ଼ି ନେଲା ଅରୁଣ । ତା' ଆଖିରୁ ତା'ର ଅଜାଣତରେ ଦୁଇଧାର ଲୁହ ବହି ଆସିଥିଲା । ଏ ଲୁହ ଗୋଟାଏ ଶିଳ୍ପୀ ଜୀବନର ପରାଜୟ ଗ୍ଲାନିକୁ ଧୌତ କରିବାକୁ ବହି ଆସିଥିଲା । ଟପ୍-ଟାପ୍ ହୋଇ ପଡ଼ିଲା ସ୍ୱନାର ମଥା ଉପରେ ।

ଫୁମୁରି ଫୁମୁରି କାନ୍ଦୁଥିଲା ସ୍ୱନା ।

ସ୍ୱନା ମୁହଁ ଟେକି ଚାହିଁଲା ଅରୁଣ ବାବୁଙ୍କୁ ।

ଆଖିରୁ ଲୁହ ପୋଛିଲା ଅରୁଣ । ସ୍ୱନା ହାତ ଧରି କହିଲା, ଯିବା ଚାଲ୍ ମାଆ !

ପ୍ରତିବାଦ ନ କରି ସ୍ୱନା ଚାଲିଲା ଅରୁଣ ପଛେ ପଛେ । ଘର ପରେ ଘର ଅତିକ୍ରମ କରି ଚାଲିଥିଲେ ସେମାନେ । ସ୍ୱନା ବାରମ୍ବାର ଫେରି ଚାହୁଁଥିଲା ପଛକୁ । ଶେଷ ଭଙ୍ଗାଘରଟା ପାଖରେ ସ୍ୱନା ଅଟକି ଗଲା । ଶେଷ ଥର ପାଇଁ ସେ ସଜଳ ନୟନରେ ଚାହିଁଲା ତା'ର ପ୍ରିୟ ଘରଟି ଆଡ଼େ ।

ଆଖିର ଚାହାଣିରେ ସେ ଯେମିତି ବିଦାୟ ମାଗୁଥିଲା ସମସ୍ତଙ୍କୁ । ଜୀବନରେ ହେଉ ପାଇଲା ଦିନୁ ସେଇମାନଙ୍କ ପାଖରେ ହସିଚ, ଖେଳିଚ, ସମସ୍ତଙ୍କୁ ବିଦାୟ ମାଗୁଥିଲା । ଏ ଭଙ୍ଗାଘର ପରେ ଭୁପଗଳି ପଡ଼ିବ । ଭୁପଗଳି ପରେ ଗଳି । ତା ପରେ ରାଜରାସ୍ତା । ଅପର୍ଯ୍ୟାପ୍ତ ଆଲୋକ । ସେ ଆଲୋକରେ ଜଳକା ହେଇ ସେ ସେଇଆଡ଼େ ରହିଯିବ । ଆଉ କ'ଣ ଏଇ ସ୍ମୃତି ତୀର୍ଥ କଥା ମନେ ପଡ଼ିବ ।

॥ ୧୮ ॥

ଚାହିଁଥିଲା ସ୍ୱନା !

ଆଗରେ ତା'ର ଜୀବନ-ଜାହ୍ନବୀର ସୈକତ । ତା'ର ମୁଠା ମୁଠା ବାଲୁକାରାଶି କି ହଜିଲା ଅତୀତର କାହାଣୀ କହିବ । ହେଇ ସେଇ ପାଠଶାଳାଟା । ଏହାର ଉପରେ ଚଢ଼ି ସେ କେତେଥର ମାଙ୍କଡ଼ଡ଼ିଆଁ ମାରିଛି । ଆଉ ସେଠି ସେ ମହାନ୍ତିବାବୁଙ୍କ ଘର ପିଜୁଳି ଗଛଟା । ଲୁଚେଇ କରି ଗଛରୁ ଦି'ଟା ପିଜୁଳି ସେଦିନ ତୋଳିଥିଲା ବୋଲି, ତାଙ୍କ ବୁଢ଼ୀ ଶକ୍ତ ଚାପୁଡ଼ାଟାଏ ମାରିଥିଲା ।

ଆଉ ଇଏ ତା'ର ସେଇ ତୀର୍ଥସ୍ଥଳ ଘରଖଣ୍ଡି ।

ଭିତରେ ଲଣ୍ଠନଟି ଏବେ ମଧ୍ୟ ତା'ର ସ୍ତିମିତ ଆଲୋକ ଦେଇ ଜଳୁଛି । ଗଦାଏ ଅନ୍ଧାର ହାମୁଡ଼େଇ ପଡ଼ିଛନ୍ତି ତା'ର ପ୍ରିୟ ଘରଟି ଉପରେ । ପାଖରୁ ଦିଶୁ ନ ଥିଲା । ଦୂରରୁ ବେଶ୍ ସୁସ୍ପଷ୍ଟ । ଘରର କବାଟ ମୁକୁଳା । ବୋଧହୁଏ ଚିରଦିନ ଏମିତି ମୁକୁଳା ପଡ଼ି ରହିବ । ହେଇ, ମାଆର ସେ ନେଳିଆ ଶାଢ଼ୀଟା ଅଳସୁଣୀ ଦେହରେ ଦୋଳି ଖେଳୁଛି । ସତେ ଯେମିତି ତାକୁ ହାତଠାରି ଡାକୁଛି ସ୍ନେହ କରିବାକୁ ।

ଗୋଟି ଗୋଟି ହୋଇ ସ୍ମୃତି ନାଚୁଥିଲା ତା' ଆଗରେ ।

ରାତ୍ରି ସବୁ ଥିଲା ନିର୍ଜନତାର ସ୍ୱରରେ ।

ସ୍ୱନା କାନରେ ତା'ର ମାଆର ଡାକ ଶୁଭି ଯାଉଥିଲା ।

ସ୍ୱନା !

କ୍ଷୀଣ କଣ୍ଠରେ ସ୍ୱନା ପାଟି କରି ଉଠିଲା, ମାଆ... !

ଅରୁଣ ସ୍ୱନାକୁ ହଲାଇ ଦେଇ କହିଲା, ଠିଆ ହୋଇ ରହିଲୁ କାହିଁକି ମାଆ, ଚାଲ୍ ।

ଦୀର୍ଘ ନିଃଶ୍ୱାସ ପକାଇ ସ୍ୱନା ଚାହିଁଲା ଆଗକୁ । ଆଗରେ ସନ୍ଧ୍ୟାର ଆଲୋକ । ସେ ତାକୁ ବାଟ ଦେଖାଇ ଦେଉଛି । ପାଦ ବଢ଼ାଇ ଚାଲିଲା ସ୍ୱନା ଆଗକୁ······ଆଗକୁ······ !